୫୧

# ଧରିତ୍ରୀ

DHARITRI

ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୫/୨୦୨୪ (୧୬ ପୃଷ୍ଠା) | Bhubaneswar, Thursday, December 5/2024 | Page 16 | ₹ 7.00 | DHENKANAL

୫୧ଶ ଭାଗ ୧୨ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 12 | ମୂଲ୍ୟ ₹୭/-




ପୁରୀ ବେଳାଭୂମିରେ ନୌସେନା ଦିବସ ପାଳନ ଅବସରରେ ବୁଧବାର ପ୍ରଦର୍ଶିତ ଯୁଦ୍ଧକୌଶଳ। **(ଫଟୋ: ଯଜ୍ଞେଶ୍ୱର ମହାନ୍ତି/ରିପୋର୍ଟ: ଭିତର ପୃଷ୍ଠାରେ)**

## ୫ ବର୍ଷରେ ୭୩୦ ଯବାନଙ୍କ ଆତ୍ମହତ୍ୟା

**ନୂଆଦିଲ୍ଲୀ, ୪।୧୨**

ଗତ ୫ ବର୍ଷ ମଧ୍ୟରେ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ (ସିଏପିଏଫ୍), ନ୍ୟାଶନାଲ ସିକ୍ୟୁରିଟି ଗାର୍ଡ (ଏନ୍ଏସ୍ଜି), ଆସାମ ରାଇଫଲ୍ସ (ଏଆର୍) ପରି ଅର୍ଦ୍ଧ ସାମରିକ ବଳର ୭୩୦ ଜଣ ଯବାନ ଆତ୍ମହତ୍ୟା କରିଛନ୍ତି। ୨୦୨୦ରେ ୧୪୪ ଜଣ ଯବାନ ଆତ୍ମହତ୍ୟା କରିଥିବାବେଳେ ୨୦୨୧ରେ ୧୫୭, ୨୦୨୨ରେ ୧୩୮, ୨୦୨୩ରେ ୧୫୭ ଏବଂ ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ୧୩୪ ଜଣ ଯବାନ ଆତ୍ମହତ୍ୟା କରିଥିବା ନେଇ ବୁଧବାର ରାଜ୍ୟ ସଭାର ପ୍ରଶ୍ନ କାଳରେ ଏକ ପ୍ରଶ୍ନର ଉତ୍ତର ଦେଇ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଛନ୍ତି। ସେହିପରି ଏହି ଅବଧି ମଧ୍ୟରେ ୫୫,୫୫୫ ଜଣ ଯବାନ ଇସ୍ତଫା ଦେଇଛନ୍ତି କିମ୍ବା ଇଚ୍ଛାଧୀନ ଭାବେ ଅବସର ଗ୍ରହଣ କରିଛନ୍ତି। ସେଥିମଧ୍ୟରୁ ୭,୬୬୪ ଜଣ ଯବାନ ଇସ୍ତଫା ଦେଇଥିବାବେଳେ ୪୭,୮୯୧ ଜଣ ଯବାନ ଇଚ୍ଛାଧୀନ ଅବସର ଗ୍ରହଣ କରିଛନ୍ତି। ତେବେ ଅଧିକାଂଶ ଆତ୍ମହତ୍ୟା ବ୍ୟକ୍ତିଗତ କାରଣ ଯୋଗୁ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** | ଭାରତରେ ମନ୍ଦିର ସଂସ୍କୃତି

## ୨୩ ମାସରେ ୫.୨୬ ଲକ୍ଷ ଲୋକଙ୍କୁ କୁକୁର କାମୁଡ଼ିଛି

**ଭୁବନେଶ୍ୱର, ୪।୧୨ (ସୁନିତ୍ ମିଶ୍ର)**

୨୦୨୩ ଜାନୁଆରୀରୁ ୨୦୨୪ ନଭେମ୍ବର ପର୍ଯ୍ୟନ୍ତ ଅର୍ଥାତ୍ ୨୩ ମାସରେ ରାଜ୍ୟରେ ୫ ଲକ୍ଷ ୨ ହଜାର ୬୭୨ ଜଣଙ୍କୁ କୁକୁର କାମୁଡ଼ିଛି ବୋଲି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ବିଧାନସଭାରେ ଏହି ତଥ୍ୟ ଦେଇଛନ୍ତି। ବିଧାୟକ ଆପାଲାସ୍ୱାମୀ କାଡ୍ରାକାଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ତଥ୍ୟ ମନ୍ତ୍ରୀ ଦେଇଛନ୍ତି। ମନ୍ତ୍ରୀ ତାଙ୍କ ତଥ୍ୟରେ ଉଲ୍ଲେଖ କରିଛନ୍ତି, ୨୦୨୩ରେ ରାଜ୍ୟରେ ୨,୫୯,୧୦୭ ଜଣଙ୍କୁ କୁକୁର କାମୁଡ଼ିଥିଲା। ୨୦୨୪ରେ ନଭେମ୍ବର ପର୍ଯ୍ୟନ୍ତ ୨,୪୩,୫୬୫ ଜଣଙ୍କୁ କୁକୁର କାମୁଡ଼ିଛି। ☞ପୃଷ୍ଠା-୨






# ୨୦୧୯ରୁ ବଢ଼ିନି ଓଡ଼ିଶା କୃଷକଙ୍କ ଆୟ

ଓଡ଼ିଶାରେ ଚାଷୀଙ୍କ ମାସିକ ଆୟ ୫,୧୧୨ ଟଙ୍କା ଥିବା କୃଷିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ବୁଧବାର ବିଧାନସଭାରେ ସୂଚନା ଦେଇଛନ୍ତି। ହେଲେ ନ୍ୟାଶନାଲ ଷ୍ଟାଟିଷ୍ଟିକାଲ ଅଫିସ(ଏନ୍ଏସ୍ଓ) ଦ୍ୱାରା 'କୃଷି ବର୍ଷ ୨୦୧୮ ଜୁଲାଇରୁ ୨୦୧୯ ଜୁନ୍ ଯାଏ' ହୋଇଥିବା ସର୍ଭେ ଅନୁଯାୟୀ ଓଡ଼ିଶା କୃଷକଙ୍କ ମାସିକ ଆୟ ଥିଲା ୫,୧୧୨ ଟଙ୍କା। ସେହି ସମୟରେ ଏ କ୍ଷେତ୍ରରେ ପ୍ରମୁଖ ରାଜ୍ୟଗୁଡ଼ିକର ତାଲିକାରେ ଓଡ଼ିଶା ତଳଆଡୁ ଦ୍ୱିତୀୟ ସ୍ଥାନରେ ଥିଲା। ଉପରୋକ୍ତ ୨ ତଥ୍ୟକୁ ଦେଖିଲେ ୨୦୧୯ରୁ ରାଜ୍ୟରେ କୃଷକଙ୍କ ଆୟ ବଢ଼ି ନ ଥିବା ଜଣାପଡ଼ୁଛି।

**ଭୁବନେଶ୍ୱର, ୪।୧୨ (ଅନିଲ ଦାସ)**

କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ କୃଷିମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏନ୍ଏସ୍ଓ ତଥ୍ୟ ଅନୁଯାୟୀ ରାଜ୍ୟରେ ଚାଷୀଙ୍କ ମାସିକ ଆୟ ୫,୧୧୨ ଟଙ୍କା ଥିବା ସୂଚନା ଦେଇଛନ୍ତି। ବାହିନୀପତି ପଚାରିଥିଲେ ଯେ ରାଜ୍ୟରେ କୃଷକ ପରିବାର ବାର୍ଷିକ ଆୟ କେତେ ରହିଛି। ଧାନ କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍ପି) ରାଜ୍ୟ ସରକାର କେତେ ଟଙ୍କା ଚାଷୀଙ୍କୁ ଦେଉଛନ୍ତି। ଧାନ କୁଇଣ୍ଟାଲ ବାବଦରେ ଚାଷୀଙ୍କୁ କେତେ ଖର୍ଚ୍ଚ କରିବାକୁ ପଡୁଛି। ଜଳସେଚନ ଓ ଅଣ ଜଳସେଚିତ ଜମିରେ କେତେ ଟଙ୍କା କୁଇଣ୍ଟାଲ ପିଛା ଖର୍ଚ୍ଚ ହେଉଛି।

ଉତ୍ତରରେ କୃଷିମନ୍ତ୍ରୀ କହିଛନ୍ତି ଯେ ୨୦୨୪-୨୫ ଆର୍ଥିକବର୍ଷରେ ସାଧାରଣ ଧାନ କୁଇଣ୍ଟାଲ ପିଛା ଏମ୍ଏସ୍ପି ୨୩୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ରାଜ୍ୟ ସରକାର ଅତିରିକ୍ତ ୮୦୦ ଟଙ୍କା ଦେଇ ଧାନ କୁଇଣ୍ଟାଲ ପିଛା ଚାଷୀଙ୍କଠାରୁ ମୋଟ ୩୧୦୦ ଟଙ୍କାରେ କିଣୁଛନ୍ତି। କମିଶନ ଫର୍ ଏଗ୍ରିକଲଚରାଲ କଷ୍ଟସ୍ ଆଣ୍ଡ ପ୍ରାଇସେସ୍(ସିଏସିପି)ଙ୍କ ତଥ୍ୟ ଅନୁଯାୟୀ, ଓଡ଼ିଶାରେ ଧାନ କୁଇଣ୍ଟାଲ ପିଛା ଉତ୍ପାଦନ ବାବଦରେ ୨୦୬୭ ଟଙ୍କା ଖର୍ଚ୍ଚ ହେଉଛି।

ଧାନକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟ ତୁଳନାରେ ବହୁ ପଛରେ ରହିଛି। ଏପରି କି ଅତ୍ୟାବଶ୍ୟକ ପନିପରିବା ଓ ତୈଳବୀଜ ପାଇଁ ☞ପୃଷ୍ଠା-୨




# ‘ଭାରତ ଏକ ଶକ୍ତିଶାଳୀ ସାମୁଦ୍ରିକ ରାଷ୍ଟ୍ର’

## ନୌସେନାର ସେବା, ସାହସ ଓ ବଳିଦାନକୁ ଭାରତୀୟ ନମନ କରୁଛନ୍ତି: ରାଷ୍ଟ୍ରପତି

**ପୁରୀ, ୪।୧୨ (ଅଜିତ କୁମାର ମହାନ୍ତି)**

ନୌସେନା ଦିବସ ଅବସରରେ ବୁଧବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭାରତୀୟ ସେନାର ସମସ୍ତ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି, ୧୯୭୧ ଡିସେମ୍ବର ୪ରେ ହୋଇଥିବା ଯୁଦ୍ଧରେ ଆମେ ଗୌରବମୟ ବିଜୟର ଉତ୍ସବ ପାଳନ କରୁଛୁ ଏବଂ ମାତୃଭୂମିର ସୁରକ୍ଷା ପାଇଁ ନୌସେନା କର୍ମଚାରୀଙ୍କ ଦ୍ୱାରା କରାଯାଇଥିବା ନିଃସ୍ୱାର୍ଥପର ସେବା ତଥା ସର୍ବୋଚ୍ଚ ବଳିଦାନକୁ ମନେରଖିଛୁ। ଭାରତୀୟ ସେନାର ସମସ୍ତ କର୍ମକର୍ତ୍ତାଙ୍କ ନିକଟରେ ଦେଶ କୃତଜ୍ଞ। ସେମାନେ ସମ୍ମାନ ଓ ସାହସର ସହିତ ସେବା କରିଥିବାରୁ ସେମାନଙ୍କୁ ପ୍ରତ୍ୟେକ ଭାରତୀୟ ନମନ କରୁଛନ୍ତି। ପୁରୀ ବ୍ଲୁ ଫ୍ଲାଗ୍ ବେଳାଭୂମିରେ ଆୟୋଜିତ ନୌସେନା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ରପତି ଏହା ପ୍ରକାଶ କରିଛନ୍ତି।

ରାଷ୍ଟ୍ରପତି କହିଛନ୍ତି, ଭାରତର ଭୌଗୋଳିକ ଅବସ୍ଥିତି ଆମକୁ ଏକ ମହାନ୍ ସାମୁଦ୍ରିକ ରାଷ୍ଟ୍ର ହେବାକୁ ଆବଶ୍ୟକ କରୁଥିବା ସମସ୍ତ ଉପାଦାନ ଯୋଗାଇ ଦେଇଛି। ଦୀର୍ଘ ଉପକୂଳ, ଦ୍ୱୀପପୁଞ୍ଜ, ସମୁଦ୍ରତଟବର୍ତ୍ତୀ ଏବଂ ବିକଶିତ ସାମୁଦ୍ରିକ ଭିତ୍ତିଭୂମି ୫୦୦୦ ବର୍ଷରୁ ଅଧିକ ସମୟ ପୂର୍ବରୁ ଉପକୂଳ ତଥା ମହାସାଗରରେ ଭାରତର ସାମୁଦ୍ରିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିଛି। ଏକ ଗୌରବମୟ ସାମୁଦ୍ରିକ ଐତିହ୍ୟ ଏବଂ ଅତୀତକୁ ଦେଖିବା ପାଇଁ ଏକ ଇତିହାସ ଓ ଭବିଷ୍ୟତରେ ପ୍ରତିଜ୍ଞାପୂର୍ଣ୍ଣ, ଭାରତ ସର୍ବଦା ଏକ ଶକ୍ତିଶାଳୀ ସାମୁଦ୍ରିକ ରାଷ୍ଟ୍ର ହୋଇଆସିଛି। ଆମର ଭାଗ୍ୟ, ଗର୍ବ ଓ ପରିଚୟ ସମୁଦ୍ର ଦ୍ୱାରା ବ୍ୟାଖ୍ୟା କରାଯାଇଛି। ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଢ଼ିବା ପାଇଁ ଭାରତୀୟ ନୌସେନା ସାମୁଦ୍ରିକ ସୁରକ୍ଷା ସୁନିଶ୍ଚିତ କରିବ ବୋଲି ରାଷ୍ଟ୍ରପତି ଆତ୍ମବିଶ୍ୱାସ ରଖିଛନ୍ତି।

ସେହିପରି ‘ନାରୀ ଶକ୍ତି’କୁ ଉପଯୁକ୍ତ ବିକାଶ ସୁଯୋଗ ଯୋଗାଇବାରେ ନୌସେନାର ଅଗ୍ରଗାମୀ ଉଦ୍ୟମକୁ ରାଷ୍ଟ୍ରପତି ପ୍ରଶଂସା କରିଛନ୍ତି। ମହିଳା ଅଗ୍ନିଶମ କର୍ମଚାରୀଙ୍କୁ ନିୟୋଜିତ କରିବାରେ ନୌସେନା ହେଉଛି ପ୍ରଥମ ସେବା ବୋଲି ସେ କହିଛନ୍ତି। ସେ କହିଛନ୍ତି, ‘ନବିକା ସାଗର ପରିକ୍ରମା-୨’ର ଅଂଶ ଭାବେ ଆଇଏନ୍ଏସ୍‌ବି ତାରିଣୀରେ ପୃଥିବୀ ପରିକ୍ରମା କରିଥିବା ଲ୍ୟୁଟ୍‌ନାଣ୍ଟ କମାଣ୍ଡର ଦିଲ୍‌ନା କେ ଏବଂ ଲ୍ୟୁଟ୍‌ନାଣ୍ଟ କମାଣ୍ଡର ରୂପା ନାମ୍ନୀ ଦୁଇ ମହିଳା ନୌସେନା ଅଧିକାରୀ ଏହି ନୂତନ ପରିବର୍ତ୍ତନର ସର୍ବୋତ୍ତମ ଉଦାହରଣ ଅଟନ୍ତି। ଓଡ଼ିଶାବାସୀ ସମୁଦ୍ର ସହିତ ଐତିହାସିକ ସମ୍ପର୍କକୁ ମନେପକେଇବା ପାଇଁ ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମାରେ ବୋଇତ ବନ୍ଦାଣ ସହ ବାଲିଯାତ୍ରା ଉତ୍ସବ ପାଳନ କରିଥାନ୍ତି। ତେବେ ନୌସେନା ଦିବସ ଅବସରରେ ପୁରୀରେ ନୌବୀରମାନେ ରଣକୌଶଳ ପ୍ରଦର୍ଶନ କରିବା ଆନନ୍ଦର ବିଷୟ। ନୌବୀରମାନେ ଯୁଦ୍ଧକ୍ଷେତ୍ରରେ ଯେଉଁ ବୀରତ୍ୱ ଦେଖାନ୍ତି, ଆଜିର ଦିନରେ ତାହାର କିଛି ଅଂଶ ଦେଖିବାକୁ ମିଳିଛି। ନୌସେନା ଦିବସ ପାଳନ କେବଳ ନୌବୀରଙ୍କ ପାଇଁ ନୁହେଁ, ବରଂ ଦେଶର ୧୪୦ କୋଟି ନାଗରିକ ପାଇଁ ଗୌରବର କଥା ବୋଲି ରାଷ୍ଟ୍ରପତି ପ୍ରକାଶ କରିଛନ୍ତି।



ପୁରୀ ବ୍ଲୁ ଫ୍ଲାଗ୍ ବିଚ୍‌ରେ ବୁଧବାର ଆୟୋଜିତ ନୌସେନା ଦିବସ ପାଳନ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ନୌସେନା ମୁଖ୍ୟ ଦୀନେଶ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଅଛନ୍ତି।

## ୪ ବିଦ୍ୟୁତ୍ ବଣ୍ଟନ କମ୍ପାନୀ ଉପରେ ୬,୫୮୭ କୋଟି ବାକି

**ଭୁବନେଶ୍ୱର,୪।୧୨(ଅନିଲ ଦାସ)**

ରାଜ୍ୟର ୪ ବିଦ୍ୟୁତ୍ ବିତରକ କମ୍ପାନୀ ଉପରେ ମୋଟ ୬,୫୮୭ କୋଟି ଟଙ୍କା ବାକି ରହିଛି। ଭାଜପା ସଭ୍ୟ ଓମ୍‌ପ୍ରକାଶ ମିଶ୍ରଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ବୁଧବାର ବିଧାନସଭାରେ ଏହିସୂଚନା ଦେଇଛନ୍ତି। ଓମ୍‌ପ୍ରକାଶ ପ୍ରଶ୍ନ କରିଛନ୍ତି ଯେ ରାଜ୍ୟର କେଉଁ ବିଦ୍ୟୁତ୍ ଆବଣ୍ଟନ କମ୍ପାନୀ ଓ ଦେଶର କେଉଁ ବିଦ୍ୟୁତ୍ ବଣ୍ଟନ କମ୍ପାନୀ ଉପରେ ସରକାରଙ୍କ କେତେ ପ୍ରାପ୍ୟ ବାକି ଅଛି। ତାହା ଆଦାୟ ପାଇଁ ସରକାର କି ପଦକ୍ଷେପ ନେଇଛନ୍ତି। ଶକ୍ତିମନ୍ତ୍ରୀ କହିଛନ୍ତି, ରାଜ୍ୟର ୪ ବିଦ୍ୟୁତ୍ ବିତରକ କମ୍ପାନୀ ଉପରେ ମୋଟ ୬,୫୮୭ କୋଟି ଟଙ୍କା ବାକିପଡ଼ିଛି। ସେଥିରୁ ସେସୁ ଉପରେ ୨,୬୫୧ କୋଟି ୭୧ ଲକ୍ଷ ଟଙ୍କା ବାକି ପଡ଼ିଥିବା ବେଳେ ନେସ୍କୋ ଉପରେ ୯୫୮ କୋଟି ୫ ଲକ୍ଷ, ୱେସ୍କୋ ଉପରେ ୧,୬୭୬ କୋଟି ୬୯ ଲକ୍ଷ ଏବଂ ସାଉଥ୍‌କୋ ଉପରେ ୧,୩୦୦ କୋଟି ୩ ଲକ୍ଷ ଟଙ୍କା ବାକିପଡ଼ିଛି। ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆର୍‌ସି)ଙ୍କ ନିର୍ଦ୍ଦେଶ ଅନୁଯାୟୀ ବର୍ତ୍ତମାନର ଟାଟା ଅଧିକୃତ କମ୍ପାନୀଗୁଡ଼ିକ ପୂର୍ବବର୍ତ୍ତୀ ବିଦ୍ୟୁତ୍ ବଣ୍ଟନ କମ୍ପାନୀଙ୍କ ସମୟରେ ଥିବା ବକେୟା ବିଦ୍ୟୁତ୍ ବିଲ୍ ଆଦାୟ କରି ଗ୍ରୀଡ୍‌କୋକୁ ଦେଉଛନ୍ତି।

## ଧାନ ବିଲରେ ନୌସେନା ହେଲିକପ୍ଟର



ଧାନ ବିଲରେ ଅବତରଣ କରିଥିବା ନୌସେନା ହେଲିକପ୍ଟର।

**ମୋରଡ଼ା (ସ୍ମାରକ ମାଜୀ)/ ରାସଗୋବିନ୍ଦପୁର (ସତ୍ୟବାଦୀ ପରିଡ଼ା), ୪।୧୨**

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ଅଧୀନ ଗାଁ ଅମର୍ଦ୍ଦାସ୍ଥିତ ଏକ ଧାନ ବିଲରେ ଭାରତୀୟ ନୌସେନାର ଏକ ହେଲିକପ୍ଟର ବୁଧବାର ଜରୁରିକାଳୀନ ଅବତରଣ କରିଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ପୂର୍ବାହ୍ନ ୧୧ଟା ୪୫ମି. ସମୟରେ ଗାଁ ଅମର୍ଦ୍ଦା ପଞ୍ଚାୟତର ବିଲରେ ଚାଷୀମାନେ ଧାନ କାଟୁଥିବା ବେଳେ ହଠାତ୍ ଏକ ହେଲିକପ୍ଟର ଅବତରଣ କରିଥିଲା। ପାଇଲଟ୍ ଓହ୍ଲାଇ ୩୦ ମିନିଟ ଧରି ଯାନ୍ତ୍ରିକ ତ୍ରୁଟିକୁ ସୁଧାରିଥିଲେ। ୪୫ ମିନିଟ୍ ପରେ ହେଲିକପ୍ଟର ଉଡ଼ିଥିଲା। ତେବେ ଏହି ହେଲିକପ୍ଟର ଦେଖିବାକୁ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା।

## ଧରିତ୍ରୀ ଖୁଣ୍ଟା ଖବରଦାତାଙ୍କ ପରଲୋକ

**ବାରିପଦା, (ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ଗୋପବନ୍ଧୁ ନଗର (ଶାନ୍ତନୁ କୁମାର ମଡୁଆଲ) ୪।୧୨**

ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ ଧରିତ୍ରୀ ଖବରଦାତା ଦେବରଞ୍ଜନ ବେହେରା(୬୨)ଙ୍କ ପରଲୋକ ଘଟିଛି। ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ରାତି ୨ଟାରେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ବିୟୋଗରେ ଖୁଣ୍ଟା ତଥା ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଜଣେ ପରୋପକାରୀ, ମିଷ୍ଟଭାଷୀ ଓ ମେଳାପୀ ବ୍ୟକ୍ତି ଭାବେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। କୋଲକାତାସ୍ଥିତ ଅକ୍ସଫୋର୍ଡ ସ୍କୁଲ ଅଫ୍ ଜର୍ନାଲିଜମରୁ ଉତ୍ତୀର୍ଣ୍ଣ ହେବା ସହ ସକ୍ରିୟ ରାଜନୀତିରେ ଅଂଶଗ୍ରହଣ କରିଥିଲେ। ୧୯୯୨ରେ ସାନଖୁଣ୍ଟା ପଞ୍ଚାୟତରୁ ସରପଞ୍ଚ ଭାବେ ନିର୍ବାଚିତ ହୋଇ ଲୋକଙ୍କ ସୁଖ ଦୁଃଖରେ ସାମିଲ ହୋଇଥିଲେ। ପରବର୍ତ୍ତୀ ସମୟରେ ‘ଧରିତ୍ରୀ’ର ଖବରଦାତା ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ଦୀର୍ଘ ୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଧରିତ୍ରୀ ଖବରଦାତା ଭାବେ କାର୍ଯ୍ୟ କରିଥିବା ଦେବ ରଞ୍ଜନ କିଛିଦିନ ତଳେ ଯକୃତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ। ପରିବାରରେ ସ୍ତ୍ରୀ ଅନିତା, ୩ ଝିଅ ମାନସୀ, ଯଶଶ୍ରୀ ଓ ଶାଶ୍ୱତୀ ରହିଛନ୍ତି। ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁତୁରା ସୌମ୍ୟଶକ୍ତି ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ବିଧାୟକ ଭାସ୍କର ମଢ଼େଇ, ଉଦଳା ଉପଜିଲାପାଳ ସୁଶାନ୍ତ କୁମାର ବାରିକ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ ପ୍ରଧାନ, ପିଏ ଆଇଟିଡିଏ ପ୍ରକଳ୍ପ ଅଧିକାରୀ, ନରେନ୍ଦ୍ର ଖମାରୀଙ୍କ ସମେତ ଖବରଦାତାମାନେ ଶୋକ ପ୍ରକାଶ କରିଛନ୍ତି।



ଦେବରଞ୍ଜନ ବେହେରା

## ୨ ବାଇକ୍ ମୁହାଁମୁହିଁ ଧକ୍କା: ୩ ମୃତ

**ନୂଆପଡ଼ା,୪।୧୨ (ମକାରୁ ବେମାଲ)**

ନୂଆପଡ଼ା ଜିଲା ସଦର ବ୍ଲକ ଟାନୱାଟ ପଞ୍ଚାୟତ ଲୁକୁପାଲି ଛକଠାରେ ବୁଧବାର ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୩ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ କୋମନା ଥାନା ମିଛାପାଲି ପଞ୍ଚାୟତ ବାଟିବାହାଲ ଗାଁର ସୁମନ୍ତ ସାହୁ (୨୬) ଓ ତାଙ୍କ ଭଉଣୀ ସଞ୍ଜୁ ସାହୁ (୨୪) ଏବଂ ଛତିଶଗଡ ରାଜ୍ୟ କୋମାଖାନ ଥାନା ଚୁରକିଦାଦର ଗାଁର ପାରଶ ରାମ ନାଗେଶ (୩୦)। ପ୍ରାପ୍ତ ସୂଚନା ଅନୁଯାୟୀ ଚୁରକିଦାଦର ଗାଁର ଜଣେ ବ୍ୟକ୍ତିଙ୍କ ହାତ ଭାଙ୍ଗିଯାଇଥିବାରୁ ତାଙ୍କ ଚିକିତ୍ସା ପାଇଁ ୩ ଜଣ ବ୍ୟକ୍ତି ଏକ ବାଇକ୍‌ରେ ଠିକପାଲି ପଞ୍ଚାୟତ ସଲଙ୍ଗୀପଡ଼ାଠାରେ ଥିବା ଆୟୁର୍ବେଦିକ ଚିକିତ୍ସା କେନ୍ଦ୍ରକୁ ଯାଉଥିଲେ। ସେହି ସମୟରେ ବିପରୀତ ଦିଗରୁ ସୁମନ୍ତ ଓ ସଞ୍ଜୁ ଆସୁଥିବା ବାଇକ୍ ସହ ୩୫୩ ନମ୍ବର ଜାତୀୟ ରାଜପଥ ଲୁକୁପାଲି ଛକଠାରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଦୁଇ ବାଇକ୍‌ରେ ଥିବା ୬ ଜଣ ରାସ୍ତାରେ ଗୁରୁତର ହୋଇ ପଡିରହିଥିଲେ। ଖବର ପାଇ ସଦର ଥାନା ପୋଲିସ ପହଞ୍ଚି ସମସ୍ତ ଆହତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ସୁମନ୍ତ, ସଞ୍ଜୁ ଓ ପାରଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ୩ଜଣ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ତଦନ୍ତକାରୀ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି।

## ପିଆଜ ଉତ୍ପାଦନ ବଢୁଛି: ଚଢ଼ାଦରରେ କିଣୁଛନ୍ତି ଖାଉଟି

**ଭୁବନେଶ୍ୱର,୪।୧୨(ଅନିଲ ଦାସ)**

ରାଜ୍ୟରେ ପିଆଜ ଉତ୍ପାଦନ ବଢୁଛି। ହେଲେ ପ୍ରତ୍ୟେକ ବର୍ଷ ଦର ବୃଦ୍ଧିରେ ଘାଣ୍ଟି ହେଉଛନ୍ତି ଖାଉଟି। ଅନ୍ୟବର୍ଷଗୁଡ଼ିକ ଭଳି ଚଳିତ ବର୍ଷ ମଧ୍ୟ ମାସାଧିକ କାଳ ହେବ ରାଜ୍ୟରେ ପିଆଜ କିଲୋ ପିଛା ଦର ୫୦ରୁ ୬୦ ଟଙ୍କା ଉପରେ ରହିଛି। ଏହି ଦର ଆଗକୁ ଆହୁରି ବଢ଼ିବା ସମ୍ଭାବନା ରହିଛି। ବିଡ଼ମ୍ବନା ଯେ ରାଜ୍ୟରେ ଆବଶ୍ୟକତାଠାରୁ ଅଧିକ ପରିମାଣର ପିଆଜ ଉତ୍ପାଦନ ହେଉଥିଲେ ମଧ୍ୟ ଖାଉଟି ଅଧିକ ଦରରେ କିଣିବାକୁ ବାଧ୍ୟ ହେଉଛନ୍ତି। ପିଆଜ ସଂରକ୍ଷଣ ପାଇଁ ଆବଶ୍ୟକ ଭିତ୍ତିଭୂମି ନ ଥିବାରୁ ପିଆଜ ବଳକା ରାଜ୍ୟ ନିଅଣ୍ଟିଆ କଷଣରେ କଷି ହେଉଛି। ଫଳରେ ବାହାର ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ରାଜ୍ୟରେ ବାର୍ଷିକ ଯେତିକି ପିଆଜ ଆବଶ୍ୟକ ହେଉଛି ତାହାଠାରୁ ଅଧିକ ଉତ୍ପାଦନ ହେଉଛି। ଭାଜପା ସଭ୍ୟ ଟଙ୍କଧର ତ୍ରିପାଠୀଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ବୁଧବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି।

ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ପିଆଜ ମିଶନ ହୋଇନାହିଁ। ତେବେ ଜାତୀୟ ନମୁନା ସର୍ବେକ୍ଷଣର ୬୮ତମ ଗଣନା ଆଧାରରେ ୨୦୨୩-୨୪ ବର୍ଷ ପାଇଁ ଓଡ଼ିଶାରେ ବାର୍ଷିକ ହାରାହାରି ୩.୭୫ ଲକ୍ଷ ମେଟ୍ରିକ୍ ଟନ୍ ପିଆଜର ଆବଶ୍ୟକତା ରହିଥିବା ବେଳେ ୪.୨୦ ଲକ୍ଷ ମେଟ୍ରିକ୍ ଟନ୍ ଉତ୍ପାଦନ ହୋଇଛି। ଜାତୀୟ ନମୁନା ସର୍ବେକ୍ଷଣ(ଏନ୍ଏସ୍ଏସ୍) ଏବଂ ୨୦୨୧ ପ୍ରସ୍ତାବିତ ଜନସଂଖ୍ୟା ଆଧାରରେ ଓଡ଼ିଶାରେ ବାର୍ଷିକ ପ୍ରାୟ ୩.୫୫ ଲକ୍ଷ ମେଟ୍ରିକ୍ ଟନ୍ ପିଆଜର ଆବଶ୍ୟକତା ରହିଛି। ଅନ୍ୟପକ୍ଷରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟରେ ୨୦୨୨-୨୩ରେ ୩.୬୮ ଲକ୍ଷ ମେଟ୍ରିକ୍ ଟନ୍ ପିଆଜ ଉତ୍ପାଦନ ହୋଇଛି। ପୂର୍ବରୁ ୨୦୧୬-୧୭ରେ ପିଆଜ ଉତ୍ପାଦନ ବାର୍ଷିକ ୩.୬୮ ଲକ୍ଷ ମେଟ୍ରିକ୍ ଟନ୍ ହୋଇଥିବା ବେଳେ ୨୦୧୭-୧୮ରେ ୩.୭୯, ୨୦୧୮-୧୯ରେ ୩.୭୩, ୨୦୧୯-୨୦ରେ ୩.୬୫ ଏବଂ ୨୦୨୧ରେ ୩.୫୦ ଲକ୍ଷ ମେଟ୍ରିକ୍ ଟନ୍ ଉତ୍ପାଦନ ହୋଇଛି। ତେବେ ସାଇତି ରଖିବାକୁ ଶୀତଳଭଣ୍ଡାର ନ ଥିବାରୁ ଉତ୍ପାଦିତ ପିଆଜ ଅନ୍ୟ ରାଜ୍ୟକୁ ଚାଲିଯାଉଛି। ଜାତୀୟ ସଂସ୍ଥା ସେଣ୍ଟର ଫର୍ କୋଲ୍ଡଚେନ୍ ଡେଭଲପ୍‌ମେଣ୍ଟ (ଏନ୍‌ସିସିଡି) ଏବଂ ନାବାର୍ଡ ଦ୍ୱାରା ୨୦୧୫ରେ କରାଯାଇଥିବା ସର୍ଭେ ଅନୁଯାୟୀ ରାଜ୍ୟରେ ୩ ଲକ୍ଷ ମେଟ୍ରିକ୍ ଟନ୍ କ୍ଷମତାବିଶିଷ୍ଟ ଶୀତଳଭଣ୍ଡାରର ଆବଶ୍ୟକତା ରହିଛି। ହେଲେ ରାଜ୍ୟରେ ମାତ୍ର ୭,୩୨୧ ପିଆଜ ସାଇତା ଗୃହ ରହିଛି।

## ମାଲକାନଗିରି ଜିଲାରେ ମୃଦୁ ଭୂମିକମ୍ପ

**ମାଲକାନଗିରି, ୪।୧୨(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲାରେ ବୁଧବାର ସକାଳେ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଛି। ସକାଳ ୭ ଟାରୁ ୭.୩୦ ମଧ୍ୟରେ ୩ରୁ ୪ ସେକେଣ୍ଡ ଏହା ଅନୁଭୂତ ହୋଇଥିଲା। ମାଲକାନଗିରି ସହ କାଲିମେଳା ଓ ପଡ଼ିଆ ବ୍ଲକ୍‌ର କେତେକ ସ୍ଥାନରେ ମଧ୍ୟ ଭୂମିକମ୍ପ ଅନୁଭୂତ ହୋଇଥିବା ସୂଚନା ମିଳିଛି। ପାଣିପାଗ ବିଭାଗ ପକ୍ଷରୁ ଏଥିନେଇ କୌଣସି ସୂଚନା ଦିଆଯାଇନାହିଁ। ସୂଚନାଯୋଗ୍ୟ, ୪ ବର୍ଷ ପୂର୍ବେ ମଧ୍ୟ ମାଲକାନଗିରି ସଦର ମହକୁମାରେ ଏପରି ମୃଦୁ ଭୂମିକମ୍ପ ଅନୁଭୂତ ହୋଇଥିଲା।

## ଇ-କେୱାଇସି ଯାଞ୍ଚରେ ଚିହ୍ନଟ ହେଲେଣି ୧,୭୭,୦୬୮ ମୃତବ୍ୟକ୍ତି

**ଭୁବନେଶ୍ୱର, ୪।୧୨(ସୁନିତ୍ ମିଶ୍ର)**

ରାଜ୍ୟରେ ୨୦୨୪-୨୫ ମସିହାରେ ରାଶନ କାର୍ଡ ତଥ୍ୟାବଳୀକୁ ସ୍ୱଚ୍ଛ ଏବଂ ପାରଦର୍ଶୀ କରିବା ଉଦ୍ଦେଶ୍ୟରେ ଚାଲୁରହିଛି ଇ-କେୱାଇସି ଯାଞ୍ଚ। ଏହି ପ୍ରକ୍ରିୟାରେ ବର୍ତ୍ତମାନ ସୁଦ୍ଧା ୧,୭୭,୦୬୮ ଜଣ ମୃତବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣପାତ୍ର କହିଛନ୍ତି। ବିଜେଡି ବିଧାୟକ ଅଶ୍ୱିନୀ ପାତ୍ରଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ପାତ୍ର କହିଛନ୍ତି, ଏହି ମୃତ ହିତାଧିକାରୀଙ୍କ ରାଶନ କାର୍ଡକୁ ତଥ୍ୟାବଳୀରୁ ବାଦ୍ ଦିଆଯାଇଛି। ଅଦ୍ୟାବଧି ସମୁଦାୟ ୩,୩୬,୩୫,୯୧୮ ପିଡିଏସ୍ ହିତାଧିକାରୀଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୨,୬୯,୨୩,୮୩୦ ହିତାଧିକାରୀଙ୍କ ଇ-କେୱାଇସି ଯାଞ୍ଚ କାର୍ଯ୍ୟ ସରିଛି। ନୂତନ ରାଶନ କାର୍ଡ ଲାଗି ସାରା ରାଜ୍ୟରେ ୬,୧୯,୮୩୬ଟି ଆବେଦନ ହସ୍ତଗତ ହୋଇଛି। ଆଧାର ଇ-କେୱାଇସି ଯାଞ୍ଚ ସମୟରେ ଚିହ୍ନିତ ହେଉଥିବା ମୃତ ହିତାଧିକାରୀଙ୍କୁ ବାଦ୍‌ଦେଇ ଆଗକୁ ପୁଣି ଯେତେ ସ୍ଥାନ ଖାଲି ହେବ ସେହି ସ୍ଥାନରେ ଯୋଗ୍ୟ ଆବେଦନକାରୀଙ୍କୁ ନୂତନ ରାଶନ କାର୍ଡ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ବିଧାୟକ ମନୋହର ରାନ୍ଧାରୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ପାତ୍ର କହିଛନ୍ତି, ରାଜ୍ୟରେ ବାକିଥିବା ୬୫,୨୪,୦୦୦ ହିତାଧିକାରୀଙ୍କ ଇ-କେୱାଇସି ଯାଞ୍ଚ ପ୍ରକ୍ରିୟା ଚାଲୁଅଛି। ରାଜ୍ୟର ଅନେକ ହିତାଧିକାରୀ ବାହାର ରାଜ୍ୟକୁ ଯାଇଛନ୍ତି। ସେମାନଙ୍କ ଇ-କେୱାଇସି ଯାଞ୍ଚ ସେହି ରାଜ୍ୟରେ ହିଁ ରହି କରାଇନେବା ଲାଗି ବ୍ୟବସ୍ଥା ହୋଇଛି। ରାଜ୍ୟ ବାହାରେ ଥିବା ପ୍ରାୟ ୧,୦୦,୭୦୯ ହିତାଧିକାରୀ ବାହାର ରାଜ୍ୟରେ ଥାଇ ନିଜର ଇ-କେୱାଇସି ସାରିଲେଣି ବୋଲି ସେ କହିଛନ୍ତି।

## ପରିତ୍ୟକ୍ତ ଘରର ଛାତ ଭୁଶୁଡ଼ି ନାବାଳକ ମୃତ

**ଡାବୁଗାଁ, ୪।୧୨ (ପ୍ରଜ୍ଞାରଞ୍ଜନ ପରିଡ଼ା)**

### ଦୁର୍ଘଟଣାରେ ଅନ୍ୟ ଜଣେ ନାବାଳକ ଆହତ

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ ସଦର ହାଟପଦା ସାହିରେ ବୁଧବାର ସକାଳେ ଏକ ପରିତ୍ୟକ୍ତ ଗୃହର ଛାତ ଭୁଶୁଡି ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ମହେଶ୍ୱର ଗୌଡ଼ (୧୨)। ଏଥିରେ ଉମା ଜାନୀ (୧୦) ଆହତ ହୋଇଛନ୍ତି।

ବୁଧବାର ସକାଳୁ ଏକ ପରିତ୍ୟକ୍ତ ଜଗୁଆଳି ଘରକୁ ମହେଶ୍ୱର ଓ ଉମା ଯାଇଥିଲେ। ସେମାନେ ଗୃହରେ କଂକ୍ରିଟ ଝରକା ଲୁହାରଡ୍ ବାହାର କରିବାକୁ ଯାଇଥିବାବେଳେ ଛାତ ଭୁଶୁଡ଼ି ପଡିଥିଲା। ଫଳରେ ମହେଶ୍ୱର ଓ ଉମା ଚାପିହୋଇଯାଇଥିଲେ। ପିଲାମାନଙ୍କର ପାଟି ଶୁଣି ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ଅଗ୍ନିଶମ ଓ ପୋଲିସକୁ ଖବର ଦେଇଥିଲେ। ଅଗ୍ନିଶମ କେନ୍ଦ୍ର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନାବାଳକମାନଙ୍କୁ ଉଦ୍ଧାରକରି ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରିଥିଲେ। ଡାକ୍ତର ମହେଶ୍ୱରଙ୍କୁ ମୃତ ଘୋଷଣା କରିଥିଲେ। ଉମା ଗୁରୁତର ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଡାବୁଗାଁ ଥାନାଧିକାରୀ ସୁନୀଲ ପ୍ରଧାନ, ସବ୍‌ଇନ୍ସପେକ୍ଟର ବିଜୁରାମ ବାଗ ଓ ଚନ୍ଦନ ସାହୁ, ଏଏସ୍ଆଇ ଗୋପାଳକୃଷ୍ଣ ହାଲୱା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ମୃତକଙ୍କ ବାପା ଲଛମନ ଗୌଡ଼ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନା କେସ୍ ନଂ. ୩୫/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ମାଟି ମା’ର ସୁରକ୍ଷା ଜରୁରୀ

**ଡ. ସୁବୋଧ କୁମାର ସାହୁ**

### ଆଜି ବିଶ୍ୱ ମୃତ୍ତିକା ଦିବସ



> ୨୦୦୨ ମସିହାରେ ଆନ୍ତର୍ଜାତିକ ମୃତ୍ତିକା ବିଜ୍ଞାନ ସମ୍ମିଳନୀରେ ମୃତ୍ତିକାର ସୁରକ୍ଷା ଉପରେ ଚିନ୍ତା ପ୍ରକଟ କରାଯାଇଥିଲା। ଏ ନେଇ ଅଧିକ ଜନସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଡିସେମ୍ବର ୫ ତାରିଖକୁ ‘ବିଶ୍ୱ ମୃତ୍ତିକା ଦିବସ’ ଭାବରେ ପାଳନ କରାଯିବାକୁ ସହମତି ପ୍ରକାଶ ପାଇଥିଲା। ସେହି ବର୍ଷଠାରୁ ପ୍ରତିବର୍ଷ ଉକ୍ତ ଦିନରେ ବିଶ୍ୱ ମୃତ୍ତିକା ଦିବସ ପାଳନ କରାଯାଇ ଆସୁଅଛି।

ପୃଥିବୀ ପୃଷ୍ଠରେ ବର୍ତ୍ତମାନ ଆମେ ଯେଉଁ ମାଟି ଦେଖୁଛେ କୋଟି କୋଟି ବର୍ଷ ପୂର୍ବେ ଏହା ଶିଳାଖଣ୍ଡଗୁଡ଼ିକର ଏକ ଉତ୍ତପ୍ତ ତରଳ ପିଣ୍ଡ ଥିଲା। କ୍ରମଶଃ ଏହା ଧୀରେ ଧୀରେ ଶୀତଳ ହୋଇ କଠିନ ଶିଳାଖଣ୍ଡରେ ପରିଣତ ହେଲା। ପ୍ରକୃତିର ପରିବର୍ତ୍ତନ ପ୍ରଭାବରେ ଶିଳାଖଣ୍ଡଗୁଡ଼ିକର ବିଘଟନ ଘଟି ମାଟିରେ ପରିଣତ ହେଲା। ଭୂଗର୍ଭରେ ମାଟି ସ୍ଥିରୀକୃତ ହୋଇ ଚାରିଗୋଟି ସ୍ତରରେ ଥାଏ। ପ୍ରଥମ ଦୁଇସ୍ତର ଜୈବ ବସ୍ତୁସହ ମିଶି ମାଟି ଥିଲାବେଳେ ନିମ୍ନ ଦୁଇସ୍ତରରେ ନରମରୁ କଠିନ ଶିଳାଖଣ୍ଡମାନ ରହିଥାଏ। କ୍ରମେ ଉକ୍ତ ଶିଳା ମାଟିରେ ପରିଣତ ହୁଏ। ଶିଳାରୁ ଏକ ଘନ ଇଞ୍ଚ ମାଟି ସୃଷ୍ଟି ହେବାକୁ ପ୍ରାୟ ୧୫ଶହ ବର୍ଷ ସମୟ ନେଇଥାଏ। ମାଟିରେ କ୍ଷୁଦ୍ର କଣିକା କର୍ଦ୍ଦମ, ପଟୁ ସହ ସୂକ୍ଷ୍ମ ଏବଂ ମୋଟା ବାଲି ଥାଏ। ଏଥିପାଇଁ ମାଟି ବାସ ଏବଂ ଚାଷ ଉପଯୋଗୀ। ମାଟି ଆମକୁ ଖାଦ୍ୟ, ବସ୍ତ୍ର, ଜଳ, ଇନ୍ଧନ, ଔଷଧ, ଗୃହ ଉପକରଣ ଏବଂ ଉପଭୋଗ ପାଇଁ ସୌନ୍ଦର୍ଯ୍ୟ ଯୋଗାଇଥାଏ। ଏଣୁ ମାଟି ଆମ ପାଇଁ ବହୁତ ଉପଯୋଗୀ।

କିନ୍ତୁ ସଭ୍ୟତାର ବିକାଶ ସଙ୍ଗେ ସଙ୍ଗେ ଆମେ ମାଟିଠାରୁ ଦୂରେଇ ଯାଉଛେ। ଆମର ପୂର୍ବପୁରୁଷ ମାଟି ଘରେ ବାସକରୁଥିଲେ। ମାଟି ନିର୍ମିତ ବାସଗୃହ ଇଟା ଓ ସିମେଣ୍ଟରେ ନିର୍ମାଣ କୋଠାଘରଠାରୁ ଅଧିକ ବାସ ଉପଯୋଗୀ ଥିଲା। ଅତୀତରେ ମାଟି ନିର୍ମିତ ପାତ୍ରମାନ ରୋଷଶାଳରେ ବ୍ୟବହୃତ ହେଉଥିଲା। ମାଟି ପାତ୍ରରେ ପ୍ରସ୍ତୁତ ଖାଦ୍ୟ ସ୍ୱାସ୍ଥ୍ୟକର ଏବଂ ସୁସ୍ୱାଦୁ ଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀଲିଙ୍ଗରାଜ ଏବଂ ଶ୍ରୀଅନନ୍ତ ବାସୁଦେବଙ୍କ ରୋଷ ଘରେ ମାଟି କୁଡୁଆରେ ଅବଢ଼ା ପ୍ରସ୍ତୁତ କରାଯାଏ। ଉକ୍ତ ମହାପ୍ରସାଦ ଅତି ସ୍ୱାସ୍ଥ୍ୟକର ଏବଂ ପବିତ୍ର। ମାଟି ହାଣ୍ଡିରେ ପ୍ରସ୍ତୁତ ପଖାଳ ଭାତର ବାସ୍ନା ଏବଂ ସ୍ୱାଦ ନିଆରା ଥିଲା। ଉକ୍ତ ପଖାଳରେ ଇଷ୍ଟ ନାମକ ଏକ କବକ ସୃଷ୍ଟି ହୋଇ ପଖାଳ ଭାତକୁ ଔଷଧୀୟ ଗୁଣ ଦିଏ। ଉକ୍ତ ଭାତକୁ ଖାଇଲେ ହଜମ ଶକ୍ତି ବଢ଼ିବା ସହ ଭଲ ନିଦ ହୁଏ। ମାଟି ନିର୍ମିତ ମାଠିଆ ତଥା ସୁରେଇରେ ପାନୀୟ ଜଳ ସଂରକ୍ଷଣ କଲେ ପାଣି ଥଣ୍ଡା ରହେ। ମାଠିଆ ଓ ସୁରେଇରେ ଥିବା କ୍ଷୁଦ୍ର ରନ୍ଧ୍ର ମଧ୍ୟଦେଇ ଜଳ ପାତ୍ର ବାହାରର ବାୟୁ ସଂସ୍ପର୍ଶରେ ଆସି ଜଳକୁ ଥଣ୍ଡା ରଖେ। ଉକ୍ତ ଥଣ୍ଡାଜଳ ରେଫ୍ରିଜରେଟରରେ ରହୁଥିବା ଜଳଠାରୁ ସ୍ୱାସ୍ଥ୍ୟକର। ଅନ୍ୟପକ୍ଷରେ ଧାତୁପାତ୍ର ବାହାରର ଉତ୍ତାପ ସଂସ୍ପର୍ଶରେ ଆସି ପାତ୍ରର ଜଳକୁ ଉତ୍ତପ୍ତ ରଖେ। ଉକ୍ତ ଜଳ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ। ପ୍ଲାଷ୍ଟିକ ପାତ୍ରରେ ପାନୀୟ ଜଳ ସଂରକ୍ଷଣ କଲେ ପ୍ଲାଷ୍ଟିକ୍‌ର କ୍ଷୁଦ୍ରତମ ଅଣୁମାନ ପାତ୍ରରୁ ନିର୍ଗତ ହୋଇ ଜଳକୁ ପ୍ରଦୂଷିତ କରେ। ଉକ୍ତ ଜଳ ପିଇଲେ ଅନ୍ତଃନଳୀ କର୍କଟ ହେବାର ଆଶଙ୍କା ଥାଏ।

ଏବେ ସହରଠାରୁ ଗାଁ ପର୍ଯ୍ୟନ୍ତ କଂକ୍ରିଟ୍ ରାସ୍ତାଗୁଡ଼ିକରେ ଆମକୁ ଚାଲିବାକୁ ପଡୁଛି। ସହରରେ ପାର୍କଗୁଡ଼ିକରେ ପ୍ରାତଃ ଭ୍ରମଣ ପାଇଁ ପାଦଚଲା ରାସ୍ତାରେ ଘାସ ବଦଳରେ ଟାଇଲ୍ ବିଛାଯାଉଛି। ଟାଇଲ ବିଛା ପାଦଚଲା ରାସ୍ତା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ। ଘାସ ବିଛା ମାଟିରାସ୍ତାରେ ଖାଲି ପାଦରେ ପ୍ରାତଃ ଭ୍ରମଣ କଲେ ମଧୁମେହ ରୋଗରୁ ଉପଶମ ମିଳେ ବୋଲି ଡାକ୍ତରମାନେ ଦାବି କରନ୍ତି।

ଶିକ୍ଷିତ ଯୁବକମାନେ ମାଟି ତଥା କାଦୁଅ ଜମିରେ ହଳ ଲଙ୍ଗଳ ଧରି ଚାଷ କରିବାକୁ କୁଣ୍ଠାବୋଧ କରୁଛନ୍ତି। ମାଟି ଯେ ଆମକୁ ବଞ୍ଚିବା ପାଇଁ ଖାଦ୍ୟ ଯୋଗାଉଛି, ସେ କଥା ସେମାନେ ଭୁଲିଯାଉଛନ୍ତି।

ମାଟିର ବିବିଧ ଔଷଧୀୟ ଗୁଣ ଅଛି। ଆଉ ମାଟି ବହୁ ବଡ଼ ଏବଂ କ୍ଷୁଦ୍ର ଅଣୁଜୀବଙ୍କ ବାସସ୍ଥଳୀ। ଏକ ଟେବୁଲ୍ ଚାମଚପୂର୍ଣ୍ଣ ମାଟିରେ ପ୍ରାୟ ୧ ଲକ୍ଷ କୋଟି କ୍ଷୁଦ୍ର ଅଣୁଜୀବ ଥିବାର ପ୍ରମାଣ ଅଛି। ଉକ୍ତ ଅଣୁଜୀବଙ୍କ ଶରୀର ଏବଂ ମୁଖରୁ ବିଭିନ୍ନ ଏନ୍‌ଜାଇମ୍, ଜୀବରସ (ହରମୋନ୍) ଏବଂ ଜୀବନିକା (ଭିଟାମିନ୍) ନିର୍ଗତହୋଇ ମାଟିରେ ମିଶେ। ଏହିସବୁ ରାସାୟନିକ ପଦାର୍ଥ ଫସଲର ଅଭିବୃଦ୍ଧିରେ ସାହାଯ୍ୟ କରେ। ମାଟିରେ ଥିବା ଜିଆର ଲାଳ ମାଟିରେ ମିଶି ମାଟିକୁ ଔଷଧୀୟ ଗୁଣ ଦିଏ।

ମାଟି ଆମ ପାଇଁ ଅତି ପବିତ୍ର। ମାଟିରେ ବିଭିନ୍ନ ଦେବଦେବୀଙ୍କ ମୂର୍ତ୍ତି ନିର୍ମାଣକରି ପୂଜା କରାଯାଏ। ପୂଜାପାର୍ବଣ ଆଦିରେ ମାଟିର ଦୀପ, ସରା, ପୂର୍ଣ୍ଣକୁମ୍ଭ, ଧୂପଦାନି ଆଦି ଶୁଭବୋଲି ବିଚାର କରାଯାଏ। ମା’ ଶବ୍ଦରୁ ମାଟି ଶବ୍ଦର ସୃଷ୍ଟି। ଉପରୋକ୍ତ ବିବିଧ କାରଣ ସବୁ ଯୋଗୁ ମାଟିକୁ ମା’ର ମାନ୍ୟତା ଦିଆଯାଇଛି। ମାଟି ମା’ର ସୁରକ୍ଷା ଆମ ସମସ୍ତଙ୍କର କର୍ତ୍ତବ୍ୟ।

-ଶୈଳଶ୍ରୀ ବିହାର, ଭୁବନେଶ୍ୱର
ମୋ: ୯୫୫୬୨୬୬୦୮୫



୫୧
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୫/୨୦୨୪ | Bhubaneswar, Thursday, December 5/2024 | ପୃଷ୍ଠା-୧





# ରାଜ୍ୟରେ ଓବିସିଙ୍କୁ ସଂରକ୍ଷଣ ବିଷୟ ବିଚାରାଧୀନ

ଭୁବନେଶ୍ୱର, ୪।୧୨(ସୁନିତ୍ ମିଶ୍ର)

## ପେସା ଆଇନ ଲାଗୁକରିବେ ଆମ ସରକାର: ମନ୍ତ୍ରୀ ନିତ୍ୟାନନ୍ଦ

ରାଜ୍ୟରେ ଓବିସିମାନଙ୍କୁ ସଂରକ୍ଷଣ ଦେବା ବିଷୟ ବିଚାରାଧୀନ ରହିଛି। ଏନେଇ ଭାଜପା ସରକାର ବିଚାର କରୁଛନ୍ତି। ଓଡ଼ିଶାରେ ୨୪ ବର୍ଷ ଧରି ଶାସନରେ ରହିଥିବା ବିଜେଡି ସରକାର ଏ ବିଷୟରେ କେବେହେଲେ ଚିନ୍ତା କଲେ ନାହିଁ। ଏବେ ଖାଲି ମିଛରେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ସେହିପରି ଟ୍ରାଇବାଲ ଆଡଭାଇଜରି କମିଟି (ଟିଏସି) ଗଠନ ନେଇ ରାଜ୍ୟ ସରକାର କାର୍ଯ୍ୟ ଆରମ୍ଭ କରିଛନ୍ତି। ଆଦିବାସୀମାନଙ୍କ ବିକାଶ ଲାଗି ଆଲୋଚନା ହେବ। ପ୍ରତ୍ୟେକ ୬ ମାସରେ ଟିଏସି ବୈଠକ ବସିବା କଥା କହୁଛନ୍ତି, ହେଲେ ଗତ ବିଜେଡି ସରକାର ୫ ବର୍ଷ ଭିତରେ ଏହାର ବୈଠକ କରିନାହାନ୍ତି। ଯେତେବେଳେ ଟିଏସି ବୈଠକ ବସିଛି ଆଦିବାସୀଙ୍କ ଜମି ଲୁଟିବା କଥା ଚିନ୍ତା କରାଯାଇଛି। ଅନେକ ରାଜ୍ୟ ପେସା ଆଇନ ଲାଗୁ କରିଛନ୍ତି। ୨୪ ବର୍ଷ ଶାସନରେ ରହି ବିଜେଡି କେବେହେଲେ ପେସା ଆଇନ ଲାଗୁକରିବା କଥା ଚିନ୍ତା କଲାନାହିଁ। ଆଗାମୀ ଦିନରେ ଆମ ସରକାର ଏହାକୁ ଲାଗୁକରିବେ ବୋଲି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ଏହି ବିଭାଗର ଖର୍ଚ୍ଚଦାବି ବୁଧବାର ଗୃହରେ ଆଲୋଚନା ହୋଇ ପାରିତହୋଇଛି। ମନ୍ତ୍ରୀ ଗଣ୍ଡ ଆଲୋଚନା ପରେ ନିଜ ଉତ୍ତର ରଖିବା ଅବସରରେ କହିଛନ୍ତି, ରାଜ୍ୟ ସରକାର ପଛୁଆବର୍ଗର ବିକାଶ କଥା ସବୁବେଳେ ଚିନ୍ତା କରୁଛନ୍ତି। ଖୁବ୍‌ଶୀଘ୍ର ରାଜ୍ୟର ୪୨୬ ପିଏସ୍‌ଏଚ୍ ସ୍କୁଲରେ ହଷ୍ଟେଲ ବିଲ୍ଡିଂ ହେବ। ହଷ୍ଟେଲ ନିର୍ମାଣ ପାଇଁ ୨ କୋଟି ଟଙ୍କା ଲେଖାଏ ଖର୍ଚ୍ଚ ହେବ। ୨୭ ଜିଲାର ୭୬୩୭ ଗାଁର ୧୦ ଲକ୍ଷ ଆଦିବାସୀଙ୍କ ଲାଗି ୧୧ଟି ବିଭାଗର ମିଳିତ ଉଦ୍ୟମରେ କାମ ଚାଲିଛି। ଏହି ଆଦିବାସୀମାନଙ୍କୁ କିପରି ଘର, ଜଳ, ବିଦ୍ୟୁତ୍ ଆଦି ମୌଳିକ ସୁବିଧା ମିଳିପାରିବ ସେନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରିକଳ୍ପନାରେ କାର୍ଯ୍ୟ ଚାଲିଥିବା ମନ୍ତ୍ରୀ କହିଛନ୍ତି।

# ସୁଖବୀର ସିଂ ବାଦଲଙ୍କୁ ହତ୍ୟା ଉଦ୍ୟମ

ଅମୃତସର/ଚଣ୍ଡିଗଡ଼,୪।୧୨

ଶିରୋମଣି ଅକାଳୀ ଦଳ (ଏସ୍‌ଏଡି) ମୁଖ୍ୟ ସୁଖବୀର ସିଂ ବାଦଲଙ୍କୁ ବୁଧବାର ଅମୃତସର ସ୍ୱର୍ଣ୍ଣମନ୍ଦିରରେ ଜଣେ ପୂର୍ବତନ ଆତଙ୍କବାଦୀ ହତ୍ୟା କରିବାକୁ ଉଦ୍ୟମ କରିଛନ୍ତି। ତେବେ ସାଦା ପୋଷାକରେ ଥିବା ପୋଲିସ କର୍ମଚାରୀମାନେ ଆତଙ୍କବାଦୀଙ୍କୁ କାବୁ କରିବାରୁ ସେ ଚଳାଇଥିବା ଗୁଳି ଲକ୍ଷ୍ୟଭ୍ରଷ୍ଟ ହୋଇଯାଇଛି। ଏସ୍‌ଏଡି ଏହାର ବିଚାର ବିଭାଗୀୟ ତଦନ୍ତ ଦାବି କରିଥିବାବେଳେ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ସମେତ କେତେକ ବିରୋଧୀ ଦଳ ହତ୍ୟା ଉଦ୍ୟମ ଷଡ଼ଯନ୍ତ୍ରକୁ ଦୃଢ଼ ନିନ୍ଦା କରିଛନ୍ତି।

ପଞ୍ଜାବର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସୁଖବୀର ସିଂ ବାଦଲ(୬୨) ଅକାଲ ତଖ୍ତ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇ ୨ ଦିନ ହେଲା ଧର୍ମୀୟ ଦଣ୍ଡ ଭୋଗୁଛନ୍ତି। ସେ ନୀଳରଙ୍ଗର ସେବାଦାର ୟୁନିଫର୍ମ ପିନ୍ଧି ସ୍ୱର୍ଣ୍ଣମନ୍ଦିର ଗେଟ୍‌ରେ ହୁଇଲ୍ ଚେୟାରରେ ବସି ଶ୍ରଦ୍ଧାଳୁଙ୍କୁ ସେବା ପ୍ରଦାନ କରୁଛନ୍ତି। ତାଙ୍କ ବେକରେ ଏକ ଛୋଟ ବୋର୍ଡ ଝୁଲୁଛି, ଯହିଁରେ ସୁଖବୀର ନିଜ ଭୁଲ୍ ସ୍ୱୀକାର କରିଥିବା ବିଷୟ ଉଲ୍ଲେଖ ରହିଛି। ବୁଧବାର ପୂର୍ବାହ୍ନ ୯ଟାରେ ସୁଖବୀର ମନ୍ଦିର ପ୍ରବେଶପଥରେ ସେବାରେ ନିୟୋଜିତ ଥିବାବେଳେ ଗୁରୁଦାସପୁର ଜିଲାର ପୂର୍ବତନ ଆତଙ୍କବାଦୀ

## ଖଲିସ୍ତାନୀ ଆତଙ୍କବାଦୀ ନାରୈନ ସିଂ ଚଉରା ଗିରଫ

ନୂଆଦିଲ୍ଲୀ,୪।୧୨

ସ୍ୱର୍ଣ୍ଣମନ୍ଦିରରେ ସୁଖବୀର ସିଂ ବାଦଲଙ୍କୁ ଗୁଳି ଚଳାଇ ଗିରଫ ହୋଇଥିବା ନାରୈନ ସିଂ ଚଉରା ଖଲିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ବାବର ଖାଲ୍‌ସା ସହ ଜଡ଼ିତ। ସ୍ୱର୍ଣ୍ଣମନ୍ଦିରଠାରୁ ୬୦ କି.ମି. ଦୂର ଗୁରୁଦାସପୁର ଜିଲା ଚଉରା ଗ୍ରାମରେ ୧୯୫୬ ଏପ୍ରିଲ ୪ରେ ଜନ୍ମିତ ନାରୈନ ବାବର ଖାଲ୍‌ସା ଇଣ୍ଟରନ୍ୟାଶନାଲର ଜଣେ ସଦସ୍ୟ। ୬୮ ବର୍ଷୀୟ ନାରୈନଙ୍କୁ ୨୦୦୪ର ଚଣ୍ଡିଗଡ଼ ବୁରାଇଲ ଜେଲ ଦଙ୍ଗାର ମାଷ୍ଟରମାଇଣ୍ଡ ବିବେଚନା କରାଯାଏ। ଉକ୍ତ ମାମଲାରେ ଜେଲର ୪ କଏଦୀ ୧୦୪ ଫୁଟ୍‌ର ଟନେଲ ଖୋଳି ଫେରାର ହେବାରେ ସକ୍ଷମ ହୋଇଥିଲେ। ଏହି ୪ କଏଦୀ ହେଲେ ବାବର ଖାଲ୍‌ସା ମୁଖ୍ୟ ଜଗତାର ସିଂ ହୱାରା, ପୂର୍ବତନ ମୁଖ୍ୟମନ୍ତ୍ରୀ ବେଅନ୍ତ ସିଂଙ୍କ ହତ୍ୟାକାରୀ ପରମଜିତ ସିଂ ଭେଓରା ଏବଂ ଜଣେ ହତ୍ୟା ଦୋଷୀ ଦେବୀ ସିଂ।


ପଞ୍ଜାବ ପୋଲିସ ସୂତ୍ରରୁ ମିଳିଥିବା ସୂଚନାନୁସାରେ ନାରୈନଙ୍କ ବିରୋଧରେ ୨୧ ମାମଲା ରହିଛି। ସେଗୁଡ଼ିକ ମଧ୍ୟରୁ ଅଧିକାଂଶ ୧୯୮୦-୯୦ ଦଶକର। କେତେକ ମାମଲାରେ ନାରୈନ ଦୋଷମୁକ୍ତ ହୋଇଥିବାବେଳେ ଅନ୍ୟ କିଛି ମାମଲା ବିଚାରାଧୀନ ରହିଛି। ତେବେ ସଦ୍ୟ ଆକ୍ରମଣ ପଛରେ ତାଙ୍କ ସହ ଆଉ କିଏ ରହିଥିଲେ, ତାହା ଜାଣିବା ପାଇଁ ପୋଲିସ ତଦନ୍ତ ଚଳାଇଛି।


ସୁଖବୀର ସିଂ ବାଦଲଙ୍କ ଉପରକୁ ଗୁଳି ଚଳାଇଥିବା ଖଲିସ୍ତାନୀ ଆତଙ୍କବାଦୀ ନାରୈନ ସିଂ ଚଉରାଙ୍କୁ କାବୁ କରାଯାଇଛି।


ସୁଖବୀର ସିଂ ବାଦଲ

ନାରୈନ ସିଂ ତାଙ୍କ ପାଖକୁ ଆସି ଅତି ନିକଟରୁ ଗୁଳି ଚଳାଇଥିଲେ। ତେବେ ନାରୈନ ବନ୍ଧୁକ ବାହାର କରିବା ମାତ୍ରେ ସେଠାରେ ଉପସ୍ଥିତ ଜଣେ ସାଦା ପୋଷାକଧାରୀ ପୋଲିସ କର୍ମଚାରୀ ତାଙ୍କ ହାତକୁ ଧରିପକାଇଥିଲେ। ଫଳରେ ଗୁଳି ଲକ୍ଷ୍ୟଭ୍ରଷ୍ଟ ହୋଇ କାନ୍ଥରେ ବାଜିଥିଲା। ଅଭିଯୁକ୍ତ ନାରୈନଙ୍କୁ ପୋଲିସ ଗିରଫ କରିବା ସହ ହତ୍ୟା ଉଦ୍ୟମ ପଛର କାରଣ ଜାଣିବା ପାଇଁ ତନାଘନା ଚଳାଇଛି। ସୁଖବୀରଙ୍କ ସ୍ତ୍ରୀ ହରସିମରତ କୌର ଖବର ପାଇ ସ୍ୱର୍ଣ୍ଣମନ୍ଦିରକୁ ଧାଇଁଥିଲେ।

ଅକାଲ ତଖ୍ତ ଜଥେଦାର ଗିଆନି ରଘବୀର ସିଂ କହିଛନ୍ତି, ଏହା କେବଳ ସୁଖବୀରଙ୍କ ଉପରେ ନୁହେଁ, ବରଂ ସ୍ୱର୍ଣ୍ଣମନ୍ଦିର ବାହାରେ କର୍ତ୍ତବ୍ୟ ପାଳନ କରୁଥିବା ଜଣେ ସେବାଦାରଙ୍କୁ ଆକ୍ରମଣ। ସେହିପରି ଶିରୋମଣି ଗୁରୁଦ୍ୱାରା ପ୍ରବନ୍ଧକ କମିଟି (ଏସ୍‌ଜିପିସି) ମୁଖ୍ୟ ହରଜିନ୍ଦର ସିଂ ଧାମି କହିଛନ୍ତି, ଧର୍ମୀୟ ସେବା ପ୍ରଦାନ କରୁଥିବା ☞ପୃଷ୍ଠା-୨




# ଆଜି ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ଫଡ଼ନବିସ

ମୁମ୍ବାଇ,୪।୧୨

ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଭାଜପା ନେତୃତ୍ୱାଧୀନ ମହାୟୁତିର ଆଶାତୀତ ବିଜୟ ପରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ରହିଥିବା ଦ୍ୱନ୍ଦ୍ୱ ଦୂର ହୋଇଛି। ଭାଜପା ନେତା ଦେବେନ୍ଦ୍ର ଫଡ଼୍‌ନବିସ ଗୁରୁବାର ମହାରାଷ୍ଟ୍ରର ଅଷ୍ଟାଦଶ ମୁଖ୍ୟମନ୍ତ୍ରୀ ରୂପେ ଶପଥ ନେଇ ତୃତୀୟ ପାଳି କାର୍ଯ୍ୟକାଳ ଆରମ୍ଭ କରିବେ। ଭାଜପା ନେତୃବୃନ୍ଦଙ୍କ ନିଷ୍ପତ୍ତି ଅନୁଯାୟୀ, ବୁଧବାର ବିଧାୟକ ଦଳ ବୈଠକରେ ଫଡ଼୍‌ନବିସଙ୍କୁ ନେତା ବଛାଯାଇଛି। ଫଡ଼୍‌ନବିସ ନେତା ନିର୍ବାଚିତ ହେବା ପରେ ଶିବସେନା ମୁଖ୍ୟ ଏକନାଥ ଶିନ୍ଦେ ଏବଂ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଅଜିତ୍ ପାୱାରଙ୍କ ସହ ରାଜଭବନକୁ ଯାଇ ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନ୍‌ଙ୍କ ନିକଟରେ ସରକାର ଗଠନ ପାଇଁ ଦାବି ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ନେତାମାନଙ୍କ ଉପସ୍ଥିତିରେ ହେବାକୁ ଥିବା ଶପଥ ଗ୍ରହଣ ଉତ୍ସବ ପାଇଁ ଦକ୍ଷିଣ ମୁମ୍ବାଇର ଆଜାଦ ମଇଦାନରେ ଜୋର୍‌ଦାର ପ୍ରସ୍ତୁତି ଚାଲିଛି। ପ୍ରାୟ ୨,୦୦୦ ହାଇପ୍ରୋଫାଇଲ୍ ଅତିଥିଙ୍କ ଉପସ୍ଥିତି ଏବଂ ବିପୁଳ ସମାଗମକୁ ଦୃଷ୍ଟିରେ ରଖି ଶପଥଗ୍ରହଣ ସ୍ଥଳରେ ୪,୦୦୦ରୁ ଊର୍ଦ୍ଧ୍ୱ ପୋଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଛି।

୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭାର ୨୩୦ ଆସନ ଦଖଲ କରିବାରେ ମହାୟୁତି ସକ୍ଷମ ହୋଇଛି। ଏଥିରୁ ଭାଜପାକୁ ☞ପୃଷ୍ଠା-୨

> ଆମ ଦାୟିତ୍ୱ ଆହୁରି ବଢ଼ିଯାଇଛି। ଆମକୁ ଅଧିକ କଠିନ ପରିଶ୍ରମ କରିବାକୁ ପଡ଼ିବ। ଆଗକୁ ସମ୍ମୁଖରେ ଅନେକ ସଂଘର୍ଷ ରହିଛି। ସବୁଠୁ ବଡ଼ ଆହ୍ୱାନ ହେଲା ଲୋକଙ୍କ ଆଶା ଆକାଂକ୍ଷା ପୂରଣ କରିବା। ଏଥିପାଇଁ ସହଯୋଗୀଙ୍କୁ ଧରି କାର୍ଯ୍ୟ କରିବାକୁ ପଡ଼ିବ।
> **-ଦେବେନ୍ଦ୍ର ଫଡ଼୍‌ନବିସ, ଭାଜପା ବିଧାୟକ ଦଳ ନେତା**



> ଅଢ଼େଇ ବର୍ଷ ପୂର୍ବେ ଦେବେନ୍ଦ୍ର ଫଡ଼୍‌ନବିସ ମୁଖ୍ୟମନ୍ତ୍ରୀ ଭାବେ ମୋ ନାମ ସୁପାରିସ କରିଥିଲେ। ଏଥର ଆମେ ତାଙ୍କୁ ମୁଖ୍ୟମନ୍ତ୍ରୀ କରାଇବା ପାଇଁ ସୁପାରିସ କରିଛୁ।
> **- ଏକନାଥ ଶିନ୍ଦେ, ଶିବସେନା ମୁଖ୍ୟ**



# ନିଆଁରେ ପୋଡ଼ି ମା’, ଶିଶୁକନ୍ୟା ମୃତ

ମଙ୍ଗୁଳି-ଜଗତପୁର,୪।୧୨(ମାନସ ସାମଲ)

## ହତ୍ୟା ମାମଲା ରୁଜୁ

ନିଆଁରେ ପୋଡି ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣେ ମହିଳା ଓ ତାଙ୍କର ୨ ମାସର ଶିଶୁକନ୍ୟାଙ୍କ ବୁଧବାର ମୃତ୍ୟୁ ଘଟିଛି। ସେ ହେଲେ କଟକ ଜିଲା ଜଗତପୁର ଥାନା ପାଗା ଫାଣ୍ଡି ଅଧୀନ ମଧ୍ୟକଚ୍ଛ ପଞ୍ଚାୟତ ଆତୋଡ଼ା ଗ୍ରାମ ଲେଙ୍କା ସାହିର ସୁଚିସ୍ମିତା ଲେଙ୍କା ଓ ତାଙ୍କର ଶିଶୁକନ୍ୟା ସ୍ମୃତିରେଖା। ସୁଚିସ୍ମିତାଙ୍କୁ ସ୍ୱାମୀ ଶୁଭରଞ୍ଜନ ଲେଙ୍କା ଓ ଶାଶୁ ନମିତା ଲେଙ୍କା ଯୋଜନାବଦ୍ଧ ଭାବେ ହତ୍ୟା କରିଛନ୍ତି ବୋଲି ତାଙ୍କ ମା’ ରଶ୍ମିତା ମହାନ୍ତି ଫାଣ୍ଡିରେ ଅଭିଯୋଗ କରିଛନ୍ତି। ☞ପୃଷ୍ଠା-୨




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଠାକୁର ଶ୍ରୀଶ୍ରୀ ଅଭିରାମ ପରମହଂସ ଦେବଙ୍କ ମନ୍ଦିର ଏବଂ ଶ୍ରୀ ବିଗ୍ରହ ପ୍ରତିଷ୍ଠା ଉତ୍ସବର କଳସ ଯାତ୍ରା, ସ୍ଥାନ: ଶାନ୍ତି ଆନନ୍ଦାଶ୍ରମ ଶାଖା- ରସୁଲଗଡ଼, ସମୟ: ସକାଳ ୭ଟା ୪୫।
- ବିଜେଇଏମ୍ ସ୍କୁଲର ୫୦ତମ ବାର୍ଷିକ ଆଥଲେଟିକ୍ ମିଟ୍‌ର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ବିଜେଇଏମ୍ ସ୍କୁଲ ପରିସର, ସମୟ: ସକାଳ ୮ଟା ୩୦।
- ଆଳୁ, ପିଆଜ ଦର ବୃଦ୍ଧି ବିରୋଧରେ ସିପିଆଇ ଓ ବିକେଏମ୍‌ୟୁ ପକ୍ଷରୁ ରାସ୍ତାରୋକେ, ସ୍ଥାନ: ରାଜମହଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା କଳା ଓ କ୍ରୀଡ଼ା ଶିକ୍ଷକ ମହାସଂଘ ପକ୍ଷରୁ ରାଲି ଓ ଧାରଣା, ସ୍ଥାନ: ରେଳ ଷ୍ଟେଶନରୁ ରାଲି, ଲୋୟର ପିଏମ୍‌ଜିରେ ଧାରଣା, ସମୟ: ପୂର୍ବାହ୍ନ ୧୧ଟା।
- ୟୁଆଇଏସ୍ କ୍ୟାନ୍ସର ଫାଉଣ୍ଡେଶନର ଚାରିଟି କଲ୍‌ଚରାଲ ନାଇଟ୍, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା।
- ଖୋର୍ଦ୍ଧା ଜିଲା ଦୌରାଜଜ୍‌ଙ୍କ ନୂତନ କୋଠା ଉଦ୍‌ଘାଟନ, ସ୍ଥାନ: ବିଜେବି କଲେଜ ସମ୍ମୁଖ, ସମୟ: ଅପରାହ୍ନ ୫ଟା ୩୦।
- ଜାତୀୟ ନାଟକ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ମା' ବାନାମ୍ବରୀ ଓ ମା' ହିଙ୍ଗୁଳାଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଏବଂ ବିଗ୍ରହ ସ୍ଥାପନ ପାଇଁ କଳସ ଯାତ୍ରା, ସ୍ଥାନ: ମାନପୁର ଗାଁ, ସମୟ: ସକାଳ ୭ ଟା।
- ରାଷ୍ଟ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ତିନିଦିନିଆ ତୃତୀୟ ଇଣ୍ଡିଆନ୍ ରାଇସ୍ କଂଗ୍ରେସ-୨୦୨୪ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ପ୍ରତିଷ୍ଠାନ ପରିସର, ସମୟ: ସକାଳ ୯ଟା ୩୦।
- ଜିଲା ପ୍ରଶାସନ ପକ୍ଷରୁ ବିଶ୍ୱ ମୃତ୍ତିକା ଦିବସ ପାଳନ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉତ୍କଳ କଳା ପରିଷଦ ପକ୍ଷରୁ ସୋମା ଦାସଙ୍କ ୨ଟି ଗଳ୍ପ ପୁସ୍ତକର ଉନ୍ମୋଚନ, ସ୍ଥାନ: କଟକ ସାରଳା ଭବନ, ସମୟ: ଅପରାହ୍ନ ୫ଟା ୩୦।

## ପୁରୀ

- ୪ର୍ଥ ଟୁବୁଲି ମେମୋରିଆଲ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲ ମ୍ୟାଚ୍, ସ୍ଥାନ: ବାରବାଟି ମିନି ଷ୍ଟାଡିୟମ, ନିମାପଡ଼ା, ସମୟ: ସକାଳ ୯ଟା।
- ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ, ସ୍ଥାନ: ଚନ୍ଦ୍ରଭାଗା ବେଳାଭୂମି, କୋଣାର୍କ, ସମୟ: ପୂର୍ବାହ୍ନ ୧୦ଟା।
- ୩୫ତମ କୋଣାର୍କ ମହୋତ୍ସବ, ସ୍ଥାନ: ମୁକ୍ତାକାଶ ରଙ୍ଗମଞ୍ଚ, କୋଣାର୍କ, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା

- ହିନ୍ଦୁ ସୁରକ୍ଷା ମଞ୍ଚର ଶୋଭାଯାତ୍ରା, ସ୍ଥାନ: ଗୀତାଭବନ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ସମ୍ମିଳନୀ, ସ୍ଥାନ: ଓଷ୍ଟା ଜିଲା କାର୍ଯ୍ୟାଳୟ, ପଲ୍ଲା, ସମୟ: ପୂର୍ବାହ୍ନ ୧୧ଟା।
- ମୂର୍ଚ୍ଛନା କାର୍ଯ୍ୟକ୍ରମ, ସ୍ଥାନ: ଗୀତାଭବନ, ଖୋର୍ଦ୍ଧା, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ପୂର୍ବ ଭାରତୀୟ ଆନ୍ତଃ-ବିଶ୍ୱବିଦ୍ୟାଳୟ ପୁରୁଷ ଖୋ-ଖୋ ଟୁର୍ନାମେଣ୍ଟ ତୃତୀୟ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ସକାଳ ୯ଟା।
- ବିଶ୍ୱ ମୃତ୍ତିକା ଦିବସ, ସ୍ଥାନ: ସଦ୍‌ଭାବନା ଗୃହ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- 'ଫିଟ୍ ଇଣ୍ଡିଆ ସପ୍ତାହ'ର ଚତୁର୍ଥ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ି କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ବାଲେଶ୍ୱର ଲୋକ ମହୋତ୍ସବ-୨୦୨୪ର ସପ୍ତମ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ବାଲେଶ୍ୱର ଉତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ପୁରୁଣା ଷ୍ଟାଡ଼ିୟମ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

## ଭଦ୍ରକ

- ବନ୍ୟପ୍ରାଣୀ ସଂରକ୍ଷଣ କର୍ମଶାଳା ଉଦ୍‌ଯାପନୀ, ସ୍ଥାନ: କଲେଜ ପରିସର, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ ଟା।
- ବିଶ୍ୱ ମୃତ୍ତିକା ସଂରକ୍ଷଣ ଦିବସ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ ଟା ୩୦।

## କେନ୍ଦୁଝର

- ସତ୍ୟସାଇଙ୍କ ଅଖଣ୍ଡ ଜ୍ୟୋତି ପରିକ୍ରମା, ଆଧାତ୍ମିକ ସମ୍ମିଳନୀ, ଭଜନ ସମାରୋହ, ସ୍ଥାନ: ଡ଼ଅଁର, ହାଟଡିହୀ, ସମୟ :ଅପରାହ୍ନ ୫ ଟା।
- ସତ୍ୟ ନାରାୟଣଙ୍କ ପାଲା ଉତ୍ସବ, ସ୍ଥାନ:ଯାମିନୀପୁର, ହାଟଡିହୀ, ସମୟ:ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ

- ଫୁଟବଲ ପ୍ରତିଯୋଗିତା, ସ୍ଥାନ: ବାରିପଦା ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ କ୍ରିକେଟ ପ୍ରତିଯୋଗିତା, ସ୍ଥାନ:ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମ, ତକତପୁର, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ମୟୂରଭଞ୍ଜ ମହୋତ୍ସବ, ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ:ଅପରାହ୍ନ ୫ଟାରୁ ରାତି ୧୦ଟା।
- ମଙ୍ଗଳ ହାଁସଦାଙ୍କ ଆଦିବାସୀ ସଙ୍ଗୀତ ପରିବେଷଣ, ସ୍ଥାନ: ମୟୂରଭଞ୍ଜ ମହୋତ୍ସବ ଛଉ ପଡ଼ିଆ,ବାରିପଦା,ସମୟ:ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ବିଶାଳ ହିନ୍ଦୁ ସମାବେଶ , ସ୍ଥାନ:ରାମଲିଙ୍ଗମ୍ ଟ୍ୟାଙ୍କ ରୋଡ, ସମୟ: ପୂର୍ବାହ୍ନ ୧୦ଟା।

## ଗଞ୍ଜାମ

- ମହାଲକ୍ଷ୍ମୀ ପୂଜା ଉତ୍ସବ, ସ୍ଥାନ :ଓଡ଼ିଆ ସାହି, ବଜାର ସାହି, ହାଟପଦା, ଲକ୍ଷ୍ମୀ ବଜାର, ନୂଆଗାଁ ଓ କାଳକଣ୍ଠପୁର, ଆସିକା, ସମୟ:ସକାଳ ୮ଟା।

## ଜଗତ୍‌ସିଂହପୁର

- ଭାରତୀୟ ଭାଷା ଉତ୍କଳ ଦିବସ ଅବସରରେ ଛାତ୍ରୀଛାତ୍ରଙ୍କୁ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ, ମଧୁବନ, ପାରାଦୀପ, ସମୟ: ସକାଳ ୯ ଟା।

## କେନ୍ଦ୍ରାପଡ଼ା

- ବିଶ୍ୱ ମୃର୍ତ୍ତିକା ଦିବସ ଉପଲକ୍ଷେ ଇଫ୍‌କୋ ପକ୍ଷରୁ ସଚେତନତା କର୍ମଶାଳା, ସ୍ଥାନ: ପ୍ରଧାନ ପାଟିକିରି, ବଡବେତରା, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଜିଲାସ୍ତରୀୟ ଷ୍ଟଡି କମ୍ ଟ୍ରେନିଂ କ୍ୟାମ୍ପ, ସ୍ଥାନ : କଲ୍ୟାଣପୁର ଶ୍ରୀବନ୍ତ ହାଇସ୍କୁଲ, ସମୟ : ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ,ସ୍ଥାନ : ଯାଜପୁର ଏଫ୍‌ଆଇଏସି ସମ୍ମିଳନୀ ଗୃହ, ସମୟ : ପୂର୍ବାହ୍ନ ୧୧ଟା।
- ୩୫ତମ ଜାତୀୟ ବାଣିଜ୍ୟ ମେଳା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ଯାଜପୁର ରୋଡ଼ ଗୋଶାଳା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ରାୟଗଡ଼ା

- ଚଇତି ପ୍ରଚାର ପ୍ରସାର କମିଟି ବୈଠକ, ସ୍ଥାନ: ଗୁଣପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୫ଟା।

## ନବରଙ୍ଗପୁର

- ଜିଲାସ୍ତରୀୟ ମୃତ୍ତିକା ଦିବସ, ସ୍ଥାନ: ମିଶନ ଶକ୍ତି ସମ୍ମିଳନୀ କକ୍ଷ, ସମୟ:ପୂର୍ବାହ୍ନ ୧୦ଟା।

## କୋରାପୁଟ

- ବିଶ୍ୱ ମୃତ୍ତିକା ଦିବସ, ସ୍ଥାନ: ଦଶମନ୍ତପୁର ଆଗ୍ରଗାମୀ ଅନୁଷ୍ଠାନ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହାୱା ମଇଦାନ, ସମୟ : ସକାଳ ୬ଟା।
- ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୧ଟା।
- ସାମୂହିକ ଲକ୍ଷ୍ମୀପୂଜା, ସ୍ଥାନ : ଝାଙ୍କରବାହାଲି ଗ୍ରାମ, ସମୟ : ପୂର୍ବାହ୍ନ ୧୧ଟା।
- ପଶ୍ଚିମ ଓଡ଼ିଶା ବିୟୁଟି ଏକ୍ସପୋ ଆଣ୍ଡ ଫେସନ ଶୋ ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ଅପରାହ୍ନ ୧ଟା।
- ଶୀତ ମହୋତ୍ସବରେ ପୁରାତନ ଓଡ଼ିଆ ଏବଂ ସମ୍ବଲପୁରୀ ସଙ୍ଗୀତ କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ : ଅପରାହ୍ନ ୫ଟା।

## ବଲାଙ୍ଗୀର

- ଜିଲାସ୍ତରୀୟ ବିଶ୍ୱ ମୃର୍ତ୍ତିକା ସଂରକ୍ଷଣ ଦିବସ ପାଳନ, ସ୍ଥାନ: କୃଷି ତାଲିମ ଗୃହ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର

- ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳନ, ସ୍ଥାନ: ସୁବର୍ଣ୍ଣପୁର ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼

- ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ବାଳିକା ହାଇସ୍କୁଲ, ବରଗଡ଼, ସମୟ: ସକାଳ ୯ଟା ୩୦।
- ଅଦଳବଦଳ ଜଳସେଚନ ପଦ୍ଧତିରେ ଧାନଚାଷ ପ୍ରଶିକ୍ଷଣ, ସ୍ଥାନ: ଭି.ଡି ପେଲେସ୍, ଭଟଲି ଛକ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।

## ଝାରସୁଗୁଡ଼ା

- ଷୋହଳ ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ବଡ଼ମାଳ, ସମୟ: ପୂର୍ବାହ୍ନ ୧୦ଟା।
- ଏକ ଦିବାସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ପୋଢ଼ଟିକ୍ରା, ସମୟ: ପୂର୍ବାହ୍ନ: ୧୦ଟା।
- ପରଖ ପରୀକ୍ଷା, ସ୍ଥାନ: ପଣ୍ଡ୍ରି ଉଚ୍ଚ ବିଦ୍ୟାଳୟ, ସମୟ: ୧୧ଟା।

## ରାଉରକେଲା

- ନୀଳଶୈଳ କଲେଜ ପକ୍ଷରୁ ବାର୍ଷିକ କ୍ରୀଡ଼ାର ଦ୍ୱିତୀୟ ଦିବସ, ସ୍ଥାନ: ଜଗଦା, ସମୟ: ସକାଳ ୮ଟା ୩୦।
- ନାଟ୍ୟମହୋତ୍ସବର ଚତୁର୍ଥ ଦିବସ, ସ୍ଥାନ: ସିଭିକସେଣ୍ଟର, ସମୟ: ସନ୍ଧ୍ୟା ୬ଟା୩୦।

## ଦେବଗଡ଼

- ଶ୍ରୀମଦ ଭାଗବତ ସପ୍ତାହ ପାରାୟଣ, ସ୍ଥାନ: ଶ୍ରୀ ଗୋପାଳଜୀ ମନ୍ଦିର ପରିସର, ସମୟ: ସକାଳ ୮ରୁ ଆରମ୍ଭ।
- ଆଇସିଏଆର୍ ପକ୍ଷରୁ କେଭିକେ ପ୍ରତି ଅନ୍ୟାୟ ବିରୋଧରେ ପ୍ରତିବାଦ, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ପାଳନ, ସ୍ଥାନ: ନୂଆ ବାଲିରୋଇସ୍ଥିତ ମୁଖ୍ୟ ଜିଲା କୃଷି କାର୍ଯ୍ୟାଳୟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ମୃତ୍ତିକା ଦିବସ ପାଳନ, ସ୍ଥାନ: ପିଏମ୍ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ସୁନାମୁଣ୍ଡା, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ ଖିରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## କଳାହାଣ୍ଡି

- ଟାଟା ପାୱାର୍‌ର ପେ ଆଣ୍ଡ ଉଇନ କାର୍ଯ୍ୟକ୍ରମ, ସ୍ଥାନ: ଜୁନାଗଡ଼ ସବ୍‌ଡିଭିଜନ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ, ସ୍ଥାନ: ଭବାନୀପାଟଣା କୃଷି ବିଜ୍ଞାନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ବିରାଟ ଧନୁଯାତ୍ରା ମହୋତ୍ସବର ସପ୍ତମ ରଜନୀ, ସ୍ଥାନ: କୋମନା ବ୍ଲକ ଲଖନା ଧନୁଯାତ୍ରା ପଡିଆ, ସମୟ: ରାତ୍ର ୮ଟା।
- ମାଣବସା ଲକ୍ଷ୍ମୀପୂଜା ଉପଲକ୍ଷେ ମହିଳା ସମିତି ପକ୍ଷରୁ କୀର୍ତ୍ତନ ଧାରା, ସ୍ଥାନ: କୋମନା ବ୍ଲକ ତରବୋଡ଼ ଗାଁ କଲୋନିପଡା ଯଜ୍ଞ ମଣ୍ଡପ ସମ୍ମୁଖ, ସମୟ: ରାତ୍ର ୮ଟା।

## ବୌଦ୍ଧ

- ଜିଲାସ୍ତରୀୟ ବିଶ୍ୱ ମୃର୍ତ୍ତିକା ଦିବସ ପାଳନ, ସ୍ଥାନ: ଆମ୍ରା ସଭାଗୃହ ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ତୃତୀୟ ଦିନ, ସ୍ଥାନ: କଚେରି ଖେଳପଡିଆ,ବୌଦ୍ଧ, ସମୟ: ଅପରାହ୍ନ ୫ଟା।
- ବୌଦ୍ଧ ପୁସ୍ତକ ମେଳାର ତୃତୀୟ ଦିବସ, ସ୍ଥାନ: କଚେରି ଖେଳପଡିଆ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

# ସୁଭଦ୍ରା: ୨୫ରେ ମିଳିବ ପ୍ରଥମ କିସ୍ତି ଚତୁର୍ଥ ପର୍ଯ୍ୟାୟ ଟଙ୍କା

ଭୁବନେଶ୍ୱର,୪।୧୨(ଅନିଲ ଦାସ)

ରାଜ୍ୟର ମହିଳାମାନଙ୍କୁ ଆର୍ଥିକ ସଶକ୍ତୀକରଣ ଉଦ୍ଦେଶ୍ୟରେ କାର୍ଯ୍ୟକାରୀ ହୋଇଥିବା 'ସୁଭଦ୍ରା' ଯୋଜନାର ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଅର୍ଥରାଶି ଡିସେମ୍ବର୨୫ ତାରିଖରେ ପ୍ରଦାନ କରାଯିବ। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଏ ନେଇ ସୂଚନା ଦିଆଯାଇଛି। ତୃତୀୟ ପର୍ଯ୍ୟାୟ ସୁଦ୍ଧା ରାଜ୍ୟର ମୋଟ ୮୦ ଲକ୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ୫ ହଜାର ଟଙ୍କା ଲେଖାଏ ପ୍ରଥମ କିସ୍ତି ଅର୍ଥ ପ୍ରଦାନ କରାଯାଇ ସାରିଥିବା ବେଳେ ଆଗାମୀ ଡିସେମ୍ବର୨୫ ତାରିଖରେ ହିତାଧିକାରୀଙ୍କୁ ଚତୁର୍ଥ ପର୍ଯ୍ୟାୟ ଅର୍ଥ ପ୍ରେରଣ କରାଯିବାକୁ ପ୍ରସ୍ତୁତି ଜାରିରହିଛି। ଏଥିପାଇଁ ନୂଆ ଆବେଦନକାରୀଙ୍କ ସମେତ ଅଦ୍ୟାବଧି ସହାୟତା ପାଇପାରି ନ ଥିବା ଦରଖାସ୍ତକାରୀଙ୍କ ଆବେଦନ ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଡିସେମ୍ବର ୧ ସୁଦ୍ଧା ସୁଭଦ୍ରାରେ ମୋଟ ୧କୋଟି ୫ଲକ୍ଷ ୩୬ହଜାର ୬୧୨ ଆବେଦନ ଗ୍ରହଣ ହୋଇଛି। ବୈଠକରେ ସୁଭଦ୍ରା ଆବେଦନ ଯାଞ୍ଚ ପାଇଁ ଗଠିତ କ୍ଷେତ୍ରସ୍ତରୀୟ ଟିମ୍‌ମାନଙ୍କର କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ସମସ୍ତ ଜିଲାପାଳ ଓ ମହାନଗର ନିଗମର ଆୟୁକ୍ତମାନଙ୍କୁ ଏହି ଟିମ୍‌ରେ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ନିଜେ ଅନୁଧ୍ୟାନ କରିବା ସହିତ ଦୈନିକ ଏହାର ଅଗ୍ରଗତି ତଦାରଖ କରିବାକୁ ବୈଠକରେ ପରାମର୍ଶ ଦିଆଯାଇଛି। ଡିସେମ୍ବର ୬ ତାରିଖ ସୁଦ୍ଧା ଯୋଗ୍ୟ ହିତାଧିକାରୀ ଓ ଅଯୋଗ୍ୟ ତାଲିକା ବ୍ଲକ, ସହରାଞ୍ଚଳ ବା ମହାନଗର ନିଗମ ସ୍ତରରେ ପ୍ରକାଶ କରାଯିବ। ଏହା ପରେ ଆଉ ୭ଦିନ ପର୍ଯ୍ୟନ୍ତ ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ। ପୂର୍ବରୁ ଆବେଦନ କରିଥିବା ଯୋଗ୍ୟ ହିତାଧିକାରୀଙ୍କୁ କେଉଁ କାରଣ ଯୋଗୁ ସେମାନଙ୍କରଅର୍ଥଅନ୍‌ଲାଇନଯୋଗେପ୍ରେରଣ ହୋଇ ପାରିନାହିଁ, ସେ ସମ୍ପର୍କରେ ଅନୁଧ୍ୟାନ କରାଯାଉଛି। ହିତାଧିକାରୀଙ୍କୁ ସିଧାସଳଖ ଅର୍ଥ ପ୍ରେରଣରେ ରହୁଥିବା ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ଅଙ୍ଗନୱାଡି କର୍ମଚାରୀ ଓ ବ୍ୟାଙ୍କମିତ୍ର ଆଦି କ୍ଷେତ୍ରସ୍ତରୀୟ ଯାଞ୍ଚ ଟିମ୍‌ର କର୍ମକର୍ତ୍ତାମାନଙ୍କୁ ସଚେତନତାଭିତ୍ତିକ କାର୍ଯ୍ୟକ୍ରମ ବଢ଼ାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ଜିଲାରେ କାର୍ଯ୍ୟକାରୀ ହେଉଥିବା ସହାୟକ କେନ୍ଦ୍ରର ପରିଚାଳନା ପାଇଁ କର୍ମଚାରୀ ନିୟୋଜନକୁ ନିଶ୍ଚିତ କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ମନ୍ଦିରକୁ ଓମ୍‌ଫେଡ୍ ଯୋଗାଉଛି ୬୦ ଟନ୍ ଘିଅ

ଭୁବନେଶ୍ୱର,୪।୧୨(ଅନିଲ ଦାସ)

ଶ୍ରୀମନ୍ଦିର ସମେତ ରାଜ୍ୟର ବିଭିନ୍ନ ମନ୍ଦିରକୁ ଓମ୍‌ଫେଡ୍ ବର୍ଷକୁ ୬୦ ଟନ୍ ଘିଅ ଯୋଗାଣ କରୁଛି। ଏହାମଧ୍ୟରେ ଛତିଶଗଡ଼ର ଚନ୍ଦ୍ରହାସିନୀ ମନ୍ଦିର ଥିବା ରାଜ୍ୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସୂଚନା ଦେଇଛନ୍ତି। ଓମ୍‌ଫେଡ୍‌ର ଦୁଗ୍ଧ ସଂଗ୍ରହ ଓ ଘିଅ ଉତ୍ପାଦନ ସଂକ୍ରାନ୍ତରେ ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ଓମ୍‌ଫେଡ୍ ବାର୍ଷିକ ୫ଲକ୍ଷ ୪୦ହଜାର କିଲୋ ଦୁଗ୍ଧ ସଂଗ୍ରହ କରୁଥିବା ବେଳେ ସେଥିରୁ ବାର୍ଷିକ ୧୩୦୪.୧୬ ଟନ୍ ଘିଅ ପ୍ରସ୍ତୁତ କରୁଛି। ବର୍ତ୍ତମାନ ବଜାରରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସ୍ୱୀକୃତିପ୍ରାପ୍ତ ବିତରକମାନଙ୍କ ମଧ୍ୟରେ ମୋଟ ୧୨୫୮.୫୩ ଟନ୍ ଘିଅ ବିକ୍ରି କରୁଛି। ବିକ୍ରି ହେଉଥିବା ଏହି ଘିଅ ମଧ୍ୟରୁ ୬୦ଟନ୍ ଘିଅ ବିଭିନ୍ନ ଦେବାଳୟକୁ ଯାଉଛି। ଦେବାଳୟ ମଧ୍ୟକୁ ଯାଉଥିବା ଘିଅ ମଧ୍ୟରୁ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରକୁ ୩୦ଟନ୍ ଘିଅ ଯାଉଥିବାବେଳେ ଛତିଶଗଡର ଚନ୍ଦ୍ରହାସିନୀ ମନ୍ଦିରକୁ୩ଟନ ଘିଅ ଯୋଗାଇ ଦିଆଯାଉଛି। ଅନ୍ୟ ମଧ୍ୟରେ ବଲାଙ୍ଗିରରନୃସିଂହନାଥ ମନ୍ଦିରକୁ ୦.୭ ଟନ, ବରଗଡର କାଳୀ ମନ୍ଦିରକୁ ୧.୮ଟନ,କେନ୍ଦ୍ରାପଡାର ବଳଦେବଜୀଉ ମନ୍ଦିରକୁ ୦.୧୨ ଟନ, ଜଗସିଂହପୁରରଶାରଳା ମନ୍ଦିରକୁ ୦.୩ ଟନ, ବ୍ରହ୍ମପୁରର ମା' ବାଳକୁମାରୀ ମନ୍ଦିରକୁ୦.୦୫ ଟନ, କେନ୍ଦୁଝରର ତାରିଣୀ ମନ୍ଦିରକୁ ୦.୦୮ ଟନ, ବାରିପଦାରଜଗନ୍ନାଥ ମନ୍ଦିରକୁ ୦.୧୧ ଟନ, ବାଲେଶ୍ୱରର ଝାଡେଶ୍ୱର ମନ୍ଦିରକୁ୦.୦୫ ଟନ, କ୍ଷୀରଚୋରା ଗୋପୀନାଥ ମନ୍ଦିରକୁ ୦.୦୬ ଟନ ଘିଅଯୋଗାଣ ହେଉଥିବାବେଳେ ଅନ୍ୟାନ୍ୟ ଛୋଟ ଛୋଟ ମନ୍ଦିରକୁ ୨୩.୭ ଟନ ଘିଅ ଓମଫେଡ ଯୋଗାଇ ଦେଉଛନ୍ତି।

ପ୍ରଥମ ପୃଷ୍ଠାରୁ...

## ୨୦୧୯ରୁ ବଢ଼ିନି...

ଓଡ଼ିଶାକୁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ଚାଷୀଙ୍କ ଆୟ ଦ୍ୱିଗୁଣା ବୃଦ୍ଧି କରିବାକୁ ତତ୍କାଳୀନ ବିଜେଡି ସରକାର କାଳିଆ, ବଳିଆ ଭଳି ଅନେକ ଯୋଜନା ଘୋଷଣା କରିଥିଲେ। କୃଷି ଯନ୍ତ୍ରପାତି କ୍ରୟରେ ସବ୍‌ସିଡି ଦେବାଠାରୁ ଆରମ୍ଭ କରି ଉନ୍ନ ମାନର ବିହନ, ସାର, କୀଟନାଶକ ଯୋଗାଇ ଦେଇଥିବା ବିଭିନ୍ନ ସମୟରେ ବିଧାନସଭାରେ ସୂଚନା ଦେଇଥିଲେ। ରାଜ୍ୟ ସରକାର ଚାଷ ପାଇଁ କେନ୍ଦ୍ର ସରକାରଙ୍କ ନିକଟରୁ ୪ ଥର କୃଷି କର୍ମଣ ପୁରସ୍କାର ପାଇଛନ୍ତି। ମାତ୍ର ବିଡ଼ମ୍ବନା ଯେ ସରକାର ଏତେ ସବୁ ଘୋଷଣା କରିବା ପରେ ମଧ୍ୟ ରାଜ୍ୟର କୃଷକଙ୍କ ଆୟ ବଢ଼ିପାରିଲା ନାହିଁ।

## ୫ ବର୍ଷରେ...

ହୋଇଥିବା ନିତ୍ୟାନନ୍ଦ କହିଛନ୍ତି। ଖାସ୍‌କରି ସ୍ତ୍ରୀ କିମ୍ବା ପରିବାରର କୌଣସି ସଦସ୍ୟଙ୍କ ମୃତ୍ୟୁ, ଛାଡ଼ପତ୍ର, ଆର୍ଥିକ ସମସ୍ୟା, ପିଲାମାନଙ୍କ ପାଇଁ ପର୍ଯ୍ୟାପ୍ତ ଶିକ୍ଷା ସୁଯୋଗର ଅଭାବ ଆଦି କାରଣ ଯୋଗୁ ଯବାନମାନେ ଆତ୍ମହତ୍ୟା କରୁଛନ୍ତି। ଅର୍ଦ୍ଧସାମରିକ ବଳର ଯବାନମାନଙ୍କ ଆତ୍ମହତ୍ୟା ବୃଦ୍ଧିର କାରଣକୁ ଅଧ୍ୟୟନ କରୁଥିବା ଟାସ୍କଫୋର୍ସ ନିଜ ରିପୋର୍ଟରେ ଏହି ତଥ୍ୟ ଉଲ୍ଲେଖ କରିଛି। ତେବେ ଆତ୍ମହତ୍ୟା କରିଥିବା ଯବାନଙ୍କ ମଧ୍ୟରୁ ୮୦% ଘରୁ ଛୁଟି ସାରି କାର୍ଯ୍ୟକୁ ଫେରିବା ପରେ ଚରମ ପଦକ୍ଷେପ ନେଇଥିବା ଏହି ରିପୋର୍ଟ କହିଛି। ତେବେ ଅର୍ଦ୍ଧସାମରିକ ବଳର ଯବାନମାନଙ୍କ ଆତ୍ମହତ୍ୟା ରୋକିବା ଦିଗରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ '୧୦୦ ଦିନ ଛୁଟି' ନୀତିକୁ କାର୍ଯ୍ୟକାରୀ କରିଛନ୍ତି। ଚଳିତ ବର୍ଷର ଅକ୍ଟୋବର ପର୍ଯ୍ୟନ୍ତ ଅର୍ଦ୍ଧ ସାମରିକ ବଳର ୬,୩୦୨ ଜଣ ଯବାନ ଏହି ନୂତନ ଛୁଟି ନୀତି ଅନ୍ତର୍ଗତ ପରିବାର ସହ ୧୦୦ ଦିନ ବିତାଇଥିବା ନେଇ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ କହିଛନ୍ତି।

## ୨୩ ମାସରେ...

୨୦୨୩ ଜାନୁଆରୀରେ ୨୭,୬୯୬ ଜଣଙ୍କୁ କୁକୁର କାମୁଡ଼ି ଥିବାବେଳେ ଫେବୃଆରୀରେ ୨୦,୭୬୩, ମାର୍ଚ୍ଚ ୨୧,୮୨୪, ଏପ୍ରିଲ ୧୯,୩୨୫, ମେ' ୧୮,୭୬୩, ଜୁନ୍ ୧୯,୯୭୦, ଜୁଲାଇ ୧୮,୬୯୪, ଅଗଷ୍ଟ ୧୭,୭୧୪, ସେପ୍ଟେମ୍ବର ୧୯,୩୨୧, ଅକ୍ଟୋବର ୨୦,୮୫୨, ନଭେମ୍ବର ୨୫,୧୩୪ ଓ ଡିସେମ୍ବରରେ ୨୯,୫୦୧ ଜଣ କୁକୁର କାମୁଡ଼ାର ଶିକାର ହୋଇଛନ୍ତି। ସେହିପରି ୨୦୨୪ ଜାନୁଆରୀରେ ୩୩,୫୪୭, ଫେବୃଆରୀରେ ୩୨,୫୬୧, ମାର୍ଚ୍ଚ ୨୯,୮୦୧, ଏପ୍ରିଲ ୨୫,୭୬୦, ମେ' ୨୩,୨୯୧, ଜୁନ୍ ୨୧,୧୨୮, ଜୁଲାଇ ୧୮,୫୨୯, ଅଗଷ୍ଟ ୧୮,୫୦୫, ସେପ୍ଟେମ୍ବର ୧୯,୦୯୧ ଓ ଅକ୍ଟୋବରରେ ୨୧,୩୫୨ ଜଣଙ୍କୁ କୁକୁର କାମୁଡ଼ିଛି। ମନ୍ତ୍ରୀ ମଲିକଙ୍କ ସୂଚନା ଅନୁଯାୟୀ, ରାଜ୍ୟରେ ଏବେ ୧୭.୩୪ ଲକ୍ଷ ବୁଲା କୁକୁର ଅଛନ୍ତି। ୨୦୨୨-୨୩ ଆର୍ଥିକ ବର୍ଷରେ ୮ଟି ସହରାଞ୍ଚଳରେ ୪,୬୦୫ କୁକୁରଙ୍କର ବନ୍ଧ୍ୟାକରଣ କରାଯାଇଥିଲା।

## ସୁଖବୀର ସିଂ...

ସୁଖବୀରଙ୍କୁ ଟାର୍ଗେଟ କରାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଅନୈତିକ। ସେହିପରି ସୁଖବୀରଙ୍କ ସହ ଧର୍ମୀୟ ଦଣ୍ଡ ଭୋଗୁଥିବା ବରିଷ୍ଠ ଏସ୍‌ଏଡି ନେତା ଦଲଜିତ୍ ସିଂ ଚୀମା ଘଟଣାକୁ ନିନ୍ଦା କରିବା ସହ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍‌ଙ୍କ ଇସ୍ତଫା ଦାବି କରିଛନ୍ତି। ମାନ୍ କହିଛନ୍ତି, ରାଜ୍ୟ ପୋଲିସର ତତ୍ପରତା ଯୋଗୁ ପଞ୍ଜାବ ଓ ପଞ୍ଜାବୀମାନଙ୍କୁ ବଦନାମ କରିବା ପାଇଁ ଚାଲିଥିବା ଷଡ଼ଯନ୍ତ୍ର ପଣ୍ଡ ହୋଇଯାଇଛି। ପୋଲିସର ତତ୍ପରତା ପ୍ରଶଂସନୀୟ। ସୁଖବୀରଙ୍କ ଉପରେ ହୋଇଥିବା ଆକ୍ରମଣକୁ ମୁଖ୍ୟମନ୍ତ୍ରୀ ନିନ୍ଦା କରିବା ସହ ତୁରନ୍ତ ଘଟଣାର ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ସେ ନିର୍ଦ୍ଦେଶ ଦେଇଥିବା ବିଷୟ ଏକ୍ସ'ରେ ପୋଷ୍ଟ କରିଛନ୍ତି। ଅନ୍ୟପକ୍ଷେ ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଯାଇଥିବା ଦର୍ଶାଇ ବିରୋଧୀ ମାନ୍‌ଙ୍କ ଇସ୍ତଫା ଦାବି କରିଛନ୍ତି। ରାଜ୍ୟ କଂଗ୍ରେସ ସଭାପତି ଅମରିନ୍ଦର ସିଂ ରାଜା, କେନ୍ଦ୍ରମନ୍ତ୍ରୀ ରବନୀତ ସିଂ ବିଟ୍ଟୁ ମଧ୍ୟ ଏହାର ଦୃଢ଼ ନିନ୍ଦା କରିଛନ୍ତି। ଅମୃତସର ପୋଲିସ କମିଶନର ଗୁରପ୍ରୀତ୍ ସିଂ ଭୁଲ୍ଲାର କହିଛନ୍ତି, ସତର୍କ ପୋଲିସ ଅଧିକାରୀ ରିଶପାଲ ସିଂ ଜଶବୀର ଏବଂ ପରମିନ୍ଦର ସିଂଙ୍କ ତତ୍ପରତା ଯୋଗୁ ହତ୍ୟା ଉଦ୍ୟମ ପଣ୍ଡ ହୋଇଯାଇଛି। ନାରେନ ସିଂଙ୍କ ଆପରାଧିକ ରେକର୍ଡ ରହିଛି।

ପ୍ରକାଶ ଯେ, ଏହା ପୂର୍ବରୁ ସୁଖବୀର ଅକାଲ ତଖ୍ତ ସମ୍ମୁଖରେ ନିଜ ଦୋଷ ସ୍ୱୀକାର କରିଥିଲେ। ଏହି ଭୁଲ୍‌ଗୁଡ଼ିକ ମଧ୍ୟରେ ଥିଲା ୨୦୦୭-୧୭ରେ ଏସ୍‌ଏଡି ଶାସନ ବେଳେ ଡେରା ସଚ୍ଚା ସୌଦା ମୁଖ୍ୟ ଗୁରମିତ ରାମ ରହିମ ସିଂଙ୍କୁ ଏକ ଈଶ୍ୱରନିନ୍ଦା ମାମଲାରେ କ୍ଷମା ପ୍ରଦାନ କରିବା। ଅକାଲ ତଖ୍ତ ସୁଖବୀରଙ୍କୁ 'ତନଖାଇୟା' (ଧର୍ମୀୟ ଦୁରାଚାର ପାଇଁ ଦୋଷୀ) ସାବ୍ୟସ୍ତ କରିବାର ପ୍ରାୟ ୩ ମାସ ପରେ ଏହି ଦଣ୍ଡବିଧାନ କରିଥିଲା।

## ଆଜି ମୁଖ୍ୟମନ୍ତ୍ରୀ...

୧୩୨ ଆସନରେ ସଫଳତା ମିଳିଥିବାବେଳେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ୧୧ ଦିନ ଧରି ଶାସକ ମେଣ୍ଟରେ ଟଣାଓଟରା ଲାଗି ରହିଥିଲା। ଶେଷରେ ଫଡ୍‌ନବିସ ମୁଖ୍ୟମନ୍ତ୍ରୀ ହେବା ସ୍ପଷ୍ଟ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ସହ ୨ ଜଣ ଉପମୁଖ୍ୟମନ୍ତ୍ରୀ ମଧ୍ୟ ଶପଥ ନେବାକୁ ଯାଉଛନ୍ତି। ଜଣେ ଅଜିତ୍ ହୋଇଥିବାବେଳେ ଅନ୍ୟ ଉପମୁଖ୍ୟମନ୍ତ୍ରୀ ଶିନ୍ଦେ ହେବେ ବୋଲି କୁହାଯାଉଛି। ତେବେ ଶିନ୍ଦେ ଉପମୁଖ୍ୟମନ୍ତ୍ରୀ ହେବେ ବୋଲି ନିଜେ ନିର୍ଦ୍ଦିଷ୍ଟ ଭାବେ ସ୍ପଷ୍ଟ କରିନାହାନ୍ତି।

ବିଧାନ ଭବନରେ ଅନୁଷ୍ଠିତ ଭାଜପା ବିଧାୟକ ଦଳ ବୈଠକରେ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ବିଜୟ ରୂପାଣି ଯୋଗଦେଇଥିଲେ। ୫୪ ବର୍ଷୀୟ ଫଡ୍‌ନବିସ ସର୍ବସମ୍ମତିକ୍ରମେ ବିଧାୟକ ଦଳ ନେତା ନିର୍ବାଚିତ ହୋଇଥିବା ସେ ଘୋଷଣା କରିଥିଲେ। ଅନ୍ୟତମ ପର୍ଯ୍ୟବେକ୍ଷକ ତଥା କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କହିଥିଲେ, ରାଜ୍ୟରେ ଡବଲ୍ ଇଞ୍ଜିନ ସରକାର ଚାଲିବ ଏବଂ କେନ୍ଦ୍ର ବିକାଶକୁ ତ୍ୱରାନ୍ୱିତ କରିବ। ଏନେଇ ଶିବସେନା ନେତା ଉଦୟ ସାମନ୍ତ କହିଛନ୍ତି, ଗୁରୁବାର କେବଳ ମୁଖ୍ୟମନ୍ତ୍ରୀ ଓ ୨ ଉପମୁଖ୍ୟମନ୍ତ୍ରୀ ଶପଥ ନେବେ। ପରବର୍ତ୍ତୀ ସମୟରେ କ୍ୟାବିନେଟ ଓ ବିଭାଗ ବଣ୍ଟନ ନିଷ୍ପତ୍ତି ନିଆଯିବ।

## ନିଆଁରେ ପୋଡ଼ି...

ଏନେଇ ପୋଲିସ ଏକ ହତ୍ୟା ମାମଲା(ନଂ.୬୧୫/୨୪) ରୁଜୁ କରି ତଦନ୍ତ କରିବା ସହ ଶୁଭରଞ୍ଜନଙ୍କୁ ଅଟକ ରଖିଛି। ପୋଲିସ ସୂଚନା ଅନୁଯାୟୀ, ଜଗତପୁର ଥାନା ଅଧୀନ ସୌରୀ ଗ୍ରାମର ସୁଚିସ୍ମିତା ଦେଢ଼ ବର୍ଷ ପୂର୍ବେ ଶୁଭରଞ୍ଜନଙ୍କୁ ବିବାହ କରିଥିଲେ। ଝିଅ ଜନ୍ମ ପରେ ପାରିବାରିକ ସମସ୍ୟା ଦେଖା ଦେବା ସହ କଳହ ଲାଗିରହୁଥିଲା। ସ୍ୱାମୀ, ସ୍ତ୍ରୀ, ଶାଶୁ ଓ ଶିଶୁକନ୍ୟାକୁ ନେଇ ପରିବାର। ମଙ୍ଗଳବାର ରାତି ପ୍ରାୟ ସାଢେ ୭ଟାରେ ଘରେ କେହି ନ ଥିବାବେଳେ ସୁଚିସ୍ମିତା ଶୋଇବା ଘରେ ନିଜର ଶିଶୁକନ୍ୟାକୁ ଧରି ଦେହରେ କିରାସିନି ଢାଳି ନିଆଁ ଲଗାଇ ଦେଇଥିଲେ। ଘର ମଧ୍ୟରେ ହଟ୍ଟଗୋଳ ହୋଇ ନିଆଁ ଜଳିବା ସହ ଚିତ୍କାର ଶୁଣି ପଡୋଶୀ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ଚିକିତ୍ସା ଲାଗି ସୁଚିସ୍ମିତାଙ୍କୁ ଜଗତପୁରସ୍ଥିତ ଏକ ଘରୋଇ ହସ୍ପିଟାଲ ଓ ଶିଶୁକନ୍ୟାଙ୍କୁ କଟକ ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ଅପରାହ୍ନରେ ଉଭୟଙ୍କ ମୃତ୍ୟୁ ଘଟିଛି। ଏସ୍‌ସିବି ମେଡିକାଲରେ ବ୍ୟବଚ୍ଛେଦ ପାଇଁ ଉଭୟଙ୍କ ମୃତଦେହ ରଖାଯାଇଛି। ଏନେଇ ଫାଣ୍ଡି ଅଧିକାରୀ କୁଞ୍ଜବିହାରୀ ଧୀର କହିଛନ୍ତି, ସୁଚିସ୍ମିତା ଦୀର୍ଘଦିନ ହେବ ମାନସିକ ଓ ଶାରୀରିକ ନିର୍ଯାତନା ପାଇଥିବା ଜଣାପଡିଛି। ମଙ୍ଗଳବାର ସୁଚିସ୍ମିତା ଓ ଶୁଭରଞ୍ଜନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଏହାକୁ ନେଇ ସୁଚିସ୍ମିତା ଏଭଳି ପଦକ୍ଷେପ ନେଇଥିବା ଅନୁମାନ କରାଯାଉଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଉଚ୍ଚପଦାଧିକାରୀଙ୍କ ନିର୍ଦ୍ଦେଶାନୁସାରେ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ନିୟୋଜିତ ହୋଇପାରନ୍ତି। କର୍ମ ଏକାଦଶାଧିପତି ଶନି ସ୍ୱଗୃହସ୍ଥ ଯୋଗୁ କର୍ମକ୍ଷେତ୍ରରେ ପ୍ରାଧାନ୍ୟ ବୃଦ୍ଧି ସମସ୍ୟାର କାରଣ ହେବ। ବନ୍ଧୁ ସହଯୋଗର ପ୍ରତିଶ୍ରୁତି ଦେବେ। ଅତୀତ କଥାକୁ ଆଲୋଚନା କରି ପାରିବାରିକ ସମସ୍ୟା ବଢ଼ାନ୍ତୁ ନାହିଁ।

**ବୃଷ** – ଶନିଙ୍କ ପ୍ରଭାବରୁ ଅଭିଳଷିତ ଦ୍ରବ୍ୟ ପ୍ରାପ୍ତିରେ ବିଜାତୀୟ ବ୍ୟକ୍ତି ଜଣେ ଅସହଯୋଗ କରିପାରେ। ଶାରୀରିକ ଦୁର୍ବଳତା ଯୋଗୁ କୌଣସି କାମ କରିବାକୁ ଆଗ୍ରହ ପ୍ରକାଶ କରିବେ ନାହିଁ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିପାରନ୍ତି। ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ବିରକ୍ତିଭାବ ସୃଷ୍ଟି ହୋଇପାରେ।

**ମିଥୁନ** – ଚନ୍ଦ୍ର ଯୁକ୍ତ ଶୁକ୍ରଙ୍କ ଧନସ୍ଥାନକୁ ଦୃଷ୍ଟି ଆର୍ଥିକସ୍ଥିତିକୁ ଦୃଢ଼ୀଭୂତ କରିବ। ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣ କଲେ ଉପକୃତ ହୋଇପାରନ୍ତି। ସନ୍ତାନଙ୍କ ବାଧ୍ୟବାଧକତାରେ ମନୋରଞ୍ଜନ ସମ୍ପର୍କିତ ସୌଖୀନ ଦ୍ରବ୍ୟ କ୍ରୟ କରିବେ। ଯାତ୍ରା ସମୟରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବାକୁ ପଡ଼ିପାରେ।

**କର୍କଟ** – ଆଜିର ବୁଦ୍ଧାଦିତ୍ୟ ଯୋଗ ଯାତ୍ରାକାଳୀନ ସମସ୍ୟାକୁ ସୁଧାରିବା ସହ ବନ୍ଧୁଙ୍କ ପ୍ରିୟଭାଜନ ହେବେ। ଦୀର୍ଘ ଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ଆଜି ପୁନଃ ପ୍ରତିଷ୍ଠିତ ହେବ। ଅଷ୍ଟମାଧିପତିଙ୍କ କର୍ମସ୍ଥାନକୁ ଦୃଷ୍ଟି କର୍ମହାନିର କାରଣ ହୋଇପାରେ। ପାରିବାରିକ ସମସ୍ୟାରେ ପରକଥାରେ ପ୍ରଭାବିତ ହେଲେ ଭୁଲ୍ ମାର୍ଗ ଅନୁସରଣ କରିବେ।

**ସିଂହ** – ଶନିଙ୍କ କ୍ରୁର ଦୃଷ୍ଟି କାରଣରୁ ପରିବାର କିମ୍ବା ବନ୍ଧୁମାନଙ୍କ ସହ ବିବାଦୀୟ ସ୍ଥିତି ସୃଷ୍ଟି ହୋଇପାରେ। ବ୍ୟୟ ବୃଦ୍ଧି ଯୋଗୁ ମାନସିକ ଅବସାଦଜନିତ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। କର୍ମକ୍ଷେତ୍ରରେ ଈର୍ଷାପରାୟଣ ବ୍ୟକ୍ତିଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ବାଣିଜ୍ୟ, ବ୍ୟବସାୟରେ ସନ୍ତୋଷଜନକ ଫଳ ଦେଖାଦେଇପାରେ।

**କନ୍ୟା** – କେତୁ ରାଶିରେ ମାନସିକ ବିଭ୍ରମତାଜନିତ ଗୃହ, ଜମିବାଡ଼ି, ଯାନବାହନ ବିକ୍ରି ଚିନ୍ତା କରିପାରନ୍ତି। ହାତକୁ ନେଇଥିବା କାମ ଅଟକିବ ନାହିଁ ଏବଂ ସେଥିରେ ଆଶାଜନକ ଫଳ ପାଇବେ। ସରକାରୀ କାମରେ ହଠାତ୍ ବିଶ୍ୱସ୍ତ ସୂତ୍ରରୁ ଶୁଭଖବର ଶୁଣି ଖୁସି ହେବେ। ପରିବାରରେ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ।

**ତୁଳା** – କର୍ମାଧିପ ସହ ରାଶ୍ୟାଧିପଙ୍କ ସଂଯୋଗ ସ୍ଥଗିତ କାର୍ଯ୍ୟ ସମୂହକୁ ସମ୍ପୂର୍ଣ୍ଣ କରିବାରେ ସମର୍ଥ ହେବେ। ପାରିବାରିକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ସମସ୍ୟା ସମାଧାନ ଚେଷ୍ଟା କଲେ ଉପକୃତ ହେବେ। ବିଭିନ୍ନ ସୂତ୍ରରୁ ରୋଜଗାର କରିବା ସାଙ୍ଗକୁ ବିଳାସରେ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ଭୁଲ୍ ଖବର ସମସ୍ୟା ବଢ଼ାଇଦେବ।

**ବିଛା** – ଭାଗ୍ୟସ୍ଥାନରେ ଦୁର୍ବଳରାଶ୍ୟାଧିପ କୌଣସି କାମରେ ସ୍ଥିରତା ରକ୍ଷାରେ ଅସମର୍ଥ ହୋଇପାରନ୍ତି। ଏକାଧିକ କର୍ମରେ ସମ୍ପୃକ୍ତ ରହିବାରୁ ବ୍ୟସ୍ତତା ବଢ଼ିଯାଇପାରେ। ଆଜି ଅନୁରାଧା ନକ୍ଷତ୍ର ବନ୍ଧୁ ମେଳରେ ରହିବାର ସୁଯୋଗ ପାଇ ଦୁଃଖ ଭୁଲିଯିବେ। ଅବଶ୍ୟ ସାମାଜିକ ପ୍ରତିଷ୍ଠା ବଢ଼ିବା ସହ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ।

**ଧନୁ** – ଅଷ୍ଟମସ୍ଥ ଭୂମିପୁତ୍ରଙ୍କ ସ୍ଥିତି ଜମିଜମା ବିବାଦ କିମ୍ବା ସନ୍ତାନ ହେତୁକ ଅଶାନ୍ତିକୁ ବୃଦ୍ଧି କରିବେ। ପ୍ରତିକୂଳ ପରିସ୍ଥିତିରେ ଚାପ ବଢ଼ିବାରୁ ପ୍ରତାରିତ ହେବାର ବହୁତ ସମ୍ଭାବନା ରହିଛି। ସାହାଯ୍ୟକାରୀ ମନୋଭାବ ପ୍ରଭାବରେ ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ। ପରିଜନଙ୍କ ସହିତ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ।

**ମକର** – ରାଶିରେ ଶୁକ୍ର ଓ ଚନ୍ଦ୍ରଙ୍କ ସ୍ଥିତି ଅତୀତର ବିବାଦୀୟ ସ୍ଥିତିକୁ ସୁଧାରିବାରେ ସାହାଯ୍ୟ କରିବେ। ବନ୍ଧୁଙ୍କ ସହ ସାଧାରଣ କଥାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ କର୍ମକ୍ଷେତ୍ରରେ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିପାରନ୍ତି।

**କୁମ୍ଭ** – ରାହୁ ଧନସ୍ଥାନରେ ଥିବାରୁ ବିଶୃଙ୍ଖଳିତ ପରିସ୍ଥିତି ଲାଗି ରହିବାର ଆଶଙ୍କା ରହିଛି। ଶିଳ୍ପ, ବାଣିଜ୍ୟ, ଶେୟାର ବଜାରରେ କ୍ଷତିର ଆଶଙ୍କା ରହିଛି ମାତ୍ର ଜଣେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ପ୍ରିୟ କଥା କହି ପରିବାରରେ ଥିବା ସମସ୍ୟାକୁ ସୁଧାରି ନେବେ। କର୍ମକ୍ଷେତ୍ରରେ କୌଣସି କାରଣରୁ ବିବାଦୀୟ ହୋଇପଡ଼ିବେ।


**ମୀନ** – ଭାଗ୍ୟସ୍ଥାନକୁ ବୃହସ୍ପତିଙ୍କ ଦୃଷ୍ଟି ସମସ୍ତ ସମସ୍ୟାକୁ ନିୟନ୍ତ୍ରଣ କରିବାରେ ସଫଳ ହେବେ। କିନ୍ତୁ ରେବତୀ ନକ୍ଷତ୍ର ଯେତେ ଭଲ କାମ କଲେ ସୁଦ୍ଧା ପରୋକ୍ଷ ସମାଲୋଚନା ଜନିତ ସମାଲୋଚିତ ହୋଇପାରନ୍ତି। ଶାରୀରିକ ସୁସ୍ଥତା ଓ ବନ୍ଧୁମାନଙ୍କ ସହାନୁଭୂତି ଲାଭକରି କିଛିଟା ଆଶ୍ୱସ୍ତି ଲାଭ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ରାଜନୀତି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିପାରନ୍ତି।

ଆଜି ଡିସେମ୍ବର ୫ ତାରିଖ, ବିଶ୍ୱ ସ୍ୱେଚ୍ଛାସେବୀ ଦିବସ, ବିଶ୍ୱ ମୃତ୍ତିକା ଦିବସ, ମାର୍ଗଶିର ଶୁକ୍ଳ ଚତୁର୍ଥୀ ଯୁକ୍ତ ୫ମୀ ମାଣବସା ଗୁରୁବାର ତୃତୀୟ ପାଳି, ରାଶିନକ୍ଷତ୍ର-ଉତ୍ତରାଷାଢ଼ା/ମକର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ୫ମୀର ପାର୍ବଣଶ୍ରାଦ୍ଧ, ସକାଳ ଘ. ୦୬।୧୧ ମି. ଗତେ ଘ.୦୭।୩୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା, ଘ.୧୨।୫୮ ମି. ଗତେ ଘ.୦୨।୨୦ ମି. ମଧ୍ୟେ ରାହୁକାଳ।

Government of Haryana

Partner State Odisha

Partner Country Tanzania



International GITA Mahotsav 2024
28 November-15 December
Kurukshetra, Haryana

सर्वधर्मान्परित्यज्य मामेकं शरणं व्रज।
अहं त्वा सर्वपापेभ्यो मोक्षयिष्यामि मा शुचः ॥
भगवद्गीता 18.66

सम्पूर्ण कर्तव्य कर्मों का आश्रय छोड़कर तू केवल मेरी शरण में आ जा।
मैं तुझे सभी पापों से मुक्त कर दूंगा, शोक मत कर।

Abandoning all duties, come to Me alone for shelter.
Be not grieved, for I shall release you from all evils.

## International Gita Mahotsav

### Inauguration

December 5, 2024

By

**Sh. Bandaru Dattatraya**
Governor, Haryana

**Lt.Gen. Gurmit Singh (Retd.)**
Governor, Uttarakhand

**Sh. Arif Mohammed Khan**
Governor, Kerala

**Ms. Tabia**
Minister for Information, Youth & Culture, Zanzibar

and

**Sh. Nayab Singh Saini**
Chief Minister, Haryana

**Main Programmes**

- 09:00 am — Gita Yajna and Gita Pujan (Brahma Sarovar, Kurukshetra)
- 11:15 am — Inauguration of the Pavilions of Haryana, Partner State Odisha and Partner Country Tanzania
- 12:30 pm — Inauguration of International Gita Seminar
- 05:00 pm — Bhajan Sandhya and Maha Aarti
- 06:00 pm — The Cultural Evening



"सभी देशवासियों को गीता जयंती की अनंत शुभकामनाएं।
श्रीमद्भगवद्गीता सदियों से मानवता का मार्गदर्शन करती आई है।
अध्यात्म और जीवन-दर्शन से जुड़ा यह महान ग्रंथ हर युग
में पथ प्रदर्शक बना रहेगा।"
- नरेन्द्र मोदी

Scan the QR code to join the Programme

Scan the QR code for information of cultural Programmes

No.1089/13/1919/2025/30765/276/21 Dated Chandigarh, the 04/12/2024

Information, Public Relations & Languages Department, Haryana | www.prharyana.gov.in | Follow us on @dipharyana

ବିଶ୍ୱାସ କର ଯେ, ସବୁ ମିଥ୍ୟା ହେଉଛି ହୁଏତ ଗଠନମୁଖୀ ଏକ ସତ୍ୟ। କିମ୍ବା ଭାଙ୍ଗି ଭାଙ୍ଗି ଯାଉଥିବା ଏକ ସତ୍ୟ। ସବୁ ବିଫଳତା ଏକ ଲୁକ୍କାୟିତ ସଫଳତା। ସବୁ ଦୁର୍ବଳତା– ପ୍ରକୃତିରେ ନିଜକୁ ଦେଖାଯାଉ ନ ଥିବା ଏକ ସବଳତା ଏବଂ ସବୁ ଯନ୍ତ୍ରଣା ଏକ ଗୁପ୍ତ ଓ ଭୟଙ୍କର ଅଧୀର ଆନନ୍ଦର ଉନ୍ମତ୍ତତା। –ଶ୍ରୀଅରବିନ୍ଦ

-ମାଣବସା ଗୁରୁବାର ଓଷା ଓ ଶରଣ ଆରମ୍ଭ



# ଭାରତରେ ମନ୍ଦିର ସଂସ୍କୃତି



ଦେବଦତ୍ତ ପଟ୍ଟନାୟକ

କୌଣସି ଏକ ହିନ୍ଦୁ ମନ୍ଦିର ଦର୍ଶନକଲେ ମନରେ ଆଧ୍ୟାତ୍ମିକ ଭାବର ବିକାଶ ଘଟେ। ଇତିହାସ, ଭୂଗୋଳ, ରାଜନୀତି ଏବଂ ଅର୍ଥନୀତିରେ ବି ମନ୍ଦିର ଏକ ବିଷୟ ହୋଇପାରେ। ପ୍ରଥମେ ଇତିହାସରୁ ଆରମ୍ଭ କରିବା। ଆମ ଭିତରୁ କେତେଜଣ ପଚାରନ୍ତି, କିଏ ମନ୍ଦିର ନିର୍ମାଣ କରିଥିଲେ? ମନ୍ଦିର ସମ୍ପର୍କିତ ପୁରାଣରୁ ଜଣାପଡ଼େ ଯେ ଅନେକ ହଜାର ବର୍ଷ ପୂର୍ବେ ସତ୍ୟ କିମ୍ବା ତ୍ରେତୟା ଯୁଗରେ ମନ୍ଦିର ନିର୍ମିତ ହୋଇଥିଲା। ରାମ ଏବଂ କୃଷ୍ଣଙ୍କ ସମୟରେ ମନ୍ଦିରରେ ବି ମୂର୍ତ୍ତି ରହିଥିଲା। କିନ୍ତୁ ଐତିହାସିକମାନେ ଯୁକ୍ତି ବାଢ଼ନ୍ତି ଯେ, ଯକ୍ଷ ଏବଂ ନାଗ ପୂଜାପାଉଥିବା ଉଇହୁଙ୍କାପୂର୍ଣ୍ଣ ବଗିଚାରୁ ହିନ୍ଦୁ ମନ୍ଦିରଗୁଡ଼ିକ ଧୀରେ ଧୀରେ ସୃଷ୍ଟି ହୋଇଥିଲା। ୫୦୦ ଖ୍ରୀଷ୍ଟାବ୍ଦ ପରେ ପଥର ଗୁମ୍ଫା ଏବଂ ପଥରକୁ କାଟି ମନ୍ଦିର କରାଯାଇଥିଲା ଏବଂ ଶେଷରେ ୧୦୦୦ ଖ୍ରୀଷ୍ଟାବ୍ଦରେ ପୂର୍ଣ୍ଣ ମନ୍ଦିର ଗଠନ କରାଯାଇଥିଲା। ରାଜକୀୟ ଶକ୍ତି ପ୍ରଦର୍ଶନ କରିବା ପାଇଁ ଅନେକ ରାଜା ମନ୍ଦିର ନିର୍ମାଣ କରିଥିଲେ। କର୍ନାଟକର ପାଟ୍ଟାଡକାଲ୍ଲ ମନ୍ଦିର ଚାଲୁକ୍ୟଙ୍କ ଦ୍ୱାରା ନିର୍ମିତ ହୋଇଥିଲା। ତାମିଲନାଡୁର ବ୍ରିହାଦେଶ୍ୱର ଚୋଳ ବଂଶର ରାଜାମାନଙ୍କ ଦ୍ୱାରା ନିର୍ମିତ ହୋଇଥିଲା। ଏହା ସେମାନଙ୍କର ସାମରିକ ଶକ୍ତି ପ୍ରକାଶ କରିଥିଲା।

ବର୍ତ୍ତମାନ ଭୂଗୋଳକୁ ଆସିବା। ମନ୍ଦିରଟି ପର୍ବତ ଉପରେ କିମ୍ବା ସମୁଦ୍ର କୂଳରେ ଅଛି ? ଉଦାହରଣ ସ୍ୱରୂପ, ଶ୍ରୀରଙ୍ଗମ ମନ୍ଦିରଗୁଡ଼ିକ ନଦୀ ଅବବାହିକାରେ ଅଛି। ପୁରୀ ମନ୍ଦିର ସମୁଦ୍ର କୂଳରେ ଓ ତିରୁପତି ଏକ ପର୍ବତ ଉପରେ ଅଛି। ମଣିଷ ବାସସ୍ଥାନଠାରୁ ବହୁ ଦୂରରେ ବାଣିଜ୍ୟ ମାର୍ଗରେ କେଦାରନାଥ ଏବଂ ବଦ୍ରିନାଥ ଅବସ୍ଥିତ। ଏଠାରେ ଏହା ପଛରେ କିଛି ଅର୍ଥ ଅଛି। ଏହା ଅସାମାନ୍ୟ ନୁହେଁ। ନିଜକୁ ପ୍ରଶ୍ନ କରନ୍ତୁ – ଏଠାରେ କାହିଁକି ଏସବୁ ମନ୍ଦିର ନିର୍ମାଣ କରାଯାଇଥିଲା। ଆମେ ପର୍ବତମାଳା ଶୀର୍ଷରେ ଜୈନ ମନ୍ଦିରଗୁଡ଼ିକୁ ଦେଖିବାକୁ ପାଉ, କାରଣ ଏହା ତୀର୍ଥଙ୍କରଙ୍କ ଅସୀମ ଜ୍ଞାନ ହାସଲକୁ ସୂଚିତକରେ। ଏଣୁ ସେ ଏକ ପର୍ବତ ଉପରେ ଚାରିଦିଗକୁ ମୁହଁକରି ବସିଥିବା ଦୃଶ୍ୟମାନ ହୁଅନ୍ତି। ଏହାର ଅର୍ଥ ତାଙ୍କ ଚାରିପାଖରେ ଏକାଠି ଥିବା ପ୍ରାଣୀମାନଙ୍କ ସହ ସେ କଥା ହୋଇଥାଆନ୍ତି।

ତୃତୀୟ ବିଷୟ ହେଉଛି ମନ୍ଦିରର ଅର୍ଥନୀତି ଏବଂ ରାଜନୀତି। ଏହାକୁ କିଏ ପାଣ୍ଠି ଯୋଗାଉଛନ୍ତି? ଏହାର ଯତ୍ନ କିଏ ନେଉଛନ୍ତି? ବିଷୟରେ କିଏ ଆଲୋଚନା କରୁଛନ୍ତି? ଏହାର ଚାରିପାଖର ପରିବେଶ ସହ ଏହାର କିଭଳି ସମ୍ପର୍କ ରହିଛି ଏବଂ ମନ୍ଦିର ବାହାରେ ଅର୍ଥନୀତିକୁ ସୂଚିତ



କରୁଥିବା ଏକ ବଜାର ଅଛି କି? ମନ୍ଦିରକୁ ଯିବା ବାଟରେ ଏହି ପ୍ରଶ୍ନଗୁଡ଼ିକ ଆପଣ ଚିନ୍ତା କରିପାରିବେ। ଜାଣିପାରିବେ ଯେ, ମନ୍ଦିରର ଅର୍ଥନୀତି କିମ୍ବା ରାଜନୀତି କ୍ଷେତ୍ରରେ କେବଳ ମନ୍ଦିର ପୁରୋହିତ ଏବଂ ପୃଷ୍ଠପୋଷକ ନୁହନ୍ତି, ବରଂ ମନ୍ଦିରର ରକ୍ଷଣାବେକ୍ଷଣରେ ସହଯୋଗ କରୁଥିବା ବହୁ କୃଷକ, ପଶୁପାଳକ, କାରିଗରଙ୍କ ଅବଦାନ ରହିଛି। ଯେତେବେଳେ ଆପଣ କୌଣସି ମନ୍ଦିର ଦେଖିବେ,ତତ୍‌କ୍ଷଣାତ ଏହାର କାନ୍ଥ ଅଛି କି ନାହିଁ ଜାଣିପାରିବେ। ଖଜୁରାହୋରେ କାନ୍ଥ ନାହିଁ। ଜଗନ୍ନାଥ ପୁରୀର କାନ୍ଥ ଅଛି। ବେଙ୍ଗଲରୁ ଇସ୍‌ଲାମିକ ଆକ୍ରମଣ ପରେ ଏଗୁଡ଼ିକ ନିର୍ମାଣ କରାଯାଇଥିଲା। ତାମିଲ ମନ୍ଦିରଗୁଡ଼ିକରେ ବିସ୍ତୃତ ଗୋପୁରାମ୍ସ କିମ୍ବା ପ୍ରବେଶ ଦ୍ୱାର ଅଛି। ଚୋଳ ରାଜତ୍ୱ ସମୟରେ ଗୋପୁରାମଗୁଡ଼ିକ ଛୋଟ ଥିଲା। ଶତାବ୍ଦୀ ଧରି ସେଗୁଡ଼ିକ କ୍ରମଶଃ ବଢ଼ିଚାଲିଲା। ଏହା ପରେ, ମନ୍ଦିର ପୂର୍ବ କିମ୍ବା ପଶ୍ଚିମ ଆଡ଼କୁ ଅଛି କି ନାହିଁ ତାହା ଅନୁଧ୍ୟାନ କରିବା। ଅନେକ ବୈଷ୍ଣବ ମନ୍ଦିରର ମୁଖ ପଶ୍ଚିମ କିମ୍ବା ଲକ୍ଷ୍ମୀଙ୍କ ଆଡ଼କୁ ,କାରଣ ସେ ସମୁଦ୍ରରୁ ବାହାରିଥିଲେ। ଅନ୍ୟ ମନ୍ଦିରଗୁଡ଼ିକ ଉଦିତ ସୂର୍ଯ୍ୟ ବା ପୂର୍ବ ମୁଖା। ଏହା ମାନକ ନୁହେଁ। ଦକ୍ଷିଣ ଭାରତରେ କେତେକ ମନ୍ଦିର, ବିଶେଷକରି ଦେବୀମାନେ ଉତ୍ତର ଦିଗକୁ ମୁହଁକରି ବିରାଜିତ ହୋଇଛନ୍ତି। ତା'ପରେ ଦେବଦେବୀ ବିରାଜମାନ କରିଥିବା ଗର୍ଭଗୃହ ଉପରେ ଟାୱାର ବା ଶିଖର ସବୁ ଅଛି,। ଉତ୍ତର ଭାରତୀୟ ହିନ୍ଦୁ ଏବଂ ଜୈନ ମନ୍ଦିରଗୁଡ଼ିକରେ ଏକାଧିକ ଗମ୍ବୁଜ ଦେଖାଯାଏ। ଉତ୍ତର ଭାରତର ମନ୍ଦିରଗୁଡ଼ିକର ଚୂଡ଼ା ଅନେକ ପର୍ବତସମୂହ ଭଳି ଦେଖାଯାଉଥିବାବେଳେ ଦକ୍ଷିଣ ଭାରତୀୟ ଚୂଡ଼ାଗୁଡ଼ିକ ପ୍ରାୟତଃ ପିରାମିଡ୍ ଭଳି ଦେଖାଯାଏ। ମନ୍ଦିରର ଉପରି ଭାଗରେ ହାଣ୍ଡି କିମ୍ବା ପତାକା କିମ୍ବା ଚକ ଅଛି କି? ସାଧାରଣତଃ ରାଜସ୍ଥାନ ଏବଂ ଗୁଜରାଟରେ ଥିବା ମନ୍ଦିରଗୁଡ଼ିକରେ ଦେଖାଯାଉଥିବା ଏକ ଶିଢ଼ି କିମ୍ବା ଏକାଧିକ ମହଲା ଅନ୍ୟ କୌଣସି ମନ୍ଦିରରେ ଅଛି କି ? ମନ୍ଦିରରେ ଏକ ସମାବେଶ ହଲ୍ ଅଛି? ପ୍ରଥମରୁ ମନ୍ଦିରଗୁଡ଼ିକରେ ସମାବେଶ କକ୍ଷ ନ ଥିଲା। ବିଜୟନଗର ଶାସନ ସମୟରେ ଦକ୍ଷିଣ ଭାରତୀୟ ମନ୍ଦିରରେ ଭକ୍ତ, ରୀତିନୀତି, ସଙ୍ଗୀତ, ନୃତ୍ୟ ଏବଂ ଦିବ୍ୟକଥା କହିବା ପାଇଁ ସୁନ୍ଦର ସ୍ତମ୍ଭ ବିଶିଷ୍ଟ ହଲ୍ ପ୍ରତିଷ୍ଠା କରାଯାଇଥିଲା।

ମନ୍ଦିରରେ ପ୍ରବେଶକରି ପ୍ରଥମେ ଏହାର ପ୍ରବେଶପଥ ଏବଂ ଧର୍ମୀୟ ସମାବେଶ କକ୍ଷଗୁଡ଼ିକୁ ଲକ୍ଷ୍ୟକର। ଆପଣ ମନ୍ଦିରର ଆଭ୍ୟନ୍ତରୀଣ ଅର୍ଥ ବ୍ୟବସ୍ଥା ଯଥା ରୋଷେଇ ଘର, ପ୍ରଦର୍ଶନ ଗୃହ, କାର୍ଯ୍ୟଦକ୍ଷତା ସ୍ଥାନ (ଦେବଦାସୀମାନେ ଏଠାରେ ରହି କାର୍ଯ୍ୟ କରିଥିଲେ କି?) ଦେଖିପାରିବେ। ମନ୍ଦିରଟି କିପରି ଭାବରେ ସଙ୍ଗଠିତ ହୋଇଛି ତାହା ମଧ୍ୟ ଲକ୍ଷ୍ୟକରନ୍ତୁ। କିଏ କବାଟ ଗଢ଼ିଛି? ଏହା ଗଙ୍ଗା ଏବଂ ଯମୁନା ହୋଇପାରେ, ପବିତ୍ର ଆର୍ଯ୍ୟ–ଭରତ ଧୋୟାଞ୍ଚଳ ସୃଷ୍ଟି କରିଥିବା ଗଙ୍ଗା ଓ ଯମୁନା କିମ୍ବା ବୈକୁଣ୍ଠ ପ୍ରତିଷ୍ଠା କରିଥିବା ଜୟ ଏବଂ ବିଜୟ ହୋଇପାରନ୍ତି। ଅନେକ ସମୟରେ ମନ୍ଦିର ବାହାରେ ରାଜାମାନଙ୍କ ଦ୍ୱାରା ନିର୍ମିତ ସ୍ତମ୍ଭ ଦେଖିବାକୁ ମିଳେ ଏବଂ ମନ୍ଦିର ଭିତରେ ପ୍ରବେଶ କରାଇ ଦିଆଯାଇ ନ ଥିବା ବହୁ ସନ୍ଥଙ୍କ ମୂର୍ତ୍ତି ମଧ୍ୟ ଦେଖାଯାଏ। ପାଣ୍ଡରପୁରରେ ଥିବା ଚୋଖାମେଲାଙ୍କ ସମାଧି ଏହାର ଉଦାହରଣ।

ଏହାସହ ମନ୍ଦିରରେ ଖୋଦେଇ ଦେଖିବାକୁ ମିଳେ। ସେସବୁ ଅଣ–ଧର୍ମୀୟ ମୂର୍ତ୍ତି ବା ସଙ୍କେତ ଯଥା ନୃତ୍ୟ କରୁଥିବା ମହିଳା, ଯୋଦ୍ଧା, ଉଦ୍ଭିଦ, ଚମତ୍କାର ପଶୁଙ୍କ କାହାଣୀକୁ ସୂଚିତ କରେ। ମନ୍ଦିରରେ ଯୌନ ଏବଂ ହିଂସାର ଛବି ଦେଖିବାକୁ ମିଳେ। ଧ୍ୟାନସ୍ଥ ସାଧୁମାନଙ୍କୁ ବୌଦ୍ଧ ଶ୍ରଦ୍ଧାଳୁମାନେ ବୁଦ୍ଧଙ୍କ ଜୀବନ ଏବଂ ତାଙ୍କର ଅତୀତ ଜୀବନର କାହାଣୀ ବର୍ଣ୍ଣନା କରନ୍ତି। ବୌଦ୍ଧ ମନ୍ଦିରଗୁଡ଼ିକ ବୁଦ୍ଧଙ୍କ ଜୀବନ କାହାଣୀ କହନ୍ତି। ଜୈନ ମନ୍ଦିରଗୁଡ଼ିକରେ ୨୪ ତୀର୍ଥଙ୍କରଙ୍କ ମୂର୍ତ୍ତି ଦେଖିବାକୁ ଏକା ଭଳି। କାରଣ ସେମାନେ ସମସ୍ତେ ନିଜର ଲୋଭ ଏବଂ ପରିଚୟକୁ ଜୟ କରିଛନ୍ତି। ଶିବ ମନ୍ଦିରଗୁଡ଼ିକ ଶିବଙ୍କ ବିବାହର କାହାଣୀ କୁହନ୍ତି। ବିଷ୍ଣୁ ମନ୍ଦିରଗୁଡ଼ିକ ବିଷ୍ଣୁଙ୍କ ଅବତାରର କାହାଣୀ ବର୍ଣ୍ଣନା କରନ୍ତି। ଶିବ ମନ୍ଦିର ଭିତରେ ଶିବଙ୍କ ସହ ଦେବୀ ଅଛନ୍ତି ; ଯିଏ ସନ୍ୟାସୀଙ୍କୁ ସ୍ୱାମୀ କରିପାରିଛନ୍ତି। ବିଷ୍ଣୁ ମନ୍ଦିରରେ ବିଶେଷ କରି ଦକ୍ଷିଣରେ,ମନ୍ଦିର ପରିସରରେ। ଲକ୍ଷ୍ମୀ ମନ୍ଦିର ଅଲଗା ରହିଛି। ସେ ତାଙ୍କ ସ୍ୱାମୀଙ୍କ ସନ୍ନ୍ୟାସ ମନୋଭାବକୁ ଭଲ ଭାବେ ଜାଣନ୍ତି। ଏହିପରି ଏକ ତୀର୍ଥଯାତ୍ରା ଅପେକ୍ଷା ମନ୍ଦିର ଭ୍ରମଣର ମହତ୍ତ୍ୱ ଅଧିକ, ଯାହା ଭାରତୀୟ ସଂସ୍କୃତିର ଏକ ଝଲକ।

–devduttofficial@gmail.com

# ଆଦିବାସୀ ଓ ଆମ୍ବଟାକୁଆ



ଡ. ଲକ୍ଷ୍ମୀ ନାରାୟଣ କର

ଦାରିଙ୍ଗବାଡ଼ି ବ୍ଲକର ଗଦାପୁର ପଞ୍ଚାୟତର ମାଣ୍ଡିପଙ୍କା ଗ୍ରାମରେ ଅନୁସୂଚିତ ଜନଜାତିର ଦୁଇଜଣ ସ୍ତ୍ରୀ ଲୋକ ଆମ୍ବଟାକୁଆକୁ ରୋଷେଇ କରି ଖାଇ ମୃତ୍ୟୁବରଣ କଲେ ଓ ୬ ଜଣ ଅସୁସ୍ଥ ହେବାର ଖବର ରାଜ୍ୟବାସୀଙ୍କୁ ଚିନ୍ତାଗ୍ରସ୍ତ କରାଇଛି। ସେଥିରୁ ଜଣେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହୋଇ ସୁସ୍ଥ ହୋଇ ନିଜ ଘରକୁ ଫେରି ଯାଇଛନ୍ତି। ଏହାକୁ କେତେକ ରାଜନୈତିକ ଦଳର ଲୋକମାନେ ଆମ୍ବଟାକୁଆ ଆଦିବାସୀମାନଙ୍କ ଖାଦ୍ୟ ଓ ଏହାକୁ ସେମାନେ ବରାବର ଖାଆନ୍ତି ବୋଲି ଅଭିହିତ କରି ଦୋଷ ଘୋଡ଼ାଇ ଚାଲିଛନ୍ତି। ପ୍ରଶ୍ନ ଉଠିଛି ଯେ ଦୋଷ କାହାର ନ ଦେଖି ସେହି ଅନୁସୂଚିତ ଜନଜାତି ମହିଳାମାନେ ଆମ୍ବଟାକୁଆ ଖାଇବାକୁ ଗଲେ କାହିଁକି। ପ୍ରକୃତରେ ଏହି ସମସ୍ୟାରେ ଆମର ପ୍ରଶାସନିକ ବ୍ୟବସ୍ଥା ଯେ ପୂର୍ଣ୍ଣ ମାତ୍ରାରେ ଦାୟୀ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ। ଏହି ସମସ୍ୟା ପାଇଁ ରାଜନୈତିକ ଦଳଠାରୁ ଅଧିକ ପରିମାଣରେ ଦାୟୀ ହେଉଛନ୍ତି ପ୍ରଶାସନିକ ଅଧିକାରୀମାନେ। କାରଣ ରାଜନୈତିକ ଦଳ ଯେଉଁମାନେ ଶାସକ ଦଳ ହୁଅନ୍ତୁ ବା ବିରୋଧୀ ଦଳ ସେମାନେ କେହି ସ୍ଥାୟୀ ନୁହନ୍ତି। ପ୍ରତି ପାଞ୍ଚବର୍ଷରେ ସେମାନେ ବଦଳନ୍ତି। ଗତ ସରକାର ହେଉ ବା ବର୍ତ୍ତମାନର ସରକାର ସେମାନେ ବିଧାନସଭାରେ ଅନୁସୂଚିତ ଜନଜାତିମାନଙ୍କ ଉନ୍ନତି ପାଇଁ ବିଭିନ୍ନ ପ୍ରକାରର ଯୋଜନା କରନ୍ତି, ଯାହାକୁ କି ପ୍ରଶାସନିକ ଅଧିକାରୀମାନେ ଆଦିବାସୀ କଲ୍ୟାଣ ବିଭାଗ ଦ୍ୱାରା ତାହାକୁ ଲାଗୁ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥାଏ କିନ୍ତୁ ଏହି ଅଧିକାରୀମାନେ ତା'ର ପ୍ରତ୍ୟକ୍ଷ ତଦାରଖ କରି ନ ପାରିବାରୁ ଏଭଳି ଅଘଟଣ ଘଟିଛି। ଯଦି ଅପହଞ୍ଚ ଅଞ୍ଚଳରେ ଆଦିବାସୀ କଲ୍ୟାଣ ବିଭାଗର ସର୍ବୋଚ୍ଚ ଅଧିକାରୀ ମାନେ ଜିଲା ସ୍ତରର ଅଧିକାରୀ, ଉପଜିଲାପାଳ, ବିଡିଓ, ତାଙ୍କ ସହକର୍ମୀ, ଉଦ୍ୟାନ ବିଭାଗ ଅଧିକାରୀମାନେ ସମୟ ସମୟରେ ସେହି ଗାଁମାନଙ୍କୁ ଯାଇ ତୃଣମୂଳ ସ୍ତରରେ ଲୋକମାନଙ୍କର କି କି ଅସୁବିଧା ଅଛି ତାହା ଦୂର କରିବାକୁ ସେମାନଙ୍କ ସହିତ ଆଲୋଚନା କରିଥାନ୍ତେ ତେବେ ଏ ପ୍ରକାରର ସମସ୍ୟା ହୋଇ ନ ଥାଆନ୍ତା।

ଆଦିବାସୀମାନଙ୍କ ଆର୍ଥିକ ଓ ସାମାଜିକ ସ୍ତରର ଉନ୍ନତି ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଅନେକ ଯୋଜନା ପ୍ରସ୍ତୁତ କରିଛନ୍ତି କିନ୍ତୁ ସେଗୁଡ଼ିକ ସେମାନଙ୍କ ପାଖରେ ଯଥେଷ୍ଟ ପରିମାଣରେ ପହଞ୍ଚି ପାରୁନାହିଁ। ଅନେକ ବାଟମାରଣା ହୋଇଯାଉଛି। ଯେତେବେଳେ କାଶୀପୁରରେ ଆମ୍ବଟାକୁଆ ଖାଇ ଲୋକମାନେ ମୃତ୍ୟୁବରଣ କରିଥିଲେ ସେତେବେଳେ ଦକ୍ଷିଣାଞ୍ଚଳ ଆର୍‌ଡିସିଙ୍କୁ ଏହି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ଚିଠି କରାଯାଇଥିଲା ଓ ଆର୍‌ଡିସି ମଧ୍ୟ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳଙ୍କଠାରୁ ନେଇ ସମସ୍ତ ଜିଲା ପ୍ରଶାସନକୁ ତାଗିଦ୍ କରିଥିଲେ କିନ୍ତୁ ଠିକ୍ ପରମୁହୂର୍ତ୍ତରେ ଆର୍‌ଡିସିଙ୍କ ବଦଳି ହୋଇଯିବାରୁ ଆଉ ସେହି ପଦକ୍ଷେପ ଆଗକୁ ନ ବଢ଼ି ସେଇଠି ରହିଗଲା। ଫଳ ସ୍ୱରୂପ ଲୋକେ ଏବେ ବି ଆମ୍ବଟାକୁଆକୁ ଖାଦ୍ୟ ରୂପେ ଖାଉଛନ୍ତି ଓ ତା'ର ପ୍ରଭାବ ପଡ଼ି ଲୋକେ ମୃତ୍ୟୁବରଣ କରୁଛନ୍ତି। ସରକାର ସବୁ ପ୍ରକାରର ସହାୟତା ଯୋଗାଉଛନ୍ତି କିନ୍ତୁ ତାହା ତଳ ସ୍ତରରେ ଠିକ୍ ଭାବରେ କାର୍ଯ୍ୟକାରୀ ହେଉନାହିଁ। ତାହାର ଉଚିତ ତଦାରଖ ହେଉନାହିଁ। ଗତ ସରକାର ଓ ଏବେକାର ସରକାର କେବଳ ପରସ୍ପରକୁ ଦୋଷ ଦେଇ ଚାଲିଛନ୍ତି କିନ୍ତୁ ସମାଧାନର ବାଟ କେହି ଆନ୍ତରିକତାର ସହିତ ଚିନ୍ତା କରୁନାହାନ୍ତି। ଏବେ ମଧ୍ୟ ଆମ ଦେଶର ଅନେକ ଅପହଞ୍ଚ ଅଞ୍ଚଳରେ ଏଯାଏ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ବିଦ୍ୟୁତ୍ ସଂଯୋଗ, ରାସ୍ତା ଇତ୍ୟାଦିର ଘୋର ଅଭାବ ରହିଛି। ଆଧୁନିକ ସଭ୍ୟତାଠାରୁ ଆଦିବାସୀମାନେ ଅନେକ ଦୂରରେ ଓ ଏବେ ବି ଅନେକ ଅନୁସୂଚିତ ଜନଜାତି ଲୁଗାର ପ୍ରକୃତ ବ୍ୟବହାର ଜାଣି ନାହାନ୍ତି। ସେମାନେ ସେଇ ଗାଁର ଠାକୁରାଣୀ ଓ ପୂଜକ ଉପରେ ନିଜର ଅସୁସ୍ଥମାନଙ୍କ ଆରୋଗ୍ୟ ପାଇଁ ନିର୍ଭର କରନ୍ତି। ଦାରିଙ୍ଗବାଡ଼ିରେ ଯେଉଁ ଘଟଣା ଘଟିଲା ତାହା ଏକ ଅତି ସମ୍ବେଦନଶୀଳ ଘଟଣା ଏହି ଉନବିଂଶ ଶତାବ୍ଦୀରେ। ଯେହେତୁ ସେମାନଙ୍କୁ ସରକାରୀ ସ୍ତରରେ ମିଳୁଥିବା ଚାଉଳ ଠିକ୍ ସମୟରେ ଓ ଯଥେଷ୍ଟ ପରିମାଣରେ ଉପଲବ୍ଧ ହୋଇପାରିଲା ନାହିଁ ତେଣୁ ସେମାନେ ଆମ୍ବଟାକୁଆ ଖାଇବାକୁ ଗଲେ। ଏସବୁ କେବଳ ପ୍ରଶାସନିକ ସ୍ତରରେ ଅବହେଳା ଯୋଗୁ ହିଁ ହୋଇଛି। ତେଣୁ ଯଦି ବିଭାଗୀୟ ଅଧିକାରୀମାନେ ନିଜ ଅଧସ୍ତନ କର୍ମଚାରୀମାନଙ୍କୁ ସମୟ ସମୟରେ ତାଙ୍କ କାର୍ଯ୍ୟ ଯାଞ୍ଚ କରନ୍ତେ ତେବେ ବୋଧହୁଏ ଆଉ ଏପରି ସମସ୍ୟା ଭବିଷ୍ୟତରେ ହୋଇପାରନ୍ତା ନାହିଁ।

ପ୍ଲଟ ନଂ ୨୫, ସୂର୍ଯ୍ୟନଗର, ଭୁବନେଶ୍ୱର
ମୋ:୯୪୩୭୧୮୫୬୦୭

## ଏଇ ଭାରତରେ

ତାମିଲନାଡୁର ଧନମ ପାତିଙ୍କ ବୟସ ୮୪। ପରିଣତ ବୟସରେ ସେ ଶସ୍ତାରେ ଇଡ୍‌ଲି ବିକୁଛନ୍ତି। ସେ ଏବକାର ମହଙ୍ଗା ଯୁଗରେ ମାତ୍ର ୨ ଟଙ୍କାରେ ଇଡ୍‌ଲି ବିକୁଛନ୍ତି ଓ ଲୋକଙ୍କୁ ପେଟପୂରା ଖାଇବାକୁ ଦେଉଛନ୍ତି। ଧନମଙ୍କ ଘର ତାମିଲନାଡୁର ପୁଦୁକୋଟ୍ଟୋଇରେ। ସଡ଼କ କଡ଼ରରେ ଅସ୍ଥାୟୀ ଘରେ ସେ ଇଡ୍‌ଲି ଦୋକାନ ଚଳାଉଛନ୍ତି। ତାଙ୍କ ଦୋକାନରେ ବସିବାକୁ କୌଣସି ଚେୟାର କିମ୍ବା ଟେବୁଲ ନାହିଁ। କିନ୍ତୁ ଇଡ୍‌ଲି, ସମ୍ବର, ଚଟ୍‌ନି ଭରା ପ୍ଲେଟ ପାଇଁ ସବୁବେଳେ ସେଠାରେ ଗ୍ରାହକଙ୍କ ଭିଡ ଜମୁଛି। ଧନମ ୧୯୬୦ରେ ବିବାହ କରିବା ପରେ ତାଙ୍କ ସ୍ୱାମୀଙ୍କ ସହ ପୁଦୁକୋଟ୍ଟୋଇକୁ ଆସିଥିଲେ। ସେଠାରେ ତାଙ୍କ ସ୍ୱାମୀ ଜଳଖିଆ ଦୋକାନ ଖୋଲିଥିଲେ । ତାଙ୍କ ସ୍ୱାସ୍ଥ୍ୟ ଖରାପ ହୋଇ ମୃତ୍ୟୁ ଘଟିବା ପରେ ୧୯୮୦ରେ ପରିବାର ଚଳାଇବା ଲାଗି ଧନମ ଏହି କାର୍ଯ୍ୟରେ ଲାଗିଯାଇଥିଲେ। ସେବେଠାରୁ ୪୪ ବର୍ଷ ହେଲା ସେ ଏହି ଦୋକାନ ଚଳାଇ ଆସୁଛନ୍ତି। ପ୍ରଥମେ ଦୋକାନ ଖୋଲିବା ସମୟରେ ସେ ୩ ପଇସାରେ ଗୋଟିଏ ଇଡ୍‌ଲି ବିକୁଥିଲେ ଓ ଏବେ ତାହା ୨ ଟଙ୍କା ହୋଇଛି। ଧନମ ସକାଳ ୫ଟାରୁ ଉଠି ଇଡ୍‌ଲି ତିଆରିରେ ଲାଗିପଡ଼ନ୍ତି। ଏହି କାର୍ଯ୍ୟରେ ତାଙ୍କୁ ପରିବାର ଲୋକେ ସହଯୋଗ କରନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୫ ଡିସେମ୍ବର ୧୯୭୫

- କେନ୍ଦ୍ର ସରକାର ଇଞ୍ଜିନିୟରିଂ ଶିଳ୍ପ ପାଇଁ ଏକ ୧୪ଜଣିଆ ଜାତୀୟ ଶିଳ୍ପ କମିଟି ଗଠନ କରିଛନ୍ତି।
- ଭାରତ ଓ ବୁଲଗେରିଆ ମଧ୍ୟରେ ୯୫ କୋଟି ମୂଲ୍ୟର ବାଣିଜ୍ୟ କାରବର ହେବା ନେଇ ଏକ ବାଣିଜ୍ୟ ରାଜିନାମା ସ୍ୱାକ୍ଷରିତ।
- ପାଥେଟ ଲାଓର ମୁଖ୍ୟ ରାଜକୁମାର ସୋଭନାଉଙ୍ଗ ନୂତନ ଲାଓସ ଗଣ ସାଧାରଣତନ୍ତ୍ରର ସଭାପତି ହୋଇଛନ୍ତି।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 8 | 2 | | | | 9 |
| 1 | | 9 | | | | 4 | | |
| 5 | | | | 1 | | | 3 | |
| | | 7 | | | | | | 2 |
| 9 | | | | 6 | 5 | | 1 | |
| | | | | 3 | | | | |
| 8 | | | | | | | | |
| | 5 | 1 | 2 | 9 | 3 | | | |
| | | | 6 | | | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 7 | 2 | 3 | 6 | 8 | 9 | 5 | 1 |
| 5 | 9 | 1 | 4 | 7 | 2 | 8 | 6 | 3 |
| 3 | 8 | 6 | 5 | 1 | 9 | 2 | 7 | 4 |
| 6 | 3 | 9 | 1 | 8 | 7 | 4 | 2 | 5 |
| 2 | 4 | 8 | 6 | 9 | 5 | 1 | 3 | 7 |
| 1 | 5 | 7 | 2 | 4 | 3 | 6 | 9 | 8 |
| 9 | 2 | 4 | 7 | 3 | 1 | 5 | 8 | 6 |
| 7 | 1 | 5 | 8 | 2 | 6 | 3 | 4 | 9 |
| 8 | 6 | 3 | 9 | 5 | 4 | 7 | 1 | 2 |

ଗତକାଲିର ଉତ୍ତର

# ଓୟୁଏଟିରେ କୃଷି ଇଞ୍ଜିନିୟରିଂ ଶିକ୍ଷା



ସଞ୍ଜୟ କୁମାର ଦାଶ

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ୧୯୬୨ ମସିହାରେ ପ୍ରତିଷ୍ଠା ହେବା ପରଠାରୁ ରାଜ୍ୟରେ କୃଷି ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ନିରନ୍ତର ପ୍ରଚେଷ୍ଟା ଜାରିରଖିଛି ଏବଂ ରାଜ୍ୟରେ ଚାଷୀମାନଙ୍କର ଉନ୍ନତିରେ ସହାୟକ ହୋଇପାରିଛି। ବିଶ୍ୱବିଦ୍ୟାଳୟରେ କୃଷି, ଉଦ୍ୟାନ, କୃଷି ଯାନ୍ତ୍ରିକ, ପଶୁପାଳନ, ମାଛଚାଷ, ବନ ବିଜ୍ଞାନ, ଗୋଷ୍ଠୀ ବିଜ୍ଞାନ, ମୌଳିକ ବିଜ୍ଞାନ ଆଦି ବିଷୟଗୁଡ଼ିକ ଶିକ୍ଷାଦାନ ପାଇଁ ୧୦ଟି ମହାବିଦ୍ୟାଳୟ ରହିଛି। ଏହି ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରମାନେ ଦେଶ ବିଦେଶରେ କାର୍ଯ୍ୟ କରି ବିଶ୍ୱବିଦ୍ୟାଳୟ ଲାଗି ଗୌରବ ଆଣିପାରିଛନ୍ତି।

କୃଷି ଯନ୍ତ୍ରପାତି ଉପରେ ଶିକ୍ଷାଦାନ ଓ ଗବେଷଣା ଏହି ବିଶ୍ୱବିଦ୍ୟାଳୟର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। କୃଷି ଯନ୍ତ୍ରପାତି ଉପରେ ଶିକ୍ଷା ଓ ଗବେଷଣା ପାଇଁ ସ୍ୱତନ୍ତ୍ର ଭାବରେ ଏକ କୃଷି ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟ ରହିଛି। ୧୯୬୬ ମସିହାରେ ସ୍ଥାପିତ ଏହି ମହାବିଦ୍ୟାଳୟରୁ ଏପର୍ଯ୍ୟନ୍ତ ୧୮୫୦ରୁ ଅଧିକ ସ୍ନାତକ ଓ ୪୦୦ରୁ ଅଧିକ ଛାତ୍ରୀଛାତ୍ର ସ୍ନାତକୋତ୍ତର ଉପାଧି ପାଇପାରିଛନ୍ତି। ଏହା ବ୍ୟତୀତ ଏହି ବିଭାଗରେ ୩୦ରୁ ଅଧିକ ଛାତ୍ରୀଛାତ୍ର ମଧ୍ୟ ପିଏଚ.ଡି. ଉପାଧି ପାଇପାରିଛନ୍ତି। ଶ୍ରେଣୀଗୃହ ଅଧ୍ୟାପନା ସହ ବିଭିନ୍ନ ପ୍ରକାର ଦକ୍ଷତା ବୃଦ୍ଧି ପାଇଁ ତାଲିମ କାର୍ଯ୍ୟକ୍ରମ ଦ୍ୱାରା ମଧ୍ୟ ଛାତ୍ରୀଛାତ୍ରଙ୍କୁ ସକ୍ଷମ କରାଯାଇଥାଏ। ଏଠାରୁ ଉତ୍ତୀର୍ଣ୍ଣ ସ୍ନାତକମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷି, ଉଦ୍ୟାନ, ଜଳସେଚନ ସମ୍ବନ୍ଧିତ ବିଭିନ୍ନ ବିଭାଗରେ କାର୍ଯ୍ୟ କରିବା ସହ ବିଭିନ୍ନ ଶିଳ୍ପସଂସ୍ଥା, ବ୍ୟାଙ୍କ ଆଦିରେ ମଧ୍ୟ ସଫଳତାର ସହ କାର୍ଯ୍ୟ କରୁଛନ୍ତି। ବିଗତ ଦିନଗୁଡ଼ିକରେ ଏହି ମହାବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ବହୁତ ଛାତ୍ରୀଛାତ୍ର ବିଭିନ୍ନ ଭାରତୀୟ ବୈଷୟିକ ଅନୁଷ୍ଠାନ (ଆଇଆଇଟି), ରାଷ୍ଟ୍ରୀୟ ବୈଷୟିକ ଅନୁଷ୍ଠାନ (ଏନ୍‌ଆଇଟି), ଭାରତୀୟ କୃଷି ଅନୁସନ୍ଧାନ ଅନୁଷ୍ଠାନ (ଆଇଏଆର୍‌ଆଇ) ଭଳି ଲବ୍ଧପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନଗୁଡ଼ିକରେ ବୃତ୍ତି ସହ ବିଦ୍ୟାଧ୍ୟୟନ ଓ ଗବେଷଣା କରୁଛନ୍ତି ତଥା ବିଭିନ୍ନ ଉଚ୍ଚ ପଦବୀରେ ଅଧିଷ୍ଠିତ ଅଛନ୍ତି।

ଏହା ବ୍ୟତୀତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ କୃଷି ଯନ୍ତ୍ରପାତି, ଶକ୍ତି, ଜଳ ଓ ମୃତ୍ତିକା ସଂରକ୍ଷଣ ଇଞ୍ଜିନିୟରିଂ, ଜଳସେଚନ, ଖାଦ୍ୟ ପ୍ରକ୍ରିୟାକରଣ ଆଦି ବିଭାଗରେ ଗବେଷଣା କରାଯାଏ ତଥା ସମ୍ପୃକ୍ତ ବିଷୟଗୁଡ଼ିକରେ ତାଲିମ ପ୍ରଦାନ କରାଯାଇଥାଏ। ଏହି ସବୁ ବିଷୟରେ ଗବେଷଣା କରିବା ପାଇଁ ଚାରୋଟି ସର୍ବଭାରତୀୟ ଗବେଷଣା ପ୍ରକଳ୍ପ ମଧ୍ୟ ଏଠାରେ ରହିଛି। ଏହି ଗବେଷଣା ପ୍ରକଳ୍ପଗୁଡ଼ିକ ପଶୁ ଶକ୍ତିର ସଦୁପଯୋଗ ଓ ପଶୁପାଳନ କାର୍ଯ୍ୟଗୁଡ଼ିକର ଯାନ୍ତ୍ରିକୀକରଣ, କୃଷିରେ ଶ୍ରମଦକ୍ଷତା ତଥା ସୁରକ୍ଷା ବୃଦ୍ଧି, କୃଷି ଯନ୍ତ୍ରପାତି ଓ ଉପକରଣ ଏବଂ ଅମଳ ପରବର୍ତ୍ତୀ ପରିଚାଳନା ଓ ଇଞ୍ଜିନିୟରିଂ ଉପରେ କାର୍ଯ୍ୟ କରିଥାନ୍ତି। ଏହିସବୁ ପ୍ରକଳ୍ପ ତଥା ଅଧ୍ୟାପକ ଓ ଛାତ୍ରମାନଙ୍କର ଗବେଷଣା ଜରିଆରେ ବିଭିନ୍ନ ପ୍ରକାରର କୃଷି ଯନ୍ତ୍ରପାତି ଓ ଅନ୍ୟାନ୍ୟ ବୈଷୟିକ ଜ୍ଞାନର ବିକଶିତ କରାଯାଇଅଛି। କୃଷି ଯନ୍ତ୍ରପାତି କ୍ଷେତ୍ରରେ କ୍ଷୁଦ୍ରଶସ୍ୟଗୁଡ଼ିକର ଅମଳ ଓ ଅମଳ ପରବର୍ତ୍ତୀ କାର୍ଯ୍ୟ ପାଇଁ ବିଭିନ୍ନ ଯନ୍ତ୍ର, ବଳଦଟଣା ପରିବା ଟ୍ରାନ୍ସପ୍ଲାଣ୍ଟର୍, ଦୁଇ ଧାଡ଼ିଆ ଯନ୍ତ୍ର ଚାଳିତ ଘାସବଛା ଯନ୍ତ୍ର, ପେଡାଲ ଚାଳିତ ମକା ସେଲର, ଏକ ଧାଡ଼ିଆ ପାୱାରଟିଲର ଚାଳିତ ଆଳୁ ଟ୍ରାନ୍ସପ୍ଲାଣ୍ଟର୍, ସୌରଶକ୍ତି ଚାଳିତ ମୋବାଇଲ ପ୍ରୋସେସିଂ ଯନ୍ତ୍ର,




ସୁଆଁ ଥ୍ରେଶର, ମୁଗ ଥ୍ରେଶର ଆଦି ଅନ୍ୟତମ।

ସେହିପରି ଖାଦ୍ୟ ପ୍ରକ୍ରିୟାକରଣ ଟେକ୍ନୋଲୋଜିଗୁଡ଼ିକ ମଧ୍ୟରେ ବିଭିନ୍ନ ଫଳ ଓ ପନିପରିବାରୁ ମୂଲ୍ୟ ଯୁକ୍ତ ପଦାର୍ଥ ଉତ୍ପାଦନ ପଦ୍ଧତି, ପଣସ, ବେଲ, ଆତ, ସପୁରି, ଅଦା, ମହୁଲ, ହଳଦୀ, ଜାମୁକୋଳି ପରି ଦେଶୀୟ ଫଳ ତଥା ଅନ୍ୟାନ୍ୟ ଦ୍ରବ୍ୟଗୁଡ଼ିକର ମୂଲ୍ୟ ବୃଦ୍ଧି ପଦ୍ଧତି ଅନ୍ୟତମ। ଏହା ବ୍ୟତୀତ ଏଠାରେ ଖାଦ୍ୟ ଦ୍ରବ୍ୟକୁ ଅଳ୍ପଦିନ ସାଇତି ରଖିବା ପାଇଁ ଶୀତଳଭଣ୍ଡାର, ତେଲକୁ ରିଫାଇନ କରିବା ପାଇଁ ଛୋଟଯନ୍ତ୍ର, ବାୟୁରୁ ଜଳୀୟ ଅଂଶ ନିଷ୍କାସନ କରି ଶୁଖାଇବା ଯନ୍ତ୍ର, ମହୁଲ ପ୍ରକ୍ରିୟାକରଣ ଯନ୍ତ୍ର ଆଦି ମଧ୍ୟ ବିକଶିତ କରାଯାଇଛି।

ଏହା ବ୍ୟତୀତ ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ ତରଫରୁ ଏଠାରେ ଜୈବିକ ଇନ୍ଧନ ଉପରେ ଉଚ୍ଚତର ଗବେଷଣା ପାଇଁ ଏକ ପ୍ରଫେସର ଚେୟାର ପ୍ରତିଷ୍ଠା କରାଯାଇଛି। ଏହା ବ୍ୟତୀତ ଓଡ଼ିଶା ସରକାରଙ୍କ ସହାୟତାରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ପାଣ୍ଠିଦ୍ୱାରା ଏକ ଭୌଗୋଳିକ ପ୍ରଯୁକ୍ତି ବିଦ୍ୟା କେନ୍ଦ୍ର ଏବଂ ଏକ ହାଇଟେକ୍ କୃଷି ଯନ୍ତ୍ରପାତି କେନ୍ଦ୍ର ମଧ୍ୟ ପ୍ରତିଷ୍ଠା କରାଯାଇଛି। ଏହି ଭୌଗୋଳିକ ପ୍ରଯୁକ୍ତି ବିଦ୍ୟା କେନ୍ଦ୍ରଦ୍ୱାରା ସମୟୋଚିତ ଗବେଷଣା କରାଯାଇ ରାଜ୍ୟର ଚାଷୀମାନଙ୍କୁ ଠିକ୍ ଭାବରେ ମାର୍ଗଦର୍ଶନ କରାଯାଉଛି। ସେହିପରି ହାଇଟେକ୍ କୃଷି ଯନ୍ତ୍ରପାତି କେନ୍ଦ୍ରଠାରେ ଆଗାମୀ ଦିନରେ ଚାଷ କାର୍ଯ୍ୟକୁ ସହଜ ଓ ଲାଭଦାୟକ କରିବା ପାଇଁ ବିଭିନ୍ନ ଯନ୍ତ୍ରପାତି ଉପରେ ଗବେଷଣା କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ ଚାଷ କାର୍ଯ୍ୟରେ ଡ୍ରୋନ୍‌ର ବ୍ୟବହାର ତଥା ସେନ୍ସର ଟେକ୍ନୋଲୋଜିର ବ୍ୟବହାର ପାଇଁ ମଧ୍ୟ ଏଠାରେ ଗବେଷଣା ଓ ତାଲିମ କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ କରାଯାଇଛି। ଚାଷ କାର୍ଯ୍ୟରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ, ରୋବୋଟିକ୍ସ ଆଦି ଉପରେ ଗବେଷଣା ଦ୍ୱାରା ବିଭିନ୍ନ ପ୍ରକାର ଯନ୍ତ୍ର ଓ କାର୍ଯ୍ୟ ପ୍ରଣାଳୀକୁ ଅଧିକ ଦକ୍ଷ କରିବା ଉପରେ ଗବେଷଣା ଜାରି ରହିଛି। ଏସବୁ ଦ୍ୱାରା ଚାଷକାର୍ଯ୍ୟ ଅଧିକ ଲାଭଜନକ ହୋଇପାରିବ ଓ ପରିବେଶ ପ୍ରଦୂଷଣ ଉପରେ କମ ପ୍ରଭାବ ପଡ଼ିବ।

ଉପରୋକ୍ତ କାର୍ଯ୍ୟଗୁଡ଼ିକ ବ୍ୟତୀତ କୃଷି ଇଞ୍ଜିନିୟରିଂରେ ବିଭିନ୍ନ ଗବେଷଣାଲବ୍ଧ ଜ୍ଞାନକୁ ଚାଷୀ ତଥା ଉଦ୍ୟୋଗୀମାନଙ୍କ ପାଖରେ ପହଞ୍ଚାଇବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ବିଭିନ୍ନ ପ୍ରକାରର ତାଲିମ କାର୍ଯ୍ୟକ୍ରମ ମଧ୍ୟ କରାଯାଇଥାଏ। ଟ୍ରାକ୍ଟର, ପାୱାର ଟିଲର ତଥା ଟ୍ରାନ୍ସପ୍ଲାଣ୍ଟର୍ ପରି ବହୁଳ ଭାବରେ ପ୍ରଚଳିତ ଯନ୍ତ୍ରଗୁଡ଼ିକର ପରିଚାଳନା, ମରାମତି ଓ ରକ୍ଷଣାବେକ୍ଷଣ ସମ୍ପର୍କରେ ମଧ୍ୟ ତାଲିମ ପ୍ରଦାନ କରାଯାଇ କୁଶଳୀ ପରିଚାଳକମାନଙ୍କୁ ପ୍ରସ୍ତୁତ କରାଯାଇଥାଏ। ବିଶ୍ୱବିଦ୍ୟାଳୟର କୃଷି ବିଜ୍ଞାନ କେନ୍ଦ୍ରଗୁଡିକ ମଧ୍ୟ ଏପରି ତାଲିମ କାର୍ଯ୍ୟକ୍ରମରେ ସହଯୋଗ କରିଥାନ୍ତି।

ଉପରୋକ୍ତ କାର୍ଯ୍ୟଗୁଡିକ ବ୍ୟତୀତ ରାଜ୍ୟ ସରକାରଙ୍କର କୃଷି ଯାନ୍ତ୍ରିକୀକରଣ ଉପରେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ମଧ୍ୟ ଏହି ବିଶ୍ୱବିଦ୍ୟାଳୟ ବିଶେଷଜ୍ଞ ମାର୍ଗଦର୍ଶକ ଭାବରେ କାର୍ଯ୍ୟ କରିଥାନ୍ତି। ଅଣୁ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପଗୁଡ଼ିକର ଉନ୍ନତୀକରଣ ପାଇଁ ଉଦ୍ଦିଷ୍ଟ ପିଏମ୍‌ଏଫ୍‌ଏମ୍‌ଇ ଯୋଜନାରେ ମଧ୍ୟ ଏହି ବିଶ୍ୱବିଦ୍ୟାଳୟ ରାଜ୍ୟସ୍ତରୀୟ ବୈଷୟିକ ପ୍ରତିଷ୍ଠାନ ଭାବରେ କାର୍ଯ୍ୟ କରୁଛି ଓ ବିଭିନ୍ନ ବିଭାଗର କର୍ମଚାରୀ, ଉଦ୍ୟୋଗୀ ତଥା ଯୁବ ଗୋଷ୍ଠୀଙ୍କୁ ତାଲିମ ପ୍ରଦାନ କରୁଅଛି।

ଏହିପରି ଭାବରେ କୃଷିର ଅନ୍ୟ ସମସ୍ତ ବିଭାଗ ପରି କୃଷି ଯାନ୍ତ୍ରିକୀକରଣରେ ମଧ୍ୟ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପାରଦର୍ଶୀ କ୍ଷମତା ସହ ଶିକ୍ଷାଦାନ ଓ ଗବେଷଣା ଜାରି ରଖିଛି ଓ ଆଗାମୀ ଦିନଗୁଡିକରେ ରାଜ୍ୟ ସରକାରଙ୍କର ବିଭିନ୍ନ ଯୋଜନାର ସଫଳ ରୂପାୟନରେ ସାହାଯ୍ୟ କରିବା ସହ ସମୟୋଚିତ ଗବେଷଣା ଓ ତାଲିମ ଦ୍ୱାରା କୃଷିର ଉନ୍ନତିରେ ଅଧିକରୁ ଅଧିକ ଯୋଗଦାନ କରିପାରିବ।

**ଅଧ୍ୟକ୍ଷ, କୃଷି ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର**

## ଚିରନ୍ତନୀ

ଅଧର ସୁଷମା ନ ବଢ଼େ ଚିର
ରହିଲେ ମୂକ
ବାସନା ବିକାରେ ବିକଳେ ଖାଲି
ବଳଇ ଦୁଃଖ।
–(ପ୍ରାଚୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମହାପ୍ରଭୁଙ୍କ ସମ୍ପତ୍ତିର ସୁରକ୍ଷା କରିବ କିଏ

ମହାଶୟ,

ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଜମିଜମା ମାମଲାରେ ପୋଖତ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟରତ ଥିଲେ ମଧ୍ୟ ମାଟକୋଟା ଅଞ୍ଚଳରେ ୧୦୯ଟି ରାଜସ୍ୱ ପ୍ଲଟ୍ ପ୍ଲଟିଂ ହୋଇ ବିକ୍ରି ହେବାରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ଜମି ଜାଲିଆତି ଘଟଣାରେ ମୁଖ୍ୟ ପ୍ରଶାସକ ତଥା ଅଭିଜ୍ଞ ରାଜସ୍ୱ ଅଧିକାରୀ କିପରି କିଛି ଜାଣିପାରିଲେ ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ମନେହୁଏ ଏପରି ବେଆଇନ କାର୍ଯ୍ୟକଳାପରେ ଜମି ମାଫିଆଙ୍କ ଏକ ର୍‍ୟାକେଟ୍ କାମ କରୁଛି। ଏବେ ମହାପ୍ରଭୁଙ୍କ ହଜାର ହଜାର ଏକର ଜମିବାଡି, ଖଣି ଖାଦାନ ଜବର ଦଖଲରେ। କେବଳ କିଛି ସମୟ ଅନ୍ତରରେ ଏ ସବୁର ପୁନରୁଦ୍ଧାର ପାଇଁ ପ୍ରଶାସନର ତତ୍ପରତା ପ୍ରକାଶପାଏ। ତା'ପରେ ସବୁ ଚୁପ୍‌ଚାପ୍। ଏପରି ପ୍ରହସନ କେତେ ବର୍ଷ ଚାଲିବ।

**–ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଜାତିସଂଘରେ ଇସ୍ରାଏଲ୍ ବିରୋଧରେ ଭାରତର ଭୋଟିଂ

ଜାତିସଂଘ, ୪।୧୨

୧୯୬୭ରୁ ପୂର୍ବ ଜେରୁଜେଲମ ସମେତ ଅନେକ ପାଲେଷ୍ଟିନୀୟ ଅଞ୍ଚଳକୁ ଇସ୍ରାଏଲ ଦଖଲ କରି ରଖିଛି। ତେବେ ବୁଧବାର ମିଳିତ ଜାତିସଂଘ ସାଧାରଣ ସଭା(ୟୁଏନ୍‌ଜିଏ)ରେ ଏକ ପ୍ରସ୍ତାବ ଆଗତ ହୋଇଥିଲା, ଯେଉଁଥିରେ ଉକ୍ତ ଅଞ୍ଚଳଗୁଡ଼ିକୁ ଫେରାଇବା ପାଇଁ ଇସ୍ରାଏଲ୍‌କୁ ଆହ୍ୱାନ କରାଯାଇଛି। ସେହିପରି ଏହି ପ୍ରସ୍ତାବରେ ପଶ୍ଚିମ ଏସିଆରେ ନ୍ୟାୟ ଏବଂ ସ୍ଥାୟୀ ଶାନ୍ତି ପାଇଁ ମଧ୍ୟ ଅପିଲ କରାଯାଇଛି। ପଶ୍ଚିମ ଆଫ୍ରିକୀୟ ଦେଶ ସେନେଗଲ ପକ୍ଷରୁ ପ୍ରସ୍ତୁତ ହୋଇଥିବା 'ପିସ୍‌ଫୁଲ ସେଟଲ୍‌ମେଣ୍ଟ ଅଫ୍ ଦି କ୍ୱେଶ୍ଚିନ୍ ଅଫ୍ ପାଲେଷ୍ଟାଇନ' ଶୀର୍ଷକ ଏହି ପ୍ରସ୍ତାବକୁ ୧୯୩ ସଦସ୍ୟ ବିଶିଷ୍ଟ ୟୁଏନ୍‌ଜିଏରେ ବହୁମତର ସହ ଗ୍ରହଣ କରାଯାଇଛି। ଏହି ପ୍ରସ୍ତାବ ସପକ୍ଷରେ ଭାରତ ସମେତ ୧୫୭ ଦେଶ ଭୋଟ କରିଛନ୍ତି। ସେହିପରି ଇସ୍ରାଏଲ୍, ଆମେରିକା, ଆର୍ଜେଣ୍ଟିନା, ହଙ୍ଗେରୀ, ପପୁଆ ନ୍ୟୁ ଗିନି, ପାଲାଉ, ମିକ୍ରୋନେସିଆ ପରି ୮ ଦେଶ ଏହି ପ୍ରସ୍ତାବକୁ ବିରୋଧ କରିଛନ୍ତି। ତେବେ ଇସ୍ରାଏଲ୍ ବିରୋଧରେ ଏବଂ ପାଲେଷ୍ଟାଇନ ସପକ୍ଷରେ ଭୋଟ ଦେଇଥିବା ଭାରତର ଏହି ପରବର୍ତ୍ତୀ ଆଭିମୁଖ୍ୟ ବିଶ୍ୱର ଅଗ୍ରଣୀ କୂଟନୀତିଜ୍ଞମାନଙ୍କୁ ଆଶ୍ଚର୍ଯ୍ୟ କରିଛି।

### ସାମ୍ବିଧାନିକ, ନ୍ୟାୟିକ ସଂସ୍କାର ପରେ ବାଂଲାଦେଶ ନିର୍ବାଚନ: ୟୁନୁସ୍

ଢାକା, ୪।୧୨

ବାଂଲାଦେଶର ଅନ୍ତରୀଣ ସରକାରଙ୍କ ମୁଖ୍ୟ ପରାମର୍ଶଦାତା ମହମ୍ମଦ ୟୁନୁସ୍ ବୁଧବାର ଏକ ଜାପାନୀ ଖବରକାଗଜକୁ ସାକ୍ଷାତ୍‌କାର ଦେଇ ପୁଣି ଥରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ଟାର୍ଗେଟ କରିଛନ୍ତି। ହାସିନାଙ୍କ ସରକାରରେ ଦେଶର ସବୁକିଛି ନଷ୍ଟ କରି ଦିଆଯାଇଥିବା ୟୁନୁସ୍ କହିଛନ୍ତି। ସେହିପରି ବାଂଲାଦେଶରେ ସାମ୍ବିଧାନିକ, ଅର୍ଥନୈତିକ, ନ୍ୟାୟିକ, ଶାସନ, ଅମଲାତନ୍ତ୍ର ଆଦି କ୍ଷେତ୍ରରେ ସଂସ୍କାର କାର୍ଯ୍ୟକାରୀ ହେବା ପରେ ଯାଇ ସାଧାରଣ ନିର୍ବାଚନ କରାଯିବ ବୋଲି ସେ କହିଛନ୍ତି। ସେହିପରି ହାସିନାଙ୍କ ପ୍ରତ୍ୟର୍ପଣକୁ ନେଇ ୟୁନୁସ୍ କହିଛନ୍ତି, ବାଂଲାଦେଶର ଆନ୍ତର୍ଜାତିକ ଆପରାଧିକ ଟ୍ରିବ୍ୟୁନାଲରେ ହାସିନାଙ୍କ ବିରୋଧରେ ମାମଲାର ଶୁଣାଣି ଶେଷ ହେବା ପରେ ଭାରତ ତାଙ୍କୁ ପ୍ରତ୍ୟର୍ପଣ କରିବାକୁ ବାଧ୍ୟହେବ। ଏହି ବିଚାର ପ୍ରକ୍ରିୟା ଶେଷ ହେବା ପରେ ହାସିନାଙ୍କ ପ୍ରତ୍ୟର୍ପଣ ପାଇଁ ବାଂଲାଦେଶର ଅନ୍ତରୀଣ ସରକାରଙ୍କ ପକ୍ଷରୁ ଭାରତକୁ ଆନୁଷ୍ଠାନିକ ଭାବେ ଅନୁରୋଧ କରାଯିବ। ଉଭୟ ଦେଶ ସ୍ୱାକ୍ଷର କରିଥିବା ଅନ୍ତର୍ଜାତୀୟ ଆଇନ ଅନୁଯାୟୀ ଭାରତ ହାସିନାଙ୍କୁ ପ୍ରତ୍ୟର୍ପଣ କରିବାକୁ ବାଧ୍ୟ ହେବ ବୋଲି ୟୁନୁସ୍ କହିଛନ୍ତି। ସେହିପରି ଦେଶରେ ହିନ୍ଦୁମାନଙ୍କ ସୁରକ୍ଷାକୁ ନେଇ ଭାରତର ଚିନ୍ତା ତଥ୍ୟ ଆଧାରିତ ନୁହେଁ। ହିନ୍ଦୁମାନେ ବାଂଲାଦେଶରେ ଅସୁରକ୍ଷିତ ଥିବା ନେଇ ମିଥ୍ୟା ପ୍ରଚାର କରାଯାଉଛି ବୋଲି ସେ କହିଛନ୍ତି।

# ଦକ୍ଷିଣ କୋରିଆରେ ରାଜନୈତିକ ସଙ୍କଟ
# ମହାଭିଯୋଗ ଘେରରେ ରାଷ୍ଟ୍ରପତି

**୧୯୮୦ ମସିହାରେ ଦକ୍ଷିଣ କୋରିଆରେ ସାମରିକ ଆଇନ ଲାଗୁ ହୋଇଥିଲା। ଏହାର ୪୪ ବର୍ଷ ପରେ ଅର୍ଥାତ୍ ୨୦୨୪ ଡିସେମ୍ବର ୩ରେ ରାଷ୍ଟ୍ରପତି ୟୁନ୍ ସୁକ୍ ୟେଓଲ ଦେଶରେ ସାମରିକ ଆଇନ ଘୋଷଣା କରିଥିଲେ। ୨୦୨୨ରୁ ଦେଶର ତ୍ରୟୋଦଶ ରାଷ୍ଟ୍ରପତି ଥିବା ୬୩ ବର୍ଷୀୟ ୟୁନ୍‌ଙ୍କ ଏହି ନିଷ୍ପତ୍ତି ବିରୋଧରେ ଆଇନ ପ୍ରଣେତାମାନେ ତତ୍କାଳ ଭୋଟ ଦେବାକୁ ବାହାରିଲେ। ଦକ୍ଷିଣ କୋରିଆ ରାଜରାସ୍ତାକୁ ଅନେକ ଲକ୍ଷ ବିକ୍ଷୋଭକାରୀ ଓହ୍ଲାଇ ପ୍ରତିବାଦ ଜଣାଇଲେ। ଫଳରେ ରାଷ୍ଟ୍ରପତିଙ୍କୁ ସାମରିକ ଆଇନ ଘୋଷଣାର ୬ ଘଣ୍ଟା ପରେ ଏହାକୁ ପ୍ରତ୍ୟାହାର କରିବାକୁ ପଡ଼ିଲା। ଏବେ ବିରୋଧୀ ଦଳଗୁଡ଼ିକ ରାଷ୍ଟ୍ରପତିଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିଥିବାରୁ ତାଙ୍କ ରାଜନୈତିକ ଭବିଷ୍ୟତ ଉପରେ ଛିଡ଼ା ହୋଇଛି ବିରାଟ ପ୍ରଶ୍ନବାଚୀ।**


ୟୁନ୍ ସୁକ୍ ୟେଓଲ

ସିଓଲ,୪।୧୨

ଦକ୍ଷିଣ କୋରିଆର ସମ୍ବଧାନ ଅନୁସାରେ ଜଣେ ରାଷ୍ଟ୍ରପତି ଦେଶରେ ସାମରିକ ଆଇନ ଲାଗୁ କରିପାରିବେ ନାହିଁ। କେବଳ ଯୁଦ୍ଧ, ଯୁଦ୍ଧ ଭଳି ସ୍ଥିତି କିମ୍ବା ଅନ୍ୟ ଜରୁରୀ ପରିସ୍ଥିତିରେ ସାମରିକ ଆଇନ ଲାଗୁ କରିପାରିବେ। କିନ୍ତୁ ପାର୍ଲାମେଣ୍ଟ ଏହାକୁ ବିରୋଧ କଲେ ସେ ଏପରି କରିପାରିବେ ନାହିଁ। ଏହା ସତ୍ତ୍ୱେ ରାଷ୍ଟ୍ରପତି ୟୁନ୍ ସୁକ୍ ୟେଓଲ ସାମରିକ ଆଇନ ଘୋଷଣା କରିଛନ୍ତି, ଯାହାକୁ ସମାଲୋଚକମାନେ 'ରାଜନୈତିକ ଆତ୍ମହତ୍ୟା' ବୋଲି ଅଭିହିତ କରିଛନ୍ତି। ଆଇନପ୍ରଣେତାମାନେ ଏହି ଏସୀୟ ରାଷ୍ଟ୍ରର ପାର୍ଲାମେଣ୍ଟରେ ବୁଧବାର ତାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିଛନ୍ତି। ଅନେକ ଲକ୍ଷ ବିକ୍ଷୋଭକାରୀଙ୍କୁ ରାସ୍ତାକୁ ଟାଣିଆଣିବାକୁ ବାଧ କରିଥିବା ୟୁନ୍‌ଙ୍କ ବିବାଦୀୟ ସାମରିକ ଆଇନ ସମ୍ପର୍କିତ ନିଷ୍ପତ୍ତିକୁ ସେମାନେ ବିରୋଧ କରିଛନ୍ତି। ଏହା ପୂର୍ବରୁ ବିରୋଧୀ ଏମ୍‌ପିମାନେ ଉକ୍ତ ବିବାଦୀୟ ଆଇନ ବିରୋଧରେ ଭୋଟ ଦେବାକୁ ଯାଇ ପାର୍ଲାମେଣ୍ଟର ସୁରକ୍ଷା କର୍ମୀମାନଙ୍କ ସହ ଧସ୍ତାଧସ୍ତି ହୋଇଥିଲେ। ଏନେଇ ବିରୋଧୀ ଡେମୋକ୍ରାଟିକ୍ ପାର୍ଟି (ଡିପି) ନେତା କିମ୍ ୟୋଙ୍ଗ୍-ମିନ୍ କହିଛନ୍ତି, ଆମେ ଜରୁରୀ ପ୍ରସ୍ତୁତି ଚଳାଇ ମହାଭିଯୋଗ ପ୍ରସ୍ତାବ ଆଗତ କରିଛୁ।

ଦକ୍ଷିଣ କୋରିଆର ମୁଖ୍ୟ ବିରୋଧୀ ଦଳ ନିୟନ୍ତ୍ରଣରେ ନ୍ୟାଶନାଲ ଆସେମ୍ବ୍ଲି ରହିଛି। କଞ୍ଜରଭେଟିଭ୍ ୟୁନ୍ ସ୍ୱେଚ୍ଛାକୃତ ଭାବେ ଇସ୍ତଫା ନ ଦେଲେ ବିରୋଧୀ ତାଙ୍କ ବିପକ୍ଷରେ ମହାଭିଯୋଗ ଅଣାଯିବ। ତେବେ ପ୍ରସ୍ତାବ ଉପରେ କେବେ ମତଦାନ କରାଯିବ ତାହା ସ୍ପଷ୍ଟ ହୋଇନାହିଁ। ଏନେଇ ଶୁକ୍ରବାର ନିଷ୍ପତ୍ତି ନିଆଯାଇପାରେ।

ୟୁନ୍ ଇସ୍ତଫା ଦେଲେ କିମ୍ବା ତାଙ୍କୁ ପଦରୁ ହଟାଗଲେ ଦକ୍ଷିଣ କୋରିଆ ସମ୍ବିଧାନ ପ୍ରଦତ୍ତ ଅଧିକାର ଅନୁସାରେ ପ୍ରଧାନମନ୍ତ୍ରୀ ହାନ୍ ଡୁକ୍-ସୋ ରାଷ୍ଟ୍ରପତି ଦାୟିତ୍ୱ ତୁଲାଇବେ।

ଏହା ପୂର୍ବରୁ ଡିପି ଏକ ବିବୃତିରେ କହିଥିଲା, ୟୁନ୍, ତାଙ୍କ ପ୍ରତିରକ୍ଷା ମନ୍ତ୍ରୀ, ଗୃହମନ୍ତ୍ରୀ, ପୋଲିସ ଓ ସେନାର ଅଧିକାରୀଙ୍କ ବିରୋଧରେ ଦେଶଦ୍ରୋହ ମାମଲା ଆଣିବ। ନ୍ୟାଶନାଲ ଆସେମ୍ବ୍ଲିର ଦୁଇ-ତୃତୀୟାଂଶ ସଦସ୍ୟ ଭୋଟ ଦେଲେ ପ୍ରସ୍ତାବ ଗୃହୀତ ହେବ। ସାମ୍ବିଧାନିକ କୋର୍ଟରେ ଏଥିପାଇଁ ଟ୍ରାଏଲ୍ ମଧ୍ୟ କରାଯାଇଛି, ଯେଉଁଠି ୯ ଜୁରିଙ୍କ ମଧ୍ୟରୁ ୬ ଜଣ ରାଜି ହେଲେ ଏହା ନିଶ୍ଚିତ ହୋଇପାରିବ। ୩୦୦ ଆସନ ବିଶିଷ୍ଟ ପାର୍ଲାମେଣ୍ଟର ସଂଖ୍ୟାଧିକ ଏମ୍‌ପି ହେଉଛନ୍ତି ବିରୋଧୀ ଦଳର। ରାଷ୍ଟ୍ରପତିଙ୍କ ଦଳରେ ୧୦୮ ସଦସ୍ୟ ଥିବାବେଳେ ସେମାନଙ୍କ ମଧ୍ୟରୁ ଅଳ୍ପ କେତେଜଣ ବିରୋଧୀ ପକ୍ଷରେ ସାମିଲ ହେଲେ ଏହା ପାରିତ ହୋଇଯିବ ବୋଲି ମନେକରାଯାଉଛି।



ସମାରିକ ଆଇନ ବିରୋଧରେ ସିଓଲରେ ବିକ୍ଷୋଭ।


ସିରିଆର ଆଲେପ୍ପୋ ପ୍ରଦେଶସ୍ଥିତ କ୍ୱେୟରିସ୍ ମିଲିଟାରୀ ଏୟାରଫିଲ୍ଡରେ ସରକାର ବିରୋଧୀ ଫାଇଟରମାନେ ଏକ ସାମରିକ ବିମାନରେ ସେଲ୍‌ଫି ନେଉଛନ୍ତି।

## ମା'ବାପା, ଭଉଣୀଙ୍କୁ ହତ୍ୟା

ନୂଆଦିଲ୍ଲୀ, ୪।୧୨

ଦକ୍ଷିଣ ଦିଲ୍ଲୀର ନେବ ସରାୟ ଅଞ୍ଚଳରେ ବୁଧବାର ଏକ ଚାଞ୍ଚଲ୍ୟକର ଟ୍ରିପଲ ମର୍ଡର ଘଟଣା ସାମନାକୁ ଆସିଛି। ଗୋଟିଏ ପରିବାରର ୩ ଜଣଙ୍କୁ ଛୁରି ଭୁସି ହତ୍ୟା କରାଯାଇଛି। ମୃତକଙ୍କ ନାମ ରାଜେଶ କୁମାର(୫୧), ତାଙ୍କ ସ୍ତ୍ରୀ କୋମଲ(୪୬) ଏବଂ ଝିଅ କବିତା(୨୩) ହୋଇଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ପୋଲିସର ତଦନ୍ତ ଜାରି ରହିଛି। ତେବେ ରାଜେଶଙ୍କ ପୁଅ ଅର୍ଜୁନ ହତ୍ୟାକାଣ୍ଡ ସମୟରେ ଘରେ ନ ଥିଲେ ବୋଲି ପ୍ରଥମେ ପୋଲିସକୁ କହିଥିଲେ। ତେବେ ପୋଲିସ ଘଟଣାର ଅଧିକ ତଦନ୍ତ କରି ଅର୍ଜୁନ ହିଁ ନିଜ ବାପା, ମାଆ ଓ ଭଉଣୀଙ୍କୁ ହତ୍ୟା କରିଥିବା ନେଇ ସ୍ପଷ୍ଟ କରିଛି। ପୋଲିସ ଅର୍ଜୁନଙ୍କୁ ଗିରଫ କରିଛି।

## ଗମ୍ଭୀର ମାମଲାରେ ବୁଝିବିଚାରି ଜାମିନ ଦିଅନ୍ତୁ କୋର୍ଟ

ନୂଆଦିଲ୍ଲୀ,୪।୧୨

ହତ୍ୟା, ବଳାତ୍କାର ଓ ଡକାୟତି ଭଳି ଗମ୍ଭୀର ଅପରାଧ ମାମଲାର ଶୁଣାଣି ଚାଲିଥିବା ଦର୍ଶାଇ ଅଭିଯୁକ୍ତଙ୍କୁ ତଳ କୋର୍ଟ ଓ ହାଇକୋର୍ଟ ଜାମିନ ପ୍ରଦାନ କରିବା ଅନୁଚିତ ବୋଲି ବୁଧବାର ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ଜଷ୍ଟିସ୍ ଜେ.ବି. ପର୍ଦ୍ଦିୱାଲା ଏବଂ ଆର୍. ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ଆବେଦନର ଶୁଣାଣି କରି କହିଛନ୍ତି, ସାଧାରଣତଃ ଗମ୍ଭୀର ମାମଲାରେ ଥରେ ବିଚାର ଆରମ୍ଭ ହେଲେ ଏବଂ ସରକାରୀ ଓକିଲ ସାକ୍ଷୀମାନଙ୍କ ଜବାବସୁଆଲ ଆରମ୍ଭ କଲେ ତଳ କୋର୍ଟ ଓ ହାଇକୋର୍ଟ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ ବେଳେ କଠୋର ହେବା ଉଚିତ। ତେବେ ଶୁଣାଣିରେ ଅହେତୁକ ବିଳମ୍ବ ଘଟିଲେ ତାହା ପୁଣି ଅଭିଯୁକ୍ତଙ୍କ ପଟୁ କୌଣସି କାରଣ ନ ଥିବ, ତେବେ ତାଙ୍କୁ ନିଜ ପକ୍ଷ ରଖିବା ପାଇଁ ଦିଆଯାଉନାହିଁ ବୋଲି ଧରାଯିବ। ଏଭଳି ସ୍ଥିତିରେ ଅଭିଯୁକ୍ତ ଜାମିନ ପାଇବା ପାଇଁ ହକ୍‌ଦାର। ଏକ ବଳାତ୍କାର ମାମଲାରେ ହାଇକୋର୍ଟ ଜଣେ ଅଭିଯୁକ୍ତଙ୍କୁ ଜାମିନ ଦେଇଥିଲେ। ଏଫ୍‌ଆଇଆର୍ ଏବଂ ସିଆର୍‌ପିସି ଧାରା ୧୬୪ ଅନୁସାରେ ନିଆଯାଇଥିବା ପୀଡ଼ିତାଙ୍କ ବୟାନରେ ତାଳମେଳ ନ ଥିବା ଦର୍ଶାଇ ଜାମିନ ଦିଆଯାଇଥିଲା। ଏହାକୁ ପୀଡ଼ିତା ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ହାଇକୋର୍ଟଙ୍କ ଏଭଳି ଆଭିମୁଖ୍ୟକୁ ଖଣ୍ଡପୀଠ ନାପସନ୍ଦ କରି ଗମ୍ଭୀର ମାମଲାଗୁଡ଼ିକରେ ଅଦାଲତଗୁଡ଼ିକ ଅନୁସରଣ କରୁଥିବା ସାଧାରଣ ଧାରାକୁ ପ୍ରତ୍ୟାଖ୍ୟାନ କରିଛନ୍ତି।

# ସମ୍ଭଲ ଯିବାବେଳେ ରାହୁଲ ଅଟକ

ନୂଆଦିଲ୍ଲୀ/ଗାଜିପୁର,୪।୧୨

ସାମ୍ପ୍ରଦାୟିକ ହିଂସା ପ୍ରଭାବିତ ଉତ୍ତର ପ୍ରଦେଶର ସମ୍ଭଲକୁ ଯିବାବେଳେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ବୁଧବାର ଦିଲ୍ଲୀ-ମିରଟ ଏକ୍ସପ୍ରେସ୍‌ୱେ'ର ଗାଜିପୁର ସୀମାରେ ଅଟକ ରଖାଯାଇଥିଲା। ୱାୟନାଡ୍ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସମେତ ବିରୋଧୀ ଦଳର ଅନେକ ନେତା ୟୁପି ସୀମାରେ ୨ ଘଣ୍ଟା ବିତାଇବା ପରେ ସେଠାରୁ ଦିଲ୍ଲୀକୁ ଫେରିଯାଇଛନ୍ତି। ସମ୍ପୃକ୍ତ ଅଞ୍ଚଳରେ କୌଣସି ପ୍ରକାର ଅପ୍ରୀତିକର ଘଟଣାକୁ ଏଡ଼ାଇବା ପାଇଁ କଡ଼ା ସୁରକ୍ଷା ଓ ଯାଞ୍ଚ ଯୋଗୁ ଅନେକ ଯାନବାହନ ଅଟକି ରହିଥିଲା। ଏଥିଯୋଗୁ ଟ୍ରାଫିକ୍ ସମସ୍ୟା ଉପୁଜିଥିଲା।

ସମ୍ଭଲସ୍ଥିତ ଏକ ଶିବମନ୍ଦିରକୁ ଭାଙ୍ଗି ତା' ଉପରେ ଶାହି ଜାମା ମସ୍‌ଜିଦ ନିର୍ମାଣ କରାଯାଇଥିବା ଦାବିକରି ହିନ୍ଦୁ ପକ୍ଷଙ୍କ ଓକିଲ ବିଷ୍ଣୁ ଜୈନ ଏକ ସ୍ଥାନୀୟ କୋର୍ଟରେ ପିଟିଶନ ଦାଖଲ କରିଥିଲେ। ନଭେମ୍ବର ୨୪ରେ କୋର୍ଟ ଏହାର ଦ୍ୱିତୀୟ ସର୍ଭେ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସର୍ଭେ ବେଳେ ସାମ୍ପ୍ରଦାୟିକ ହିଂସାରେ ୪ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ମାମଲା ଆଲ୍ଲାହାବାଦ ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ବିଚାରାଧୀନ ଥିବାବେଳେ ପାର୍ଲାମେଣ୍ଟରେ ମଧ୍ୟ ବିରୋଧୀ ସଦସ୍ୟମାନେ ଏହାକୁ ନେଇ ହଙ୍ଗଗୋଳ କରିଆସୁଛନ୍ତି। ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ ମଙ୍ଗଳବାର ସମ୍ଭଲ ହିଂସାକୁ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ବୋଲି ଅଭିହିତ କରିଥିଲେ। ଏହାର ଦିନକ ପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ତାଙ୍କ ଭଉଣୀ ପ୍ରିୟଙ୍କାଙ୍କ ସମେତ ଏକ ପ୍ରତିନିଧି ଦଳ ହିଂସା ପୀଡ଼ିତଙ୍କ ପରିବାରକୁ ଭେଟିବା ପାଇଁ ଗାଜିପୁର ସୀମା ଦେଇ ସମ୍ଭଲ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। କିନ୍ତୁ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ୟୁପି ପୋଲିସ ସେମାନଙ୍କୁ ଯିବାକୁ ଦେଇ ନ ଥିଲା। ଗାଜିପୁର ସୀମାରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍)ର ଧାରା ୧୬୩ ଜାରି କରାଯାଇଥିଲା, ଯାହାକୁ ବର୍ତ୍ତମାନ ଡିସେମ୍ବର ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସମ୍ଭଲ ଜିଲାପାଳ ରାଜେନ୍ଦ୍ର ପେନ୍‌ସିଆ ଗୌତମବୁଦ୍ଧ ନଗର ପୋଲିସ କମିଶନର ଏବଂ ଗାଜିଆବାଦ, ବୁଲନ୍ଦସହର ଏସ୍‌ପିଙ୍କୁ ରାହୁଲଙ୍କୁ ଅଟକାଇବା ପାଇଁ ପତ୍ର ଲେଖି ଆଗୁଆ ସତର୍କ କରାଇଥିଲେ।

ଏନେଇ ରାହୁଲ କହିଛନ୍ତି, ସମ୍ଭଲକୁ ଗସ୍ତ କରିବା ତାଙ୍କ ସାମ୍ବିଧାନିକ ଅଧିକାର, ଯାହାକୁ ପୋଲିସ ଉଲ୍ଲଂଘନ କରୁଛି। ପ୍ରିୟଙ୍କା କହିଛନ୍ତି, ରାହୁଲ ଏକ ସାମ୍ବିଧାନିକ ପଦବୀରେ ଅଛନ୍ତି। ତାଙ୍କ ସାମ୍ବିଧାନିକ ଅଧିକାରକୁ କ୍ଷୁଣ୍ଣ କରାଯାଉଛି। ସେହିପରି ଭାଜପା ଏବଂ ଆର୍‌ଏସ୍‌ଏସ୍ ନିଜ ବିଭାଜନବାଦୀ କାର୍ଯ୍ୟସୂଚୀ ଜରିଆରେ ବିରୋଧୀ ଦଳ ନେତାଙ୍କ ପଥ ଅବରୋଧ କରି ସମ୍ବିଧାନର ହତ୍ୟା କରିଥିବା କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଅଭିଯୋଗ ଆଣିଛନ୍ତି। ଭାଜପା ନେତା ସୁଧାଂଶୁ ତ୍ରିବେଦୀ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ରାହୁଲ ସହାନୁଭୂତି ଯୋଗୁ ସମ୍ଭଲ ଯାଉ ନ ଥିଲେ। ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରି ଫଟୋ-ଅପ୍‌ର ଫାଇଦା ନେବା ତାଙ୍କ ଲକ୍ଷ୍ୟ। ସଂଖ୍ୟାଲଘୁ ଭୋଟକୁ ନେଇ କଂଗ୍ରେସ ଏହାର ସହଯୋଗୀ ଏସ୍‌ପି ସହିତ ପ୍ରତିଯୋଗିତା କରୁଥିବା ସୁଧାଂଶୁ ସମାଲୋଚନା କରିଛନ୍ତି।


ହିଂସା ପ୍ରଭାବିତ ସମ୍ଭଲ ଅଭିମୁଖେ ଯାଉଥିବାବେଳେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ କଂଗ୍ରେସ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ଗାଜିଆବାଦ ସୀମାରେ ପୋଲିସ ଅଟକାଇଛି।

## ନଏଡା ଯାଉଥିବାବେଳେ କୃଷକ ନେତା ରାକେଶ ଟିକାଏତ୍ ଅଟକ

ଅଲିଗଡ଼, ୪।୧୨

ଭାରତୀୟ କିଷାନ ୟୁନିୟନ୍‌ର ନେତା ରାକେଶ ଟିକାଏତଙ୍କୁ ବୁଧବାର ଅଲିଗଡ଼ ପୋଲିସ ଅଟକ ରଖିଛି। କୃଷକ ନେତାମାନଙ୍କ ସହ ଏକ ବୈଠକରେ ଯୋଗଦେବା ପାଇଁ ସେ ଗ୍ରେଟର ନଏଡା ଅଭିମୁଖେ ଯାଉଥିଲେ। ଟିକାଏତ୍ ଓ ତାଙ୍କର ସହଯୋଗୀମାନଙ୍କୁ ଅଲିଗଡ଼ସ୍ଥିତ ଯମୁନା ଏକ୍ସପ୍ରେସ୍ ୱେରୁ ପୋଲିସ ଅଟକାଇଥିଲା। ତାଙ୍କୁ ଟପ୍ପଲ ଥାନାକୁ ନିଆଯାଇ ସେଠାରେ ରଖାଯାଇଛି। ଅଟକ ରଖାଯିବା ପୂର୍ବରୁ ଗଣମାଧ୍ୟମକୁ ରାକେଶ କହିଥିଲେ, ପୋଲିସ କୃଷକମାନଙ୍କୁ ନିଜ ଘରେ ରହିବାକୁ ବାଧ କରିବା ସହ ସେମାନଙ୍କୁ ନଏଡା ଏବଂ ଗୌତମ ବୁଦ୍ଧ ନଗର ଯିବାରେ ପ୍ରତିବନ୍ଧକ ସୃଷ୍ଟି କରୁଛି। ଯଦି ଉତ୍ତର ପ୍ରଦେଶ ପୋଲିସ ପକ୍ଷରୁ ଏହି ମନୋଭାବ ଜାରି ରହେ ତେବେ ଖୁବ୍‌ଶୀଘ୍ର କୃଷକ ଆନ୍ଦୋଳନ ତୀବ୍ରତର ହେବ ବୋଲି ସେ ଚେତାବନୀ ଦେଇଛନ୍ତି।

## ଫୁରସତ୍

## ମାସକରେ ୫୦ ଗଛ ଲଗାଇବେ ଅଭିଯୁକ୍ତ


ଜବଲପୁର

ମଧ୍ୟପ୍ରଦେଶ ହାଇକୋର୍ଟ ବୁଧବାର ଏକ ଅଦାଲତ ଅବମାନନା ମାମଲାର ଶୁଣାଣି କରିବା ସହ ମାମଲାରେ ଅଭିଯୁକ୍ତଙ୍କ କ୍ଷମା ପ୍ରାର୍ଥନାକୁ ସ୍ୱୀକାର କରିଛନ୍ତି। ଏହାସହ ଉଚ୍ଚ ଅଦାଲତ ଅଭିଯୁକ୍ତଙ୍କୁ ମାସେ ମଧ୍ୟରେ ଦେଶୀ ପ୍ରଜାତିର ୫୦ ଗଛ ଲଗାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ସଞ୍ଜୀବ ସଚ୍ଚଦେବା ଏବଂ ଜଷ୍ଟିସ୍ ବିନୟ ସରାଫଙ୍କୁ ନେଇ ଗଠିତ ଖଣ୍ଡପୀଠ ରାହୁଲ ସାହୁ ନାମକ ଜଣେ ବ୍ୟକ୍ତିଙ୍କ ବିରୋଧରେ ଦାଖଲ ହୋଇଥିବା ଅଦାଲତ ଅବମାନନା ମାମଲା ଉପରେ ଶୁଣାଣି କରି ଉକ୍ତ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ କହିଛନ୍ତି, ଅଭିଯୁକ୍ତ ରାହୁଲଙ୍କ ଆଚରଣକୁ ଦୃଷ୍ଟିରେ ରଖି ଅଦାଲତ ତାଙ୍କୁ ଏକ ସର୍ତ୍ତରେ କ୍ଷମା ପ୍ରାର୍ଥନା କରୁଛନ୍ତି। ମୁରୈନା ଜିଲାର ସମ୍ବଲଗଡ଼ ଅଞ୍ଚଳର ବିଭିନ୍ନ ସ୍ଥାନରେ ତାଙ୍କୁ ଆଗାମୀ ମାସେ ମଧ୍ୟରେ ୫୦ ଗଛ ଲଗାଇବାକୁ ପଡ଼ିବ। ଗଛଗୁଡ଼ିକ ଦେଶୀ ପ୍ରଜାତିର ହେବା ସହ ଏହାର ଉଚ୍ଚତା ଅତି କମରେ ୪ ଫୁଟ ରହିବା ଆବଶ୍ୟକ। ସମ୍ବଲଗଡ଼ର ସବ୍‌ଡିଭିଜନାଲ ଅଫିସର(ଫରେଷ୍ଟ)ଙ୍କ ତତ୍ତ୍ୱାବଧାନରେ ଅଭିଯୁକ୍ତ ରାହୁଲ ଏହି ଗଛ ଲଗାଇବେ। ରାହୁଲଙ୍କ ଓକିଲ ଆଶିଷ ସିଂହ ଜଦୌନ କହିଛନ୍ତି, ପୂର୍ବରୁ ରାହୁଲ କୋର୍ଟ ପ୍ରକ୍ରିୟା ସହ ଜଡ଼ିତ ଏକ ମନ୍ତବ୍ୟ ଦେବା ସହ ମୁରୈନା ଜିଲା ଅଦାଲତ ଚାଲିଥିବା ବେଳର ଏକ ଫଟୋକୁ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଏହି ସୋସିଆଲ ମିଡିଆ ପୋଷ୍ଟକୁ ସଜ୍ଞାନ ନେଇ ଜୁଡିସିଆଲ ମାଜିଷ୍ଟ୍ରେଟ୍ ଫାର୍ଷ୍ଟ କ୍ଲାସ୍(ଜେଏମ୍‌ଏଫ୍‌ସି) ପକ୍ଷରୁ ରାହୁଲଙ୍କୁ ନୋଟିସ୍ ଜାରି କରାଯାଇଥିଲା। ତେବେ ରାହୁଲ ଏହାର ଜବାବ ରଖି ନ ଥିଲେ। ପରେ ଜେଏମ୍‌ଏଫ୍‌ସି ଏହି ମାମଲାକୁ ହାଇକୋର୍ଟଙ୍କୁ ହସ୍ତାନ୍ତର କରିଥିଲା। ତେବେ ଗତ ଅକ୍ଟୋବର ୧୫ରେ ରାହୁଲ ଆଫିଡେଭିଟ୍ ଦାଖଲ କରି କହିଥିଲେ, ସେ ଜଣେ ଅର୍ଦ୍ଧ ସାକ୍ଷର ବ୍ୟକ୍ତି। କେବଳ ୧୦ମ ଶ୍ରେଣୀ ଯାଏ ଅଧ୍ୟୟନ କରିଛନ୍ତି। ତେଣୁ ଆଇନଗତ ପ୍ରକ୍ରିୟାକୁ ନେଇ ସେ ସୀମିତ ଜ୍ଞାନ ରଖନ୍ତି। ଏହାସହ ରାହୁଲ ନିଜ ଆଚରଣ ପାଇଁ ଦୁଃଖ ପ୍ରକାଶ କରିବା ସହ ହାଇକୋର୍ଟଙ୍କୁ ବିନା ସର୍ତ୍ତରେ କ୍ଷମା ପ୍ରାର୍ଥନା ମାଗିଥିଲେ।

## 'ଦି ରୋଶନ୍ସ' ପୋଷ୍ଟର ଆଉଟ୍

ମୁମ୍ବାଇ

ଓଟିଟି ପ୍ଲାଟ୍‌ଫର୍ମ ନେଟ୍‌ଫ୍ଲିକ୍ସ ବୁଧବାର ଅଭିନେତା ହ୍ରିତିକ ରୋଶନଙ୍କ ପରିବାର ଉପରେ ଆଧାରିତ ଏକ ସ୍ୱତନ୍ତ୍ର ଡକ୍ୟୁମେଣ୍ଟାରି ସିରିଜ୍ 'ଦି ରୋଶନ୍ସ'ର ଘୋଷଣା କରିଛି। ଏହି କ୍ରମରେ ଦର୍ଶକମାନେ ରୋଶନ ପରିବାରର ପ୍ରସିଦ୍ଧ ସିନେମା ଯାତ୍ରା ବିଷୟରେ ଅତି ନିକଟରୁ ଜାଣିବାର ସୁଯୋଗ ପାଇବେ। ଏହି ସିରିଜ୍‌ରେ ରୋଶନ ପରିବାରର ୩ ପିଢ଼ିର ଅବଦାନ ଏବଂ ପରିବାର ସଦସ୍ୟଙ୍କ କାହାଣୀ ଅନ୍ତର୍ଭୁକ୍ତ ହେବ। ନେଟ୍‌ଫ୍ଲିକ୍ସ ପକ୍ଷରୁ ବୁଧବାର 'ଦି ରୋଶନ୍ସ'ର ପ୍ରଥମ ପୋଷ୍ଟରକୁ ଶେୟାର କରାଯାଇଛି। ଏହି ପୋଷ୍ଟରରେ ହ୍ରିତିକଙ୍କ ସହ ଜେଜେବାପା ତଥା ପ୍ରସିଦ୍ଧ ସଙ୍ଗୀତଜ୍ଞ ରୋଶନ ଲାଲ ନାଗ୍‌ରଥ, ବାପା ତଥା ନିର୍ଦ୍ଦେଶକ ରାକେଶ ରୋଶନ ଏବଂ ଦାଦା ତଥା ସଙ୍ଗୀତ ନିର୍ଦ୍ଦେଶକ ରାଜେଶ ରୋଶନଙ୍କୁ ଦେଖିବାକୁ ମିଳିଛି। ଉକ୍ତ ପୋଷ୍ଟ'ର କ୍ୟାପ୍‌ଶନ୍‌ରେ ଲେଖା ହୋଇଛି, ଖୁବ୍‌ଶୀଘ୍ର ନେଟ୍‌ଫ୍ଲିକ୍ସରେ ହିନ୍ଦୀ ସିନେମାରେ ସଙ୍ଗୀତ, ଅଭିନୟ ଆଦି ବିଭିନ୍ନ କ୍ଷେତ୍ରରେ ଅବିସ୍ମରଣୀୟ ଯୋଗଦାନ ରଖିଥିବା ରୋଶନ ପରିବାରର ଏକ ଲମ୍ବା ଯାତ୍ରାକୁ ଦେଖିବାକୁ ମିଳିବ।




## ଭଡ଼ାରେ ମିଳୁଛନ୍ତି ବୟଫ୍ରେଣ୍ଡ

ହାନୋଇ

ଭିଏଟ୍‌ନାମର ଯୁବପିଢିଙ୍କ ମଧ୍ୟରୁ ଯେଉଁମାନଙ୍କ ପାଖରେ ଜୀବନସାଥୀ ଖୋଜିବାକୁ ସମୟ ନ ଥାଏ, ସେମାନେ ଭଡ଼ାରେ ନିଜ ପାଇଁ ପାର୍ଟନର ଖୋଜିଥାନ୍ତି ବୋଲି ସାଉଥ୍ ଚାଇନା ମର୍ନିଂ ପୋଷ୍ଟରେ ଏକ ରିପୋର୍ଟ ପ୍ରକାଶ ପାଇଛି। ତେବେ ଯୁବକଙ୍କ ଅପେକ୍ଷା ଯୁବତୀମାନେ ଏହି ମାମଲାରେ ଆଗରେ ରହିଛନ୍ତି। ମା' ବାପାଙ୍କ ଚାପ ଏବଂ କ୍ୟାରିୟର କରିବାକୁ ଅଧିକ ଆଗ୍ରହୀ ଥିବାହେତୁ ସେମାନେ ଭଡ଼ାରେ ବୟଫ୍ରେଣ୍ଡ ଆଣିବାକୁ ନିଷ୍ପତ୍ତି ନେଇଥାନ୍ତି। ତେବେ ଭଡ଼ାରେ ଉପଲବ୍ଧ ବୟଫ୍ରେଣ୍ଡଙ୍କ ନିକଟରେ ସେ ସମସ୍ତ ଗୁଣ ରହିଥାଏ, ଯାହା କୌଣସି ଯୁବତୀଙ୍କ ମା' ବାପା ନିଜ ଜ୍ୱାଇଁଙ୍କ ନିକଟରେ ଦେଖିବାକୁ ଚାହାଁନ୍ତି। ଏହି ବୟଫ୍ରେଣ୍ଡମାନେ ଦେଖିବାକୁ ଫିଟ୍ ଏବଂ ସୁନ୍ଦର ହୋଇଥିବା ସହ ସେମାନେ ରୋଷେଇଠାରୁ ଆରମ୍ଭ କରି ଘରର ସବୁ କାମ କରିବାରେ ପାରଙ୍ଗମ ରହିଥାନ୍ତି। ତେବେ ଏ ପ୍ରକାର ବୟଫ୍ରେଣ୍ଡ ପାଇବା ପାଇଁ ଯୁବତୀମାନଙ୍କୁ କେବଳ କିଛି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥାଏ। ଭଡ଼ାରେ ବୟଫ୍ରେଣ୍ଡ ଆଣି ଡେଟ୍‌କୁ ଯିବା ପାଇଁ ପ୍ରାୟ ୧୦ରୁ ୨୦ ଡଲାର (୮୦୦ରୁ ୧୭୦୦ ଟଙ୍କା) ଖର୍ଚ୍ଚ କରିବାକୁ ପଡ଼ିଥାଏ। ସେହିପରି ବୟଫ୍ରେଣ୍ଡଙ୍କୁ ନିଜ ପରିବାର ସହ ପରିଚିତ କରାଇବାକୁ ହେଲେ ମୂଲ୍ୟ ଟିକେ ବଢ଼ି ଯାଇଥାଏ। ଏପରି ସ୍ଥଳେ ଯୁବତୀମାନଙ୍କୁ ୧ ମିଲିୟନ୍ ଭିଏଟ୍‌ନାମ ଡୋଙ୍ଗ୍ (ପ୍ରାୟ ୩୪୦୦ ଟଙ୍କା) ଖର୍ଚ୍ଚ କରିବାକୁ ପଡ଼ିଥାଏ।



# ଛାତ୍ର କଂଗ୍ରେସର ବିଧାନସଭା ଘେରାଉ

## ପୁନଃ ପରୀକ୍ଷା ଦାବି

ଭୁବନେଶ୍ୱର,୪।୧୨(ସୁନିତ୍ ମିଶ୍ର)



ବିଧାନସଭା ଘେରାଉ ଲାଗି ଯାଉଥିବାବେଳେ ପିଏମ୍‌ଜିଠାରେ ଛାତ୍ର କଂଗ୍ରେସ କର୍ମୀ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି।

ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ ଦ୍ୱାରା ପରିଚାଳିତ ଆର୍‌ଆଇ, ଅମିନ, ଏଆର୍‌ଆଇ ଓ ଏସ୍‌ଏଫ୍‌ଏସ୍ ପରୀକ୍ଷାରେ ହୋଇଥିବା ଅନିୟମିତତା ପ୍ରତିବାଦରେ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ବୁଧବାର ବିଧାନସଭା ଘେରାଉ ଉଦ୍ୟମ କରାଯାଇଛି। ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନଙ୍କ ନେତୃତ୍ୱରେ ହୋଇଥିବା ଘେରାଉ ଉଦ୍ୟମ ବେଳେ ପୋଲିସ ସହ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ଛାତ୍ର କଂଗ୍ରେସ କର୍ମୀମାନେ କଂଗ୍ରେସ କାର୍ଯ୍ୟାଳୟରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଲୋୟର ପିଏମ୍‌ଜି ଦେଇ ବିଧାନସଭା ଆଡ଼କୁ ଯିବାବେଳେ ପୋଲିସ ସେମାନଙ୍କୁ ଅଟକାଇଥିଲା। ଛାତ୍ର କଂଗ୍ରେସ କର୍ମୀମାନେ ନାରାବାଜି କରିବା ସହ ଠେଲାପେଲା କରି ଆଗକୁ ବଢ଼ିବାକୁ ଚେଷ୍ଟା କରିଥିଲେ। କିଛି ସମୟ ପରେ ପୋଲିସ ଛାତ୍ର କଂଗ୍ରେସ କର୍ମୀଙ୍କୁ ଉଠାଇନେଇ ପରବର୍ତ୍ତୀ ସମୟରେ ସେମାନଙ୍କୁ ଛାଡ଼ିଦେଇଥିବା ଜଣାପଡ଼ିଛି।

ଏହି ଅବସରରେ ଉଦିତ୍ କହିଛନ୍ତି, ଆର୍‌ଆଇ, ଅମିନ, ଏଆର୍‌ଆଇ ଓ ଏସ୍‌ଏଫ୍‌ଏସ୍ ପରୀକ୍ଷା ଓଡ଼ିଶା ସବ୍‌ଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ କମିଶନ ଯେପରି ଭାବେ ପରିଚାଳନା କରିଥିଲା ଏହା ଅତ୍ୟନ୍ତ ନିନ୍ଦନୀୟ। ଯେଉଁ କେନ୍ଦ୍ର ଏହି ପରୀକ୍ଷା ଆୟୋଜନ କରିଥିଲା, ତାହା ଷ୍ଟାଣ୍ଡାର୍ଡ ସାଇବର କେଫ୍ ଭଳି। ଯେଉଁ ସିଫି କମ୍ପାନୀ ପରୀକ୍ଷା କରିବା ପାଇଁ ଦାୟିତ୍ୱ ନେଇଥିଲା, ତାହା କଳା ତାଲିକାଭୁକ୍ତ। ପରୀକ୍ଷା କେନ୍ଦ୍ରରେ କମ୍ପ୍ୟୁଟରଗୁଡ଼ିକର ମାଉସ୍ କାମ କରୁ ନ ଥିଲା। କେତେକ କେନ୍ଦ୍ରରେ ପରୀକ୍ଷା ସମୟ ଅତିବାହିତ ହେବା ପରେ ପରୀକ୍ଷା କରାଯାଇଥିଲା। ଓଡ଼ିଶା ସରକାରଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀର ପରୀକ୍ଷା ଅତି ଖାମଖିଆଲ ଭାବେ କରାଯାଇଛି। ଛାତ୍ର କଂଗ୍ରେସର ରାଷ୍ଟ୍ରୀୟ ସମ୍ପାଦକ ଚୁନୁ ସିଂ କହିଛନ୍ତି, ପରୀକ୍ଷାର୍ଥୀମାନଙ୍କୁ ନ୍ୟାୟଦେବା ପାଇଁ ଛାତ୍ର କଂଗ୍ରେସ ସଂଗ୍ରାମ ଜାରି ରଖିବ।

# ଆମଦାନୀ ନେତାଙ୍କୁ ଆଣି ବିଜେଡି ଭୁଲ୍ କରିଛି: ବଦ୍ରି

ଭୁବନେଶ୍ୱର,୪।୧୨(ଅନିଲ ଦାସ)



ବଦ୍ରି ନାରାୟଣ ପାତ୍ର

ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ବରିଷ୍ଠ ନେତା ବଦ୍ରି ନାରାୟଣ ପାତ୍ର ବିଜେଡି ଓ ଭାଜପାରେ ଚାଲିଥିବା ନେତାଙ୍କ ଦଳଡିଆଁକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଗଣମାଧ୍ୟମକୁ ସେ କହିଛନ୍ତି ଯେ, ଅତୀତରେ ବିଜେଡି ଭୁଲ୍ କରିଛି। ଭାଜପାରୁ ଟିକେଟ ପାଇଥିବା କିଛି ପ୍ରାର୍ଥୀଙ୍କୁ ବିଜେଡିକୁ ଆଣିବାକୁ ସେ ଭୁଲ ବୋଲି ଦର୍ଶାଇଛନ୍ତି।

ବର୍ତ୍ତମାନ ଭାଜପା ମଧ୍ୟ ସମାନ ଢଙ୍ଗରେ ବିଜେଡିର ଏମ୍‌ପିଙ୍କୁ ନିଜ ଦଳରେ ସାମିଲ କରୁଛି। ଏହା ଉଭୟ ଦଳ ପାଇଁ କ୍ଷତିକାରକ। ଅନ୍ୟପକ୍ଷରେ ସେ ବିଜେଡିକୁ ପରୋକ୍ଷରେ ସମାଲୋଚନା କରିବାକୁ ପଛାଇନାହାନ୍ତି। ଦୀର୍ଘ ବର୍ଷ କ୍ଷମତାରେ ରହିଲା ପରେ ଗୋଟିଏ ନିର୍ବାଚନମଣ୍ଡଳୀରେ ଆମେ ଭଲ ସବଳ ପ୍ରାର୍ଥୀ ତିଆରି କରିପାରିଥାନ୍ତୁ। ହେଲେ ଅନ୍ୟ ଦଳରୁ ଧାର ଆଣି ବିଜେଡି ଭୁଲ କରିଛି ବୋଲି ସେ କହିଛନ୍ତି। ପୂର୍ବରୁ ବିଜେଡି ଯାହା କରୁଥିଲା, ଏବେ ଭାଜପା ମଧ୍ୟ ସେୟା କରୁଛି। ଏହା ବୁମେରାଁ ହେବ। ଆଦର୍ଶ ବଦଳି ନ ଥିବା ଲୋକଙ୍କୁ ରାତି ଅଧରେ ଆଣି ସକାଳେ ପ୍ରାର୍ଥୀ କରିବା କାରଣରୁ ସେମାନେ ନିର୍ବାଚନରେ ହାରୁଛନ୍ତି। କାହିଁକି ନା ଆଦର୍ଶଜନିତ ସଙ୍କଟ ରହୁଛି। ସେମାନଙ୍କୁ ଭରସା କରି ଦଳ ଆଗେଇପାରିବ ନାହିଁ। ଏହାଦ୍ୱାର ଦଳର ହିଁ କ୍ଷତି ହେଉଛି। ଏହା ଭଲ ପରମ୍ପରା ନୁହେଁ ବୋଲି ବଦ୍ରି କହିଛନ୍ତି ।

ଅନ୍ୟପକ୍ଷରେ ନବୀନ ପଟ୍ଟନାୟକ ବିଧାନସଭା ଗୃହରେ ଉପସ୍ଥିତ ରହିବାକୁ ନେଇ ସେ କହିଛନ୍ତି, ନବୀନବାବୁ ବିଧାନସଭା ଆସିବା ଫଳରେ ଭଲ ବାର୍ତ୍ତା ଯାଉଛି। କର୍ମୀମାନେ ମଧ୍ୟ ଏହାଦ୍ୱାରା ଉତ୍ସାହିତ ହେଉଛନ୍ତି। ତେବେ ଆଗାମୀ ଦିନରେ ନବୀନ ଜିଲା ଗସ୍ତରେ ଗଲେ ଭଲ ହେବ। କର୍ମୀଙ୍କ ମନୋବଳ ବଢ଼ିବ।

# କେନ୍ଦ୍ର ସଚିବ,ଏସ୍‌ଟି କମିଶନଙ୍କୁ ଭେଟିଲା ବିଜେଡି ଟିମ୍

ଭୁବନେଶ୍ୱର,୪।୧୨(ଅନିଲ ଦାସ)

## ପୋଲାଭରମ୍ ପ୍ରସଙ୍ଗ

ବିଜୁ ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ଓ ବିଜେଡି ରାଜ୍ୟ ସଭା ସଦସ୍ୟ ବୁଧବାର କେନ୍ଦ୍ର ପରିବେଶ ଓ ଜଙ୍ଗଲ ବିଭାଗ ସଚିବ, ଜାତୀୟ ଏସ୍‌ଟି କମିଶନ ଏବଂ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ସଚିବଙ୍କୁ ତାଙ୍କ ଦିଲ୍ଲୀ କାର୍ଯ୍ୟାଳୟରେ ଭେଟିଛନ୍ତି। ପୋଲାଭରମ୍ ପ୍ରକଳ୍ପ ହେଲେ ଓଡ଼ିଶାର ମାଲକାନଗିରି ଜିଲାର ପ୍ରାୟ ୨ ଶହରୁ ଅଧିକ ଗ୍ରାମ ଜଳମଗ୍ନ ହେବ ଓ ଏଥିରେ ମୁଖ୍ୟତଃ ହଜାର ହଜାର ଆଦିବାସୀ ପରିବାର ଜୀବନଜୀବିକା ହରାଇବେ ବୋଲି ସେମାନେ ଦୃଢ଼ ଯୁକ୍ତି ଉପସ୍ଥାପନ କରିଛନ୍ତି।

ପ୍ରତିନିଧି ମଣ୍ଡଳୀରେ ଥିବା ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ବିଜେଡି ନେତା ରମେଶ ମାଝି, ମାନସ ମାଡକାମୀ, ମନୋହର ରନ୍ଧାରୀ ଓ ପ୍ରିୟବ୍ରତ ମାଝି ପ୍ରମୁଖ ଆଦିବାସୀ ନେତା ଆଲୋଚନା କରିଥିଲେ । ଏମାନଙ୍କ ସହ ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର, ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ଓ ଭୃଗୁ ବକ୍ସିପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନକୁ କଂଗ୍ରେସର ବିରୋଧ

ନବରଙ୍ଗପୁର, ୪।୧୨(ସଦାଶିବ ପ୍ରହରାଜ)




ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ।

ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । ତାହା ଆଦିବାସୀଙ୍କ ବିକାଶ କ୍ଷେତ୍ରରେ କୌଣସି ଫଳପ୍ରଦ ହେବ ନାହିଁ। ପୂର୍ବରୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ ହୋଇଥିଲା। ଅନୁସୂଚିତ ଜାତି, ଜନଜାତିଙ୍କ କୌଣସି ଉନ୍ନତି ଘଟିଲା ନାହିଁ ବୋଲି ନବରଙ୍ଗପୁରସ୍ଥିତ କଂଗ୍ରେସ ଭବନରେ ଖବରଦାତା ସମ୍ମିଳନୀ କରି ପୂର୍ବତନ ବିଧାୟକ ତଥା ଜିଲା କଂଗ୍ରେସ ସଭାପତି ଭୁଜବଳ ମାଝୀ ଏହା କହିଛନ୍ତି।

ସେ କହିଛନ୍ତି, କେବିକେ ଜିଲାରେ ମୋଟ ଜନସଂଖ୍ୟାର ୨୩ ପ୍ରତିଶତ ଆଦିବାସୀ। ବଜେଟ ପ୍ରାବଧାନ କଲେ ୬୬ ହଜାର କୋଟି ଟଙ୍କା ପଡ଼ିବ। ଏହା ମାଧ୍ୟମରେ ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ, ଅର୍ଥନୈତିକ, ଅପପୁଷ୍ଟି ଭଳି ଅନେକ କ୍ଷେତ୍ରରେ ବିକାଶ ହୋଇପାରିବ। ବର୍ତ୍ତମାନ ବେକାରି ସମସ୍ୟା ବୃଦ୍ଧିପାଉଛି। ଗରିବୀ ହଟୁନି। ତେଣୁ ଆଦିବାସୀ ଅଧ୍ୟୁଷିତ ଜିଲାର ବିକାଶ ପାଇଁ ଜଣେ ଡେପୁଟି କମିଶନର ନିଯୁକ୍ତ କରାଯାଇ ସ୍ୱତନ୍ତ୍ର କାର୍ଯ୍ୟାଳୟ ଖୋଲାଯାଉ। ଉକ୍ତ ସ୍ୱତନ୍ତ୍ର କାର୍ଯ୍ୟାଳୟ ଅଧିକାରୀଙ୍କ ଦ୍ୱାରା ଆଦିବାସୀ ଜିଲାଗୁଡ଼ିକର ବିକାଶ ହୋଇପାରିବ ବୋଲି ସେ କହିଛନ୍ତି। ବିଧାୟକ ଓ ଏମ୍‌ପିମାନେ ସଭ୍ୟ ରହିବେ। ସ୍ୱତନ୍ତ୍ର କାର୍ଯ୍ୟାଳୟ ସ୍ଥାପନ, ଡେପୁଟି କମିଶନର ନିଯୁକ୍ତି ଓ ଏହାର ନିୟନ୍ତ୍ରଣ ତଥା ନିର୍ଦ୍ଦେଶ କ୍ଷମତା ରାଜ୍ୟପାଳଙ୍କ ରହିବ। ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ ପାଇଁ ବିଭିନ୍ନ କମିଟି ଗଠନ ହୋଇଛି। କମିଟି ତାହାର ରିପୋର୍ଟ ପ୍ରଦାନ ପରେ କେଉଁ ଜିଲାକୁ କେଉଁ ଅନୁପାତରେ ଆର୍ଥିକ ସହଯୋଗ ମିଳିବ ତାହା ଚୂଡ଼ାନ୍ତ କରିବେ, ଯାହାକି ବିକାଶ କ୍ଷେତ୍ରରେ ଅନୁଦାନ ଆଶାନୁରୂପ ଫଳପ୍ରଦ ହେବ ନାହିଁ ବୋଲି ଭୁଜବଳ କହିଛନ୍ତି। ଖବରଦାତା ସମ୍ମିଳନୀରେ ପରି ସାହୁ, ତୁଫାନ ଷଡ଼ଙ୍ଗୀ, ଅନାମୁ ଦିଆନ, କୃଷକ ନେତା ବୃନ୍ଦାବନ ତ୍ରିପାଠୀ, ଗଣେଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ୨୦୨୫ ଆରମ୍ଭ ବେଳକୁ ଆର୍‌ଆଇ, ଅମିନ ପଦବୀ ଖାଲି ନ ଥିବ: ମନ୍ତ୍ରୀ

ଭୁବନେଶ୍ୱର, ୪।୧୨(ସୁନିତ୍ ମିଶ୍ର)

- ୫ ବର୍ଷରେ ରାଜ୍ୟରେ ରାଜସ୍ୱ ଗାଁ ପ୍ରସ୍ତାବ ନ ଥିବ
- ବଡ଼ବଡ଼ିଆ ଜବରଦଖଲକାରୀଙ୍କ ଅଟ୍ଟାଳିକା ଉପରେ ଚାଲିବ ବୁଲ୍‌ଡୋଜର

ବିଜେଡି ୨୪ ବର୍ଷ ଧରି ସରକାରରେ ଥିବାବେଳେ ଯଦି ସବୁ ସମସ୍ୟାର ସମାଧାନ କରିଦେଇଥାଆନ୍ତେ ତେବେ ଆଜି ଗୃହରେ ଏତେ ଗୁଡ଼ାଏ କଥା ସେମାନଙ୍କୁ କହିବାକୁ ପଡୁ ନ ଥାଆନ୍ତା। ଭାଜପା ରାଜ୍ୟରେ ୫ ମାସ ହେଲା ସରକାରକୁ ଆସିଛି। ଏହି ସମୟ ମଧ୍ୟରେ ରାଜ୍ୟରେ ଖାଲି ଥିବା ଆର୍‌ଆଇ, ଅମିନ ପଦବୀ ପୂରଣ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ୨୦୨୫ ବର୍ଷ ଆରମ୍ଭ ବେଳକୁ ରାଜ୍ୟରେ ଆର୍‌ଆଇ, ଅମିନ ପଦବୀ ଖାଲି ନ ଥିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ବୁଧବାର ବିଧାନସଭାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ଖର୍ଚ୍ଚଦାବି ଆଲୋଚନା ହୋଇଛି। ଏହି ଅତିରିକ୍ତ ଖର୍ଚ୍ଚଦାବିକୁ ଗୃହରେ ପାରିତ ମଧ୍ୟ କରାଯାଇଛି। ଉକ୍ତ ବିଭାଗର ଆଲୋଚନା ପରେ ମନ୍ତ୍ରୀ ପୂଜାରୀ ନିଜ ଉତ୍ତରରେ କହିଛନ୍ତି, ରାଜସ୍ୱ ବିଭାଗ ସ୍ମାର୍ଟ ସର୍ଭିଲେନ୍ସ ସିଷ୍ଟମ ଆରମ୍ଭ କରିଛନ୍ତି। ୨୩୨ ଜିଲା ସବ୍‌ରେଜିଷ୍ଟ୍ରାର ଏବଂ ୩୦ଟି ଜିଲା ରେଜିଷ୍ଟ୍ରାର ଅଫିସ୍‌ରେ ସିସିଟିଭି ଲଗାଯାଇଛି। କଟକ ସ୍ଥିତ ଆଇଜିଆର୍ ଅଫିସ୍‌ରେ ସବୁଠାରେ କ'ଣ ଚାଲିଛି ତାହାକୁ ମନିଟରିଂ କରାଯାଉଛି। ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କରିବାରେ ଓଡ଼ିଶାର ନାଁ ଅଛି। ହେଲେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆଗରୁ ଏସ୍‌ଆର୍‌ସି ଅଫିସ୍ ଯାଇ କୌଣସି ମୁଖ୍ୟମନ୍ତ୍ରୀ କେବେ ସମୀକ୍ଷା କରିନାହାନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୫ ଥର ଏସ୍‌ଆର୍‌ସି ଅଫିସ ଯାଇ ଜିଲାପାଳ ଏବଂ ବିଡିଓମାନଙ୍କ ସହ ବୈଠକ କରିଛନ୍ତି। ୨୪ ତାରିଖ ରାତି ଅଧରେ ବାତ୍ୟା ଦାନା ଲ୍ୟାଣ୍ଡଫଲ୍ କଲା। ଆମ ସରକାର ଦାନାକୁ ଦାନା ବାନ୍ଧିବାକୁ ଦେଲେ ନାହିଁ। ପ୍ରଥମ ଥର ଲାଗି ବାତ୍ୟା ଦାନା ସମୟରେ ରାଜନୈତିକ ବ୍ୟକ୍ତି ରାସ୍ତାକୁ ବାହାରିଲେ। ଗତ ୩୦ ବର୍ଷରେ ୧ ହଜାର ଗାଁକୁ ରାଜସ୍ୱ ଗାଁ ମାନ୍ୟତା ମିଳିଲା। ଧୈର୍ଯ୍ୟ ଧରନ୍ତୁ, ଆସନ୍ତା ୫ବର୍ଷ ଭିତରେ ରାଜସ୍ୱ ଗାଁ ପାଇଁ ଯେତେସବୁ ପ୍ରସ୍ତାବ ରହିଛି ସେସବୁର ସମାଧାନ ହୋଇସାରିଥିବ ବୋଲି ସେ କହିଛନ୍ତି।

ଜବରଦଖଲ ସମସ୍ୟା ନେଇ ମନ୍ତ୍ରୀ ପୂଜାରୀ କହିଛନ୍ତି, ଆମ ସରକାର ଜବରଦଖଲକାରୀଙ୍କୁ ୨ ଭାଗରେ ବାଣ୍ଟି ଦେଇଛନ୍ତି। ଗୋଟିଏ ହେଉଛନ୍ତି ଗରିବ ଲୋକ, ଯେଉଁମାନେ ଜବରଦଖଲ କରିଛନ୍ତି। ସେମାନଙ୍କ କାର୍ଯ୍ୟକୁ ଆମ ସରକାର ଜବରଦଖଲ ବୋଲି ଭାବୁନାହାନ୍ତି। ସେମାନେ ଜବରଦଖଲ କରିଥିବା ଜମିକୁ ପଟ୍ଟାକରି ସେମାନଙ୍କ ନାଁରେ କରିଦିଆଯିବ। ସେଠାରେ ସେମାନଙ୍କୁ ଘର ମଧ୍ୟ ଯୋଗାଇଦିଆଯିବ। ରାଜ୍ୟର ବଡ଼ ଲୋକ ଯେଉଁମାନେ ଜବରଦଖଲ କରିଛନ୍ତି, ସେମାନଙ୍କ ବଡ଼ ବଡ଼ ଅଟ୍ଟାଳିକାକୁ ବୁଲ୍‌ଡୋଜର ଲଗାଇ ଗଳାଇଦେବୁ। ଭୂମିହୀନମାନଙ୍କ ସମସ୍ୟା ତୁରନ୍ତ ସମାଧାନ ଲାଗି ସରକାର କାର୍ଯ୍ୟ କରୁଛନ୍ତି। ପ୍ରତ୍ୟେକ ମାସର ଶେଷ ଶନିବାର ବିଡିଓ, ତହସିଲଦାରମାନେ ଏକାଠି ବୈଠକକରି ପ୍ରଧାନମନ୍ତ୍ରୀ ଆବାସ ଗରିବ ଲୋକଙ୍କୁ ଯୋଗାଇଦେବେ। ରାଜ୍ୟରେ ଯେଉଁ ସ୍ଥାନରେ ଆବଶ୍ୟକତା ଅଛି ସେଠାରେ ତହସିଲ ଅଫିସ କରାଯିବ। ଦୁଇଟି ଲେଖା ପଞ୍ଚାୟତରେ ଗୋଟିଏ ଲେଖା ଆର୍‌ଆଇ ଅଫିସ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ଜୟନାରାୟଣ ମିଶ୍ର ସ୍କୁଲ, କଲେଜ ଆଡ୍‌ମିଶନରେ ବିଧାୟକମାନଙ୍କ ସାର୍ଟିଫିକେଟକୁ ଚୂଡ଼ାନ୍ତ ଧରାଯାଉଥିଲା। ଏବେ ତାହା ହେଉ ନାହିଁ ବୋଲି ସେ କହିଥିଲେ। ଏହା ଉପରେ ମଧ୍ୟ ବିଚାର କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**କୂଅ ନନ୍ଦ,**
**କିଏ ଜାଣିଥିଲା ଏଡେ ଛନ୍ଦ?**

କାହାର କି ଗୁଣ ଅଥବା ଖୁଣ ଅଛି ତାହା ହଠାତ୍ ଜଣାପଡ଼ି ନ ଥାଏ। ତେବେ ସମୟ ଆସିଲେ ବଳେ ତାହା ଜଣାପଡ଼ିଯାଇଥାଏ। ଯାହାର ପ୍ରକୃତି ମନ୍ଦ ତାହା ଦିନେ ନା ଦିନେ ଧରା ପଡ଼ିଯାଇଥାଏ। ଉପରକୁ ଭଦ୍ର ଜଣାପଡୁଥିବା ବ୍ୟକ୍ତିଙ୍କ ଭିତିରିଆ ମନ୍ଦ ସଭାପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**କାଟି ନ ଜାଣି କଟୁରି ଦୋଷ**
**ଚାଲି ନ ଜାଣି ବାଟର ଦୋଷ ।**

ଭଲ କରି କାଟି ନ ପାରି କଟୁରୀ ଖରାପ ଥିବା ଭଳି ସିଧା ଚାଲି କରି ଯାଇପାରୁ ନ ଥିବା ବ୍ୟକ୍ତି ରାସ୍ତା ଖାଲ ଢ଼ିପ ତଥା ଅଙ୍କାବଙ୍କା ବା ଖରାପ ଥିବା କଥା କହିବା ନିହାତି ହାସ୍ୟାସ୍ପଦ କଥା ହୋଇଥାଏ। ନିଜର ଅସାମର୍ଥ୍ୟ ପ୍ରତି ଦୃଷ୍ଟି ନ ଦେଇ ଅନ୍ୟକୁ ଦୋଷାରୋପ କରିବା ମୂର୍ଖାମୀ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ବିସ୍ଥାପିତଙ୍କ ସମସ୍ୟା ନେଇ ବିରୋଧୀ-ଶାସକ ମୁହାଁମୁହିଁ

ଭୁବନେଶ୍ୱର, ୪।୧୨(ସୁନିତ୍ ମିଶ୍ର)

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା,ଏସ୍‌ସି/ଏସ୍‌ଟି , ସଂଖ୍ୟାଲଘୁ, ଓବିସି କଲ୍ୟାଣ ବିଭାଗ ଖର୍ଚ୍ଚଦାବି ଆଲୋଚନା

- ନୂଆ ଯୋଜନା ନାହିଁ, ଖର୍ଚ୍ଚଦାବିର ଆବଶ୍ୟକତା କ'ଣ ବୁଝାପଡୁନି: ଗଣେଶ୍ୱର
- ରାଜ୍ୟରେ କେବେ ପେସା ଆଇନ ଲାଗୁହେବ: ରାଜନ ଏକ୍କା
- ଡିସେମ୍ବର ସୁଦ୍ଧା ଜମିହରାଙ୍କୁ ଜମିପଟ୍ଟା ପ୍ରଦାନ କରାଯିବ: ଇରାଶିଷ



ବିଧାନସଭାରେ ବୁଧବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ଏବଂ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଖର୍ଚ୍ଚଦାବି ଆଲୋଚନା ହୋଇଛି। ଏହି ଆଲୋଚନାରେ ଭାଗ ନେଇ ବିରୋଧୀ ଦଳ ସଦସ୍ୟମାନେ ବିଭିନ୍ନ କଥାରେ ଶାସକ ଦଳକୁ ଟାର୍ଗେଟ କରିଛନ୍ତି। ଅନ୍ୟପଟେ ଶାସକ ଦଳ ସଦସ୍ୟମାନେ ମଧ୍ୟ ପାଲଟା ବିରୋଧୀଙ୍କୁ ସମାଲୋଚନା କରିବାକୁ ପଛାଇନାହାନ୍ତି।

ଆଲୋଚନାରେ ଭାଗନେଇ ପ୍ରଥମେ ବିଜେଡି ସଦସ୍ୟ ଗଣେଶ୍ୱର ବେହେରା କହିଛନ୍ତି, ଏହି ଦୁଇ ବିଭାଗର ଖର୍ଚ୍ଚଦାବି ଆଣିବାର କୌଣସି ଆବଶ୍ୟକତା ପରିଲକ୍ଷିତ ହେଉନାହିଁ। ଅତିରିକ୍ତ ଖର୍ଚ୍ଚଦାବି ଯେତେବେଳେ ଆସେ ସେତେବେଳେ କିଛି ନୂଆ ଯୋଜନାର ପରିକଳ୍ପନା କରାଯାଇଥାଏ। ହେଲେ ସରକାର ଯେତେବେଳେ କିଛି ନୂଆ ଯୋଜନା ଆଣିନାହାନ୍ତି ଏପରି କ୍ଷେତ୍ରରେ ଅତିରିକ୍ତ ଖର୍ଚ୍ଚଦାବିର ଆବଶ୍ୟକତା କ'ଣ ଅଛି ତାହା ବୁଝାପଡୁନାହିଁ। ପୂର୍ବ ସରକାରକୁ କେବଳ ଦୋଷ ଦେଇ ଦେଲେ ହେବନାହିଁ। ତହସିଲରେ ଅମିନ ପଦବୀ ପୂରଣ ହୋଇପାରୁ ନାହିଁ। ବାଉଣ୍ଡାରି ଚେନ୍ ଏବଂ ଲ୍ୟାଣ୍ଡ ଡିଷ୍ଟ୍ରିବ୍ୟୁଶନରେ ବାଧାପ୍ରାପ୍ତ ହେଉଛି। ଅମିନଙ୍କ ଅଭାବ ଯୋଗୁ ମାପଚୁପରେ ସମସ୍ୟା ଉପୁଜୁଛି, ଯେଉଁଥିଲାଗି ଅନେକ ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ପୂର୍ବ ସରକାର ତହସିଲରୁ ପଟ୍ଟା, ଘରବାଡ଼ି ରିପୋର୍ଟ ଆଦି ଦେବା ଲାଗି ଯେଉଁ ବ୍ୟବସ୍ଥା ହୋଇଥିଲା ତାହା ଏବେ ହୋଇପାରୁନାହିଁ। ଜମିହୀନଙ୍କୁ ଜମିପଟ୍ଟା ଯୋଗାଇଦେବା କାର୍ଯ୍ୟରେ ଅସୁବିଧା ଦେଖାଯାଉଛି। ମନ୍ତ୍ରୀ ସମୀକ୍ଷାକଲେ ଜାଣିପାରିବେ ସରକାର ତାଙ୍କ ଲକ୍ଷ୍ୟ ପୂରଣ କରିପାରୁନାହାନ୍ତି। ବହୁ ଜମିହୀନଙ୍କୁ ପଟ୍ଟା ମିଳିଯାଇଛି ହେଲେ ସେହି ସ୍ଥାନରେ ପଜେସନ ମିଳିପାରିନାହିଁ। ସେହି ଲୋକମାନଙ୍କୁ ପଜେସନ ଦେଲେ ସେମାନେ ଖୁସି ହେବେ। ଦାନା ବାତ୍ୟା ସମୟରେ ସରକାର ଜିରୋ କାଜୁଆଲ୍‌ଟି କଥା ବାରମ୍ବାର କହୁଛନ୍ତି, ହେଲେ ରାଜନଗରରେ ସେହି ସମୟରେ ୩ ଜଣଙ୍କ ମୃତ୍ୟୁ ହେଲା। କିନ୍ତୁ ସେମାନଙ୍କ ପୋଷ୍ଟମର୍ଟମ କରାଗଲା ନାହିଁ। ଏହା ବାତ୍ୟାଜନିତ ଯଦି ହୋଇ ନ ଥିବ କାହିଁକି ପୋଷ୍ଟମର୍ଟମ କରାଗଲା ନାହିଁ। ଯଦି ପୋଷ୍ଟମର୍ଟମ ହେଲାନାହିଁ ତେବେ ଜିରୋ କାଜୁଆଲ୍‌ଟି କିପରି ହେଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଏହାର ତଦନ୍ତ ହେବା ଦରକାର। ଗତ ସରକାର ରାଜ୍ୟରେ ଓବିସିମାନଙ୍କ ଜନଗଣନା ଆରମ୍ଭକଲେ। ଏହାର ହାଉସ ହୋଲ୍ଡ ସର୍ଭେ ହେବା ଦରକାର। କାରଣ ରାଜ୍ୟରେ ଓବିସିଙ୍କ ସଂଖ୍ୟା ସମୁଦାୟର ୫୪ ପ୍ରତିଶତ । ଜେଲରେ ଥିବା କଏଦିଙ୍କ ମଧ୍ୟରେ ଏସ୍‌ସି, ଏସ୍‌ଟି ଏବଂ ସଂଖ୍ୟାଲଘୁଙ୍କ ସଂଖ୍ୟା ଅଧିକ, ଯେଉଁଥିଲାଗି ରାଷ୍ଟ୍ରପତି ଗୋଟେ ସ୍ଥାନରେ କାନ୍ଦି ପକାଇଥିଲେ ବୋଲି ଗଣେଶ୍ୱର କହିଛନ୍ତି।

କଂଗ୍ରେସ ସଦସ୍ୟ ସି.ଏସ୍.ରାଜନ ଏକ୍କା କହିଛନ୍ତି, ଯେଉଁ ୨ ବିଭାଗର ଖର୍ଚ୍ଚଦାବି ଆସିଛି ଏହି ବିଭାଗରେ ବହୁ ଦୁର୍ନୀତି ରହିଛି। ଟ୍ରାଇବାଲ ଆଡଭାଇଜରି କମିଟିର ବୈଠକ ଠିକ୍ ଭାବେ ହେଉନାହିଁ। ନିର୍ବାଚନ ସମୟରେ ପ୍ରଧାନମନ୍ତ୍ରୀ ଓଡ଼ିଶା ଆସି ପେସା ଆଇନ ଲାଗୁହେବ ବୋଲି ପ୍ରଚାରରେ କହିଗଲେ। ହେଲେ ରାଜ୍ୟରେ କେବେ ପେସା ଆଇନ ଲାଗୁହେବ। ବିଭିନ୍ନ ପ୍ରକଳ୍ପ ସମୟରେ ଲୋକଙ୍କୁ ବିସ୍ଥାପିତ କରାଯାଉଥିବା ବେଳେ ସେମାନଙ୍କୁ ଜମି ଯୋଗାଯାଉ ନାହିଁ। ଗ୍ରାମସଭା ଏବଂ ପଲ୍ଲିସଭାକୁ ପୋଲିସ ବଳ ଲଗାଇ କମ୍ପାନୀଙ୍କ ସ୍ୱାର୍ଥରେ କରାଇ ପ୍ରକଳ୍ପ ପାସ୍ କରାଇ ଦିଆଯାଉଛି। ନିୟମ ଅଛି ଯଦି ସରକାରୀ ଜମିକୁ ୩ ବର୍ଷରେ ବ୍ୟବହାର ନ କରାଯାଇପାରିଲା ତେବେ ତାହା ଫେରସ୍ତ ନିଆଯିବା କଥା, ହେଲେ ତାହା କରାଯାଉ ନାହିଁ। ଫରେଷ୍ଟ ରାଇଟ୍ସ ଆକ୍ଟରେ ନିୟମ ପାଳନ ନ ହେଇ କମ୍ପାନୀଗୁଡିକୁ ଜମି ପ୍ରଦାନ କରିଦିଆଯାଉଛି। ଫରେଷ୍ଟ ରାଇଟ୍ସ ଆକ୍ଟରେ ବହୁ ମାମଲା ପଡ଼ିରହିଛି। ଜାତି ଜନଗଣନା ହେଲେ ବହୁ ଓବିସି ବର୍ଗର ଲୋକଙ୍କୁ ସାହାଯ୍ୟ ମିଳିବ ବୋଲି ଏକ୍କା କହିଛନ୍ତି।

ଶାସକ ଦଳ ସଦସ୍ୟ ଇରାଶିଷ ଆଚାର୍ଯ୍ୟ କହିଛନ୍ତି, ବାତ୍ୟା ଦାନା ମୁକାବିଲା ସମୟରେ ମନ୍ତ୍ରୀ, ଅଫିସରମାନେ ଯେପରି କାମ କଲେ ତାହା ପ୍ରଶଂସନୀୟ। ପାଖାପାଖି ୮ ଲକ୍ଷରୁ ଅଧିକ ଲୋକଙ୍କୁ ୨୦୧୦ଟି ବାତ୍ୟା ଆଶ୍ରୟସ୍ଥଳୀକୁ ଭଲଭାବେ ସ୍ଥାନାନ୍ତର କରିଦିଆଗଲା। ଲୋକମାନଙ୍କୁ ପୂର୍ବ ସରକାର ପଟ୍ଟା ଦେଇସାରିଛନ୍ତି ହେଲେ ସେମାନେ ଜମିଗୁଡ଼ିକୁ ପଜେସନ ନେଇପାରି ନାହାନ୍ତି। ଡିସେମ୍ବର ସୁଦ୍ଧା ଜମିହରାଙ୍କୁ ଜମିପଟ୍ଟା ପ୍ରଦାନ କରାଯିବ। ପୂର୍ବ ସରକାର ଜମିହରାଙ୍କୁ ବହୁ ମିଛ କାଗଜ ଦେଇଥିଲେ। ଯେଉଁ ସ୍କୁଲ ନାଁରେ ପଟ୍ଟା ନାହିଁ ତାହାର ସମାଧାନ ହେବ। ଏ ସମ୍ବନ୍ଧିତ ୮୦ ପ୍ରତିଶତ କାର୍ଯ୍ୟ ସରିଲାଣି। ହୀରାକୁଦ ବିସ୍ଥାପିତଙ୍କ ସମସ୍ୟାର ସମାଧାନ ହେବ। ବିସ୍ଥାପିତଙ୍କୁ ପଟ୍ଟା ଦିଆଯିବ, ଯାହା ୭୦ ବର୍ଷରେ ହେଇପାରୁ ନ ଥିଲା। ଆର୍‌ଆଇ, ଅମିନ ସବୁଠି ନ ଥିବା କଥା ସତ। କେମିତି ୨୪ ବର୍ଷରେ ନିଯୁକ୍ତି ନ ଦେଇ ଠିକାରେ ଚଳାଇଥିଲେ। ତହସିଲକୁ ନୂଆ ରୂପରେ ସଜେଇବାର ଆବଶ୍ୟକତା ଅଛି। ଓଡ଼ିଶାରେ ପୂର୍ବ ସରକାରର ମନ୍ତ୍ରୀ ତାଙ୍କ ଉତ୍ତରରେ କହିଥିଲେ, ରାଜ୍ୟରେ ୮ ଲକ୍ଷ ୯୦ ହଜାର ବେକାରି ରେଜିଷ୍ଟ୍ରେଶନ କରିଛନ୍ତି। ପୂର୍ବ ସରକାର ଆଦିବାସୀଙ୍କ ଜମିକୁ ବିକ୍ରିକରିବା ଲାଗି ବାଟ କରିଥିଲେ। ଭାଜପା ପକ୍ଷରୁ ପ୍ରବଳ ବିରୋଧରେ ଆଇନରେ ପରିବର୍ତ୍ତନ କଲେ। ଭାଜପା ସରକାର ସମୟରେ ଆଦିବାସୀଙ୍କ ଇଞ୍ଚେ ଜମି କମ୍ପାନୀକୁ ଯିବ ନାହିଁ। ଯାହା ଯିବ ବ୍ୟବସ୍ଥା ଭିତରେ ଯିବ ବୋଲି ଇରାଶିଷ କହିଛନ୍ତି।

ବିଜେଡି ବିଧାୟକ ଅରୁଣ କୁମାର ସାହୁ କହିଛନ୍ତି, ୯୪ ପ୍ରତିଶତ ଲୋକଙ୍କ ଅଗ୍ରଗତି ନ ହେଲେ ରାଜ୍ୟର ବିକାଶ ଅସମ୍ଭବ। ଏସ୍‌ସି,ଏସ୍‌ଟି ଏବଂ ସଂଖ୍ୟାଲଘୁଙ୍କ ପାଇଁ ଅନେକ ହଜାର ବର୍ଷର ଲଢ଼େଇ ପରେ ସଂରକ୍ଷଣ ବ୍ୟବସ୍ଥା ହେଲା। ସଂରକ୍ଷଣ ବ୍ୟବସ୍ଥା ମୁଖ୍ୟତଃ ପାୱାର ଶେୟାରିଂ ପାଇଁ କରାଗଲା। ସରକାରୀସ୍ତରରେ ଯେତିକି ସଂରକ୍ଷଣ ମିଳିବା କଥା ସେମାନଙ୍କୁ ମିଳିନାହିଁ। ଆଉଟ୍‌ସୋର୍ସିଂରେ ମଧ୍ୟ ସେମାନେ ସଂରକ୍ଷଣ ପାଇନାହାନ୍ତି। ଗାଁରେ ଏବେ ବି ଛୁଆଁ ଅଛୁଆଁ ଭେଦଭାବ ରହିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଗତ ଦିନରେ ଏନ୍‌ଆଇଟିରେ ସଂରକ୍ଷଣ ଦେବା ନେଇ ଚିଠି ଲେଖିଥିଲେ। ତାକୁ ଏବେ ଲାଗୁ କରାନ୍ତୁ ବୋଲି ଅରୁଣ କହିଛନ୍ତି।

ଭାଜପା ସଦସ୍ୟ ଟଙ୍କଧର ତ୍ରିପାଠୀ କହିଛନ୍ତି, ଅରୁଣ ସାହୁ ବିଧାନସଭା ଭିତରେ ଯେପରି ଭାଷଣ ଦେଉଛନ୍ତି ତାହା କୌଣସି ସ୍କୁଲ ବା ବିଶ୍ୱବିଦ୍ୟାଳୟରେ ଦେଲେ ଭଲ ହୁଅନ୍ତା। ୨୪ ବର୍ଷ ଶାସନରେ ଥିବାବେଳେ ଓବିସିମାନଙ୍କୁ ସଂରକ୍ଷଣ ଦେବାକୁ କିଏ ମନା କରିଥିଲା। ଭାଜପା ସରକାର ନିଜର କଥା ଆଉ କାମରେ ଭରସା ରଖିଛନ୍ତି। ଆଉଟ୍‌ସୋର୍ସିଂ ବ୍ୟବସ୍ଥା ବିଜେଡି ଆରମ୍ଭ କଲା, ସେତେବେଳେ ଆପଣମାନେ ସଂରକ୍ଷଣ କାହିଁକି ଦେଲେନି ବୋଲି ଟଙ୍କଧର ପ୍ରଶ୍ନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରମେଶ ବେହେରା, ସନ୍ତୋଷ ଖଟୁଆ,ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଏବଂ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଭାଗନେଇଥିଲେ।

## ସଂକ୍ଷେପରେ

### ଓଡ଼ିଶା ଦଳରେ ଭବ୍ୟା ସାମିଲ



ଅନୁଗୋଳ,୪।୧୨(ମାନସ ବିଶ୍ୱାଳ)

ପଞ୍ଜାବର ତରଣତାରଣଠାରେ ଆୟୋଜିତ ଜାତୀୟ ଉପକନିଷ୍ଠ ଉଷୁ ଚାମ୍ପିୟନଶିପ୍ ଡିସେମ୍ବର ୧ ରୁ ୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ଏଥିରେ ଅଂଶଗ୍ରହଣ କରିବା ପାଇଁ ଉଷୁ ଆସୋସିଏଶନ ଓଡ଼ିଶା ପକ୍ଷରୁ ଏକ ଦଳ ପଞ୍ଜାବ ଗସ୍ତ କରିଛନ୍ତି। ଏହି ଦଳରେ ୪୨ ଜଣ ଖେଳାଳି ଏବଂ ୪ ଜଣ ଅଫିସିଆଲ ଷ୍ଟାଫ ରହିଛନ୍ତି। ଏହି ଦଳରେ ଅନୁଗୋଳ ଜିଲାର ଏକମାତ୍ର କ୍ରୀଡ଼ାବିତ୍ ଜିତେନ୍ଦ୍ର ସାହୁଙ୍କ କନ୍ୟା ଭବ୍ୟା ସାହୁ ୧୪ ବର୍ଷରୁ କମ୍ ୪୮ କେଜି ବର୍ଗରେ ଖେଳିବା ପାଇଁ ମନୋନୀତ ହୋଇଛନ୍ତି। ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସଠ, ଅନୁଗୋଳ ଜିଲା ଉଷୁ ଆସୋସିଏଶନ କର୍ମକର୍ତ୍ତା, ବରିଷ୍ଠ କ୍ରୀଡ଼ାବିତ୍‌ମାନେ ଭବ୍ୟାଙ୍କୁ ଶୁଭେଚ୍ଛା ଜ୍ଞାପନ କରିବା ସହିତ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ବୋଲି କୋଚ୍ ଚିତ୍ତରଞ୍ଜନ ମହାନ୍ତି ଜଣାଇଛନ୍ତି।

# ଗ୍ରାମାଞ୍ଚଳର ରୋଗୀଙ୍କୁ ଟାର୍ଗେଟ କରୁଛନ୍ତି ଦଲାଲ

- ସରକାରୀ ସୁବିଧା କରାଇଦେବୁ କହି ଲୁଟୁଛନ୍ତି ଟଙ୍କା
- ଥାନାରେ ଅଭିଯୋଗ ହେଲେ ବି ଫଳ ଶୂନ
- ବିବାଦରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ

ଅନୁଗୋଳ,୪।୧୨ (ଜ୍ୟୋତିରଞ୍ଜନ ସାହୁ)




ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ବଢ଼ୁଛି ଦଲାଲଙ୍କ ପ୍ରାଦୁର୍ଭାବ। ଚିକିତ୍ସାଳୟର ପ୍ରାୟ ସମସ୍ତ ୱାର୍ଡ ବାହାରେ ସକ୍ରିୟ ରହିଛନ୍ତି କେତେଜଣ ଦଲାଲ। ବିଶେଷକରି ମେଡିକାଲକୁ ବିଭିନ୍ନ ରୋଗର ଚିକିତ୍ସା ପାଇଁ ଗ୍ରାମାଞ୍ଚଳରୁ ଆସୁଥିବା ଗରିବ, ସରଳ ଲୋକମାନଙ୍କୁ ଏମାନେ ଟାର୍ଗେଟ କରୁଛନ୍ତି। ମୌକା ଦେଖି ଦୁଇ ପଦ ମିଠା କଥା କହି କେତେବେଳେ ଚିକିତ୍ସାରେ ସହଯୋଗ କରିବାକୁ ତ ଆଉ କେତେବେଳେ ସରକାରୀ ସୁବିଧା ଓ ସରକାରୀ ଅର୍ଥ ପାଇବାରେ ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେଇ ସେମାନଙ୍କଠାରୁ ଟଙ୍କା ଠକି ନେଉଛନ୍ତି। ଏପରି କି ଓଟିପି ଆସିବା ବାହାନା କରି ମୋବାଇଲ ମଧ୍ୟ ନେଇ ପଳାଇ ଯାଉଛନ୍ତି। ଦଲାଲଙ୍କ ଶିକାର ହେଉଥିବା ଏପରି ରୋଗୀମାନେ ଶେଷରେ ଥାନାରେ ଅଭିଯୋଗ କରୁଥିଲେ ମଧ୍ୟ ସେପରି କିଛି ସୁଫଳ ମିଳିପାରୁ ନାହିଁ। ମାଳ ମାଳ ସିସିଟିଭି, ପୋଲିସ ଫାଣ୍ଡି, ସୁରକ୍ଷା କର୍ମୀ ମୁତୟନ ସତ୍ତ୍ୱେ ଏହି ଦଲାଲରାଜ୍‌କୁ ରୋକାଯାଇ ପାରୁ ନ ଥିବାରୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପୁଣି ବିବାଦ ଘେରକୁ ଆସିଛି।

ପ୍ରକାଶ ଯେ, ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର ଓ ସମ୍ବଲପୁର ଆଦି ଜିଲାରୁ ଦୈନିକ ଶତାଧିକ ରୋଗୀ ଆସିଥାନ୍ତି। ହେଲେ ସେମାନଙ୍କ ମଧ୍ୟରୁ କେତେଜଣ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଦଲାଲଙ୍କ ହାବୁଡରେ ପଡୁଛନ୍ତି। ସମସ୍ତ ୱାର୍ଡ ଏପରିକି ରକ୍ତ ଭଣ୍ଡାର, ଶିଶୁ ବିଭାଗ, ଡାଏଲିସିସ, ଏମ୍ଆର୍ଆଇ, ସିଟିସ୍କାନ ଆଦି ବିଭାଗ ଆଗରେ ଦଲାଲମାନେ ଠିଆ ହୋଇ ରୋଗୀଙ୍କୁ ଟାର୍ଗେଟ କରୁଛନ୍ତି। ଗତ ୨ ମାସ ମଧ୍ୟରେ ୧୦ରୁ ଅଧିକ ରୋଗୀ ଏପରି ଠକେଇର ଶିକାର ହୋଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ଅନେକ ରୋଗୀ ଟଙ୍କା, ମୋବାଇଲ ହରାଇବା ସତ୍ତ୍ୱେ ଚୁପଚାପ୍ ଘରକୁ ଫେରିଯାଇଛନ୍ତି। ଗତ ନଭେମ୍ବର ୨୮ରେ ଠାକୁରଗଡ଼ ଥାନା ସଦାନନ୍ଦପୁର ଗ୍ରାମର କାହ୍ନୁ ଚରଣ ତାଙ୍କ ଆସନ୍ନ ପ୍ରସବା ସ୍ତ୍ରୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଆଣିଥିଲେ। ଏହି ସମୟରେ ଜଣେ ଦଲାଲ ଝିଅ ଜନ୍ମ ହେଲେ ସରକାରଙ୍କ ତରଫରୁ ଘୋଷଣା ହେଇଥିବା ୧ ଲକ୍ଷ ଟଙ୍କା ପାଇବାରେ ସହାୟତା କରିବେ ବୋଲି କାହ୍ନୁଙ୍କୁ କହିଥିଲେ। କାହ୍ନୁଙ୍କ ଝିଅ ଜନ୍ମ ହେବା ପରେ ସମ୍ପୃକ୍ତ ଦଲାଲ ପହଞ୍ଚି ୧ ଲକ୍ଷ ଟଙ୍କା ପାଇଁ ଆବଶ୍ୟକ କାଗଜପତ୍ର ଦରକାର ଓ ଏଥିପାଇଁ ୧୦ ହଜାର ଟଙ୍କା ଲାଗିବ ବୋଲି କହିଥିଲେ। ଏଥିରେ ରାଜି ହୋଇ କାହ୍ନୁ ୭ ହଜାର ଟଙ୍କା ଯୋଗାଡ଼ କରି ଦେଇଥିଲେ। ସହାୟତା ରାଶି ପାଇଲେ ବାକି ୩ ହଜାର ଟଙ୍କା ଦେବେ ବୋଲି କହିଥିଲେ। ଏହାପରେ ଦଲାଲ ୭ ହଜାର ଟଙ୍କା ଓ ଓଟିପି ଆସିବ ବୋଲି କହି କାହ୍ନୁଙ୍କ ମୋବାଇଲ ନେଇ ଚମ୍ପଟ ମାରିଥିଲେ। ଏ ନେଇ ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ସେହିପରି ଗତ ୧୦ ତାରିଖରେ ଆଉ ଏକ ଅଭିଯୋଗ କରିଥିଲେ ସମଲ ଥାନା ଟିପୋ ଗ୍ରାମର ନାରାୟଣ ମହାପାତ୍ର। ନାରାୟଣ ଗର୍ଭବତୀ ସ୍ତ୍ରୀଙ୍କୁ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରସବ ପାଇଁ ଆସିଥିବା ବେଳେ ସରକାରୀ ସୁବିଧା କରାଇଦେବାକୁ କହି ଜଣେ ଦଲାଲ ତାଙ୍କଠାରୁ ୫ ହଜାର ଟଙ୍କା ନେଇ ପଳାଇଥିଲେ। ଏପରି କି ମେଡିକାଲର ଫିଜିଓଥେରାପି ବିଭାଗ ସମ୍ମୁଖରେ ଦଲାଲମାନେ ହାତରେ ଏକ ଧଳା ରଙ୍ଗର ପାଉଡର ଧରି ରୋଗୀଙ୍କୁ କିଣିବା ପାଇଁ ବାଧ୍ୟ କରୁଥିବା ଦେଖିବାକୁ ମିଳିଥିଲା। ଏହ ପାଉଡର ଲଗାଇଲେ ଆଉ ଫିଜିଓଥେରାପି କରିବାକୁ ପଡିବ ନାହିଁ ବୋଲି ଦଲାଲମାନେ କହୁଥିବା ଅନେକ ରୋଗୀ ଦେଖିଥିଲେ। ମୁଖ୍ୟ ଚିକିତ୍ସାଳୟରେ ପୋଲିସ ଫାଣ୍ଡି ରହିଛି। ସବୁଆଡେ କ୍ୟାମେରା ଲାଗିଛି। ସୁରକ୍ଷା କର୍ମୀମାନେ ମଧ୍ୟ ଜଗିଥିବା ବେଳେ ଦଲାଲମାନେ ଏପରି ରୋଗୀଙ୍କୁ ଠକିବା ରୋଗୀ ଓ ସମ୍ପର୍କୀୟମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶିବାନନ୍ଦ ମହାନ୍ତି କହିଛନ୍ତି, ଦଲାଲଙ୍କ ହାବୁଡ଼ରୁ ବର୍ତ୍ତିବା ପାଇଁ ମେଡିକାଲରେ ରୋଗୀଙ୍କୁ ସଚେତନ କରାଯାଉଛି। ଏଥିସହ ସୁରକ୍ଷା କର୍ମୀମାନଙ୍କୁ ଆବଶ୍ୟକ ପ୍ରଶିକ୍ଷଣ ଦିଆଯିବାର ଯୋଜନା ରହିଛି।

# କାର୍ଯ୍ୟକ୍ଷମ ହେଉନି ବ୍ୟାଙ୍କ ସେବାକେନ୍ଦ୍ର




ଅନୁଗୋଳ,୪।୧୨(ମାନସ ବିଶ୍ୱାଳ)

ପଞ୍ଚାୟତିରାଜ ବିଭାଗ ମାଧ୍ୟମରେ ବ୍ୟାଙ୍କିଙ୍ଗ ଆଉଟ୍‌ଲେଟ୍ (୨୦୨୩-୨୦୨୪) ଅନୁଦାନରେ ଅନୁଗୋଳ ଜିଲାର ବିଭିନ୍ନ ପଞ୍ଚାୟତରେ ୧୦ ଲକ୍ଷ ଟଙ୍କା ଲେଖାଏ ବିନିମୟରେ 'ଆମ ବ୍ୟାଙ୍କର ଘର' ନିର୍ମାଣ ସରିଛି। ଗ୍ରାମାଞ୍ଚଳର ଲୋକେ ଯେପରି ପଞ୍ଚାୟତରେ ବ୍ୟାଙ୍କ ସେବା ପାଇପାରିବେ, ସେହି ଉଦ୍ଦେଶ୍ୟରେ ଏହାର ନିର୍ମାଣ କରାଯାଇଥିଲା। ଏଠାରେ ବରିଷ୍ଠ ନାଗରିକମାନେ ଭତ୍ତାଠାରୁ ଆରମ୍ଭ କରି ପେନସନ୍ ପର୍ଯ୍ୟନ୍ତ ପାଇବା ସମ୍ଭବ ହେବ। ଟଙ୍କା ରଖିବା ଏବଂ ଉଠାଣର ସମସ୍ୟା ଦୂର ହେବ। ଛାତ୍ରୀଛାତ୍ର, ବୃଦ୍ଧାବୃଦ୍ଧ, ମହିଳାପୁରୁଷ ସମସ୍ତେ ଏଠାରୁ ବ୍ୟାଙ୍କ ସେବା ପାଇପାରିବେ। ହେଲେ ଆମ ବ୍ୟାଙ୍କ ଘର ନିର୍ମାଣ କାର୍ଯ୍ୟ ୮/୯ ମାସ ପୂର୍ବରୁ ଶେଷ ହୋଇଥିଲେ ମଧ୍ୟ ତାହା ଏଯାଏ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଅନୁଗୋଳ ବ୍ଲକ ବସଲା ପଞ୍ଚାୟତ ଏହାର ଏକ ଉଦାହରଣ। ତୁରନ୍ତ ଏ ଦିଗରେ ପ୍ରଶାସନ ପଦକ୍ଷେପ ନେବାକୁ ପଞ୍ଚାୟତର ଭାବଗ୍ରାହୀ ସାହୁ, ହରିହର ବେହେରା, ଅଶୋକ ସାହୁ, ରଶ୍ମିରଞ୍ଜନ ସେଠୀ, ଦୁର୍ଗା ଚରଣ ସାହୁ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ପିଡି ଡିଆର୍‌ଡିଏ ହେମନ୍ତ କୁମାର ସିଂ କହିଛନ୍ତି, ଅନୁଗୋଳ ଜିଲାର ୨୨୫ ପଞ୍ଚାୟତରୁ ୯୬ ଟିରେ ଆମ ବ୍ୟାଙ୍କ ଗୃହ ନିର୍ମାଣ କାର୍ଯ୍ୟ ବାକି ରହିଛି। ପ୍ରାୟ ୧ ମାସ ଭିତରେ ସମସ୍ତ ନିର୍ମାଣ କାର୍ଯ୍ୟ ଶେଷ ହୋଇଯିବ। ଆସନ୍ତା ୨୦୨୫ ଜାନୁଆରୀ ୧୪ ଭିତରେ ଆମ ବ୍ୟାଙ୍କ ସେବା ସମସ୍ତ ପଞ୍ଚାୟତରେ କାର୍ଯ୍ୟକାରୀ କରାଯିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି।

# ଐତିହାସିକ ସଦାବର୍ତ୍ତ ମଠରୁ ଚୋରି

ଭଦ୍ରକ,୪।୧୨(ରବିନାରାୟଣ ଖିଲାର)

ଭଦ୍ରକ ପୁରୁଣା ବଜାରସ୍ଥିତ ଦେବୋତ୍ତର ବିଭାଗ ଅଧୀନରେ ଥିବା ଐତିହାସିକ ସଦାବର୍ତ୍ତ ମଠରୁ ମଙ୍ଗଳବାର ରାତିରେ ଚୋରି ହୋଇଛି। ଗୋପାଳ ଜୀଉଙ୍କ ଦାମୀ ପିତ୍ତଳ ଓ କଂସା ରୋଷେଇ ସରଞ୍ଜାମ ସହ ବିଦ୍ୟୁତ୍ ଚାଳିତ ପାଣି ମଟରକୁ ଦୁର୍ବୃତ୍ତମାନେ ଚୋରି କରି ନେଇଛନ୍ତି। ଏହିମଠର ମୁଖ୍ୟ ଦାୟିତ୍ୱରେ ଭଦ୍ରକର ଅତିରିକ୍ତ ଜିଲାପାଳ ଥିବା ସତ୍ତ୍ୱେ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଥାନାରେ ଏତଲା ଦିଆଯାଇନାହିଁ।

# ମୋଟରସାଇକେଲ ଚୋରି

ଛେଣ୍ଡିପଦା, ୪।୧୨(ଅଜିତ ଧଳ)

ଅନୁଗୋଳ ଜିଲା ଜରପଡା ଥାନା ମରାଡିରା ସାପ୍ତାହିକ ହାଟରୁ ବୁଧବାର ମୋଟର ସାଇକେଲ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଅନୁଗୋଳ ଜିଲା ସଦର ଥାନା ରନ୍ତଲେଇ ଗାଁର ସଞ୍ଜୟ ସାହୁ ମରାଡିରା ହାଟକୁ ତାଙ୍କ ମୋଟର ସାଇକେଲ ଧରି ପରିବା କିଣିବା ପାଇଁ ଆସିଥିଲେ। ପରିବା କିଣିସାରି ଗାଡ଼ି ରଖିଥିବା ସ୍ଥାନରେ ମୋଟର ସାଇକେଲ ପାଇ ନ ଥିଲେ। ବହୁ ଖୋଜାଖୋଜି ପରେ ଗାଡ଼ି ନ ମିଳିବାରୁ କେହି ଚୋରାଇ ନେଇଥିବା ଜରପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଜରପଡା ପୋଲିସ ନମ୍ବର ୪୧୧/୨୪ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି ।

# ଆଇଏନ୍‌ଟିୟୁସି ବିଜୟୀ

### ଏନ୍‌ଟିପିସି ଏମ୍ପ୍ଲଇଜ ୟୁନିୟନ ନିର୍ବାଚନ

ତାଳଚେର,୪।୧୨ (ମନୋଜ ନନ୍ଦ)/ ପବିତ୍ରନଗର,(ନିରୋଜ କୁମାର ପ୍ରଧାନ)

ଅନୁଗୋଳ ଜିଲା କଣିହାଁସ୍ଥିତ ଏନ୍‌ଟିପିସି ଏମ୍ପ୍ଲଇଜ ୟୁନିୟନ ନିର୍ବାଚନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ନିର୍ବାଚନରେ ଏନ୍‌ଟିପିସି ଏମ୍ପ୍ଲଇଜ ୟୁନିୟନ ଆଇଏନ୍‌ଟିୟୁସି ବିଜୟୀ ହୋଇଛି। ଏଥିନେଇ ଆଇଏନ୍‌ଟିୟୁସି ସଙ୍ଗଠନ ମହଲରେ ଆନନ୍ଦ ଖେଳିଯାଇଛି। ଏନ୍‌ଟିପିସି ପ୍ଲାଣ୍ଟ ଭିତରେ ଥିବା ଫାୟାର ଷ୍ଟେଶନ ଠାରେ ଏଥିପାଇଁ ଭୋଟ ଗ୍ରହଣ କେନ୍ଦ୍ର କରାଯାଇଥିଲା। ସମୁଦାୟ ୫୩୬ ଭୋଟରଙ୍କ ମଧ୍ୟରୁ ୫୨୫ ଭୋଟର ମତଦାନ କରିଥିଲେ। ଆଇଏନ୍‌ଟିୟୁସି ୨୮୪ ଖଣ୍ଡ ଭୋଟ ପାଇ ବିଜୟ ଲାଭ କରିଥିବା ବେଳେ ପ୍ରତିଦ୍ୱନ୍ଦ୍ୱୀ ବିଏମ୍ଏସ୍ ୨୨୧ ଭୋଟ ପାଇଥିଲା। ନିର୍ବାଚନରେ ଭାଗ ନେଇଥିବା ଅନ୍ୟ ଏକ ସଙ୍ଗଠନ ୟୁନାଇଟେଡ୍ ଏମ୍ପ୍ଲଇଜ ୟୁନିୟନ(ୟୁଇୟୁ) ୨୦ ଖଣ୍ଡ ଭୋଟ ପାଇଥିବା ଜଣାଯାଇଛି। ୧୧ ଭୋଟର ଅନୁପସ୍ଥିତ ଥିଲେ। ଇଭିଏମ ମାଧ୍ୟମରେ ଭୋଟ ଗ୍ରହଣ କରାଯାଇଥିଲା। ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ଆସିଷ୍ଟାଣ୍ଟ ଲେବର କମିଶନର ବିକାଶ ସିଂହ, କଣିହାଁ ଅତିରିକ୍ତ ତହସିଲଦାର ଅନୁପ ପରମଗୁରୁ ଉପସ୍ଥିତ ରହି ନିର୍ବାଚନ ପରିଚାଳନା କରିଥିଲେ।

# ସୌନ୍ଦର୍ଯ୍ୟକରଣ ହେବ ଚାଉଳତି ସମୁଦ୍ର ବେଳାଭୂମି

କାଳିପଦା, ୪।୧୨(ରାଜଶ୍ରୀ ପାଣିଗ୍ରାହୀ)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଜମ୍ବୀରାଇ ପଞ୍ଚାୟତ ଅଧୀନ ଚାଉଳତି ବେଳାଭୂମିର ଉନ୍ନତୀକରଣ ପାଇଁ ଦାବି ହୋଇଆସୁଥିଲା। ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କ ପରାମର୍ଶକ୍ରମେ ବ୍ଲକ ପ୍ରଶାସନିକ ଅଧିକାରୀମାନେ ଏବେ ଚାଉଳତି ବେଳାଭୂମିର ଭିତ୍ତିଭୂମିର ସ୍ଥିତି ପରଖିଛନ୍ତି। ୨୨ନମ୍ବର ଜୋନ୍‌ର ଜିଲା ପରିଷଦ ନିଶାକର ସେଠୀ, ବ୍ଲକ ସହକାରୀ ଯନ୍ତ୍ରୀ ସୌମ୍ୟମୁକୁଳ ବାରିକ, ପିଓ ଶାଶ୍ୱତ ଗିରି, ଏପିଓ ସୌମ୍ୟରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ସୌନ୍ଦର୍ଯ୍ୟକରଣ ପାଇଁ ପାର୍କ, ଉଜ୍ଜ୍ୱଳ ଆଲୋକ, ବସିବା ପାଇଁ ପକ୍କା ବେଞ୍ଚ, ସମୁଦ୍ର ଜଳରେ ବୋଟିଂ, କଟେଜ ଆଦି ନିର୍ମାଣ ହେଲେ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରି ପାରିବ। ତାହାଛଡ଼ା ବଣଭୋଜି ପାଇଁ ଏହା ଏକ ଉତ୍କୃଷ୍ଟ ସ୍ଥାନ ମଧ୍ୟ ହୋଇଛି।


## ଜିଲ୍ଲା ଖଣି ଅଧିକାରୀଙ୍କ କାର୍ଯ୍ୟାଳୟ, ଜଗତ୍‌ସିଂହପୁର

ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚର ଓ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଜଗତ୍‌ସିଂହପୁର ଜିଲ୍ଲାର ବିଭିନ୍ନ ତହସିଲ ଅଞ୍ଚଳରେ ଥିବା ଲଘୁ ଖଣିଜ ଉତ୍ସ (ବାଲି, ମାଟି) ଗୁଡ଼ିକୁ କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଦ୍ୱାରା ପ୍ରଚଳିତ ନିୟମ ଅନୁଯାୟୀ ତଥା ରାଜ୍ୟ ତଥା ରାଜ୍ୟ ପରିବେଶ ପ୍ରଭାବ ଆକଳନ କର୍ତ୍ତୃପକ୍ଷ (SEIAA)ଙ୍କ ନିର୍ଦ୍ଦେଶକ୍ରମେ ଖଣିଜ ଉତ୍ସଗୁଡ଼ିକୁ ସର୍ବେକ୍ଷଣ ରିପୋର୍ଟ (District Survey Report)ରେ ସ୍ଥାନିତ କରିବା ନିମନ୍ତେ ପ୍ରକ୍ରିୟା ଆରମ୍ଭ କରାଯାଇଛି। ତା'ର ସାରଣୀ ଏଥିରେ ସଂଲଗ୍ନ କରାଗଲା, ଏଥିନିମନ୍ତେ ସରକାରଙ୍କ ନିୟମ ଅନୁଯାୟୀ ଖଣିଜ ଉତ୍ସଗୁଡ଼ିକ ଚୂଡ଼ାନ୍ତ ଜିଲ୍ଲା ସର୍ବେକ୍ଷଣ ରିପୋର୍ଟ (District Survey Report)ରେ ସ୍ଥାନ ପାଇବା ଆଗରୁ ଜନସାଧାରଣଙ୍କ ଆପତ୍ତି ଓ ଅଭିଯୋଗ ପ୍ରସ୍ତାବ/ସୁପାରିଶ ଆହ୍ୱାନ କରାଯାଇ ସର୍ବସାଧାରଣ ନୋଟିସ୍ ତା୦୪।୧୨।୨୦୧୪ଠାରୁ ଜିଲ୍ଲା ୱେବ୍ ପୋର୍ଟାଲ (https://jagatsinghpur.odisha.gov.in)ରେ ୩୦ ଦିନ ପାଇଁ ଉପଲବ୍ଧ କରାଯାଇଛି। ପ୍ରକାଶଥାଉକି, ନିର୍ଦ୍ଧାରିତ ସମୟସୀମା ତଥା ନୋଟିସ ପ୍ରକାଶନର ୩୦ ଦିନ ପରେ କୌଣସି ଆପତ୍ତି, ଅଭିଯୋଗ ବା ପ୍ରସ୍ତାବ/ସୁପାରିଶ ଗ୍ରହଣ କରାଯିବ ନାହିଁ। ଉକ୍ତ ଲଘୁ ଖଣିଜ ଦ୍ରବ୍ୟର ସବିଶେଷ ବିବରଣୀ ଜିଲ୍ଲା ୱେବ ପୋର୍ଟାଲ ଓ ଖଣି ଅଧିକାରୀଙ୍କ କାର୍ଯ୍ୟାଳୟରେ ଉପଲବ୍ଧ।

ଜିଲ୍ଲା ଖଣି ଅଧିକାରୀ, ଜଗତ୍‌ସିଂହପୁର

## कार्यपालक अभियंता का कार्यालय, लघु सिंचाई प्रमण्डल, गढ़वा
### ई0 निविदा आमंत्रण सूचना
ई0 निविदा संख्या– WRD/MID/GARHWA/$F_2$-05/2024-25
पत्रांक – 875 गढ़वा/दिनांक – 04.12.2024

| | | |
|---|---|---|
| 1 | कार्य का नाम | सिकरा मध्यम सिंचाई योजना का जीर्णोद्वार कार्य ग्राम– रबदा, पंचायत– कंचनपुर, प्रखण्ड– रंका, जिला–गढ़वा। |
| 2 | प्राक्कलित राशि (रू0 में) | 1,13,14,400/– |
| 3 | कार्य पूर्ण करने की अवधि | 11 माह |
| 4 | ई0–निविदा वेबसाईट पर प्रकाशित करने की तिथि एवं समय | 16.12.2024 (11:00 AM) |
| 5 | ई0–निविदा प्राप्त करने की अंतिम तिथि एवं समय | 30.12.2024 (03:00 PM तक) |
| 6 | निविदा शुल्क और EMD ऑनलाईन जमा करने की अंतिम तिथि एवं समय | e-procurement Portal (Jharkhandteders.gov.in) 30.12.2024 (03:00 PM तक) |
| 7 | ई0–निविदा खुलने की तिथि एवं समय | 31.12.2024 (03:00 PM) |
| 8 | ई0–निविदा आमंत्रित करने वाले पदाधिकारी का पदनाम एंव पता | कार्यपालक अभियंता, लघु सिंचाई प्रमण्डल, गढ़वा। |
| 9 | ई0–निविदा आमंत्रित करने वाले पदाधिकारी का सम्पर्क संख्या एवं ई–मेल पता | 8789558294 eemidgarh-cemr-jhr@nic.in |
| 10 | ई0 प्रोक्योमेन्ट सेल एवं हेल्पलाईन संख्या | 0651–2214784 |

नोटः– 1. केवल ई0–निविदा ही स्वीकार की जायेगी।
2. निविदा शुल्क (BOQ Amount) और अग्रधन की राशि (EMD) ऑनलाईन e-Procurement portal (jharkhandtenders.gov.in) में ही स्वीकार किये जायेगें, अन्य किसी प्रकार के माध्यम से स्वीकार नही की जायेगी।
3. विस्तृत जानकारी के लिए वेबसाईट–jharkhandtenders.gov.in में देखा जा सकता है।
4. प्राक्कलित राशि घट–बढ़ सकती है।

कार्यपालक अभियंता, लघु सिंचाई प्रमण्डल, गढ़वा।
PR 341144 Minor Irrigation(24-25)D

## GOVERNMENT OF CHHATTISGARH, WATER RESOURCES DEPARTMENT
### OFFICE OF THE EXECUTIVE ENGINEER, WATER RESOURCES DIVISION, KOTA, DISTT.: BILASPUR (C.G.)
### e-PROCUREMENT TENDER NOTICE
**eProcurement Portal: https://eproc.cgstate.gov.in**

Online tenders are invited for the following works upto 24.12.2024 at 17.30 hour.

| System Tender No. | NIT No. & Date | Name of Work | Probable Amount of Contract (In Lakhs) | Tender Call |
|---|---|---|---|---|
| 162077 | 19/SAC/2024-25 Dtd.03.12.2024 | Construction of Khargahna Anicut in Bilaspur District | 293.90 | First Call |
| 162078 | 20/SAC/2024-25 Dtd.03.12.2024 | Construction of Kathmunda (Pakariya) Anicut Scheme | 259.63 | First Call |
| 162080 | 21/SAC/2024-25 Dtd.03.12.2024 | Construction of Majhgaon Anicut - 02 Scheme | 285.20 | First Call |
| 162083 | 22/SAC/2024-25 Dtd.03.12.2024 | Construction of Majhawani Anicut - 02 Scheme | 282.06 | First Call |

The details can be viewed and downloaded online directly from the Government of Chhattisgarh integrated e-Procurement Portal **(https://eproc.cgstate.gov.in) from Date:10.12.2024 at 17.31 hours (IST) onwards.**
**NOTE:** All eligible/interested contractors/bidders are mandated to get enrolled on the Integrated e-procurement portal **(https://eproc.cgstate.gov.in)** and get approval on specific vendor class from PWD under Centralized Contractor/Supplier Registration in order to download the tender documents and participate in the subsequent bidding process.

G-242504311

**Sd./- Executive Engineer**
**Water Resources Division, Kota**
**Distt.: Bilaspur (C.G.)**

FORM NO. 14
[See Regulation 33(2)]
## OFFICE OF THE RECOVERY OFFICER-I/II
## DEBTS RECOVERY TRIBUNAL, CUTTACK
C/71, Sector-7, CDA, Cuttack-753014, Odisha
### DEMAND NOTICE
NOTICE UNDER SECTIONS 25 TO 28 OF THE RECOVERY OF DEBTS & BANKRUPTCY ACT, 1993 AND RULE 2 OF SECOND SCHEDULE TO THE INCOME TAX ACT, 1961.

RC/234/2020 22.11.2024

UTKAL GRAMEEN BANK
Versus
K. NARESH KUMAR

To,
**(CD 1) K. Naresh Kumar,** S/o- K.V.S Rao, At: Adarshapara (Near Church), PO: Bolangir, Balangir, Odisha-767001.
**(CD 2) K.V.S Rao,** S/o- K.S.A. Narsingha, At: Adarshapara (Near Church), PO: Bolangir, Balangir, Odisha-767001.
**(CD 3) K. Nageswar Rao,** S/o- K.S.A. Narsingha, At: Jhankarpara, PO: Titligarh, Balangir, Odisha-767023.

This is to notify that as per the Recovery Certificate issued in pursuance of orders passed by the Presiding Officer, DEBTS RECOVERY TRIBUNAL, CUTTACK in **OA/835/2016** an amount of **Rs.10,86,680.00 (Rupees Ten Lakhs Eighty Six Thousands Six Hundred Eighty Only)** along with pendentellite and future interest @ 10% Simple Interest Yearly w.e.f. **07.11.2016** till realization and costs of **Rs.13,000/- (Rupees Thirteen Thousands Only)** has become due against you (Jointly and severally/Fully/Limited).
2. You are hereby directed to pay the above sum within **15 days** of the receipts of the notice, failing which the recovery shall be made in accordance with the Recovery of Debts Due to Banks and Financial Institutions Act, 1993 and Rules there under.
3. You are hereby ordered to declare on an affidavit the particulars of yours assets on or before the next date of hearing.
4. You are hereby ordered to appear before the undersigned on **09.01.2025** at **10.30 a.m.** for further proceedings.
5. In addition to the sum aforesaid, you will also be liable to pay:
(a) Such interests as is payable for the period commencing immediately after this notice of the certificate / execution proceedings.
(b) All costs, charges and expenses incurred in respect of the service of this notice and warrants and other processes and all other proceedings taken for recovering the amount due.

Given under my hand and the seal of the Tribunal, on this date: **22.11.2024.**
**Sd/- Recovery Officer**
**DEBTS RECOVERY TRIBUNAL, CUTTACK**

## ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, ନବରଙ୍ଗପୁର
ପତ୍ର ନଂ. ୨୧୮/୨୦୨୪ ତା:୦୩।୧୨।୨୦୨୪
### ବିଜ୍ଞାପନ
ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁର Short Tender Call Notice No. 208 Dated: 30.11.2024 ପ୍ରକାରେ ଆବଶ୍ୟକୀୟ Temporary Water Proof Storage ନିମନ୍ତେ Short Tender Call ଆହ୍ୱାନ କରିଅଛନ୍ତି। ଇଚ୍ଛୁକ ବ୍ୟକ୍ତି ବିଶେଷ/ଫାର୍ମ **http://www.nabarangpur.odisha.gov.in** websiteକୁ ଯାଇ ତା.04.12.2024ରିଖଠାରୁ ତା06.12.2024ରିଖ ଅପରାହ୍ନ ୫ଘ. ୩୦ ମିନିଟ୍ ମଧ୍ୟରେ ଆବଶ୍ୟକୀୟ Quotation Call Notice Download କରିପାରିବେ।

ସ୍ୱା./- ଉପଜିଲ୍ଲାପାଳ ତଥା ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁର

## कार्यपालक अभियंता का कार्यालय, पथ निर्माण विभाग, पथ प्रमंडल, सरायकेला–खरसावाँ
### शुद्धि–पत्र
कार्यपालक अभियंता, पथ निर्माण विभाग, पथ प्रमण्डल, सरायकेला–खरसावाँ का E- Tender Reference No. RCD/SERAIKELLA /12 दिनांक 26.11.2024 एवं PR 340451 Road (24-25)_D द्वारा प्रकाशित Short-Term Re-e-Procurement Notice (02nd Call) में निम्नवत् संशोधन किया जाता है :–

| क्र० सं० | विवरण | आमंत्रित निविदा में अवधि | संशोधित अवधि |
|---|---|---|---|
| 03 | Time of Completion | 06 (Six) Months | 05 (Five) Months |

शेष शर्तें यथावत् रहेगी।
कार्यपालक अभियंता, पथ निर्माण विभाग, पथ प्रमंडल, सरायकेला–खरसावाँ
PR 341186 Road(24-25)#D

## କାନାରା ବ୍ୟାଙ୍କ Canara Bank
ଭାରତ ସରକାରଙ୍କ ଉଦ୍ୟୋଗ A Government of India Undertaking
ସିଣ୍ଡିକେଟ Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ, ଶ୍ରୀଜୀ କମ୍ପ୍ଲେକ୍ସ, ପ୍ଲଟ୍ ନଂ.: ୮୪୦/୮୫୮ ଏବଂ ୮୪୦/୮୫୯, କଟକ ଟାଉନ, ୟୁନିଟ୍ ନଂ.- ୧୭, ମାଛୁଆ ବଜାର, କଟକ-୭୫୩୦୦୧

### ଡିମାଣ୍ଡ ନୋଟିସ୍
ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତା ଭାବେ କାନାରା ବ୍ୟାଙ୍କ ଦ୍ୱାରା ଜାରିକରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ଚୌଧୁରୀ ବଜାର ଶାଖାର ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ଆପଣ ନିମ୍ନଦର୍ଶିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନେ ଆମର ନିମ୍ନଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ନିମ୍ନ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି। ନିମ୍ନରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରିକରାଯାଇଥିଲା। ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି। ଏତଦ୍‌ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି ଏହି ନୋଟିସ୍ ପ୍ରକାଶନର ୬୦ ଦିନ ମଧ୍ୟରେ ଆପଣ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବୁ। ଆପଣଙ୍କୁ ଜଣାଇ ଦିଆଯାଉଛି କି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନିୟମାବଳୀ ଅନୁସାରେ ଆପଣ ଏହି ନୋଟିସ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ନିମ୍ନ ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ। କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ। ଉପରୋକ୍ତ ଜାରି ନୋଟିସ୍‌ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟ କୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧିକାରକୁ ପ୍ରତିହତ କରିବ ନାହିଁ। ଏହି ନୋଟିସ୍ ଅନୁସାରେ ଦାବୀ କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରିବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ। ଉପଧାରା (୨)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନେ ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧିକ ଗ୍ରହଣ କରିପାରନ୍ତି। କ) ସୁରକ୍ଷିତ ଋଣରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ସମ୍ପତ୍ତି ଦଖଲ କରିବା ସହିତ ସୁରକ୍ଷିତ ସମ୍ପତ୍ତିକୁ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ କରି ହସ୍ତାନ୍ତରିତ କରିବା ଅଧିକାର ରଖିଛନ୍ତି। ଖ) ସୁରକ୍ଷିତ ଋଣରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ବ୍ୟବସାୟ ପରିଚାଳନାକୁ ଟେକଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି। ଉଲ୍ଲେଖଯୋଗ୍ୟ କି, ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ।

| ଚୌଧୁରୀ ବଜାର ଶାଖା / ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | (କ) ଋଣ/ମଞ୍ଜୁରି ଋଣ (ଖ) ଏନ୍‌ପିଏ / ଋଣ ପରିଶୋଧ ନୋଟିସ୍ ତାରିଖ (ଗ) ଡିମାଣ୍ଡ ନୋଟସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସମ୍ପତ୍ତି ଗୁଡିକର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| ଋଣଗ୍ରହୀତା: ମେସର୍ସ ଜଗନ୍ନାଥ ପଲିପ୍ୟାକ୍ସ ଲିଃ., ପ୍ଲଟ୍ ନଂ.: ୬୪, ୬୫, ନିୟୁ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଜଗତପୁର, କଟକ-୭୫୪୦୨୧ ଏବଂ ଇଡ଼କୋ ପ୍ଲଟ୍ ନଂ.: ୨୦୨ ରୁ ୨୦୯, ଫେଜ-୨, ନିୟୁ ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଜଗତପୁର, କଟକ-୭୫୪୦୨୧ / ଜାମିନ୍‌ଦାର ଏବଂ ବନ୍ଧକଦାତାମାନେ: ୧) ମେସର୍ସ ଜଗନ୍ନାଥ ପଲିମର୍ସ ଲିଃ., ୨) ମେସର୍ସ ଜଗନ୍ନାଥ ପ୍ଲାଷ୍ଟିପ୍ୟାକ୍ସ ଲିଃ., ଉଭୟଙ୍କ ଠିକଣା- ପ୍ଲଟ୍ ନଂ.: ୬୪, ୬୫, ନିୟୁ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଜଗତପୁର, କଟକ-୭୫୪୦୨୧, ୩) ଶ୍ରୀ ମନୋଜ କୁମାର ସୁବୁଦ୍ଧି, ପିତା: ୰ ମାଧବ ସୁବୁଦ୍ଧି, ୪) ଶ୍ରୀ କ୍ଷୀରୋଦ କୁମାର ସୁବୁଦ୍ଧି, ପିତା: ୰ ମାଧବ ସୁବୁଦ୍ଧି, ୫) ଶ୍ରୀମତୀ ଡି. ସନ୍ଧ୍ୟା ରାଣୀ, ପିତା: ୰ ମାଧବ ସୁବୁଦ୍ଧି, ୬) ଶ୍ରୀମତୀ ସୁଜାତା ସୁବୁଦ୍ଧି, ସ୍ୱାମୀ: ୰ ସରୋଜ କୁମାର ସୁବୁଦ୍ଧି, ୭) ଶ୍ରୀ ସୌରଭ ଶେଖର, ପିତା: ୰ ସରୋଜ କୁମାର ସୁବୁଦ୍ଧି, ୮) ଶ୍ରୀମତୀ ଶ୍ୱେତା ସୁରଭି, ପିତା: ୰ ସରୋଜ କୁମାର ସୁବୁଦ୍ଧି, ସମସ୍ତଙ୍କ ଠିକଣା- ପ୍ଲଟ୍ ନଂ.: ୧୫୮୧, ସା: ଶାସ୍ତ୍ରୀ ନଗର, ଥାନା: ଚାଉଳିଆଗଞ୍ଜ, ଜିଲ୍ଲା: କଟକ, ପିନ୍-୭୫୩୦୦୪ / ଆକାଉଣ୍ଟ ନଂ.: ୦୩୨୮୨୬୧୦୧୦୨୮୬, ୦୩୨୮୭୫୫୦୦୦୦୮୬, ୧୭୦୦୦୩୧୯୭୭୦୨, ୨୩୨ଜିଓପି୧୫୦୧୩୦୦୦୧ ଏବଂ ୨୩୨ଜିଓପି୨୩୦୫୫୫୦୦୨ | (କ)ଟ.୭,୫୦,୦୦,୦୦୦/- (ଏମ୍ଏସ୍ଏମ୍‌ଇ ଓଡ଼ି/ଓସିସି), ଟ.୧,୨୭,୦୦,୦୦୦/- (ଜିଇସିଏଲ୍ ୧.୦), ଟ.୭୪,୦୦,୦୦୦/- (ଜିଇସିଏଲ୍ ୧.୦- ଏକ୍ସଟେନ୍‌ସନ୍), ଟ.୫୦,୦୦,୦୦୦/- (ବ୍ୟାଙ୍କ ଗ୍ୟାରେଣ୍ଟି) ଏବଂ ଟ.୧,୦୦,୦୦,୦୦୦/- (ବ୍ୟାଙ୍କ ଗ୍ୟାରେଣ୍ଟି), ସମୁଦାୟ: ଟ.୧୧,୦୧,୦୦,୦୦୦/-/ (ଖ) ୨୬.୧୧.୨୦୨୪ / (ଗ) ୨୯.୧୧.୨୦୨୪ | ୨୭.୧୧.୨୦୨୪ ସୁଦ୍ଧା ଟ.୭,୬୩,୮୬,୦୩୮.୦୦ + ଟ.୯,୧୭,୬୪୧.୬୨ + ଟ.୬୧,୧୫,୪୧୩.୦୦ + ଟ.୫୦,୦୦,୦୦୦.୦୦ + ଟ.୧,୦୦,୦୦,୦୦୦.୦୦ = ଟ.୯,୮୪,୧୯,୦୯୨.୬୨ ଯୁକ୍ତ ସୁଧ ଏବଂ ସେବାବଦ ଖର୍ଚ୍ଚ | **ଅସ୍ଥାବର ସମ୍ପତ୍ତି:** ଋଣଗ୍ରହୀତା କମ୍ପାନୀ **ମେସର୍ସ ଜଗନ୍ନାଥ ପଲିପ୍ୟାକ୍ସ ଲିଃ.**ର ନାମରେ ଥିବା ବନ୍ଧକପ୍ରାପ୍ତ ଷ୍ଟକ୍ସ ଏବଂ ବୁକ୍ ଡେବଟ୍ସ, କାରଖାନା ଗୃହ ଏବଂ ଯନ୍ତ୍ରପାତି, ସମାପ୍ତ ଏବଂ ଅସମାପ୍ତ ଦ୍ରବ୍ୟ ଏବଂ ଅନ୍ୟାନ୍ୟ ଅସ୍ଥାବର ସମ୍ପତ୍ତି ଇତ୍ୟାଦି ଯାହାକି ଇଡ଼କୋ ପ୍ଲଟ୍ ନଂ.: ୨୦୨ ରୁ ୨୦୯, ଫେଜ୍-୨, ନିୟୁ ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଜଗତପୁର, କଟକ-୭୫୪୦୨୧ ଠାରେ ସ୍ଥାନିତ। **ସ୍ଥାବର ସମ୍ପତ୍ତି: ସମ୍ପତ୍ତି-୧: ମାଧବ ସୁବୁଦ୍ଧିଙ୍କ** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୫୨୫, ପ୍ଲଟ୍ ନଂ.: ୧୫୮୧, କ୍ଷେତ୍ର: ଏକର୦.୦୬୮ଡିସିମିଲି, ମୌଜା: କଟକ ସଦର, ୟୁନିଟ୍ ନଂ. ୨୯, ଚାଉଳିଆଗଞ୍ଜ, ତହସିଲ: କଟକ, ଏହାର ଚତୁର୍ପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: କେନାଲ ବନ୍ଧ, ପୂର୍ବ: ଲକ୍ଷ୍ମୀପ୍ରିୟା ପାତ୍ର, ପଶ୍ଚିମ: କୁନ୍ତଳା କୁମାରୀ ଶତପଥି, **ସମ୍ପତ୍ତି-୨: ମେସର୍ସ ଜଗନ୍ନାଥ ପ୍ଲାଷ୍ଟିପ୍ୟାକ୍ସ ଲିଃ. (ଇଡ଼କୋ ଦ୍ୱାରା ଲିଜି ମେସର୍ସ ଜଗନ୍ନାଥ ପ୍ଲାଷ୍ଟିପ୍ୟାକ୍ସ ଲିଃ.କୁ ଦିଆଯାଇଥିବା ଲିଜ୍ ସମ୍ପତ୍ତି)**ର ନାମରେ ଜମି ଏବଂ ଫ୍ୟାକ୍ଟ୍ରି ଗୃହ, ସେଡ୍ ଏବଂ ଗୋଟିଏ ବାସୋପଯୋଗୀ ଗୃହ (ଷ୍ଟାଫ୍ କ୍ୱାର୍ଟର)ର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୪୪୮ ଏବଂ ୪୪୫, ରେଭିନ୍ୟୁ ପ୍ଲଟ୍ ନଂ.: ୧୯୧୮ (ଅଂଶ), ୧୯୧୯ (ଅଂଶ), ୧୯୨୨ (ଅଂଶ) ଏବଂ ୧୯୨୧ (ଅଂଶ), ମୌଜା: ଖଏରା, ତହସିଲ: ଟାଙ୍ଗି ଚୌଦ୍ୱାର, ଜିଲ୍ଲା: କଟକ, ଅନୁରୂପ ଇଡ଼କୋ ପ୍ଲଟ୍ ନଂ.: ୨୦୨ ରୁ ୨୦୯, ରେଭିନ୍ୟୁ ଗ୍ରାମ: ଖଏରା, ପରିମିତ କ୍ଷେତ୍ର: ଏକର୧.୯୮ଡିସିମିଲି ଯାହାର ଗ୍ରାଉଣ୍ଡ ରେଣ୍ଟ ବାର୍ଷିକ ଟ.୪୯୬.୦୦ ଏବଂ ସେସ୍ ବାର୍ଷିକ ଟ.୩୭୨.୦୦, ଇଡ଼କୋ ଇଣ୍ଡଷ୍ଟ୍ରିଆଲ କମ୍ପ୍ଲେକ୍ସ, ସା: ଜଗତପୁର (ନୂଆ), ଖଏରା ଗ୍ରାମ ଅନ୍ତର୍ଗତ, ଜିଲ୍ଲା: କଟକ, ଏସ୍ଆର୍ ଅଫିସ୍: ଜଗତପୁର, ଓଡ଼ିଶା, ଏହାର ଚତୁର୍ପାର୍ଶ୍ୱରେ- ଉତ୍ତର: ଇଡ଼କୋ ରାସ୍ତା, ଦକ୍ଷିଣ: ନଦୀ ବନ୍ଧ, ପୂର୍ବ: ଇଡ଼କୋ ପ୍ଲଟ୍ ନଂ. ୧୯୮, ପଶ୍ଚିମ: ଇଡ଼କୋ ପ୍ଲଟ୍ ନଂ. ୨୦୦, ୨୦୧, ୨୦୧/ଏ ଏବଂ ୨୦୨/ଏ |

ତାରିଖ : ୦୪.୧୨.୨୦୨୪, ସ୍ଥାନ : କଟକ
 କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

# ଲହଣ୍ଡା-କୋଇଡ଼ା ରାସ୍ତାରେ ଯାତାୟାତ ଠପ୍

ଯୋଡ଼ା,୪।୧୨(ମାନସ ମହାନ୍ତି)

■ ୩ ଦିନ ହେଲା ଅଟକିଛି ଖଣିଜ ବୋଝେଇ ଟ୍ରକ୍
■ ସମସ୍ୟା ଭୋଗୁଛନ୍ତି ୧୪ରୁ ଊର୍ଦ୍ଧ୍ୱ ଗ୍ରାମବାସୀ

କେନ୍ଦୁଝର ଜିଲା ଯୋଡ଼ା ଓ ସୁନ୍ଦରଗଡ଼ ଜିଲା କୋଇଡ଼ା ଖଣି ମଣ୍ଡଳରେ ଟ୍ରାଫିକ୍ ସମସ୍ୟା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଉକ୍ତ ଖଣି ମଣ୍ଡଳରୁ ଅଜସ୍ର ରାଜସ୍ୱ ମିଳୁଛି। ଏପରିକି ଖଣି ପ୍ରଭାବିତ ଅଞ୍ଚଳର ବିକାଶ ପାଇଁ ଜିଲା ଖଣିଜ ପ୍ରତିଷ୍ଠାନ ଖୋଲାଯାଇଛି। ମାତ୍ର ଖଣି ଅଞ୍ଚଳରେ ଟ୍ରାଫିକ୍ ଜାମ୍ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଥିଲେ ବି ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଫଳରେ ୩ ଦିନ ହେଲା ସୀମାନ୍ତବର୍ତ୍ତୀ ଲହଣ୍ଡାରୁ କୋଇଡ଼ା ଜାତୀୟ ରାଜପଥରେ ଟ୍ରକ୍ ଜାମ୍ ଯୋଗୁ ଯାତାୟାତ ବ୍ୟାହତ ହୋଇଛି। ଫଳରେ ୨ ଜିଲାର ପ୍ରାୟ ୧୪ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଏକ ପ୍ରକାର ଅଘୋଷିତ ଗୃହବନ୍ଦୀଭାବେ ଜୀବନ ଅତିବାହିତ କରୁଛନ୍ତି। ଟ୍ରାଫିକ୍ ସମସ୍ୟାରେ ସୁଧାର ନ ଆସିଲେ ଗ୍ରାମବାସୀ ଗଣତାନ୍ତ୍ରିକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ପ୍ରକାଶ ଯେ, ୨ ଖଣି ମଣ୍ଡଳରେ ଥିବା ପ୍ରାୟ ୫ ଗୋଟି ଖଣିରୁ ଦୈନିକ ୫୨୦ ଜାତୀୟ ରାଜପଥ ଦେଇ ୨୦ ହଜାରରୁ ଊର୍ଦ୍ଧ୍ୱ ଖଣିଜ ବୋଝେଇ ଟ୍ରକ୍ ରାଜ୍ୟ ଓ ରାଜ୍ୟ ବାହାରକୁ ଯାତାୟାତ କରୁଛି। ଉକ୍ତ ଖଣିଗୁଡ଼ିକର ନିଜସ୍ୱ ପାର୍କିଂ ବ୍ୟବସ୍ଥା ନ ଥିବାରୁ ଭାରିଯାନଗୁଡ଼ିକ ରାଜପଥକୁ ଅକ୍ତିଆର କରି ରଖୁଛନ୍ତି। ଫଳରେ ରାସ୍ତାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଗତ ୩ ଦିନ ଧରି ଯୋଡ଼ା ବ୍ଲକ୍ ଲହଣ୍ଡାରୁ ସୁନ୍ଦରଗଡ଼ ଜିଲା କୋଇଡ଼ା ପର୍ଯ୍ୟନ୍ତ ରାଜପଥରେ ଏଭଳି ଗାଡ଼ି ଠିଆ ହୋଇ ରହିଛି। ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଯିବାରୁ ଯୋଡ଼ା ବ୍ଲକ୍‌ର ଭଦ୍ରାସାହି, ଝାଡ଼ଗାଁ, ଟଣ୍ଟୋ, ବାରବାଙ୍କ, ଗୁଆଲୀ, ଲୋଇଡ଼ାପଦା ଓ ସୁନ୍ଦରଗଡ଼ ଜିଲା କୋଇଡ଼ା ବ୍ଲକ୍‌ର ଟୋପାଡ଼ିହୀ, ନୂଆଗାଁ, ଗନ୍ଧଲପଦା, ନଦୀଡ଼ିହୀ, ରେଙ୍ଗାବେଡ଼ା,



କାସିରା, କୋଇଡ଼ା, କୁସୁମଡ଼ିହୀ ପ୍ରଭୃତି ୫୨୦ ନଂ. ଜାତୀୟ ରାଜପଥ ସଂଲଗ୍ନ ଗ୍ରାମଗୁଡ଼ିକ ଗୃହବନ୍ଦୀ ଜୀବନ କାଟୁଛନ୍ତି। ଫଳରେ ଗ୍ରାମଗୁଡ଼ିକରେ ରହୁଥିବା ପ୍ରାୟ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଦୁର୍ବିସହ ଜୀବନ କାଟୁଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କିନ୍ଦ୍ର ଯାନ ସଡ଼କ, ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡକରୀଙ୍କୁ ଭେଟିବେ ବୋଲି କହିଛନ୍ତି। ଏଥିରେ କୌଣସି ନିଷ୍ପତ୍ତି ନ ବାହାରିଲେ ପରବର୍ତ୍ତୀ ସମୟରେ ଗଣତାନ୍ତ୍ରିକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଗ୍ରାମୀୟ ନେତା କୃଷ୍ଣ ଆପଟ, ତରବ ମୁଣ୍ଡା, ନିରଞ୍ଜନ ଆପଟ, ବିକାଶ ପାତ୍ର, ମହେଶ୍ୱର ଘଣା, କୁରିଆ ମୁଣ୍ଡା, ପାର୍ବତୀ ମୁଣ୍ଡା, ବୈଜୟନ୍ତୀ ମୁଣ୍ଡା, ସୁନ୍ଦରଗଡ଼ ଜିଲା କୋଇଡ଼ା ଜିଲା ପରିଷଦ ସଦସ୍ୟ ଅଶୋକ ନାୟକ, ବଣେଇ ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ଗୁଆଲି ସରପଞ୍ଚ ବିଦ୍ୟାଧର ନାୟକ, ଲୋଇଡ଼ାପଦା ସରପଞ୍ଚ ବିଲାସିନୀ ଓରାମ ପ୍ରମୁଖ କହିଛନ୍ତି, ବୈନିକ ରାଜପଥ ଦେଇ ଖଣିଜ ପରିବହନ ହେଉଛି। ମାତ୍ର ଅଞ୍ଚଳରେ ଥିବା ଓଡ଼ିଶା ଖଣି ନିଗମ, ଜେଏସ୍‌ଡବ୍ଲ୍ୟୁ, ରୁଙ୍ଗଟା ଖଣି, ବେଦାନ୍ତ ଖଣିଗୁଡ଼ିକରେ ଭାରିଯାନ ପାର୍କିଂ ପାଇଁ ବ୍ୟବସ୍ଥା ନାହିଁ। ମାଲ୍ ପରିବହନ କରୁଥିବା ଭାରିଯାନଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ରାଜପଥକୁ ଅକ୍ତିଆର କରିରଖୁଛନ୍ତି। ଏଥିସହ ଧୂଳିଧୂଆଁରେ ପରିବେଶ ପ୍ରଦୂଷିତ ହେଉଛି। ଏପରି କି ରୋଷେଇ ଘରେ ବି ଧୂଳିର ଆସ୍ତରଣ ଜମି ଯାଉଛି। ଫ୍ଲାଏ ଓଭର ତଳେ ଥିବା ସର୍ଭିସ ରୋଡ଼ର ଅବସ୍ଥା ବି ଶୋଚନୀୟ ହୋଇ ଜଳାଶୟର ଭ୍ରମ ସୃଷ୍ଟି କରୁଛି। ତେଣୁ ଭଦ୍ରାସାହିଠାରୁ କୋଇଡ଼ା ପର୍ଯ୍ୟନ୍ତ ଫ୍ଲାଏ ଓଭର ନିର୍ମାଣ ଓ ଖଣି କମ୍ପାନୀଗୁଡ଼ିକ ପାର୍କିଂ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଏତଦ୍ ବ୍ୟତୀତ ପ୍ରଶାସନ ଶୃଙ୍ଖଳିତ ଭାବେ ଯାନବାହାନଗୁଡ଼ିକୁ ନିୟନ୍ତ୍ରଣ କରିବା ଉପରେ ଗୁରୁତ୍ୱ ଦେବାକୁ କହିଛନ୍ତି।

# ଠିକାସଂସ୍ଥା ନିଷ୍ପତ୍ତି ବିରୋଧରେ ଶ୍ରମିକ ଆନ୍ଦୋଳନ



ରେଳ ସାଇଡିଂରେ ଶ୍ରମିକମାନେ ଏକଜୁଟ୍ ହୋଇଛନ୍ତି।

## ବିଲେଇପଦାସ୍ଥିତ ରେଲୱେ ସାଇଡିଂରେ ପୁଣି ଅଶାନ୍ତି

ଯୋଡ଼ା,୪।୧୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ବିଲେଇପଦାସ୍ଥିତ ଟାଟାଷ୍ଟିଲ ସଞ୍ଜ ଆଇରନ ଲିଃର ରେଲୱେ ସାଇଡିଂରେ ପୁଣି ଅଶାନ୍ତି ଦେଖାଦେଇଛି। ଗତ ୨୯ ତାରିଖରୁ ଲହଣ୍ଡା ଓ ଭାଗଲପୁର ଗ୍ରାମବାସୀ ୬ ଦଫା ଦାବି ନେଇ କମ୍ପାନୀର ରେଳସାଇଡିଂରେ ଶାନ୍ତିପୂର୍ଣ୍ଣ ଧାରଣା ଦେଉଥିଲେ। ମଙ୍ଗଳବାର ଠିକାସଂସ୍ଥା, କମ୍ପାନୀ କର୍ତ୍ତୃପକ୍ଷ ଓ ପ୍ରଭାବିତ ଗ୍ରାମବାସୀଙ୍କ ମଧ୍ୟରେ ତ୍ରିପାକ୍ଷିକ ଆଲୋଚନା ହୋଇଥିଲା। ଏଥିରେ ଗ୍ରାମବାସୀଙ୍କ ୬ଟି ଦାବିରୁ ଠିକାସଂସ୍ଥା ୪ଟି ପୂରଣ କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ତେବେ ଏହି ନିଷ୍ପତ୍ତିକୁ ବିରୋଧ କରି କାର୍ଯ୍ୟରତ ଶ୍ରମିକମାନେ କାର୍ଯ୍ୟରୁ ବିରତ ରହି ଶାନ୍ତିପୂର୍ଣ୍ଣ ଭାବରେ ଆନ୍ଦୋଳନ କରୁଛନ୍ତି।

ଅଭିଯୋଗ ଅନୁଯାୟୀ, ଏକତରଫା ଆଲୋଚନା କରି ଏହି ନିଷ୍ପତ୍ତି ନିଆଯାଇଛି। ଅନ୍ୟମାନଙ୍କୁ କାମ ଦେଉଦେଲେ। ସେମାନେ କ'ଣ କରିବେ। ଯେଉଁ ଗ୍ରାମବାସୀ ଦୀର୍ଘ ବର୍ଷ ଧରି କାମ କରୁଛନ୍ତି, ସେମାନେ କୁଆଡ଼େ ଯିବେ। ସେମାନଙ୍କୁ କାହିଁକି ବାଦ କରାଯାଉଛି। କମ୍ପାନୀ ସେମାନଙ୍କୁ ଅଣଦେଖା ନ କରିବାକୁ ମଙ୍ଗଲ କରୁଆ, ଦୀପକ ସିଂ ଖୁଣ୍ଟିଆ, ମହେଶ ମହାରଣା, ଚନ୍ଦ୍ରାବତି ଗାରେଇ କହିଛନ୍ତି। ଏଭଳି ପରିସ୍ଥିତିରେ ମଙ୍ଗଳବାର ରାତିଠାରୁ ପ୍ରାୟତଃ ସାଇଡିଂରେ କାମ ବନ୍ଦ ରହିଛି। ଏ ନେଇ ଟାଟା ଷ୍ଟିଲ ସଞ୍ଜ ଆଇରନ ଲିଃର ଅଧିକାରୀ ରାଜ କୁମାର ଶ୍ରୀବାସ୍ତବ ପଚାରିବାରୁ କହିଛନ୍ତି, ଏଥିରେ ଟାଟା ଷ୍ଟିଲର କିଛି ନାହିଁ, ଠିକାସଂସ୍ଥା ଲକିଷ୍ଟିକ ସଲ୍ୟୁସନକୁ ଡକାଇ ଆଲୋଚନା କରାଯିବ। ତେଣେ ପ୍ରିସ୍ପିପାଲ ଏଣ୍ଟରେ ହୋଇ ଟାଟା ଷ୍ଟିଲ ସଞ୍ଜ ଆଇରନ କାରଖାନା ୨ ଗୋଷ୍ଠୀ ବିଭାଜନର ଫାଇଦା ଉଠାଉଛି ବୋଲି ଆଲୋଚନା ହେଉଛି।

# ପୌର ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ



ଆନନ୍ଦପୁର,୪।୧୨(ପ୍ରଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ମହାବିଦ୍ୟାଳୟ ସଂଲଗ୍ନ ପୂର୍ବ ପାର୍ଶ୍ୱରେ ଦୀର୍ଘ ବର୍ଷ ଧରି ଜବରଦଖଲ କରି ରହିଥିବା କେତେକ ପରିବାରଙ୍କୁ ଉଚ୍ଛେଦ କରାଯାଇଛି। ଓଡ଼ିଶା ପୌର ଅଧିନିୟମ, ୧୯୫୦, ଧାରା ୨୭୩ ମତେ ନୋଟିସ୍ ସଂଖ୍ୟା (୨୩୧୪/୨୬.୯.୨୦୨୪)ରେ ଜବରଦଖଲରେ ରହିଥିବା ସୁକାନ୍ତୀ ବେହେରା, ପୁଷ୍ପାଞ୍ଜଳୀ ନାଥ, ଶିବାନୀ ନାୟକ, ନିରଞ୍ଜନ ନାଥ, ଜଗା ଆପଟ, ନାରାୟଣ ନାଥ, ଅଭୟ ମଲ୍ଲିକ, ତାରା ଦାସ, ରବିନ୍ଦ୍ର ନାଥ ପ୍ରମୁଖଙ୍କୁ ୭ ଦିନିଆ ନୋଟିସ ଜାରି ହୋଇଥିଲା। ଏହି କ୍ରମରେ ବୁଧବାର ଆନନ୍ଦପୁର ପୌର ଅଧିକାରୀ ଦେବପ୍ରସାଦ ବଳଙ୍କ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ ହୋଇଥିଲା। ଆନନ୍ଦପୁର ତହସିଲଦାର ସଂଗ୍ରାମ କେଶରୀ ବଳ, ଘସିପୁରା ତହସିଲଦାର ନାଳକଣ୍ଠ ବେହେରା ମାଜିଷ୍ଟ୍ରେଟ୍ ଭାବେ ଉପସ୍ଥିତ ଥିଲେ।

# ଧାନ, କୋବି ଫସଲ ଉଜାଡ଼ିଦେଲେ ହାତୀପଲ

ପାଟଣା,୪।୧୨(ବୀର କିଶୋର ଦାଶ)



ବନପାଳ କ୍ଷତିଗ୍ରସ୍ତ କୋବି ଫସଲ ବୁଲି ଦେଖୁଛନ୍ତି।

କେନ୍ଦୁଝର ଜିଲା ପାଟଣା ରେଞ୍ଜରେ ୨୬ ଟିକିଆ ବଣୁଆ ହାତୀପଲଙ୍କ ଉପଦ୍ରବ ଅମିବାର ନା ଧରୁନି। ମଙ୍ଗଳବାର ବିଳମ୍ବିତ ରାତିରେ ପାଟଣା ରେଞ୍ଜ ଖିରେଇଟାଙ୍ଗିରି ସେକ୍ସନରେ ହାତୀପଲ ବ୍ୟାପକ ଫସଲ ନଷ୍ଟ କରିଛନ୍ତି। ବାରଡ଼ାଙ୍ଗୁଆ, ମୁରୁଗୁଆଁ, ରାଜନଗର ଅଞ୍ଚଳରେ ପଶିଲା ଧାନ ସହ ପନି ପରିବା ଚାଷକୁ ମାଡ଼ିଦେଲି ନଷ୍ଟ କରିଥିଲେ। ଖିରେଇଟାଙ୍ଗିରି ସେକ୍ସନ ରାଜନଗର ବିଟ୍ କିନ୍ଧାପଶି ଗ୍ରାମର କରୁଣା କର ମହାନ୍ତ ଓ ଯନ ମହାନ୍ତଙ୍କ ଏକର ଏକର ବନ୍ଧା କୋବି ଫସଲ ଖାଇବା ସହ ଶୁଙ୍ଗରେ ଉପାଡ଼ି ଦେଇଛନ୍ତି। ଉକ୍ତ ଗ୍ରାମର ଚକ୍ରଧର ମହାନ୍ତ, କରୁଣାକର ମହାନ୍ତ, ଗୌରୀ ମହାନ୍ତ, ଶୁକଦେବ ମହାନ୍ତଙ୍କ ପଶିଲା ଧାନ ଖାଇବା ସହ ମାଡ଼ି ନଷ୍ଟ କରିଛନ୍ତି। ଋଣ କରି ଚାଷ କରିଥିବା ଚାଷୀଙ୍କ ଚିନ୍ତାରେ ପଡ଼ିଛନ୍ତି। ବୁଧବାର ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ କ୍ଷୟକ୍ଷତି ପ୍ରଭାବିତ ଚାଷୀଙ୍କ ଭେଟିବା ସହ ଚାଷ ଜମି ପରିଦର୍ଶନ କରିଥିଲେ। ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ସମସ୍ତ ଚାଷୀଙ୍କ ୨ ରୁ ୩ ଏକର ଚାଷ ଜମିର ଫସଲକୁ ହାତୀପଲ ଉଜାଡ଼ିଛନ୍ତି। ଚାଷୀଙ୍କୁ ସରକାରୀ ଗାଇଡ୍‌ଲାଇନ ଅନୁଯାୟୀ କ୍ଷୟକ୍ଷତି ପ୍ରଦାନ କରାଯିବ। ବୁଧବାର ହାତୀପଲ ଉଦୟପୁର ବିଟ୍ ହରିଚନ୍ଦନପୁରରେ ଧାନ ଫସଲ ନଷ୍ଟ କରିବା ପରେ ସନ୍ଧ୍ୟାରେ ରୁଙ୍ଗା-ବାଇକଳା ଗ୍ରାମ କାଳୁ ଜଙ୍ଗଲରେ ଡେରା ପକାଇଥିବା ସାହାରପଡ଼ା ବନପାଳ ଭୂପତି ସେଠୀ କହିଛନ୍ତି। କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣଯୋଗାଇଦେବାକୁବ୍ୟବସ୍ଥାକରିବାକୁବିଭାଗକୁହୋଇଛି।

# ମନ୍ଦିରରୁ ଚୋରି ଘଟଣାରେ ଜଣେ ଗିରଫ

ପାଟଣା,୪।୧୨(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ସ୍ୱାମୀ ଶାସନ ଛକ ନିକଟରେ ଥିବା ହନୁମାନ ମନ୍ଦିରରୁ ଚୋରି ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ କେନ୍ଦୁଝର ଜିଲା ଘଟଗାଁ ଥାନା ପୁରୁନ୍ଦପୁର ପାରଣା ଗ୍ରାମର ଶ୍ରୀକାନ୍ତ ସାହୁ (୨୭)। ପ୍ରକାଶ ଯେ, ନଭେମ୍ବର ୨୧ ରାତିରେ ଦୁର୍ବୃତ୍ତ ମନ୍ଦିରରୁ ପୂଜା ସାମଗ୍ରୀ ଓ ଠାକୁରଙ୍କ ଅଳଙ୍କାର ଚୋରି କରିଥିଲେ। ଉକ୍ତ ରାତିରେ ଏଏସ୍‌ଆଇ ପ୍ରଧାନ ଲୁଥର ନେତୃତ୍ୱରେ ପାଟଣା ପୋଲିସ ୨୨୦ନମ୍ବର ପାଟଣା ଚେକିଂକୋଟ ଜାତୀୟ ରାଜପଥରେ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ଡିଆନାଳୀ ନାରାୟଣୀ ରାଇସ୍ ମିଲ୍ ସମ୍ମୁଖରେ ଜଣେ ସନ୍ଦିଗ୍ଧ ବାଇକ ଚାଳକକୁ ପୋଲିସ ପିଛା କରିଥିଲା। ଚାଳକ ବାଇକ ଛାଡ଼ି ଅନ୍ଧାରରେ ଚମ୍ପଟ ମାରିଥିଲେ। ପୋଲିସ ବାଇକ୍‌ରେ ଥିବା ୨ ବ୍ୟାଗରୁ ଠାକୁରଙ୍କ ପୂଜା ପାଇଁ ବ୍ୟବହୃତ ପିତଳ ବାସନ, ସୁନା ପଦକ, ଘଣ୍ଟ, ବାଲ୍ଟି, ପିତଳ ପରାତ ଆଦିକୁ ଜବତ କରି ଥାନାକୁ ଆଣିଥିଲା। ଘଟଗାଁ ପୋଲିସ ବାଇକ୍‌ର ରେଜିଷ୍ଟ୍ରେସନ ନମ୍ବର ଆଧାରରେ ତଦନ୍ତ କରି ଚୋରକୁ ଧରି ପାଟଣା ପୋଲିସ ଜିମା ଦେଇଥିଲା। ପାଟଣା ଥାନାରେ ଏକ ମାମଲା(ନଂ.୩୩୮/୨୪) ରୁଜୁ ହୋଇଛି। ବୁଧବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ପୋଲିସ କହିଛି।

## ମୟୂରଭଞ୍ଜ

# ଫୁଟ୍‌ବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ

ବାରିପଦା,୪।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ମହୋତ୍ସବର ତୃତୀୟ ଦିନରେ ବୁଧବାର ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ମୟୂରଭଞ୍ଜ କ୍ରୀଡ଼ା ସଂଘ ଓ ମହୋତ୍ସବ କମିଟିର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ବାରିପଦାସ୍ଥିତ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଛି। ଉଭୟ ପୁରୁଷ ଓ ମହିଳାଙ୍କୁ ନେଇ ଏହି ଖେଳ ଅନୁଷ୍ଠିତ ହେବ। ବୁଧବାର ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭାପତି ଭାରତୀ ହାଁସଦା, ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡା. ଦେବାଶିଷ ମାର୍ଣ୍ଡି ମୟୂରଭଞ୍ଜ କ୍ରୀଡ଼ା ସଂଘ ସମ୍ପାଦକ ବିଜୟ ଦାସ, ରାଜ୍ୟ ଭାଜପା ଆଦିବାସୀ ମୋର୍ଚ୍ଚା ଉପସଭାପତି ଫାଗୁ ହାଁସଦା ପ୍ରମୁଖ ଯୋଗ ଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଜିଲାର ୨୪ଟି ଫୁଟବଲ ଦଳକୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଛି। ଆସନ୍ତା ୧୦ ତାରିଖରେ ଫାଇନାଲ ଖେଳ ଅନୁଷ୍ଠିତ ହେବ। ଏଥି ସହିତ ୧୦ ତାରିଖରେ ଏକ ମହିଳା ଫୁଟବଲ ପ୍ରଦର୍ଶନୀ ଖେଳ ମଧ୍ୟ ଅନୁଷ୍ଠିତ ହେବ ବୋଲି କ୍ରୀଡ଼ା ସମ୍ପାଦକ ଅମର ସେଠୀ ଓ ଅରୁଣ ବରାଡ କହିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ କମିଟିର କାର୍ଯ୍ୟକର୍ତ୍ତା ଅସିତ ପତି, ସଞ୍ଜୀବ ତ୍ରିବେଦୀ, କଳିଙ୍ଗ କେଶରୀ ଜେନା, ସତ୍ୟଜିତ ସୋମ, ପ୍ରସନ୍ନ ମହାପାତ୍ର, ତ୍ରିଲୋଚନ ଗିରି, ରାଜୀବ ଜେନା, ସରୋଜ ଶତପଥୀ, ରବି ହେମ୍ବ୍ରମ, ଶ୍ରୀନିବାସ ହାଁସଦା ଓ ସୁରେନ୍ଦ୍ର ହେମ୍ବ୍ରମ ପ୍ରମୁଖ ପରିଚାଳନା କରିଥିଲେ।

# ଆନ୍ଦୋଳନକୁ ଓହ୍ଲାଇବେ ଶିକ୍ଷକ,ଶିକ୍ଷା କର୍ମଚାରୀ

ବାରିପଦା,୪।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ମୟୂରଭଞ୍ଜ ଜିଲା ପକ୍ଷରୁ ବାରିପଦା ପୁର୍ଗାବାଡ଼ିସ୍ଥିତ ପୂର୍ଣ୍ଣଚନ୍ଦ୍ର ସ୍ମୃତି ମାଧ୍ୟମିକ ଶିକ୍ଷକ ଭବନ ପରିସରରେ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆବାହକ ତଥା ଓଷ୍ଟା ଜିଲା ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟଙ୍କ ଆବାହକତ୍ୱ ଏବଂ ଜିଲା ଓଷ୍ଟାର ସଭାପତି ଚିତ୍ତରଞ୍ଜନ ପଟ୍ଟନାୟକ ସଭାପତିତ୍ୱରେ ରାଜ୍ୟ ସମ୍ପାଦକ ଗୋପୀବଲ୍ଲଭ ଭୂୟାଁ, ଜିଲା ଓଷ୍ଟାର କାର୍ଯ୍ୟକାରୀ ସଭାପତି ଦୟାନିଧି ମହାନ୍ତ, ସଂସ୍କୃତ ଟୋଲର ଜଗଦୀଶ ଚନ୍ଦ୍ର ମହାନ୍ତ, ଜିଲା ଓଷ୍ଟାର ପୂର୍ବତନ ସଭାପତି ସନ୍ତୋଷ କୁମାର କାନ୍ତ ପ୍ରମୁଖ ଶିକ୍ଷକ ନେତା ଉପସ୍ଥିତ ଥିଲେ। ସମନ୍ୱୟ ସମିତିର ମୁଖ୍ୟ ଦାବି ଗୁଡ଼ିକ ମଧ୍ୟରେ ଯେପରି ୧୯୪ ବିଦ୍ୟାଳୟ ସହିତ ଯୋଗ୍ୟ ବିବେଚିତ ସମସ୍ତ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ଶିକ୍ଷକ ଓ କର୍ମଚାରୀମାନଙ୍କୁ ପେନସନ ସହିତ ଚାକିରି ସର୍ଭିସବ ପ୍ରଦାନ, ଅବସର ବୟସ ସୀମା ୬୦ରୁ ୬୨କୁ ବୃଦ୍ଧି, ଅଣ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀ ଓ ଛାତ୍ରଙ୍କୁ ଖାଦ୍ୟ, ପୋଷାକ ଓ ସାଇକେଲ ପ୍ରଦାନ, ସରକାର ବେସରକାରୀ ବିଦ୍ୟାଳୟରେ ଇଲେକ୍ଟ୍ରି ବିଲ ପ୍ରଦାନ କରିବା ସହ ଅନ୍ୟାନ୍ୟ ଦାବି ଗୁଡ଼ିକ ଉପରେ ସରକାର ଟାଳ ଟୁଳ ନିତି ପ୍ରତିବାଦରେ ଆସନ୍ତା ୧୦ ତାରିଖରେ ଭୁବନେଶ୍ୱରର ରାଜରାସ୍ତାରେ ମହାସମାବେଶ ଅନୁଷ୍ଠିତ ହେବ ବୋଲି ଶିକ୍ଷକ ନେତାମାନେ ସୂଚନା ଦେଇଛନ୍ତି। ଏହି ଜିଲାରୁ କିପରି ଅଧିକରୁ ଅଧିକ ଶିକ୍ଷୟିତ୍ରୀ ଶିକ୍ଷକ ଓ ଶିକ୍ଷା ଅଧିକାରୀ ଯୋଗଦାନ କରି ଆନ୍ଦୋଳନକୁ ସଫଳ କରାଯିବ ତାହା ଉପରେ ଆଲୋଚନା ହୋଇଥିଲା। ପ୍ରତି ବ୍ଲକରେ ଆସନ୍ତା ୫ତାରିଖ ସୁଦ୍ଧା ବ୍ଲକସ୍ତରୀୟ ବୈଠକ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ଓଷ୍ଟାର ଯୁଗ୍ମ ସମ୍ପାଦକ ପ୍ରଭାସ କୁମାର ନାୟକ, ବିକାଶ କୁମାର ପଣ୍ଡା, ଜିଲା କାର୍ଯ୍ୟକାରିଣୀ ସଭ୍ୟ ସୁଶାନ୍ତ କୁମାର ଗିରି, ବ୍ଲକ ସମ୍ପାଦକ ପୂର୍ଣ୍ଣାନନ୍ଦ ନାୟକ ଯୋଗ ଦେଇଥିଲେ। ଓଷ୍ଟାର ଜିଲା କାର୍ଯ୍ୟକାରିଣୀ ସଭ୍ୟ ଦେବରାଜ ନାୟକ ଧନ୍ୟବାଦ ଦେଇଥିଲେ।

# ଏଟିଏମ୍‌ରେ ଛାଡ଼ିଯାଇଥିବା ୫୦୦୦ ଟଙ୍କା ଫେରାଇଲେ

## ମହାନତା ଦେଖାଇଲେ ପୂର୍ବତନ ସରପଞ୍ଚ

ବାଙ୍ଗିରିପୋଷି,୪।୧୨(ସଞ୍ଜୟ କୁମାର ଅଗ୍ରୱାଲା): ବାଙ୍ଗିରିପୋଷି ବଜାରସ୍ଥିତ ଏସ୍‌ବିଆଇ ଏଟିଏମ୍‌ରେ ୫୦୦୦ ଟଙ୍କା ଛାଡ଼ି ଯାଇଥିବା ଜଣେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉମାଦେଇପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ନାଏକଙ୍କ ମହାନତା ଯୋଗୁ ଫେରିପାଇଛନ୍ତି।

ସୂଚନା ଅନୁଯାୟୀ, କେନ୍ଦୁମୁଣ୍ଡି ଅଞ୍ଚଳର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବୁଧରାମ ସିଂ ଟଙ୍କା ଉଠାଇବାକୁ ଆସି ଏଟିଏମ୍‌ରେ ୫ ହଜାର ଟଙ୍କା ଛାଡ଼ି ପଳାଇଥିଲେ। ପରେ ସେହି ଏଟିଏମ୍‌କୁ ଯାଇଥିବା ପୂର୍ବତନ ସରପଞ୍ଚ ନାଏକ ମେସିନରୁ ଉକ୍ତ ଟଙ୍କା ପାଇଥିଲେ। ସେ ଶିକ୍ଷକ ସିଂଙ୍କୁ ପୂର୍ବରୁ ଜାଣିଥିବାରୁ ତାଙ୍କ ମୋବାଇଲ ନମ୍ବର ସଂଗ୍ରହ କରି ଟଙ୍କା ଛାଡ଼ି ଯାଇଥିବା କଥା ଜଣାଇଥିଲେ। ପରେ ଅବସରପ୍ରାପ୍ତ ଶିକ୍ଷକ ପହଞ୍ଚି ପୂର୍ବତନ ସରପଞ୍ଚଙ୍କଠାରୁ ଟଙ୍କା ନେଇଥିଲେ। ପୂର୍ବତନ ସରପଞ୍ଚଙ୍କ ଏପରି ମହାନ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଉଛି।



ପୂର୍ବତନ ସରପଞ୍ଚ ଟଙ୍କା ଫେରାଉଛନ୍ତି।

# ବ୍ଲକସ୍ତରୀୟ ଆନ୍ତର୍ଜାତିକ ଦିବ୍ୟାଙ୍ଗ ଦିବସ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବଡ଼ସାହି,୪।୧୨(ସମିତ କୁମାର ରାଉତ)

ବଡ଼ସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଆନ୍ତର୍ଜାତିକ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧୁସ୍ମିତା ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ କାଞ୍ଚନ ପ୍ରଧାନ, ମୁଖ୍ୟ ବକ୍ତା ଭାବେ ବଡ଼ସାହି ତହସିଲର ଅତିରିକ୍ତ ତହସିଲଦାର ବିନିତାରାଣୀ କିସ୍କୁ, ସମ୍ମାନିତ ଅତିଥି ଭାବେ ଏବିଇଓ ପଦ୍ମଲୋଚନ ଦାସ,ରାଧାଶ୍ୟାମ ଚରଣ ମୁଣ୍ଡା, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଦେବୀପ୍ରତିମା ଜେନା, ସିଆର୍‌ସିସି ସନକ କୁମାର ଘୋଷ ଯୋଗ ଦେଇଥିଲେ। ଦିବ୍ୟାଙ୍ଗମାନଙ୍କ ପାଇଁ ବ୍ଲକ ସ୍ତରରେ ନିୟୋଜିତ ସାଧନ କର୍ମୀ ନିଶାକର ପରିଡ଼ା, ବାସନ୍ତିଲତା ନାୟକ ତଥା ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ତପନ କୁମାର ଉପାଧ୍ୟାୟ ଓ ସର୍ବେଶ୍ୱର ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସିଆର୍‌ସିସି ସଞ୍ଜୟ କୁମାର ପାତ୍ର ଦିବସର ମହତ ଉଦ୍ଦେଶ୍ୟ ରକ୍ଷା ପାଇଁ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁରେଖା ଦଣ୍ଡପାଟ କାର୍ଯ୍ୟକ୍ରମର ଆୟୋଜନ ପାଇଁ ଆବଶ୍ୟକ ସହାୟତା ଯୋଗାଇ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୮୦ ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ମିଶାଇ ମୋଟ ୧୬୦ ଜଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ପିଲାମାନଙ୍କ ମଧ୍ୟରେ ସଙ୍ଗୀତ, ଚିତ୍ରାଙ୍କନ,ମ୍ୟୁଜିକ ଚେୟାର,ଜିଲାପି ଓଁଠା ଆଦି ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ୧ମ,୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଆୟୋଜିତ ମଞ୍ଚ କାର୍ଯ୍ୟକ୍ରମକୁ ଶିକ୍ଷକ ଶୁଭ୍ର ଜ୍ୟୋତି ଦଣ୍ଡପାଟ ଓ ଶିକ୍ଷୟିତ୍ରୀ ମଧୁସ୍ମିତା ନାୟକ ସଞ୍ଚାଳନ କରିଥିଲେ। ଶିକ୍ଷକ ସୌଭାଗ୍ୟ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ରାଇରଙ୍ଗପୁର,୪।୧୨(ମାନସ ମହାନ୍ତି)



ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ବ୍ଲକ ସାନମଉଦା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ତଥା ସାମ୍ବାଦିକ ଭୁଜିତ କୁମାର ପଜନାୟକଙ୍କ ପିତା ସରୋଜ କୁମାର ପଜନାୟକ(୮୪)ଙ୍କ ବୁଧବାର ପରଲୋକ ଘଟିଛି। ସେ ଜଣେ ଛାତ୍ରବତ୍ସଳ ଶିକ୍ଷକ ଭାବେ ଗୋରୁମହିଷାଣୀ ଅଞ୍ଚଳରେ ପରିଚିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ଦିପା, ପୁଅ, ବୋହୂ ଏବଂ ନାତିନାତୁଣୀମାନେ ଉପସ୍ଥିତ ଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିବା ସହ ତାଙ୍କ ଆତ୍ମାର ସଦଗତିକାମନା କରିଛନ୍ତି। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ ପୁଅ ସଞ୍ଜୀବ ମୁଖାଗ୍ନି ଦେଇଥିଲେ।

# ଆବାସ ଯୋଜନା କର୍ମଶାଳାରେ ଗଣ୍ଡଗୋଳ

ଗୋପବନ୍ଧୁ ନଗର,୪।୧୨(ଶାନ୍ତନୁ କୁମାର ମଣ୍ଡଲ)

ଗୋପବନ୍ଧୁ ନଗର ବ୍ଲକ ସାଙ୍କୁଁଲା ବୋଲ ମଣ୍ଡପଠାରେ ଆବାସ ଯୋଜନା ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ସରପଞ୍ଚ, ନାଏବ ସରପଞ୍ଚ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ୱାର୍ଡ ସଭ୍ୟ ଓ ଗ୍ରାମୀଣ ଜନସାଧାରଣ ଉପସ୍ଥିତ ଥିଲେ। ତେବେ ଆଲୋଚନା ଚାଲିଥିବା ବେଳେ ଚନ୍ଦନ କୁମାର ସାହୁ ନାମକ ଜଣେ ବ୍ୟକ୍ତି ଆବାସ ତାଲିକା ସମ୍ପର୍କରେ ପଚାରି ବୁଝିବାରୁ ତାଙ୍କୁ ଓ ତାଙ୍କ ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ ଖୁଣ୍ଟା ଥାନାରେ ଅଭିଯୋଗ ହୋଇଛି। ତେବେ ଏ ନେଇ ସାଙ୍କୁଁଲା ପଞ୍ଚାୟତର ରାଜନୀତି ସରଗରମ ହୋଇଉଠିଛି। ଅନ୍ୟପକ୍ଷରେ ସାଙ୍କୁଁଲା ସରପଞ୍ଚ ରବିନ୍ଦ୍ର ବେହେରା, ନାଏବ ସରପଞ୍ଚ କବିତା ମହନ୍ତି ଓ ଅନୁରାଧା ବେହେରା ପାଲଟା ଅଭିଯୋଗ କରିଛନ୍ତି। ଉଭୟ ପକ୍ଷର ଅଭିଯୋଗକୁ ଭିତ୍ତିକରି ପୋଲିସ ଦୁଇଟି ମାମଲା(ନଂ.୩୦୪/୨୪ ଓ ୩୦୫/୨୪) ରୁଜୁ କରି ପୋଲିସ ଜାରି ରଖିଛି।

# ଜିଲାସ୍ତରୀୟ ଦିବ୍ୟାଙ୍ଗ ଦିବସ



କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

ବାରିପଦା,୪।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ପ୍ରଶାସନ ଓ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଶହୀଦ ସ୍ମୃତି ଭବନଠାରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ- ୨୦୨୪ ପାଳିତ ହୋଇଯାଇଛି। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ହେମକାନ୍ତ ସାୟ, ସମ୍ମାନିତ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବିଜୟ କୁମାର ଦାସ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି ଓ ପ୍ରତିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ନିର୍ଦ୍ଦେଶକ ଡ. ଶିରୀଷ ଚନ୍ଦ୍ର ଭୋଳ ପ୍ରମୁଖ ଦେଇଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରା କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ।ଏହି ଅବସରରେ ସକାଳ ୯ଘଣ୍ଟାରେ ଏକ ସଚେତନତା ରାଲି ଆୟୋଜନ କରାଯାଇଥିଲା। ଉଭୟ ସକ୍ଷମ ଓ ଦିବ୍ୟାଙ୍ଗମାନଙ୍କୁ ନେଇ ଏହି ରାଲି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାରିପଦା ଷ୍ଟାଡିଅମଠାରେ ପହଞ୍ଚିଥିଲା। ସେହିଭଳି ଶହୀଦ ସ୍ମୃତି ଭବନଠାରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ନିମନ୍ତେ ଅନେକ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା

# ସରକାରୀ ଚାକିରି ନାଁରେ ଠକେଇ

## ମାଷ୍ଟରମାଇଣ୍ଡ ସମେତ ୯ଜଣଙ୍କୁ ବାନ୍ଧିଲା ପୋଲିସ

### ନକଲି ନିଯୁକ୍ତିପତ୍ର, ସରକାରୀ ସିଲ୍, ବ୍ୟାଙ୍କ ଆକାଉଣ୍ଟ, କାର୍ ଜବତ

ବ୍ରହ୍ମପୁର,୪।୧୨ (ସୁବାସ ଚନ୍ଦ୍ର ପାଢ଼ୀ)

ଓଡ଼ିଶାର ବିଭିନ୍ନ ସରକାରୀ ବିଭାଗରେ ଗ୍ରୁପ-ସି ଓ ଗ୍ରୁପ-ଡି ପଦବୀରେ ଚାକିରି କରାଇ ଦେବାକୁ କହି ଏକାଧିକ ଚାକିରି ଆଶାୟୀଙ୍କଠାରୁ ଅନେକ ଲକ୍ଷ ଟଙ୍କା ଠକେଇ ମାମଲାରେ ବ୍ରହ୍ମପୁର ବୈଦ୍ୟନାଥପୁର ପୋଲିସ ୯ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମାଷ୍ଟରମାଇଣ୍ଡ ଗୋପାଳପୁର ଶେଗିଡ଼ିସାହି ବାସିନ୍ଦା ତଥା ଭୁବନେଶ୍ୱର ଖଣ୍ଡଗିରିରେ ରହୁଥିବା ଜଗଦୀଶ କୁମାର ବେହେରା, ଆସିକା କାଳଷଣ୍ଡପୁରର ହୃଦୟାନନ୍ଦ ମୁନି, ଜଗତସିଂହପୁରରେ ରହୁଥିବା କେନ୍ଦ୍ରାପଡ଼ା ନଳଡିଆଁଶାସନର ଶିଶିର ମିଶ୍ର, ଆସିକାର ସୂର୍ଯ୍ୟକାନ୍ତ ବେହେରା, ଖୋର୍ଦ୍ଧା ବାଲିପାଟଣା ଚଣାହାଟର ସୁନୀଲ ବେହେରା, ବାଲେଶ୍ୱର କଣ୍ଟାପଡ଼ାର ସୁମନ୍ତ ପାତ୍ର, ଖୋର୍ଦ୍ଧା ବାଲକାଟିର ପ୍ରକାଶ ସେଠୀ, ବାଲିଅନ୍ତା ବାଡ଼ିପଡ଼ାର ଚୌହାନ ଜେନା, ନୟାଗଡ଼ ନୂଆ ବସ୍ଷ୍ଟାଣ୍ଡ ନିକଟରେ ରହୁଥିବା ସନ୍ତୋଷ ନାୟକ। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ୫ ଆନ୍ତଃ ଜିଲ୍ଲା ଠକ ଗ୍ୟାଙ୍ଗ ଥିବାବେଳେ ସେଥିରେ ୪ ଅଙ୍ଗରକ୍ଷୀ ରହିଛନ୍ତି। ଅଭିଯୁକ୍ତ ଜଗଦୀଶ ଏହି ଠକେଇ ଗ୍ୟାଙ୍ଗର ମୁଖ୍ୟ ଅଭିଯୁକ୍ତ ହୋଇଥିବାବେଳେ ହୃଦୟାନନ୍ଦ ତାଙ୍କ ପ୍ରମୁଖ ସହଯୋଗୀ ଭାବେ କାର୍ଯ୍ୟ କରୁଥିଲେ ବୋଲି ବ୍ରହ୍ମପୁର ଏସ୍ପି ସର୍ବଣା ବିବେକ ଏମ୍ କହିଛନ୍ତି।

ଏସ୍ପିଙ୍କ ସୂଚନା ଅନୁସାରେ ୨୦୨୩ ଜାନୁଆରୀରେ ବ୍ରହ୍ମପୁରର ସନ୍ତୋଷ ସାହୁ ସରକାରୀ ଚାକିରି ଖୋଜୁଥିବା ବେଳେ ସେ ହୃଦୟାନନ୍ଦଙ୍କ ସହ ଯୋଗାଯୋଗରେ ଆସିଥିଲେ। ହୃଦୟାନନ୍ଦ ଓ ତାଙ୍କ ଟିମ୍ ସଦସ୍ୟ ଆଶାୟୀଙ୍କଠାରୁ ଟଙ୍କା ନେଇ ବିଭିନ୍ନ ବିଭାଗରେ ସରକାରୀ ଚାକିରି କରାଇ ଦେଉଛନ୍ତି ବୋଲି କହିଥିଲେ। ସେହି କ୍ରମରେ ସେ ପୂର୍ବରୁ କେତେଜଣ ଆଶାୟୀଙ୍କ ନାଁରେ ପ୍ରସ୍ତୁତ ହୋଇଥିବା ସରକାରୀ ନିଯୁକ୍ତିପତ୍ର ଦେଖାଇ ଅନ୍ୟମାନଙ୍କୁ ପ୍ରଲୋଭିତ କରିଥିଲେ। ଜଣଙ୍କ ପିଛା ୩ ଲକ୍ଷ ଟଙ୍କା ଦେଲେ ବିଭିନ୍ନ ବିଭାଗରେ ନିଯୁକ୍ତି କରାଇଦେବେ ବୋଲି ହୃଦୟାନନ୍ଦ ପ୍ରତିଶ୍ରୁତି ଦେବା ସହ ଯେଉଁମାନେ ଚାକିରି କରିବାକୁ ଚାହୁଁଛନ୍ତି ସେମାନଙ୍କ ବାୟୋଡାଟା ପ୍ରସ୍ତୁତ କରିବାକୁ କହିଥିଲେ। ହୃଦୟାନନ୍ଦଙ୍କ କଥାରେ ବିଶ୍ୱାସକରି ସନ୍ତୋଷ ନିଜର ଏବଂ ନିଜ ସାଙ୍ଗସାଥୀ ଓ ପରିଚିତ ଥିବା ଯୁବତୀଯୁବକଙ୍କ ବାୟୋଡାଟା ପ୍ରସ୍ତୁତ କରି ଜଗଦୀଶ ବେହେରାଙ୍କ ନିକଟକୁ ପଠାଇଥିଲେ। କିଛି ଦିନ ପରେ ହୃଦୟାନନ୍ଦ ସମସ୍ତ ଚାକିରି ଆଶାୟୀଙ୍କୁ ଭୁବନେଶ୍ୱରସ୍ଥିତ ନିର୍ମାଣ ସୌଧ କୋଠା ନିକଟକୁ ନେଇଥିଲେ। ସେଠାରେ ଜଗଦୀଶ ଚାକିରି ଆଶାୟୀଙ୍କୁ ଭେଟିବା ସହ ନିଜକୁ ଜଣେ ବରିଷ୍ଠ ସରକାରୀ କର୍ମଚାରୀ ବୋଲି ପରିଚୟ ଦେଇଥିଲେ। ସମସ୍ତ ଆଶାୟୀଙ୍କଠାରୁ ସାର୍ଟିଫିକେଟ ନେବା ପରେ ୩ରୁ ୪ ଦିନ ଭିତରେ ସରକାରୀ ବିଭାଗ ପକ୍ଷରୁ ନିଯୁକ୍ତିପତ୍ର ଇ-ମେଲ୍ ଯୋଗେ ପଠାଯିବ ବୋଲି କହିଥିଲେ। ଏପରି କି କିଛି ଦିନ ପରେ ଜଗଦୀଶ ସମସ୍ତ ଚାକିରି ଆଶାୟୀଙ୍କୁ ବିଭିନ୍ନ ସରକାରୀ ବିଭାଗର ନକଲି ନିଯୁକ୍ତିପତ୍ର ମଧ୍ୟ ପ୍ରଦାନ କରିଥିଲେ। ସେହି ନିଯୁକ୍ତିପତ୍ରରେ ଓଡ଼ିଶା ସରକାରଙ୍କ ସିଲ୍ ଏବଂ ଲୋଗୋ ରହିଥିବାରୁ ତାହା ଦେଖି ଚାକିରି ମିଳିଗଲା ବୋଲି ଆଶାୟୀମାନେ ଭାବି ନେଇଥିଲେ। ସେହି କ୍ରମରେ ସନ୍ତୋଷ ନିଜର ଏବଂ ପରିଚିତ ଯୁବତୀଯୁବକଙ୍କଠାରୁ ମୋଟ ୨୭ଲକ୍ଷ ୫୦ହଜାର ଟଙ୍କା ସଂଗ୍ରହ କରି ଜଗଦୀଶଙ୍କୁ ଦେଇଥିଲେ। ଏହାର କିଛି ଦିନ ପରେ ଅଭିଯୁକ୍ତମାନେ ଆଶାୟୀଙ୍କୁ ଭୁବନେଶ୍ୱର ନ'ତାଲା କୋଠାକୁ ନେଇଥିଲେ। ସେଠାରେ ପୂର୍ବରୁ ଉପସ୍ଥିତ ଥିବା ଅଭିଯୁକ୍ତ ଶିଶିର ମିଶ୍ର ନ'ତାଲା କୋଠାର ପ୍ରଥମ ଓ ଦ୍ୱିତୀୟ ମହଲାକୁ ଡାକି ନେଇ ସେଠାରେ କ୍ୟାମେରା ସମ୍ମୁଖରେ ଛିଡ଼ା କରାଇ ବାୟୋମେଟ୍ରିକ ଭେରିଫିକେଶନ କରାଇଥିଲେ। ସପ୍ତାହକ ଭିତରେ ସେମାନେ ନିଜ ନିଜ କାର୍ଯ୍ୟରେ ଯୋଗଦେବେ ବୋଲି ଶିଶିର ସେମାନଙ୍କୁ କହିଥିଲେ। କିଛି ଆଶାୟୀଙ୍କୁ ସେକ୍ରେଟେରିଏଟ କୋଠା ଓ ହାଇକୋର୍ଟ କୋଠାକୁ ମଧ୍ୟ ନିଆଯାଇଥିଲା। ହେଲେ ମିଳିଥିବା ନିଯୁକ୍ତିପତ୍ର ଅନୁସାରେ ନିଜ କାର୍ଯ୍ୟରେ ଯୋଗଦେବା ଦିନ ଆଶାୟୀମାନେ ଠିକଣା ସ୍ଥାନରେ ପହଞ୍ଚି ଅଭିଯୁକ୍ତମାନଙ୍କୁ ଯୋଗାଯୋଗ କରିବାବେଳେ ସମସ୍ତଙ୍କ ମୋବାଇଲ ସୁଇଚ ଅଫ ଥିବା ଜାଣିବାକୁ ପାଇଥିଲେ। ଯାଞ୍ଚ ପରେ ସେମାନଙ୍କୁ ମିଳିଥିବା ନିଯୁକ୍ତିପତ୍ର ନକଲି ବୋଲି ଜଣାପଡ଼ିଥିଲା। କିଛି ମାସ ପରେ ସନ୍ତୋଷ ସହ ଅନ୍ୟ ଆଶାୟୀମାନେ ଜଗଦୀଶ ଓ ହୃଦୟାନନ୍ଦଙ୍କ ସହ ଯୋଗାଯୋଗ କରି ସେମାନଙ୍କ ଟଙ୍କା ଫେରାଇ ଦେବାକୁ ଅନୁରୋଧ କରିଥିଲେ। ହେଲେ ଅଭିଯୁକ୍ତମାନେ ଆଶାୟୀଙ୍କୁ ବିଭିନ୍ନ ପ୍ରକାର ଧମକ ଦେଇଥିଲେ। ଏପରିକି ଆଶାୟୀଙ୍କ ଠାରୁ ଦୂରେଇ ରହିବାକୁ ଜଗଦୀଶ ୪ ଜଣ ବାଡ଼ିଗାର୍ଡ(ଅଙ୍ଗରକ୍ଷୀ)ଙ୍କୁ ମାସିକ ଦରମା ଦେଇ ପୋଷୁଥିଲେ। ଚାକିରି କିମ୍ବା ଟଙ୍କା ନ ମିଳିବାରୁ ସନ୍ତୋଷ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ବିଭିନ୍ନ ସରକାରୀ ବିଭାଗର ବହୁ ନକଲି ନିଯୁକ୍ତି ପତ୍ର, ଓଡ଼ିଶା ସରକାରଙ୍କ ନକଲି ସିଲ୍, ଚାକିରି ଆଶାୟୀଙ୍କ ଠାରୁ ଆଦାୟ ହୋଇଥିବା ଟଙ୍କା ବିଷୟରେ ଲେଖାଥିବା ଏକ ଡାଏରୀ, ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟ, ଚେକ ବହି, ଆଶାୟୀଙ୍କ ବାୟୋଡାଟା, ଏକ କାର ଜବତ କରିଛି। ସମସ୍ତ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ଜଗଦୀଶଙ୍କ ବ୍ୟାଙ୍କ ଆକାଉଣ୍ଟରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ରହିଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି।



ପୋଲିସ ହେପାଜତରେ ଗିରଫ ଅଭିଯୁକ୍ତ।

# ଜେଲ ଗଲେ ୫, ମୁଖ୍ୟ ଅଭିଯୁକ୍ତ ଫେରାର

## ଅପହରଣ କରି ନଦୀପଠାରେ ହତ୍ୟା ଉଦ୍ୟମ ଘଟଣା

- ଜମି ମାମଲାରେ ସହଯୋଗ କରିବାରୁ ଆକ୍ରମଣ
- ଅଭିଯୁକ୍ତମାନେ ୫ଲକ୍ଷ ଟଙ୍କା ଦାବି କରିଥିଲେ

ଭୁବନେଶ୍ୱର,୪।୧୨ (ସତ୍ୟଜିତ୍ ରାଉତ)

ମଞ୍ଚେଶ୍ୱର ଥାନା ଅଧୀନ ବରିମୁଣ୍ଡ ଗାଁର ସନ୍ତୋଷ କୁମାର ପଣ୍ଡାଙ୍କୁ ହତ୍ୟା ଉଦ୍ୟମ ମାମଲାରେ ଅଟକ ୫ ଅଭିଯୁକ୍ତଙ୍କୁ ପୋଲିସ ବୁଧବାର ଗିରଫ କରିଛି। ଜମି ମାମଲାରେ ଜଣେ ବ୍ୟକ୍ତିଙ୍କୁ ସନ୍ତୋଷ ସହଯୋଗ କରିବାରୁ ତାଙ୍କୁ ଅତି ନିର୍ମମ ଭାବେ ଆକ୍ରମଣ କରାଯାଇଥିଲା ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ପାଣ୍ଡରା ଗାଁର ରୋହିତ ଭଞ୍ଜ (୨୬), ନନ୍ଦନକାନନ ଥାନା ଅନ୍ତର୍ଗତ ଗଣ୍ଡରପୁର ଗାଁର ପୂର୍ଣ୍ଣଚନ୍ଦ୍ର ସେନାପତି ଓରଫ କିଲା (୪୪), ମନୋଜ ସାମଲ ଓରଫ ଡାକୁଆ (୬୦), ସତ୍ୟଜିତ୍ ସାମଲ ଓରଫ ପିଲୁ (୨୭), ଶୈଳେନ୍ଦ୍ର ରାଉତ ଓରଫ ସିଲୁ (୫୨)। ସମସ୍ତଙ୍କୁ ଭୁବନେଶ୍ୱର ଜେଏମ୍ଏଫ୍ସି-୨ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ରୋହିତଙ୍କ ନାଁରେ ମଞ୍ଚେଶ୍ୱର ଥାନାରେ ୧୧ ଓ ମନୋଜଙ୍କ ନାଁରେ ନନ୍ଦନକାନନ ଥାନାରେ ୨ଟି ଅପରାଧିକ ମାମଲା ରହିଥିବା ଜଣାପଡ଼ିଛି। ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ସାମଲ ଏବେବି ଫେରାର ଥିବା ବେଳେ ତାଙ୍କୁ ପୋଲିସ ଖୋଜୁଛି। ସୂଚନା ଅନୁଯାୟୀ, ଆହତ ସନ୍ତୋଷ ଓ ଅଭିଯୁକ୍ତ ସଞ୍ଜୟ ଜମିବାଡ଼ି କାରବାର କରନ୍ତି। ସଞ୍ଜୟଙ୍କ ସହ ଗଣ୍ଡରପୁର ଗାଁର ଜଣେ ବ୍ୟକ୍ତିଙ୍କ ଜମି ସମସ୍ୟା ଥିବାରୁ ସେ ସନ୍ତୋଷଙ୍କ ସହଯୋଗ ନେଇଥିଲେ। ସଞ୍ଜୟଙ୍କ ବିରୋଧରେ ସିଭିଲ କୋର୍ଟରେ ମାମଲା କରିବାରେ ସନ୍ତୋଷ ତାଙ୍କୁ ସହଯୋଗ କରିଥିଲେ। ଏଥିରେ ସନ୍ତୋଷଙ୍କ ଉପରେ ସଞ୍ଜୟ ରାଗ ରଖିଥିଲେ। ସୋମବାର ସିଭିଲ କୋର୍ଟରେ ଶୁଣାଣିବେଳେ ସନ୍ତୋଷ କୋର୍ଟକୁ ଯାଇଥିଲେ। ସନ୍ଧ୍ୟା ୫ଟା ୩୦ ବେଳେ ଜଣେ ବ୍ୟକ୍ତିଙ୍କ ସହ ସନ୍ତୋଷ ଜରିପାଶୀ ଗାଁ ନିକଟ ବାଲିଯାତ୍ରା ପଡ଼ିଆ ନିକଟରେ ଠିଆ ହୋଇଥିଲେ। ଏହି ସମୟରେ ଏକ ସ୍କର୍ପିଓରେ ସଞ୍ଜୟ ଓ ଅନ୍ୟମାନେ ପହଞ୍ଚି ସନ୍ତୋଷଙ୍କୁ ଅପହରଣ କରି ଗଣ୍ଡରପୁର ଗୁଆଖାଇ ନଦୀପଠାକୁ ନେଇ ଯାଇଥିଲେ। ଅଭିଯୁକ୍ତମାନେ ସନ୍ତୋଷଙ୍କୁ ୫ଲକ୍ଷ ଟଙ୍କା ଦାବି କରି ତାଙ୍କୁ ଲୁହା ପାଇପ ଓ ରଡରେ ଅତି ନିର୍ମମ ଭାବେ ପିଟିଥିଲେ। ଫଳରେ ସନ୍ତୋଷଙ୍କ ଦୁଇ ଗୋଡ଼ ଓ ହାତରେ ଗଭୀର ଆଘାତ ହେବା ସହ ଏକାଧିକ ହାଡ଼ ଭାଙ୍ଗି ଯାଇଥିଲା। ସନ୍ତୋଷ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ବେଳେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ପରେ ପରିବାର ଲୋକେ ସନ୍ତୋଷଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ନେଇଥିଲେ। ସନ୍ତୋଷଙ୍କ ସ୍ତ୍ରୀ ମମତା ପଣ୍ଡାଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୬୭୩/୨୦୨୪) ରୁଜୁ କରି ତଦନ୍ତ କରୁଛି। ଅନ୍ୟପକ୍ଷରେ କଟକ ଏସ୍ସିବି ମେଡିକାଲରେ ସନ୍ତୋଷଙ୍କ ଚିକିତ୍ସା ଚାଲିଥିବାବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅତି ଗମ୍ଭୀର ଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଅଭିଯୁକ୍ତ ବାପା କୋର୍ଟଚାଲାଣ

## ବୋହୂ ପୁଅଙ୍କୁ ପେଟ୍ରୋଲ ଢାଳି ଜାଳିଦେବା ଘଟଣା

ବାରଙ୍ଗ,୪।୧୨(ଲିଙ୍ଗରାଜ ରାଉତ)

କଟକ ଜିଲ୍ଲା ଗୋପିସାହି ଫାଣ୍ଡି ଅଧୀନ ବାରସିଂଗା ଗ୍ରାମରେ ପାରିବାରିକ କଳହକୁ କେନ୍ଦ୍ର କରି ବୋହୂପୁଅଙ୍କୁ ବାପା ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଏହି ଘଟଣାରେ ବାରଙ୍ଗ ପୋଲିସ ବୁଧବାର ବାପା ଗୋବର୍ଦ୍ଧନ ରାଉତଙ୍କୁ କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ଗୋବର୍ଦ୍ଧନ ଓ ପୁଅ ଦୀନବନ୍ଧୁଙ୍କ ମଧ୍ୟରେ ସବୁବେଳେ ପାରିବାରିକ କଳହ ଲାଗି ରହୁଥିଲା। ଗତ ଶନିବାର ରାତିରେ ଦୀନବନ୍ଧୁ ତାଙ୍କ ଦୋକାନ ବନ୍ଦ କରି ଆସି ଘରେ ଖାଇ ବସିଥିଲେ। ତାଙ୍କ ପାଖରେ ସ୍ତ୍ରୀ ସସ୍ମିତା ମଧ୍ୟ ବସିଥିଲେ। ଏହି ସମୟରେ ଗୋବର୍ଦ୍ଧନ ଆସି କିଛି ଟଙ୍କା ମାଗିଥିଲେ। କିନ୍ତୁ ଦୀନବନ୍ଧୁ ଟଙ୍କା ଦେବାକୁ ମନା କରିଦେଇଥିଲେ। ଏଥିରେ ଗୋବର୍ଦ୍ଧନ ଉତ୍ତେଜିତ ହୋଇ ପୁଅ ଖାଇ ବସିଥିବାବେଳେ ତାଙ୍କ ଉପରକୁ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଦୀନବନ୍ଧୁଙ୍କୁ ଜଳୁଥିବା ଦେଖି ବଞ୍ଚାଇବାକୁ ଯାଇ ସ୍ତ୍ରୀ ସସ୍ମିତା ତାଙ୍କୁ ଧରି ପକାଇଥିଲେ। ଫଳରେ ସେ ମଧ୍ୟ ନିଆଁର କବଳକୁ ଆସିଯାଇଥିଲେ। ଖଟ ଉପରେ ଥିବା ନାତିକୁ ଧରି ବୁଢୀ ମା' ବାହାରକୁ ଆସିଥିବାରୁ ସେମାନେ ଏଥିରୁ ବର୍ତ୍ତି ଯାଇଥିଲେ। ପରେ ସେମାନଙ୍କ ଚିତ୍କାର ଶୁଣି ପଡ଼ୋଶୀ ପହଞ୍ଚି ନିଆଁ ଲିଭାଇବାକୁ ଉଦ୍ୟମ କରି ଉଭୟଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ଘଟଣାର ପରଦିନ ଅର୍ଥାତ୍ ରବିବାର ସକାଳେ ସସ୍ମିତାଙ୍କ ମୃତ୍ୟୁ ଘଟିଥିବାବେଳେ ଦୀନବନ୍ଧୁଙ୍କ ସ୍ୱାସ୍ଥ୍ୟ ଏବେ ବି ସଙ୍କଟାପନ୍ନ ରହିଛି। ତେବେ ଖବରପାଇ ପୋଲିସ ଉକ୍ତ ରାତିରେ ଘଟଣାସ୍ଥଳରେ ପହଞ୍ଚି ଛାତ ଉପରେ ଲୁଚିଥିବା ଗୋବର୍ଦ୍ଧନଙ୍କୁ କାବୁ କରିଥିଲା। ତାଙ୍କ ଶରୀରରେ କିଛି ଅଂଶ ପୋଡ଼ିଯାଇଥିବାରୁ ପୋଲିସ ହେପାଜତରେ ତାଙ୍କର ଚିକିତ୍ସା ଚାଲିଥିବାବେଳେ ପୋଲିସ ବୁଧବାର ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ୪ଜଣଙ୍କୁ ବାନ୍ଧିଲା ପୋଲିସ

## ନାବାଳିକା ଗଣବଳାତ୍କାର ଘଟଣା

କୁଚିଣ୍ଡା,୪।୧୨(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା ଅଞ୍ଚଳରେ ଶନିବାର ରାତିରେ ଘଟିଥିବା ନାବାଳିକା ଗଣବଳାତ୍କାର ଘଟଣାରେ ପୋଲିସ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମହୁଲପାଲି ଥାନା ବିଲୁଙ୍ଗ ଗ୍ରାମର ଜିତେନ୍ଦ୍ର ଭଞ୍ଜ ଓରଫ ସଞ୍ଜିତ(୧୯), ଦୁମକୁ ଗ୍ରାମର ଗୋବିନ୍ଦ କିଷାନ(୨୮), ସୁନ୍ଦରଗଡ଼ ଜିଲ୍ଲା ଗୁରୁଣ୍ଡିଆ ଥାନା ନୂଆପାଲି ଗ୍ରାମର ଅନିଲ ମଞ୍ଜ(୨୭) ଓ କୁଚ୍ଚୁ ଥାନା କର୍ମାବାହାଲ ଗ୍ରାମର ସରୋଜ ଏକ୍କା(୨୪)। ପୋଲିସ ଅଭିଯୁକ୍ତମାନଙ୍କଠାରୁ ଘଟଣାରେ ବ୍ୟବହୃତ ଏକ ବାଇକ, ୫ଟି ମୋବାଇଲ ଫୋନ ସହ ନଗଦ ୬୫୦ଟଙ୍କା ଜବତ କରିଛି। ବୁଧବାର ମହୁଲପାଲି ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କୁଚିଣ୍ଡା ଏସ୍ଡିପିଓ ଅମିତାଭ ପଣ୍ଡା ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ୧୪ବର୍ଷୀୟା ପୀଡିତା ନାବାଳିକା ଶନିବାର ରାତି ପ୍ରାୟ ୭ଟାରେ ତାଙ୍କ ସମ୍ପର୍କୀୟ ଭାଇ ଓ ପଡୋଶୀମାନଙ୍କ ସହ ବିଲୁଙ୍ଗ ଗ୍ରାମକୁ ଅପେରା ଦେଖି ଘରକୁ ଫେରୁଥିଲେ। ଅଭିଯୁକ୍ତମାନେ ବିଲୁଙ୍ଗ-ଲଦ୍ରା ଗାଁ ମଝିରେ ଥିବା ପୋଲ ନିକଟରେ ସେମାନଙ୍କ ବାଟ ଓଗାଳିଥିଲେ। ପୀଡିତାଙ୍କ ସହ ଥିବା ସମସ୍ତଙ୍କୁ ମାରପିଟ କରି ଘଉଡ଼ାଇ ଦେଇଥିଲେ। ଅଭିଯୁକ୍ତମାନେ ବଳପୂର୍ବକ ନାବାଳିକାଙ୍କୁ ଜଙ୍ଗଲକୁ ନେଇ ଗଣବଳାତ୍କାର କରିଥିଲେ। ପରେ ସେମାନେ ପୀଡିତାଙ୍କୁ ତାଙ୍କ ଗାଁ ପାଖରେ ଛାଡିଦେଇ ପଳାଇଥିଲେ। ଅଭିଯୁକ୍ତ ଜିତେନ୍ଦ୍ର ଓ ଗୋବିନ୍ଦ ସ୍ଥାନୀୟ ଅଞ୍ଚଳର ହୋଇଥିବାରୁ ପୀଡିତା ସେମାନଙ୍କୁ ଚିହ୍ନି ପାରିଥିଲେ। ପୀଡିତା ଘରେ ପହଞ୍ଚି ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ କହିଥିଲେ। ରବିବାର ସକାଳେ ତାଙ୍କ ବାପା ମହୁଲପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଅଭିଯୁକ୍ତମାନଙ୍କୁ ଉଠାଇ ଆଣି ପଚରାଉଚରା କରିଥିଲା। ଅପରପକ୍ଷରେ ମଙ୍ଗଳବାର ଜିମ୍ବାରେ ପୀଡିତାଙ୍କ ଡାକ୍ତରୀ ମାଇନା ପରେ ସମ୍ବଲପୁର ପୋକ୍ସୋ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ବୟାନ ରେକର୍ଡ କରାଯାଇଥିଲା। ବୁଧବାର କୁଚିଣ୍ଡା ମେଡିକାଲରେ ଅଭିଯୁକ୍ତମାନଙ୍କ ଡାକ୍ତରୀ ମାଇନା ପରେ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏ ନେଇ ମହୁଲପାଲି ଥାନାରେ ଦଫା ୧୨୬(୨)/୧୧୫(୨)/୩୫୧(୨)/୭୦(୨)/୩୦୯(୪)ବିଏନ୍ଏସ ରେ ଏକ ମାମଲା (ନଂ.୮୮/୨୪) ରୁଜୁ ହୋଇଥିବା ଏସ୍ଡିପିଓ ପଣ୍ଡା କହିଛନ୍ତି। ଖବରଦାତା ସମ୍ମିଳନୀରେ ମହୁଲପାଲି ଥାନା ଅଧିକାରୀ ସୁମିତ ପିରୋଜ ଏକ୍କା ଉପସ୍ଥିତ ଥିଲେ।

# ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

## ନାବାଳିକା ବଳାତ୍କାର ମାମଲା

କେନ୍ଦୁଝର,୪।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଫାଷ୍ଟ୍ରାକ୍ କୋର୍ଟରେ ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ବିଜୟ କୁମାର ମିଶ୍ର ବୁଧବାର ମାମଲାର ଶୁଣାଣି କରି କାଞ୍ଚିପାଣି ଥାନା ଅନ୍ତର୍ଗତ ଜଗତୀ ଗ୍ରାମ ତଳବାଗୁଡ଼ା ସାହିର ଅଭିଯୁକ୍ତ ଦିଲୀପ କୁମାର ମହାକୁଡ଼(୨୧)ଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା ଓ ଅନାଦାୟରେ ଏକବର୍ଷ ଅଧିକ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଦିଲୀପଙ୍କଣେ ୧୭ବର୍ଷୀୟା ଆଦିବାସୀ ନାବାଳିକାଙ୍କୁ ୨୦୧୫ରେ ବାରମ୍ବାର ବଳାତ୍କାର କରିଥିଲେ। ଫଳରେ ନାବାଳିକା ୯ ମାସର ଗର୍ଭବତୀ ହୋଇଥିଲେ। ପରିବାର ଲୋକ ଜାଣିବା ପରେ ୨୫ ଏପ୍ରିଲ ୨୦୧୫ ରେ ପୀଡ଼ିତାଙ୍କୁ ଦିଲୀପଙ୍କ ଘରେ ଛାଡ଼ିବାକୁ ଯାଇଥିଲେ। ସେଠାରେ ଦିଲୀପଙ୍କ ବାପା ଗୋବିନ୍ଦ ମହାକୁଡ଼ ପୀଡ଼ିତାକୁ ମାରପିଟ କରି ଓ ଧମକ ଦେଇ ବାହାର କରି ଦେଇଥିଲେ। ପରେ ପୀଡ଼ିତା କାଞ୍ଚିପାଣି ଥାନାରେ ୨୮ ଏପ୍ରିଲ ୨୦୧୫ରେ ଅଭିଯୋଗ କରିଥିଲେ। ପୋଲିସ ମାମଲା(ନଂ. ୧୩/୧୫) ରୁଜୁ କରି ଗୋବିନ୍ଦ ଓ ଦିଲୀପଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ବିଚାରପତି ୧୬ ଜଣ ସାକ୍ଷୀ ଓ ଡାକ୍ତରୀ ରିପୋର୍ଟ ଆଧାରରେ ଗୋବିନ୍ଦଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିବା ବେଳେ ଦିଲୀପଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଏଥିସହ ପୀଡ଼ିତାଙ୍କୁ ୮ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ ନିମନ୍ତେ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ସୁପାରିସ କରିଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ନାଥ ଜେନା କେଶ ପରିଚାଳନା କରୁଥିଲେ।

# କେରଳରେ ଓଡ଼ିଆ ମତ୍ସ୍ୟଜୀବୀଙ୍କୁ ହତ୍ୟା



ରମେଶ ଦାସ

ବାହାନଗା,୪।୧୨ (ଅରୁଣ କୁମାର ଦାସ)

କେରଳରେ ଜଣେ ଓଡ଼ିଆ ଯୁବ ମତ୍ସ୍ୟଜୀବୀଙ୍କୁ ସାଥୀ ମତ୍ସ୍ୟଜୀବୀମାନେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ ଖନ୍ତାପଡା ଥାନା ଅଧୀନ ତଳପଦା ଗ୍ରାମର ଧ୍ରୁବଚରଣ ଦାସଙ୍କ ପୁଅ ରମେଶ(୩୫)। ସେ ଦୀର୍ଘ ଦିନ ଧରି କେରଳର ଜଣେ ମାଛ ବେପାର କରୁଥିବା ମାଲିକଙ୍କ ପାଖରେ କାମ କରୁଥିଲେ। ରମେଶ ମାଲିକଙ୍କ ଟ୍ରଲରରେ ସମୁଦ୍ର ମଧ୍ୟକୁ ସାଥୀ ମତ୍ସ୍ୟଜୀବୀମାନଙ୍କ ସହିତ ମାଛ ମାରିବା ପାଇଁ ଯାଇଥିଲେ। ଗତ ୨ତାରିଖରେ ସମୁଦ୍ରରୁ ମାଛ ମାରି ଟ୍ରଲରରେ ଫେରୁଥିବା ବେଳେ ଟଙ୍କା ପାଇଁ ସାଥୀ ମତ୍ସ୍ୟଜୀବୀମାନେ ରମେଶଙ୍କ ସହ ଗଣ୍ଡଗୋଳ କରିଥିଲେ। ପରେ ରମେଶଙ୍କ ସହିତ ଅନ୍ୟ ସାଥୀ ମତ୍ସ୍ୟଜୀବୀମାନେ ବେଳାଭୂମିରେ ଥିବା ଏକ ହୋଟେଲକୁ ଯାଇଥିଲେ। ସେଠାରେ ଟଙ୍କା ପାଇଁ ହୋଟେଲ ଭିତରେ ରମେଶଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ରମେଶ ସମୁଦ୍ରରୁ ମାଛ ମାରି ଫେରୁଥିବା ବେଳେ ମାଲିକଙ୍କୁ ଘରକୁ ପଠାଇବା ପାଇଁ ଟଙ୍କା ମାଗିଥିଲେ। ମାଲିକ ଟଙ୍କା ରମେଶଙ୍କୁ ନ ଦେଇ ତାଙ୍କ ସ୍ତ୍ରୀଙ୍କ ଆକାଉଣ୍ଟକୁ ଫୋନପେ' ରେ ପଠାଇ ଦେଇଥିଲେ। ଏ ବାବଦରେ ସମୁଦ୍ରକୁ ଯାଇଥିବା ରମେଶଙ୍କ ସହିତ ସାଥୀ ମତ୍ସ୍ୟଜୀବୀମାନେ ଜାଣି ନ ଥିଲେ। ମାଲିକ ଦେଇଥିବା ଟଙ୍କା ରମେଶଙ୍କ ପାଖରେ ଅଛି ବୋଲି ସାଥୀ ମତ୍ସ୍ୟଜୀବୀମାନେ ଜାଣିଥିଲେ। ସେହି ଟଙ୍କା ଲୋଭରେ ରମେଶଙ୍କୁ ସମୁଦ୍ରରୁ ଫେରିବା ପରେ ହୋଟେଲ ଭିତରେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଖବର ପାଇ ରମେଶଙ୍କ କକା ଓ ଭିଣୋଇ କେରଳରେ ପହଞ୍ଚି ନିକଟସ୍ଥ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଏହି ଘଟଣା ପ୍ରଚାରହେବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ରମେଶଙ୍କ ମୃତଦେହ କେରଳରୁ ଆଣିବା ପାଇଁ ସରକାର ସହାୟତା କରିବା ଲାଗି ଲୋକେ ଦାବି କରିଛନ୍ତି।


GOVERNMENT OF ODISHA
(PANCHAYATI RAJ & DRINKING WATER DEPARTMENT)
OFFICE OF THE PANCHAYAT SAMITI, POTTANGI, DISTRICT: KORAPUT
E-mail: ori-pottangi@nic.in

No. 3896/2024 Date: 02.12.2024

CORRIGENDUM
(Bid Identification No. 02/2024-25)

Ref.: 1. This office Letter No. 3714 Dated: 18.11.2024 (Notice Inviting Tender)
No. i.: Due to unavoidable circumstances, the date line for available of bid documents & opening of online bids (Technical & Financial) for the following 4 Nos. of tender works has been extended and rescheduled in the following manner as detailed below. Further, as per Office Memorandum No. 12586, Dated: 09.09.2022 of the Principal Secretary to Govt., Works Department, Odisha, the required class of contractors for the following 4 Nos. of tender works has been modified as detailed below.

| Sl. No. | Name of the Work | Tender Amount (In Rs.) | Bid Security/ EMD Amount (In Rs.) | Cost of Bid Documents (In Rs.) | Modified Class of Contractor | Extended date for available of bid documents online | Extended date for opening of online Bids (Technical & Financial) |
|---|---|---|---|---|---|---|---|
| 1 | Const. of BT Road from PWD Road to Gunthaguda via Dekapadar, Chandaka GP | 42,10,708/- | 43,000/- | 6,000/- | "B" | 19.11.2024 to 19.12.2024 | 20.12.2024 |
| 2 | Const. of BT Road from NH-26 to Nuaguda via Podalguda, Pottangi GP | 42,12,188/- | 43,000/- | 6,000/- | "B" | 19.11.2024 to 19.12.2024 | 20.12.2024 |
| 3 | Const. of BT Road from Badadevta via Sishumandir Pani Tanki, Pottangi GP | 21,01,729/- | 22,000/- | 6,000/- | "B" & "C" | 19.11.2024 to 19.12.2024 | 20.12.2024 |
| 4 | Const. of BT Road from Katateda to Dharampadu via Epalpadu Metapadu, Talagoluru GP | 42,10,520/- | 43,000/- | 6,000/- | "B" | 19.11.2024 to 19.12.2024 | 20.12.2024 |

OIPR-19174/11/0004/2425 Sd./- Block Development Officer, Pottangi



OFFICE OF THE DEPUTY DIRECTOR OF TEXTILES, CUTTACK
At- Jobra Canal Road, P.O. College Square, Dist. Cuttack, PIN-753003
Tele/Fax – (0671) 2549133 Email – ddtex-cuttack@gov.in

Short Quotation / Tender Call Notice for Hiring of Vehicle

No.PP-05:Sealed quotations are invited in the prescribed format from Travel Agencies / Tour Operators / Individuals vehicle owners having valid up to date PAN/GST Registration number for providing 01 (one) No. of vehicle (Tiago / Bolt / Celerio) for engagement in Office of the Deputy Director of Textiles, Cuttack on monthly rent basis. The details of the terms & conditions of the above services alongwith tender documents can be downloaded from the website: cuttack.odisha.gov.in. Last date for submission of quotation is on or before dt.21.12.2024 by 3.00 PM by Courier/Speed Post/Registered Post only.
Sd./- Deputy Director of Textiles, Cuttack
OIPR-31035/11/0001/2425



OFFICE OF THE EXECUTIVE ENGINEER, FISHERY ENGINEERING DIVISION, CUTTACK
Email Id:eefedcuttack@gmail.com, Ph.No.0671-2415090

CORRIGENDUM
BID NO.8043, DT.28.11.2024

No.M-53:This is to inform to all concerned that the Bid Notification No.8043, Dt.28.11.2024 is hereby cancelled due to unavoidable circumstances.
Sd./- Executive Engineer (C)
Directorate of Fisheries, Odisha, Cuttack
OIPR-06030/11/0023/2425



NIT FOR ENGAGEMENT OF SOCIAL MEDIA AGENCY FOR ZILLA PARISHAD, GANJAM
NIT No. 11480/ZP Dated: 02.12.2024

NOTICE INVITING TENDER (NIT)

No. CAD-1763: Zilla Parishad, Ganjam, Chatrapur is the apex body in 3 tire Panchayati Raj Institutions under Panchayati Raj and Drinking Water Department, Govt. of Odisha. Ganjam district consisting of 22 Panchayat Samities and 503 Gram Panchayats. The main role of Zilla Parishad is to ensure implementation of major flagship schemes of Govt. of India and Govt. of Odisha on Poverty elevation in rural area. The schemes like Rural Housing, MGNREGS, DWSM, GGY, OLM, DDU-GKY, CFC/SFC etc. are being implemented by the Panchayat Samities, Gram Panchayats and other line department agencies. The purpose is to extend the benefits of all such schemes to the eligible beneficiaries without being deprived of their entitlement.
For successful implementation of the above schemes, IEC plays a major tool for reaching to the beneficiaries and communicating the benefits of the different schemes to the grassroot level. With the emerging of social media and acceptance of the social media in rural areas, the platform will be effective for smooth communication of schemes agenda.
For the purpose, Zilla Parishad, Ganjam intends to engage an agency for **"Social Media Management of Zilla Parishad, Ganjam for managing handles of all user profiles"** to explore such opportunity in social media platform for disseminating the information on different schemes as per details furnished in bid paper.
Name of Work: **"Tender for Engagement of Social Media Agency for Zilla Parishad, Ganjam"**.

| Sl. No. | Description | Dates |
|---|---|---|
| 1 | Mode of available & submission of tender papers | Offline tender paper is available on ganjam.odisha.gov.in |
| 2 | Date of Issue of Notice Inviting Bid | 03.12.2024 at 10.00 A.M. |
| 3 | Period of availability of Bidding Documents from website | From: Date: 03.12.2024 at 10.00 A.M. To: Date: 20.12.2024 upto 3.00 P.M. |
| 4 | Deadline for Receiving Bids (Hard Copy) | Date: 20.12.2024 upto 3.00 P.M. |
| 5 | Time, Date for Opening Technical Bids | 20.12.2024 at 4.00 P.M. |
| 6 | Bid Validity | 90 days from the last date of submission |
| 7 | Officer Inviting Bids/ Tender Inviting Authority | Chief Development Officer-cum-Executive Officer, Zilla Parishad, Ganjam, Chatrapur |

Sd./- CDO-cum-EO, Zilla Parishad Ganjam, Chatrapur
OIPR-19372/11/0007/2425



DISTRICT PROJECT OFFICE SAMAGRA SHIKSHA {S.S} MALKANGIRI-764048
Ph:(06861)-230481 (Off) E-mail:dpcmalkanssa.opepa@nic.in stc.malkangiri@gmail.com
Letter No.4963/Civil/2024 Date:02.12.2024

TENDER CALL NOTICE

No.n-170:Sealed tender in the prescribed form to be eventually drawn-up in PWD Form P-1 (Percentage Rate Bids) in conformity with detailed Tender Call Notice are invited by the District Project Coordinator, Samagra Shiksha, Malkangiri, on behalf of Government of Odisha for tenders for construction of Building works as mentioned below from eligible Contractors registered with the State Government and contractor of equivalent grade/class registered with Central Government/MES/Railways, having registration for Civil works on production of definite proof from the appropriate authority. The detailed of the works are available in the Website https://malkangiri.odisha.gov.in and Office Notice Board.

| | |
|---|---|
| Name of Work | Construction of Additional Class Room Building & Dining Hall in different area of Malkangiri District under SETU 2023-24. |
| No. of Works | 46 Nos (Forty six) Nos. |
| Estimated Cost | As laid down in the DTCN |
| Amount put to Tender | As laid down in the DTCN |
| Tender Paper cost | As laid down in the DTCN |
| E.M.D Amount Required | 1% of the Amount put to tender (As laid down in the DTCN) |
| Period of completion | As laid down in the DTCN for each work |
| Date of sale of Tender papers | The Bid documents can be downloaded from the Govt. Web site https://malkangiri.odisha.gov.in only from 04.12.2024 to 18.12.2024 |
| Date of receipt of Tender paper | From 04.12.2024 to 18.12.2024 upto 5.00 PM (in working days) through Registered Post/Speed Post only. No tender paper will receive by hand or Courier services. |
| Date of opening of Tender papers | At 11.00 A.M on 19.12.2024 in the Office Chamber of Collector, Malkangiri in presence of Tender finalisation Committee member, tenderer or their authorised representatives. |

N.B- If the last date of sale/receipt of tender paper turns out be a holiday, it will automatically be extended to next working day. The amendment in sale of corrigendum / addendum will be notified on website https://malkangiri.odisha.gov.in only & the prospective bidders are request to take cognizance of such notification while submitting their tender proposal.
By order of Collector
Sd./- District Project Coordinator, Samagra Shiksha, Malkangiri
OIPR-27141/11/0004/2425



No. L-99
GOVERNMENT OF ODISHA
OFFICE OF THE EXECUTIVE ENGINEER (AGRIL.) BOLANGIR DIVISION, BOLANGIR
At: Adarshapada, Post/Dist.: Bolangir - 767001
e-mail: eea.blgr@gmail.com

Notice No. 1308 Dt.29.11.2024

NATIONAL COMPETITIVE BIDDING THROUGH e-Procurement
Identification No. 04/Agril/EE(Blgr)/2024-25 Dt.29.11.2024

| | | |
|---|---|---|
| 01 | Nos. of Work | 1 No. |
| 02 | Tendered Amount in Rs. | Rs.8,36,882/- |
| 03 | Period of Completion | 120 days |
| 04 | Date & time of availability of bid document in the portal | From 11.00 hrs. of 07.12.2024 to 17.00 hrs. of 13.12.2024 |
| 05 | Last date/time of receipt of copies of uploaded documents, drafts etc. in the tender box in the office of the undersigned at Adarsha Pada, Near Cold Storage, Bolangir, PIN - 767001 | Upto 17.00 hrs. of 17.12.2024 |
| 06 | Date & Time of opening of bids | 11.00 hrs. of 18.12.2024 |
| 07 | Name and Address of the Officer Inviting Bid | Executive Engineer (Agril.) Bolangir Division, Bolangir, At/P.O.: Bolangir, PIN - 767001 |

Further details can be seen from the website www.tendersodisha.gov.in.
Sd./- Executive Engineer (Agril.)
Agriculture Engineering Division, Bolangir
OIPR-01462/11/0004/2425

See Career Appointment on every Wednesday & Saturday

# କାମ ନ ସରୁଣୁ ଆରମ୍ଭ ହେଲାଣି ମରାମତି

■୫୫ନଂ. ଜାତୀୟ ରାଜପଥର ଅନେକ ସ୍ଥାନରେ ଫାଟ
■ଶ୍ରମିକ, ମେଶିନ ଲଗାଇ ବୋଳାଯାଉଛି ସିମେଣ୍ଟ
■ନିର୍ମାଣ କାର୍ଯ୍ୟର ତଦନ୍ତ ପାଇଁ ଉଠିଲାଣି ଦାବି

ବଇଣ୍ଡା,୪।୧୨ (ପରିକ୍ଷିତ ସାହୁ)

୬ ବର୍ଷ ହେବ କାମ ଚାଲୁଛି। ଠିକାସଂସ୍ଥା ବଦଳୁଛି। କାର୍ଯ୍ୟ ଶେଷର ନୂଆ ନୂଆ ତାରିଖମାନ ଦିଆଯାଉଛି। ହେଲେ କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ସମ୍ପ୍ରସାରଣ ଅନୁଗୋଳ ଜିଲାରେ ସମାପ୍ତ ହୋଇପାରୁନାହିଁ। ବିଶେଷକରି କିଶୋରନଗର ବ୍ଲକ ଅଞ୍ଚଳରେ ଏବେ ବି ୧୦ ପ୍ରତିଶତ କାମ ବଳକା ରହିଯାଇଛି। ତେବେ ଆଶ୍ଚର୍ଯ୍ୟର କଥା ହେଲା, ରାଜପଥ କାମ ଶେଷ ହୋଇ ନ ଥିବାବେଳେ ଏବେ ବିଭିନ୍ନ ସ୍ଥାନରେ ଫାଟ ଦେଖାଦେଇଥିବାରୁ ମରାମତି କାର୍ଯ୍ୟ ଆରମ୍ଭ କରାଯାଇଛି। ଫଳରେ ନିର୍ମାଣ କାର୍ଯ୍ୟକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଥିବାବେଳେ ରାଜପଥର ଭବିଷ୍ୟତ ଉପରେ ପ୍ରଶ୍ନଚିହ୍ନ ଲାଗିଛି।

ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ କିଶୋରନଗର ବ୍ଲକର ଜାମୁନାଳି ଠାରୁ ଭାଙ୍ଗମୁଣ୍ଡା ପର୍ଯ୍ୟନ୍ତ ୪୦ କି.ମି. ରାସ୍ତା ନିର୍ମାଣ ହେଉଥିବା ବେଳେ ଏଯାଏ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ୨୦୨୧ ମସିହାରୁ ଠିକାସଂସ୍ଥା ପରିବର୍ତ୍ତନ କରାଯାଇଥିଲେ ମଧ୍ୟ ନିର୍ମାଣରେ ବିଳମ୍ୱ ହୋଇଚାଲିଛି। ଏପରି କି ଜାମୁନାଳି ଠାରୁ ଭାଙ୍ଗମୁଣ୍ଡା ପର୍ଯ୍ୟନ୍ତ ନିର୍ମାଣ ସରିଥିବା ରାସ୍ତାର କମରେଇ, ପାଗବନ୍ଧା, ରାଣୀଭୂଇଁ, ନୂଆଭୂଇଁ, ବଇସିଣା, ଗୁରୁଜାଙ୍ଗ, ଖଇରମୁଣ୍ଡା, ଚମ୍ପାପୁର, ସୁସବ, ହଣ୍ଡପା, ଠେଲକନାଳି, ଡେବେରାପାଲି, ବଇଣ୍ଡା, ଲୁହାମୁଣ୍ଡା ଆଦି ୫୦ଟି ସ୍ଥାନରେ ଫାଟ ସୃଷ୍ଟି ହୋଇଛି। କାମ ସମାପ୍ତ ହୋଇ ନ ଥିବା ବେଳେ ଏପରି ଫାଟ ଦେଖି ଠିକାସଂସ୍ଥା ମରାମତି ଆରମ୍ଭ କରିଦେଇଛି। ଯେଉଁ ଅଞ୍ଚଳରେ ରାସ୍ତା ଫାଟି ଆଁ କରିଛି, ସେଠାରେ ମେଶିନ ସାହାଯ୍ୟରେ କିଛି ରାସ୍ତା କାଟି ସେଥିରେ ସିମେଣ୍ଟ ଲଗାଇ ମରାମତି କରାଯାଉଛି। ନିର୍ମାଣ ସମୟରେ ଠିକ୍ ଭାବେ ମାଟି ପରୀକ୍ଷା ହୋଇ ନ ଥିବା, ଠିକାସଂସ୍ଥା ପକ୍ଷରୁ ଆବଶ୍ୟକ ପାଣି ଦିଆଯାଇ ନ ଥିବା ସହ ଅତି ନିମ୍ନମାନର କରାଯାଇଥିବା ଓ ରାଜପଥ କର୍ତ୍ତୃପକ୍ଷ ତଦାରଖ ନ କରିବା ଦ୍ୱାରା ରାସ୍ତାର ଏପରି ଅବସ୍ଥା ହୋଇଥିବା ନୂଆଭୂଇଁ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବହୁବାର ଠିକାସଂସ୍ଥା ବିରୋଧରେ ଅଞ୍ଚଳବାସୀ ଜିଲାପ୍ରଶାସନ ଠାରୁ ଆରମ୍ଭ କରି ଜାତୀୟ ରାଜପଥ ମନ୍ତ୍ରଣାଳୟକୁ ଅଭିଯୋଗ କଲେ ମଧ୍ୟ ସୁଫଳ ମିଳୁନାହିଁ। ତୁରନ୍ତ ଜିଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ଠିକାସଂସ୍ଥା ଏଆଇପିଏଲର ପରିଚାଳକ ଆର. ସିଂଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କୌଣସି ମନ୍ତବ୍ୟ ନ ଦେଇ ପ୍ରସଙ୍ଗକୁ ଏଡାଇ ଦେଇଥିଲେ।



### କାମ ଠିକ୍ ଭାବରେ ହେଉନାହିଁ



ଜାତୀୟ ରାଜପଥ କାମ ଠିକ୍ ଭାବରେ ହେଉନାହିଁ। ବହୁ ବର୍ଷ ହେବ କାମ ଚାଲିଥିଲେ ମଧ୍ୟ ସମାପ୍ତ ହେଉ ନ ଥିବା ଯୋଗୁ ଲୋକେ ହନ୍ତସନ୍ତ ହେଉଛନ୍ତି। ନିର୍ମାଣ ସମୟରେ କୌଣସି ବିଭାଗୀୟ ଅଧିକାରୀ ଉପସ୍ଥିତ ରହୁ ନ ଥିବାରୁ କିଛି ମାସ ପରେ ରାସ୍ତା ଫାଟିବା ଆରମ୍ଭ ହେଉଛି।

–ସଞ୍ଜୀବ କୁମାର ପ୍ରଧାନ, ବାମୁର ସରପଞ୍ଚ

### ନିମ୍ନମାନର କାମ କରାଯାଇଛି



ରାସ୍ତା ନିର୍ମାଣର କିଛି ମାସ ପରେ ଅନେକ ସ୍ଥାନରେ ଫାଟିବା ଆରମ୍ଭ ହେଉଛି। ଠିକାସଂସ୍ଥା ପକ୍ଷରୁ ଆବଶ୍ୟକ ପାଣି ଦିଆଯାଇ ନ ଥିବାରୁ ଓ ନିମ୍ନମାନର କାମ ହୋଇଥିବାରୁ ସିମେଣ୍ଟ ରାସ୍ତାରେ ଫାଟ ସ୍ପଷ୍ଟ ଜଣାପଡୁଛି।

–ମାନସ ସାହୁ, ବଇଣ୍ଡା ଗ୍ରାମବାସୀ

### ଅଳ୍ପ ଦିନରେ ନଷ୍ଟ ହୋଇଗଲାଣି



ନାକିଚି ଅଞ୍ଚଳରେ ରାସ୍ତା କାମ ସମ୍ପୂର୍ଣ୍ଣ ହୋଇପାରୁ ନାହିଁ। ଏପରିକି ଅନେକ ସ୍ଥାନରେ ଫାଟିବା ଆରମ୍ଭ ହେଇଛି। ଡ୍ରେନ୍ କାମ ମଧ୍ୟ ସମାପ୍ତ ହୋଇନାହିଁ। ଅତି ନିମ୍ନମାନର କାମ କରାଯାଇଥିବା ଯୋଗୁ ଅଳ୍ପ ଦିନରେ ରାସ୍ତା ନଷ୍ଟ ହେଇଯିବା ଆରମ୍ଭ କରିଛି।

–ପୀତାମ୍ବର ବେହେରା, ନାକିଚି ଗ୍ରାମବାସୀ

### ରାସ୍ତାର ଭବିଷ୍ୟତକୁ ନେଇ ଚିନ୍ତା



ଠିକାସଂସ୍ଥା ଠିକ୍ ଭାବରେ କାମ କରୁନାହିଁ। ଏପରିକି ରାସ୍ତା କାମ ସମୟରେ ବିଭାଗୀୟ ଅଧିକାରୀମାନେ ତଦାରଖ କରି ନ ଥିବା ଯୋଗୁ ରାସ୍ତା ଫାଟିଯାଉଛି। ଅନେକ ସ୍ଥାନରେ ଡ୍ରେନ୍ ମଧ୍ୟ ଭାଙ୍ଗିଗଲାଣି। କାମ ନ ସରୁଣୁ ମରାମତି କରାଯାଉଥିବା ବେଳେ ରାସ୍ତାର ଭବିଷ୍ୟତକୁ ନେଇ ଚିନ୍ତା ଦେଖାଦେଇଛି।

–ଅରବିନ୍ଦ ସାହୁ, ଭାଜପା ନେତା

# କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ



## ଭିନ୍ନକ୍ଷମ ପ୍ରତିଭା ସମ୍ମାନ ଉତ୍ସବ ପାଳିତ

ବଅଁରପାଳ,୪।୧୨ (ସୁବାସ ସାହୁ)

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ତୁରଙ୍ଗ ପଞ୍ଚାୟତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ଭିନ୍ନକ୍ଷମ ପ୍ରତିଭା ସମ୍ମାନ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ବ୍ଲକର ବିଭିନ୍ନ ସ୍କୁଲରୁ ବଛା ବଛା ଭିନ୍ନକ୍ଷମ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏଥିରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରମାନେ ଜିଲାସ୍ତରୀୟ ଭିନ୍ନକ୍ଷମ ପ୍ରତିଭା ସମ୍ମାନ ଉତ୍ସବରେ ଅଂଶଗ୍ରହଣ କରିବେ। ସଭାପତି, ଗୋଷ୍ଠୀ ଶିକ୍ଷାଧିକାରୀ ମାନସ ରଞ୍ଜନ ପୃଷ୍ଟି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ମୀରା ଗଡ଼ନାୟକ, ସମ୍ମାନିତ ଅତିଥି ଭାବେ ତୁରଙ୍ଗ ସରପଞ୍ଚ ସମରେନ୍ଦ୍ର ଦେହୁରୀ, ଉପସଭାପତି ସୁଶୀଲ କୁମାର ନାଏକ ଓ ସଞ୍ଜୀବ କୁମାର ଦେହୁରୀ ଯୋଗଦେଇଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷକ ମଧୁସୂଦନ ପ୍ରଧାନ ଓ କଳ୍ପତରୁ ପ୍ରଧାନ ଯୋଗ ଦେଇଥିଲେ। ଶରତ କୁମାର ମହାରଣା ମଞ୍ଚ ପରିଚାଳନା କରିଥିଲେ। ଗୀତ, ନାଚ, ରଚନା, ପତ୍ରଲିଖନ, ଚିତ୍ରାଙ୍କନ, ବକ୍ତୃତା ଏଭଳି ବହୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ୧୭୩ ଜଣ ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫୦ ଜଣ ଭିନ୍ନକ୍ଷମ ଛାତ୍ରୀଛାତ୍ର, ଅଭିଭାବକ ଯୋଗ ଦେଇଥିଲେ।

# ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ତାଳଚେର,୪।୧୨(ମନୋଜ ନନ୍ଦ)

ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ପରିଚାଳାନା ସମିତି ସଭାପତି ଦୁର୍ଯ୍ୟୋଧନ ସାହୁ ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଅନିଲ କୁମାର ଦେହୁରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଗୋପାଳପ୍ରସାଦ ଥାନାର ଭାରପ୍ରାପ୍ତ ଅଧିକାରୀ ବିକାଶ କୁମାର ସାମଲ, ସମ୍ମାନିତ ଅତିଥି ଭାବେ ପରିଚାଳନା ସମିତି ଉପସଭାପତି ତପନ କୁମାର ସାହୁ, କୋଷାଧ୍ୟକ୍ଷ ପଞ୍ଚାନନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଚାର୍ଯ୍ୟ କମଳ ଲୋଚନ ପ୍ରଧାନ, ଦୁର୍ଯ୍ୟୋଧନ ସାହୁ ଓ ରବିନ କୁମାର ବରାଳ, ଆଚାର୍ଯ୍ୟା ପ୍ରିୟଙ୍କା ବେହେରା, ବୈଦେହୀ ସାହୁ ଓ ଭଗବତୀ ମହାପାତ୍ର ପରିଚାଳନା କରିଥିଲେ। ଆଚାର୍ଯ୍ୟ ଅନୀଲ କୁମାର ସାହୁ, ଭଗବାନ ସାହୁ, ସରୋଜା ବେହେରା, ସୁକନ୍ୟା ମାଝୀ, ଅର୍ଚ୍ଚନା ସାହୁ, କଳ୍ପନା ସାହୁ, ପ୍ରମୁଖ ସହଯୋଗ କରିଥିଲେ। ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।



# ଉଚ୍ଚ ବିଦ୍ୟାଳୟ ପରିସରରେ କୁଇଜ୍ ପ୍ରତିଯୋଗିତା




ବଇଣ୍ଡା,୪।୧୨(ପରିକ୍ଷିତ ସାହୁ)

ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ ଉପଲକ୍ଷେ କିଶୋରନଗର ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ସାହୁଙ୍କ ତତ୍ତ୍ୱାବଧାନରେ ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ୭ଟି ଉଚ୍ଚ ବିଦ୍ୟାଳୟର ଶକ୍ତିକ୍ଲବ ଅନ୍ତର୍ଗତ ୬୧ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଓଡିଶା ଆଦର୍ଶ ବିଦ୍ୟାଳୟ ରଣିଆକଟାର ଛାତ୍ର ନିଗମାନନ୍ଦ ସାହୁ ପ୍ରଥମ ହୋଇଥିବାବେଳେ ଉରୁକୁଳା ପଞ୍ଚାୟତ ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟ ଛାତ୍ର ଆଦର୍ଶ ସାହୁ ଦ୍ୱିତୀୟ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରଣିଆକଟାର ଛାତ୍ର ଆୟୁଷ ମେଣ୍ଡୁଲି ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। କିଶୋରନଗର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ପାଣିଗ୍ରାହୀ, ଶିକ୍ଷକ ରଜନୀକାନ୍ତ ଦେହୁରୀ ଓ ଶିକ୍ଷକ ପ୍ରଦ୍ୟୁମ୍ନ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷକ ଜାଗ୍ରତ କୁମାର ସ୍ୱାଇଁ, ସୁନୀଲ ଦଳାଇ, ଚିନ୍ମୟ ଧରୁଆ, ସୁଧୀର କୁମାରଦାର ଓ ଶିକ୍ଷୟିତ୍ରୀ ପ୍ରମୋଦିନୀ ପ୍ରଧାନ, ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ ପ୍ରମୁଖ ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# କିଶୋରନଗର ଉଚ୍ଚ ବିଦ୍ୟାଳୟକୁ 'ପ୍ରକୃତିମିତ୍ର ପୁରସ୍କାର'

ବଇଣ୍ଡା, ୪।୧୨(ପରିକ୍ଷିତ ସାହୁ)

ପ୍ରକୃତି ସଂରକ୍ଷଣ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କିଶୋରନଗର ଉଚ୍ଚ ବିଦ୍ୟାଳୟକୁ 'ପ୍ରକୃତିମିତ୍ର ପୁରସ୍କାର' ପ୍ରଦାନ କରାଯାଇଛି। ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ଅନୁଗୋଳ ସର୍କିଟ ହାଉସଠାରେ ଆୟୋଜିତ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଡିଭିଜନାଲ ଫରେଷ୍ଟ ଅଫିସର ନୀତୀଶ କୁମାରଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଅବଦଲ ମହମ୍ମଦ ଅଖତାର ଏବଂ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସୁଧାଂଶୁ ଶେଖର ଖୋରାଙ୍କ ସମେତ ଜିଲାର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ବିଦ୍ୟାଳୟ ତରଫରୁ ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ସାହୁ, ଶିକ୍ଷକ ବିନାୟକ ଦେହୁରୀ ଓ ସଂଗ୍ରାମ କେଶରୀ ପୃଷ୍ଟି ପ୍ରମୁଖ ଜିଲାପାଳଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ବିଦ୍ୟାଳୟର ଏହି ସଫଳତା ପାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅରୁଣ କୁମାର ସେଠୀ ଶୁଭେଚ୍ଛା ଜଣାଇଛନ୍ତି।




# ସମୟସୀମା ମଧ୍ୟରେ ନିର୍ବାଚନ ପ୍ରକ୍ରିୟା ସାରିବାକୁ ପରାମର୍ଶ

ଅନୁଗୋଳ,୪।୧୨(ମାନସ ବିଶ୍ୱାଳ)

ଅନୁଗୋଳ ସହର ରେଳ ଷ୍ଟେଶନ ରାଣୀଗୁଡ଼ା ଭାଜପା କାର୍ଯ୍ୟାଳୟରେ ବୁଧବାର ଭାଜପାର ସଙ୍ଗଠନ ପର୍ବ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ନିର୍ବାଚନ ଦାୟିତ୍ୱରେ ଥିବା ରାଜ୍ୟ ଉପସଭାପତି ନାଉରୀ ନାୟକ ଉପସ୍ଥିତ ରହି ବିକଶିତ ଓଡ଼ିଶା ବିକଶିତ ଭାରତ ଗଠନରେ ସଙ୍ଗଠନର ପ୍ରମୁଖ ଦାୟିତ୍ୱ ସମ୍ପର୍କରେ ଦଳୀୟ କର୍ମୀମାନଙ୍କୁ ସୂଚାଇ ଥିଲେ। ସମସ୍ତ ବୁଥ୍‌ସ୍ତରରୁ ମଣ୍ଡଳ ଓ ଜିଲାରେ ସାମୂହିକ ଭାବେ ଚୟନ କରି ନିର୍ବାଚନ ପ୍ରକ୍ରିୟାକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସାରିବାକୁ ସେ ପରାମର୍ଶ ଦେଇଥିଲେ।

ଅନୁଗୋଳ ଜିଲା ଭାଜପା ସଭାପତି ଦୀଲେଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କର୍ମଶାଳାରେ ରାଜ୍ୟ ସାଧାରଣ ସମ୍ପାଦକ ତଥା ଅନୁଗୋଳ ଜିଲା ପ୍ରଭାରୀ ସୀମାଞ୍ଚଳ ଖଟେଇ ଯୋଗଦେଇ ଜିଲାରେ ଅଦ୍ୟାବଧି ୨ଲକ୍ଷରୁ ଅଧିକ ନୂତନ ସଦସ୍ୟ ଦଳର ସଦସ୍ୟତା ଗ୍ରହଣ କରିସାରିଲେଣି। ଆଗାମୀ ଦିନରେ ଲକ୍ଷ୍ୟ ପୂରଣ କରିବା ପାଇଁ ସମସ୍ତେ ପ୍ରୟାସ ଜାରି ରଖନ୍ତୁବୋଲିକହିଥିଲେ। ପ୍ରାଥମିକ ସଦସ୍ୟ, ସକ୍ରିୟ ସଦସ୍ୟ ଓ ବୁଥ୍ କମିଟି ଗଠନ, ମଣ୍ଡଳ କମିଟି ଗଠନ ଏବଂ ଜିଲା କମିଟି ଗଠନ ପର୍ଯ୍ୟାୟ କ୍ରମେ ଡିସେମ୍ବର ମଧ୍ୟରେ ସାରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। କର୍ମଶାଳାରେ ପ୍ରାକ୍ତନ ମନ୍ତ୍ରୀ ସଞ୍ଜୀବ ସାହୁ, ପ୍ରାକ୍ତନ ବିଧାୟକ ରମେଶ ଚନ୍ଦ୍ର ସାଏ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, ସକ୍ରିୟ ସଦସ୍ୟତା ପ୍ରମୁଖ ନୃସିଂହ ବରାଳ, ସାଧାରଣ ସମ୍ପାଦକ ଭବାନୀ ଜ୍ୟୋତିଷ ରାୟ ଓ ପ୍ରକାଶ ମହାରଣା, ଜିଲାର ସହ ନିର୍ବାଚନ ଅଧିକାରୀ ସୁଦୀପ ଗଡ଼ନାୟକ ଓ ପ୍ରଭାତ ପ୍ରଧାନ ପ୍ରମୁଖ ଯୋଗଦେଇ ସଙ୍ଗଠନ ପର୍ବ କର୍ମଶାଳାରେ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସମସ୍ତ ଜିଲା ପଦାଧିକାରୀ, ମଣ୍ଡଳ ସଭାପତି, ମଣ୍ଡଳ ସଦସ୍ୟତା ସହଯୋଗୀଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।



ଭାଜପାର ସଙ୍ଗଠନ ପର୍ବ କର୍ମଶାଳାରେ ମଞ୍ଚାସୀନ କର୍ମକର୍ତ୍ତାମାନେ।

# କ୍ରାଡେଲ୍ ବେବି ପଏଣ୍ଟରୁ ନବଜାତ ଶିଶୁ ଉଦ୍ଧାର

ଅନୁଗୋଳ,୪।୧୨ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ସହରସ୍ଥିତ ଏକ ଘରୋଇ ନର୍ସିଂହୋମର କ୍ରାଡେଲ୍ ବେବି ପଏଣ୍ଟରୁ ବୁଧବାର ଏକ ନବଜାତ ଶିଶୁପୁତ୍ରଙ୍କୁ ଉଦ୍ଧାର କରାଯାଇଛି। ସକାଳ ପ୍ରାୟ ୯ଟାରେ ନର୍ସିଂହୋମ୍‌ର ଉକ୍ତ କ୍ରାଡେଲ୍ ବେବି ପଏଣ୍ଟରେ ଏକ ଶିଶୁପୁତ୍ରକୁ କେହି ରଖି ପଳାଇଥିବା ଡା. ଦେବାଶିଷ ପ୍ରଧାନ ଦେଖିବାକୁ ପାଇଥିଲେ। ଏ ନେଇ ଡାକ୍ତର ପ୍ରଧାନ ଅନୁଗୋଳ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରାଙ୍କୁ ସୂଚନା ଦେଇଥିଲେ। ଖବରପାଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ବେହେରା ତୁରନ୍ତ ଉକ୍ତ ନର୍ସିଂହୋମରେ ପହଞ୍ଚିଥିଲେ। ପରେ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରକୁ ଯୋଗାଯୋଗ କରାଯାଇଥିଲା। ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ଅଧିକାରୀ ଓ ଆୟା ପହଞ୍ଚି ଡା. ପ୍ରଧାନଙ୍କ ଉପସ୍ଥିତିରେ ଶିଶୁଟିକୁ ଗ୍ରହଣ କରିଥିଲେ। ଏହାପରେ ଶିଶୁଟିକୁ ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସମ୍ପୃକ୍ତ ଶିଶୁପୁତ୍ର ସୁସ୍ଥ ଥିବା ଓ ମାତ୍ର ୨ ଦିନର ବୋଲି ଡାକ୍ତର କହିଥିଲେ। ଏହାପରେ ଶିଶୁଟିକୁ ଶିଶୁ ମଙ୍ଗଳ ସମିତିକୁ ନିଆଯାଇ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରରେ ରଖାଯାଇଛି। ଆଇନ ଅନୁଯାୟୀ ଶିଶୁର ଥଇଥାନ ବ୍ୟବସ୍ଥା କରାଯିବ ବୋଲି ଶିଶୁ ସୁରକ୍ଷା ଅଧିକାରୀ ପ୍ରକାଶ କରିଛନ୍ତି।



ଉଦ୍ଧାର ହୋଇଥିବା ୨ ଦିନର ଶିଶୁପୁତ୍ର।

# କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ

ପାଲଲହଡ଼ା,୪।୧୨(ଦିବ୍ୟଜ୍ୟୋତି ଦାଶ)

ପାଲଲହଡା ଷ୍ଟାଡିୟମଠାରେ ତିନିଦିନ ଧରି ଅନୁଷ୍ଠିତ ହେଉଥିବା ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରିନାରାଣୀ ନାଏକ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ସାବିତ୍ରୀ ମାଝୀ, ସହକାରୀ କୃଷି ନିର୍ବାହୀ ଯନ୍ତ୍ରୀ ବ୍ରଜବନ୍ଧୁ ସ୍ୱାଇଁ, ଓଡ଼ିଶା କୃଷି ବିପଣନ ସଂସ୍ଥା ଅନୁଗୋଳ ଜିଲା ପରିଚାଳକ ନାରାୟଣ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ମେଳାରେ ବିଭିନ୍ନ କିସମର ଉନ୍ନତମାନର କୃଷି ଯନ୍ତ୍ରପାତି ପ୍ରଦର୍ଶନ ଓ ଚାଷୀମାନଙ୍କୁ ସରକାରୀ ରିହାତି ଦରରେ ବିକ୍ରୟ ପାଇଁ ସଚେତନ କରାଯାଇଥିଲା। ମେଳାରେ ସମସ୍ତ କୃଷି ସମ୍ବନ୍ଧୀୟ ଯନ୍ତ୍ରପାତି ସହିତ ମୃତ୍ତିକା ସଂରକ୍ଷଣ ବିଭାଗ ପାଲଲହଡ଼ା, କୃଷି ଓ କୃଷକ ସଶକ୍ତୀକରଣ, ପ୍ରାଣୀ ସମ୍ପଦ, ଉଦ୍ୟାନ କୃଷି ବିଭାଗ, ବିଭିନ୍ନ ଏନ୍‌ଜିଓ, ପିବିଡିଏ ତଥା ମିଶନ ଶକ୍ତି ବିଭାଗ ଦ୍ୱାରା ଷ୍ଟଲ ମାଧ୍ୟମରେ ଚାଷୀମାନଙ୍କୁ କୃଷି ସମ୍ବନ୍ଧୀୟ ସଚେତନ କରାଯାଉଥିବା ଦେଖିବାକୁ ମିଳିଥିଲା। ଜିଲା କୃଷି ଅଧିକାରୀ ଦିଲୀପ କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ୭ ଟ୍ରାକ୍ଟର, ୨ ପାୱାରଟିଲର, ୧୨ ପାୱାର ୱିଡର ସାଙ୍ଗକୁ ଅନ୍ୟାନ୍ୟ କୃଷି ଯନ୍ତ୍ରପାତି ବିକ୍ରି ହୋଇଥିଲା। ଶତାଧିକ ଚାଷୀ କୃଷି ଯନ୍ତ୍ରପାତି କିଣିବା ପାଇଁ ଅଗ୍ରିମ ବୁକିଂ କରିଥିଲେ। ମା' ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀ ବାଲିପଶି, ରାଧାମାଧବ ସ୍ୱୟଂ ସହାୟକ ଗୋଷ୍ଠୀ ଉଦୟପୁର ଏବଂ ମା' କୁସୁମାଞ୍ଜଳି ସ୍ୱୟଂ ସହାୟକ ଗୋଷ୍ଠୀ ନାଇକାଣିପାଲିର ମା' ମାନଙ୍କୁ ମାଣ୍ଡିଆ ଅଟା ପ୍ରସ୍ତୁତ ପାଇଁ ଅଟାକଳ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିଲା।



ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ପୂଜା ସାମଗ୍ରୀ ଦର ଆକାଶଛୁଆଁ

## ମାଣବସା ଗୁରୁବାର ପାଇଁ ବଜାରରେ ଭିଡ଼

ଅନୁଗୋଳ ଅଫିସ,୪।୧୨(ମାନସ ବିଶ୍ୱାଳ)

ମାର୍ଗଶିର ମାସ ଗୁରୁବାରରେ ମା' ଲକ୍ଷ୍ମୀଙ୍କ ମାଣବସା ପୂଜା ଅନୁଷ୍ଠିତ ହେବ। ଏଥିପାଇଁ ଅନୁଗୋଳ ବଜାରରେ ବୁଧବାର ଅପରାହ୍ନରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ମା' ଲକ୍ଷ୍ମୀଙ୍କ ଏହି ବିଶେଷ ପୂଜା ପାଇଁ ବିଭିନ୍ନ ପୂଜା ସାମଗ୍ରୀ କିଣିବାକୁ ମହିଳାମାନେ ବଜାରରେ ଭିଡ଼ ଲଗାଇଥିବା ଦେଖାଯାଇଥିଲା। ଅପରପକ୍ଷରେ ଭିଡ଼କୁ ନଜରରେ ରଖି ପୂଜା ସାମଗ୍ରୀ ବିକୁଥିବା ବ୍ୟବସାୟୀମାନେ ମଧ୍ୟ ଦର ବଢ଼ାଇ ଦେଇଥିଲେ। ଭଲ ଧାନବେଣୀ ଦର ୨ ଶହରୁ ଅଧିକ ଟଙ୍କା ଥିବାବେଳେ ମା'ଙ୍କ ପ୍ରିୟ ଫୁଲ ପଦ୍ମ ଗୋଟା ପ୍ରତି ୫୦ ଟଙ୍କାରୁ ଅଧିକରେ ବିକ୍ରି ହେଉଥିଲା।

ଅନୁଗୋଳ ସହରରେ ଥିବା ପୂଜା ସାମଗ୍ରୀ ଦୋକାନଗୁଡିକରେ ପିତଳ ଖଚୁଲି, ଲକ୍ଷ୍ମୀପାଦ, ପଦ୍ମଫୁଲ, ଧାନବେଣୀ, ଅରୁଆ ଚାଉଳ, ବିରି, ବେତରେ ତିଆରି ମାଣ, ଆଖୁ ଆଦିର ଦର ବେଶ୍ ବଢ଼ିଯାଇଥିଲା। ପଦ୍ମଫୁଲ ଗୋଟା ୫୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଧାନବେଣୀ ଗୋଟିକର ଦାମ୍ ୨୦ ଟଙ୍କାରୁ ୨୦୦ ଟଙ୍କା, ଅରୁଆ ଚାଉଳ କିଲୋ ୪୦ ଟଙ୍କା, ବିରି କିଲୋ ୧୨୦ ଟଙ୍କା, ବେତରେ ତିଆରି ମାଣ ଗୋଟିକ ୬୦ରୁ ୧୩୦ ଟଙ୍କା, କଦଳୀପତ୍ର ଗୋଟିକ ୧୦ ଟଙ୍କାରେ ବିକ୍ରି ହେଉଥିଲା। ପିତଳ ଖଚୁଲି, ମାଣ, ଲକ୍ଷ୍ମୀପାଦ, ହାତୀ ମୂର୍ତ୍ତି ଦର ବି ଆକାଶଛୁଆଁ ହୋଇଯାଇଥିଲା। ସେହିପରି ଗେଣ୍ଡୁଫୁଲ ଠାରୁ ଆରମ୍ଭ କରି କୋଳି ଡାଳ, ଦୂବ, ବରକୋଳି ପତ୍ର, କଦଳୀପତ୍ର ମଧ୍ୟ ବିକ୍ରି ହେଉଥିଲା। ଚଢ଼ା ଦାମ ଶୁଣି ବହୁ ଗ୍ରାହକ ଚିନ୍ତାରେ ପଡ଼ିଥିଲେ ମଧ୍ୟ ପୂଜା ପାଇଁ ଜରୁରୀ ହୋଇଥିବାରୁ ସାଧ୍ୟମତେ କିଣାକିଣି କରିବାକୁ ବାଧ୍ୟ ହୋଇଥିଲେ। ଏ ସମ୍ପର୍କରେ ଫୁଲ ବ୍ୟବସାୟୀ ସଂଗ୍ରାମ ସାହୁ କହିଛନ୍ତି, ପଦ୍ମଫୁଲ ଗୋଟିକ ୫୦ରୁ ୭୦ ଟଙ୍କାରେ ବିକ୍ରି କରାଯାଉଛି। ଗେଣ୍ଡୁ ଫୁଲ କିଲୋ ୧୨୦ରୁ ୧୩୦ ଟଙ୍କା ରହିଛି। କଲିକତା, ପୁରୀ ଓ ଭୁବନେଶ୍ୱରରୁ ଅଧିକ ମୂଲ୍ୟରେ ଫୁଲ ଆଣିବାକୁ ପଡୁଛି। ସେଥିପାଇଁ ଫୁଲର ମୂଲ୍ୟ ଅଧିକ ରହିଛି। ଗ୍ରାହକ ରଶ୍ମିତା ସାହୁ, ମଧୁଶ୍ରୀ ଦାସ, ପ୍ରିୟା ମୁଦୁଲି ଏବଂ ମଞ୍ଜୁଲତା ବିଶ୍ୱାଳ ପ୍ରମୁଖ କହିଛନ୍ତି, ଦର ବେଶ୍ ଉଚ୍ଚା ରହିଛି। ତଥାପି ମା'ଙ୍କ ପୂଜା ପାଇଁ ଏସବୁ ସାମଗ୍ରୀ କିଣି ନେବାକୁ ପଡୁଛି। ସହରରେ ରହୁଥିବାରୁ ଦୂବ, କୋଳିପତ୍ର, କଦଳୀ ପତ୍ର ଆଦି ମଧ୍ୟ କିଣିବାକୁ ବାଧ୍ୟ ହେଉଛୁ।



# ଡରକୁଳୀ ରଶ୍ମିକା

ରଶ୍ମିକା ମାନ୍ଦାନାଙ୍କୁ ଘୋଡ଼ାରେ ବସିବାକୁ ଭାରି ଡରଲାଗେ। ନିର୍ମାଣାଧୀନ 'ଥାମା' ଟାଇଟଲବିଶିଷ୍ଟ ଏକ ହିନ୍ଦୀ ସିନେମାର ଏକ ଦୃଶ୍ୟର ଶୁଟିଂ ସମୟରେ ତାଙ୍କୁ ନାକେଦମ ହେବାକୁ ପଡିଥିଲା। ଏଥିରେ ଏକ ଗୀତର ଶୁଟିଂ ସମୟରେ ତାଙ୍କୁ ଘୋଡା ଚଢ଼ି ଆସିବାକୁ ପଡିବ। ଏଭଳି ଶଟ୍ ଦେବାକୁ ସେ ଡରିବେ ନାହିଁ ବୋଲି ମଧ୍ୟ କହିଥିଲେ। ଶଟ୍ ନେବା ପୂର୍ବରୁ ତାଙ୍କୁ ଏକ କଳା ଘୋଡାରେ ବସି ଅଭ୍ୟାସ କରିବାକୁ କୁହାଗଲା। କିନ୍ତୁ ସେ ଯେତେବେଳେ ଯାଇ ଘୋଡା ପାଖରେ ପହଞ୍ଚିଲେ ତା' ଉପରକୁ ଉଠିବେ କ'ଣ ଭୟରେ ଥରିବାକୁ ଲାଗିଲେ। ଏହାଦେଖି ନିର୍ଦ୍ଦେଶକ ଆସି ଏହାର ପ୍ରକୃତ କାରଣ ପଚାରିଲେ। ବୁଝୁ ବୁଝୁ କ'ଣ ନା ଘୋଡା ଚଢ଼ିବାକୁ ତାଙ୍କୁ ଡର ଲାଗେ। ତା'ପରେ କିଛି ସମୟ ସେ ଥଣ୍ଡା ମନରେ ବସି ଭାବିବା ପରେ କେତେ କଷ୍ଟରେ ଏହି ଶଟ୍ ଦେଇଥିଲେ। ଏ ନେଇ ରଶ୍ମିକା କହନ୍ତି, 'ମୋତେ ଯେତେବେଳେ ପୂର୍ବରୁ ଏ ନେଇ କୁହାଯାଇଥିଲା ମୁଁ ସାହସର ସହ ହଁ ଭରିଥିଲି। ଯାହାହେଉ ମୁଁ ପ୍ରାୟ ଘଣ୍ଟାଏ ପରେ ମନକୁ ଦୃଢ଼ କରି ଘୋଡ଼ା ଚଢ଼ା ଅଭ୍ୟାସ କଲି ଏବଂ ପରେ ଶଟ୍ ଦେଇଥିଲି।' ନିଜ କ୍ୟାରିୟରର ଅନ୍ୟତମ ସ୍ମରଣୀୟ ଫିଲ୍ମ ଭାବରେ ତେଲୁଗୁ ଫିଲ୍ମ 'ଗୀତା ଗୋବିନ୍ଦମ'କୁ ସ୍ମରଣ କରନ୍ତି ରଶ୍ମିକା। ଏଥିରେ ସେ ବିଜୟ ଦେବକୋଣ୍ଡାଙ୍କ ନାୟିକା ସାଜିଥିଲେ। ମାତ୍ର ୫କୋଟି ବଜେଟରେ ପ୍ରସ୍ତୁତ ଫିଲ୍ମଟି ବକ୍ସ ଅଫିସରେ ୧୩୨ କୋଟି ଆୟ କରିଥିଲା।


'ଗୀତା ଗୋବିନ୍ଦମ' ଫିଲ୍ମରେ ବିଜୟ-ରଶ୍ମିକା

# ଅଜୟଙ୍କ ପ୍ରଶଂସାରେ ହ୍ରିତିକ


ହ୍ରିତିକ

ହ୍ରିତିକ ରୋଶନ ଏବେ ଅଜୟ ଦେବଗନଙ୍କ ପ୍ରଶଂସାରେ ଶତମୁଖ। କେମିତି ବା ହେବେ ନାହିଁ କହୁନାହାନ୍ତି ? ଅସଲ କଥା ହେଲା ଏଥର ଦୁହେଁ ବଡ଼ ପରଦାରେ ମୁହାଁମୁହିଁ ହେବେ। ଜଣେ ନାୟକକୁ ଆଉ ଜଣେ ଖଳନାୟକ। ତେଣୁ ଏହି ଲୁଚକାଳି ଖେଳ ବେଶ୍ ଜମିବ ବୋଲି ଏବେଠାରୁ ପୂର୍ବାନୁମାନ କରିସାରିଲେଣି ହ୍ରିତିକ। ଅର୍ଥାତ୍, ଉଭୟ ନିର୍ମିତ ହେବାକୁ ଯାଉଥିବା ଏକ ଅନ୍‌ଟାଇଟଲଡ୍ ନୂଆ ସିନେମାରେ ଅଭିନୟ କରିବେ। ଏହାର ନିର୍ଦ୍ଦେଶନା ଦେବେ ଓମ୍ ରାଓ୍ୱତ। ଏହାର କାଷ୍ଟିଂ ସମୟରେ ଅଜୟ ଏକ ପ୍ରପୋଜାଲ ଦେଇଥିଲେ। ସେ କହିଥିଲେ, ଏଥିରେ ଥିବା ନେଗେଟିଭ ଚରିତ୍ର ପାଇଁ କେବଳ ହ୍ରିତିକ ହିଁ ଫିଟ୍। ତା'ପରେ ଏହା ଉପରେ ବେଶ୍ ଭଲ ଭାବରେ ବିଚାର ବିମର୍ଶ କରିଥିଲେ ନିର୍ଦ୍ଦେଶକ। ଶେଷରେ ଅଜୟଙ୍କ କଥା ହିଁ ରହିଥିଲା। ଫିଲ୍ମଟି ସାଇନ୍ କରିବା ପରେ ଯେତେବେଳେ ହ୍ରିତିକ ଜାଣିବାକୁ ପାଇଲେ ଯେ ତାଙ୍କୁ ଏଭଳି ଏକ ମନଲାଖି ନେଗେଟିଭ ରୋଲ୍‌ଟିଏ ମିଳିବା ପଛରେ ଅଜୟଙ୍କର ଭୂମିକା ରହିଛି, ସେତେବେଳେ ସେ ତାଙ୍କୁ ପ୍ରଶଂସା କରିବାକୁ ପଛାଇ ନ ଥିଲେ। ଏହାପୂର୍ବରୁ ଓମ୍‌ଙ୍କ ଫିଲ୍ମ 'ତନହାଇ'ରେ ଅଜୟ ଅଭିନୟ କରିଥିଲେ।

## ଅପେକ୍ଷା ନୂଆ ବର୍ଷକୁ

କଥାରେ ଅଛି ଅପେକ୍ଷାର ଫଳ ମିଠା। ଅବଶ୍ୟ ଏହା ଆଉ ବେଶି ଦିନ ନୁହେଁ। ଆସନ୍ତା ବର୍ଷ ଜାନୁୟାରୀରେ ଫିଲ୍ମଟି ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହି ଫିଲ୍ମଟିର ଟାଇଟଲ ରହିଛି 'ସନାତନୀ : କର୍ମ ହିଁ ଧର୍ମ'। ଧର୍ମାନ୍ତୀକରଣକୁ ନେଇ ଏହାର କାହାଣୀ ଗତିଶୀଳ। ବାରାଦ। ସଂଳାପ ରଚନା ମାନସ ରଞ୍ଜନ ସାମଲ ଓ ଦୀପ୍ତି ପଟ୍ଟନାୟକ କରିଥିବା ବେଳେ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ଏ ସମ୍ପର୍କରେ ସମ୍ମିତ କହନ୍ତି, 'ଏହି ଫିଲ୍ମଟି ମୋ ପାଇଁ ବେଶ୍ ମାଇଲେଜ ସାବ୍ୟସ୍ତ ହେବ ବୋଲି ଆଶା ରଖିଛି। ଧର୍ମାନ୍ତୀକରଣକୁ ନେଇ ଏହାର କାହାଣୀ ଗତିଶୀଳ।


ସମ୍ମିତ

କରିଛି। ଏହାର ନାୟକ ସାଜିଥିବା ସମ୍ମିତଙ୍କୁ ଦର୍ଶକ ଏକ ଭିନ୍ନ ଧରଣର ଭୂମିକାରେ ଦେଖିବାକୁ ପାଇବେ। ଚିତ୍ରଟିକୁ ପ୍ରଯୋଜନା କରିଛନ୍ତି ବିଜୟ କାଣ୍ଡୋଇ। ବିଦିସା କ୍ରାଫ୍ଟ ବ୍ୟାନରରେ ପ୍ରସ୍ତୁତ ହୋଇଥିବା ଏହି ଫିଲ୍ମଟିର ସଫଳତାକୁ ନେଇ ଢ଼େର ଆଶାବାଦୀ ଅଛନ୍ତି ସମ୍ମିତ। ଏହାର କାହାଣୀ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ବାସୁଦେବ ବିଶେଷଭାବରେ ଏଥିରେ ମୋ ଭୂମିକା ସମ୍ପୂର୍ଣ୍ଣ ଡିଫରେଣ୍ଟ।' ଏଥିରେ ସମ୍ମିତଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଆର୍ଲିନ ଅଙ୍କିତା। ପପି ସନ୍ତୁକା, ଗୁଡ୍ଡୁ, ଜଗନ୍ନାଥ ସେଠ ଓ ଗୋପାଳ ପ୍ରକାଶ ମହାନ୍ତି ପ୍ରମୁଖ ମଧ୍ୟ ଏଥିରେ ଅଭିନୟ କରିଛନ୍ତି।

## ଆଜି ପରଦାରେ ପୁଷ୍ପା-୨


'ପୁଷ୍ପା-୨' ଫିଲ୍ମରେ ଆଲ୍ଲୁ

ସମସ୍ତ କଳ୍ପନା ଜଳ୍ପନାର ଅନ୍ତ ଘଟିଛି। ବହୁ ଚର୍ଚ୍ଚିତ ତେଲୁଗୁ ଚଳଚ୍ଚିତ୍ର 'ପୁଷ୍ପା-୨' ଆଜି ରିଲିଜ ହେବାକୁ ଯାଉଛି। ହେଲେ ରିଲିଜ ହେବା ପୂର୍ବରୁ ଫିଲ୍ମଟି ବକ୍ସ ଅଫିସରେ ରେକର୍ଡ ସୃଷ୍ଟି କରିବ ବୋଲି କେତେକ ସିନେ ସମୀକ୍ଷକ ଆକଳନ କରିସାରିଲେଣି। କେବଳ ସେତିକି ନୁହେଁ, ଏହାର ସଫଳତାକୁ ନେଇ ଦୃଢ଼ ଆଶାବାଦୀ ଅଛନ୍ତି ଚିତ୍ରଟିର ନିର୍ଦ୍ଦେଶକ ସୁକୁମାର। ସେ ମଧ୍ୟ ଏହାର କାହାଣୀ ରଚନା କରିଛନ୍ତି। ସଂଳାପ ଲେଖିଛନ୍ତି ଶ୍ରୀକାନ୍ତ ଭିସା। ସବୁଠାରୁ ଖାସ୍ କଥା ହେଲା, ଏହାର କିଛି ଭାଗ ଶୁଟିଂ ଓଡ଼ିଶାର ମାଲକାନଗିରିରେ କରାଯାଇଛି। ଫିଲ୍ମଟିର ନାୟକ ସାଜିଛନ୍ତି ଦକ୍ଷିଣ ଭାରତୀୟ ସିନେମାର ଅନ୍ୟତମ ଲୋକପ୍ରିୟ ଅଭିନେତା ଆଲ୍ଲୁ ଅର୍ଜୁନ। ଏଥିରେ ତାଙ୍କର ନାୟିକା ଭାବରେ ସ୍କ୍ରିନ୍ ସେୟାର କରିଛନ୍ତି ରଶ୍ମିକା ମାନ୍ଦାନା। ଚିତ୍ର ବିଷୟରେ ଆଲ୍ଲୁ କହନ୍ତି, 'ଏହି ବିଗ୍ ବଜେଟ୍ ଫିଲ୍ମଟିକୁ ନେଇ ଆମେ ସମସ୍ତେ ବେଶ୍ ଉତ୍ସାହିତ ରହିଛୁ। ଆଶା ରଖିଛୁ ଦର୍ଶକ ଏଥିରୁ ଶତ ପ୍ରତିଶତ ମନୋରଞ୍ଜନ ପାଇବେ। ଏବେ ତ ଆମେ ଯାହା ଆକଳନ କରିବା। ରିଲିଜ ପରେ ଏହା କେତେ ସତ ତାହା ଜଣାପଡିବ।' ଏହି ସିନେମାର ଗୀତଗୁଡିକୁ ସ୍ୱର ଦେଇଛନ୍ତି ଦେବୀ ଶ୍ରୀ ପ୍ରସାଦ। ଫିଲ୍ମଟିର ବଜେଟ୍ ରହିଛି ୫୦୦କୋଟି। ତେବେ 'ପୁଷ୍ପା-୨' ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଦେଖିବାକୁ ବାକି ରହିଲା।

# ଭୁଲି ନାହାନ୍ତି ମୌନି

ମୌନି ରୟ ଏବେ ମଧ୍ୟ ଗୋଟିଏ କଥାକୁ ଆଦୌ ଭୁଲି ନାହାନ୍ତି। ସମୟ ମିଳିବା ମାତ୍ରେ ସେ ନିଜକୁ ଏହି କାମରେ ନିୟୋଜିତ ରଖନ୍ତି। ତାହା କ'ଣ ଜାଣିବେନି ? ଯେତେବେଳେ ତାଙ୍କୁ ଅବସର ମିଳେ ସେତେବେଳେ ସେ ଉପନ୍ୟାସ ପଢ଼ିବାକୁ ପସନ୍ଦ କରିଥାଆନ୍ତି। କେବଳ ସେତିକି ନୁହେଁ, ନାମୀ ଏବଂ ନୂଆ ଲେଖକଙ୍କ ରଚିତ ଉପନ୍ୟାସ ସଂଗ୍ରହ କରିବାକୁ ସେ ଭୁଲି ନ ଥାନ୍ତି। ବାହାରକୁ ଗଲେ ସେ ଶପିଂ କରିବା ବେଳେ କିଛି ଉପନ୍ୟାସ ଯେମିତି ହେଲେ କିଣିଥାଆନ୍ତି। ଏ ବିଷୟରେ ମୌନି କହନ୍ତି, 'ଏକଦା କଲେଜରେ ପଢ଼ିବା ବେଳେ ମୋ ଜନ୍ମଦିନ ଅବସରରେ ମୋର ଜଣେ ସାଙ୍ଗ ମୋତେ ଏକ ଉପନ୍ୟାସ ଉପହାର ସ୍ୱରୂପ ଦେଇଥିଲେ। ତାକୁ ଯେତେବେଳେ ମୁଁ ପଢ଼ିଲି ସେତେବେଳଠାରୁ ଉପନ୍ୟାସ ପଢ଼ିବା ପ୍ରତି ମୋର ଆଗ୍ରହ ସୃଷ୍ଟି ହୋଇଥିଲା। ଆଉ ସେହି ଧାରାକୁ ମୁଁ ଏ ପର୍ଯ୍ୟନ୍ତ ବଜାୟ ରଖିଛି। ବଜାରକୁ ଗଲେ ନିଶ୍ଚୟ କିଛି ନା କିଛି ଉପନ୍ୟାସ କିଣିବା ମୋର ଏକ ଅଭ୍ୟାସ।' କଲେଜରେ ପଢ଼ିବା ସମୟରେ ମୌନି କୋରିଓଗ୍ରାଫି କରୁଥିଲେ। କେବଳ ସେତିକି ନୁହେଁ, ଚିତ୍ର ଆଙ୍କିବା ତାଙ୍କର ଆଉ ଏକ ସଉକ। ମୌନିଙ୍କ ମା' ମୁକ୍ତି ରୟ ଜଣେ ଥିଏଟର କଳାକାର। ତା' ସହ ତାଙ୍କର ଦାଦା ଶେଖର ଚନ୍ଦ୍ର ରୟ ଜଣେ ବିଶିଷ୍ଟ ଥିଏଟର ଅଭିନେତା।


ମୌନି

## ଶେଷରେ 'ରଙ୍ଗ ଦେ ବସନ୍ତୀ'..

ଐତିହାସିକ ପୃଷ୍ଠଭୂମିକୁ ନେଇ ପ୍ରସ୍ତୁତ 'ରଙ୍ଗ ଦେ ବସନ୍ତୀ'୨୦୦୬ ଜାନୁୟାରୀ ୨୬ରେ ରିଲିଜ ହୋଇଥିଲା। ଫିଲ୍ମଟିକୁ ନିର୍ଦ୍ଦେଶନା ଦେଇଥିଲେ ରାକେଶ ଓମ୍ ପ୍ରକାଶ ମେହେରା। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଆମୀର ଖାଁ। କିନ୍ତୁ ଏହାର ଟାଇଟଲ ପୂର୍ବରୁ ଦୁଇ ଥର ପରିବର୍ତ୍ତନ କରାଯାଇ ଶେଷରେ 'ରଙ୍ଗ ଦେ ବସନ୍ତୀ' ରଖାଯାଇଥିଲା। ପ୍ରଥମେ 'ଆହୁତି', ତା'ପରେ 'ୟଙ୍ଗ ଗନ୍‌ସ ଅଫ ଇଣ୍ଡିଆ' ରଖାଗଲା। ହେଲେ ଶେଷରେ 'ରଙ୍ଗ ଦେ ବସନ୍ତୀ'ରେ ଫାଇନାଲ ମୋହର ମରାଯାଇଥିଲା। ଫିଲ୍ମଟିକୁ ପ୍ରଯୋଜନା କରିଥିଲେ ରାକେଶ ଓମ୍ ପ୍ରକାଶ ମେହେରା, ରୋନି ସ୍କ୍ରୁୱାଲା ଏବଂ ଦେବେନ ଖୋଟେ। ଏଥିରେ ସୋହା ଅଲ୍ଲୀ ଖାଁ, ସରମନ ଜୋଷୀ ଏବଂ କୁନାଲ କପୁର ପ୍ରମୁଖ ଅଭିନୟ କରିଥିଲେ।

# ମନଦୁଃଖ କରିଛନ୍ତି ପ୍ରିୟଙ୍କା

ପ୍ରିୟଙ୍କା ଚୋପ୍ରା ଏବେ ମନଦୁଃଖ କରିଛନ୍ତି। କାରଣ ସେ କେତେ ଆଶା ବାନ୍ଧି ବସିଥିଲେ। ହେଲେ କ'ଣ ପାଇଁ ଜାଣନ୍ତି ? କଥା କ'ଣ କି ବଲିଉଡ୍‌ର ଅନ୍ୟତମ ପ୍ରଯୋଜକ ସୁବାସ ଘାଇ ତାଙ୍କର ଆଗାମୀ ଫିଲ୍ମ 'ଏତରାଜ-୨'ର ପ୍ରାରମ୍ଭିକ କାମରେ ବ୍ୟସ୍ତ ଅଛନ୍ତି। ଏଥିରେ ପ୍ରିୟଙ୍କା ନାୟିକା ସାଜିବେ ବୋଲି ଆଲୋଚନା ହେବା ପରେ ସେ ବେଶ୍ ଆଗ୍ରହର ସହ ଅପେକ୍ଷା କରିଥିଲେ। କାରଣ ସୁବାସଙ୍କ ପରି ପ୍ରଯୋଜକଙ୍କ ଫିଲ୍ମରେ କାମ କରିବାର ସୁଯୋଗ ଭାଗ୍ୟରେ ଥିଲେ ମିଳେ। ହେଲେ ଶେଷରେ ତାଙ୍କର ଏହି ଆଶା ପାଣିରେ ମିଳେଇ ଯାଇଛି। ନିକଟରେ ସୁବାସ କହିଛନ୍ତି ଯେ, 'ଏତରାଜ-୨'ର କାଷ୍ଟିଂରେ ପ୍ରିୟଙ୍କା ନାହାନ୍ତି। ଆଉ ଏକଥା ଜାଣିବା ପରେ ତାଙ୍କର ଟିକେ ମନ ଦୁଃଖ ହୋଇଛି। ଏ ବିଷୟରେ ପ୍ରିୟଙ୍କା କହନ୍ତି, 'ଯଦିଓ ମୋତେ ପୂର୍ବରୁ ପ୍ରଯୋଜନା ସଂସ୍ଥା ପକ୍ଷରୁ ଏହି ଅଫର ବିଷୟରେ କିଛି ସୂଚନା ଦିଆଯାଇ ନ ଥିଲା କିନ୍ତୁ ଏହାକୁ ନେଇ ବଲିଉଡ୍‌ରେ ଯେତେବେଳେ ଆଲୋଚନା ଜୋର୍ ଧରିଲା ସେତେବେଳେ ସେ ଭାବିଥିଲେ ଯେ ହୁଏତ ସୁବାସଜୀ ମୋତେ ନିଶ୍ଚୟ କାଷ୍ଟିଂରେ ରଖିବେ। ହେଲେ ତାହା ତ ହେଲା ନାହିଁ। ତେଣୁ ଏ ନେଇ ଟିକେ ମନ ଦୁଃଖ ହୋଇଛି।' ସୁବାସଙ୍କ ଏହି ନୂଆ ଫିଲ୍ମର ନିର୍ଦ୍ଦେଶନା ଦେବେ ଅମିତ ରାଇ। ବର୍ତ୍ତମାନ ଏହାର ସ୍କ୍ରିପ୍ଟିଂ କାମ ଚାଲିଛି। ତା'ସହ ଏହାର ସମ୍ପୂର୍ଣ୍ଣ ଷ୍ଟାରକାଷ୍ଟ ଫାଇନାଲ ହୋଇନାହିଁ। ତେବେ ଏଥିରେ ପ୍ରିୟଙ୍କା ଚୋପ୍ରାଙ୍କୁ ଅନ୍ତର୍ଭୁକ୍ତ କରାଯାଇ ନାହିଁ ବୋଲି ଖୋଦ୍ ସୁବାସ ନିଜେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ୨୦୦୪ରେ ଆବାସ-ମସ୍ତାନଙ୍କ ନିର୍ଦ୍ଦେଶନାରେ 'ଏତରାଜ' ନିର୍ମିତ ହୋଇଥିଲା। ଏଥିରେ ଅକ୍ଷୟ କୁମାର, ପ୍ରିୟଙ୍କା ଚୋପ୍ରା, କରୀନା କପୁରଙ୍କୁ ଦେଖିବାକୁ ମିଳିଥିଲା। ତେବେ 'ଏତରାଜ-୨'ରେ ସୁବାସ କାହାକୁ ସାଇନ୍ କରାଉଛନ୍ତି ତାହା ଦେଖିବାକୁ ବାକି ରହିଲା।


ପ୍ରିୟଙ୍କା

## ଅ|ତୀ|ତ|ରୁ

- ଦେବାଶିଷ ପିକ୍ଚର୍ସ କଟକ ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ଜୀବନସାଥୀ'। ଏହାର ନିର୍ଦ୍ଦେଶନା ଦେଇଥିଲେ ପ୍ରଭାତ ମୁଖାର୍ଜୀ। ଗୀତଗୁଡ଼ିକୁ ସ୍ୱରରେ ସଜାଇଥିଲେ ବିଶିଷ୍ଟ ସ୍ୱରକାର ବାଳକୃଷ୍ଣ ଦାଶ। ଶରତ ପୂଜାରୀ, ଗୀତା, ସାମୁଏଲ ସାହୁ (ବାବି) ପ୍ରମୁଖ କଳାକାର ଏଥିରେ ଅଭିନୟ କରିଥିଲେ।
- ସୌମେନ୍ଦ୍ର ମିଶ୍ରଙ୍କ ପ୍ରଯୋଜନାରେ ପ୍ରସ୍ତୁତ ଓଡ଼ିଆ ଚିତ୍ର 'ସୂର୍ଯ୍ୟମୁଖୀ'ର ନିର୍ଦ୍ଦେଶନା ଭାର ସମ୍ଭାଳିଥିଲେ ପ୍ରଫୁଲ୍ଲ ସେନଗୁପ୍ତା। ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ଶାନ୍ତନୁ ମହାପାତ୍ର। ସୌମେନ୍ଦ୍ର, ମିନତୀ, ଅନନ୍ତ, ସୁଖଲତା ପ୍ରମୁଖଙ୍କୁ ଏଥିରେ ଦେଖିବାକୁ ମିଳିଥିଲା।
- ରାଜାରାଣୀ ଫିଲ୍ମସ, କଟକ ବ୍ୟାନରରେ ପ୍ରସ୍ତୁତ ଓଡ଼ିଆ ଫିଲ୍ମ 'ବନ୍ଧନ'ର ପ୍ରଯୋଜନା କରିଥିଲେ ସ୍ୱର୍ଣ୍ଣ ପଟ୍ଟନାୟକ ଏବଂ ନିର୍ଦ୍ଦେଶକ ଥିଲେ ନିତାଇ ପାଲିତ। ପ୍ରଶାନ୍ତ ନନ୍ଦ, ଗୀତାଞ୍ଜଳି, ସାମୁଏଲ ସାହୁ (ବାବି), ଗୋବିନ୍ଦ, ଧୀର ବିଶ୍ୱାଳ ଏଥିରେ ଅଭିନୟ କରିଥିଲେ।
- ଘନଶ୍ୟାମ ମହାପାତ୍ରଙ୍କ ପ୍ରଯୋଜନା ଏବଂ ନିର୍ଦ୍ଦେଶନାରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ଫିଲ୍ମ 'କନକଲତା'। ହରିଶ ମହାପାତ୍ର, ସୁଜାତା ଆନନ୍ଦ, ଶାନ୍ତିଲତା, କାଶୀନାଥ ପ୍ରମୁଖଙ୍କୁ ଏଥିରେ ଦେଖିବାକୁ ମିଳିଥିଲା।

## ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ: କ୍ରମାଗତ ଚତୁର୍ଥ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୧୦.୫୮ ପଏଣ୍ଟ ବଢ଼ି ୮୦,୯୫୬.୩୩ ଅଙ୍କରେ କାରବାର ବନ୍ଦ ହୋଇଥିଲା। ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍‌ଟି-୫୦ ରେ ମଧ ୧୦.୩୦ ପଏଣ୍ଟ ବୃଦ୍ଧି ଘଟି ୨୪,୪୬୭.୪୫ ଅଙ୍କରେ କାରବାର ଶେଷ ହୋଇଥିଲା।


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିକାଶ ପ୍ରକ୍ରିୟାରେ ପରିବର୍ତ୍ତନ ଆଣିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ

- ■୧୨୦୦ କୋଟିର ଖର୍ଚ୍ଚ ଆକଳନ
- ■୨୨୦୦ କୋଟି ଟଙ୍କାର ରାଜସ୍ୱ
- ■୧୫୦୦ରୁ ଅଧିକ ନିଯୁକ୍ତି ସୁଯୋଗ

ଭୁବନେଶ୍ୱର,୪।୧୨ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ କମ୍ପାନୀ ବେଦାନ୍ତ ଆଲୁମିନିୟମ୍ ମାଲିକାନାରେ ଥିବା ଓଡ଼ିଶାର ସିଜିମାଳି ବକ୍ସାଇଟ୍ ଖଣି ଉଭୟ କଳାହାଣ୍ଡି ଏବଂ ରାୟଗଡ଼ା ଜିଲାର ବିକାଶ ପ୍ରକ୍ରିୟାରେ ବେଶ୍ ସହାୟକ ହେବ। ଏପରିକି ସମ୍ପୃକ୍ତ ଅଞ୍ଚଳରେ ବସବାସ କରୁଥିବା ଆଦିମ ଜନଜାତିଙ୍କ ସାମାଜିକ-ଅର୍ଥନୈତିକ ସ୍ଥିତିରେ ବ୍ୟାପକ ପରିବର୍ତ୍ତନ ଆଣିବାକୁ



କମ୍ପାନୀ ପ୍ରତିଶ୍ରୁତିବଦ୍ଧ ରହିଛି। ସେହିଭଳି ବେଦାନ୍ତ ଆଲୁମିନିୟମ ବର୍ତ୍ତମାନର ଲାଞ୍ଜିଗଡ଼ ସ୍ଥାନୀୟ ଅଞ୍ଚଳ ଉନ୍ନୟନ ପାଣ୍ଠି (ଏଲ୍‌ପିଡିଏଏଫ୍) ଏବଂ ରାୟଗଡ଼ା ଏବଂ କଳାହାଣ୍ଡିରେ ପ୍ରସ୍ତାବିତ ସିଜିମାଳି ସ୍ଥାନୀୟ ଅଞ୍ଚଳ ଉନ୍ନୟନ ପାଣ୍ଠି (ଏସ୍‌ପିଡିଏଏଫ୍) ମାଧ୍ୟମରେ ୧୨୦୦ କୋଟି ଟଙ୍କା ଆଗାମୀ ୨୫ ବର୍ଷ ମଧ୍ୟରେ ଖର୍ଚ୍ଚ କରିବାକୁ ଯୋଜନା କରିଛି ଏବଂ ଏହି ଅଞ୍ଚଳକୁ ଏକ ସମୃଦ୍ଧ ଅଞ୍ଚଳରେ ପରିଣତ କରିବା ପାଇଁ କମ୍ପାନୀ ଉଭୟ ଜିଲାର ଜନପ୍ରତିନିଧିମାନଙ୍କୁ ଏସ୍‌ପିଭିରେ ସାମିଲ କରାଇଛି। ଖାଲି ସେତିକି ନୁହେଁ, ସିଜିମାଳି ବକ୍ସାଇଟ୍ ଖଣି ଓଡ଼ିଶାର ରାଜକୋଷକୁ ବାର୍ଷିକ ୨୨୦୦ କୋଟି ଟଙ୍କାର ରାଜସ୍ୱ ପ୍ରଦାନ କରିବ। ଏଭଳି ବିପୁଳ ପରିମାଣର ରାଜସ୍ୱ ଆଗାମୀ ୫୦ ବର୍ଷ ପାଇଁ ଓଡ଼ିଶାର ଭବିଷ୍ୟତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭିତ୍ତିଭୂମି ବିକାଶକୁ ସଶକ୍ତ କରିବ। ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ବ୍ୟାପକ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀରେ ରାଜ୍ୟ ସକ୍ଷମ ହୋଇପାରିବ। ଏହାବ୍ୟତୀତ ୧୫୦୦ରୁ ଅଧିକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହୋଇପାରିବ। ଏପରିକି ଧନ୍ଦାମୂଳକ ପ୍ରଶିକ୍ଷଣ କେନ୍ଦ୍ର ଏବଂ ଉଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ ଜରିଆରେ ସ୍ଥାନୀୟ ଯୁବଗୋଷ୍ଠୀଙ୍କ ସହ ଯୋଡ଼ିହୋଇ ଲୋକଙ୍କ ଜୀବନ ଏବଂ ସ୍ୱପ୍ନକୁ ବଦଳାଇଦେବ। ସେହିପରି ବିକାଶମୂଳକ ଅଭିଯାନରେ ସ୍ଥାନୀୟ ଆଦିବାସୀଙ୍କ ଅଂଶଗ୍ରହଣ ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା ଏବଂ ପରିବେଶ ସୂଚକାଙ୍କରେ ଏହି ଅଞ୍ଚଳର ସମଗ୍ର ଚିତ୍ରକୁ କମ୍ପାନୀ ବଦଳାଇ ଦେବ। ଯେହେତୁ ବେଦାନ୍ତ ପରିବେଶ ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦେଇଥାଏ। ତେଣୁ ମୃତ୍ତିକା କ୍ଷୟକୁ ରୋକିବା ଏବଂ ଏହି ଅଞ୍ଚଳର ଉଦ୍ଭିଦ ଏବଂ ଜୀବଜନ୍ତୁଙ୍କ ରକ୍ଷଣାବେକ୍ଷଣା କରି ସମଗ୍ର ପରିବେଶ ବ୍ୟବସ୍ଥାକୁ ବଜାୟ ରଖିବ। ସିଜିମାଳି ବକ୍ସାଇଟ୍ ଖଣି କେବଳ ଏହି ଅଞ୍ଚଳରେ ନୁହେଁ ବରଂ ଦେଶର ଖଣି ଖନନର ସମଗ୍ର ଇକୋସିଷ୍ଟମକୁ ମଧ୍ୟ ବଦଳାଇବା ପାଇଁ ପ୍ରସ୍ତୁତ ହୋଇଛି।

# ଏନ୍‌ଏଚ୍‌ଏଲ୍‌ର ସର୍ବବୃହତ୍ ଉତ୍ପାଦନ କେନ୍ଦ୍ର

ନୂଆଦିଲ୍ଲୀ,୪।୧୨

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଏସିଆର ସର୍ବବୃହତ୍ ହୋମ୍ ଲିଫ୍ଟ ବ୍ରାଣ୍ଡ ନିବଭ ହୋମ୍ ଲିଫ୍ଟସ (ଏନ୍‌ଏଚ୍‌ଏଲ୍)ର ନୂତନ ଉତ୍ପାଦନ କେନ୍ଦ୍ର ନିକଟରେ ଚେନ୍ନାଇଠାରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ଏହାର ୫ମ ଏବଂ ସର୍ବବୃହତ୍ ଉତ୍ପାଦନ କେନ୍ଦ୍ରର ଆନୁଷ୍ଠାନିକ ଶୁଭାରମ୍ଭ କରାଯାଇଛି। ଏହି ରଣନୈତିକ ସଂଯୋଜନ ସହିତ କମ୍ପାନୀ ବାର୍ଷିକ ଉତ୍ପାଦନ ଏହାର ସାମଗ୍ରିକ କ୍ଷମତା ୭,୫୦୦ ୟୁନିଟ୍‌ରୁ ୧୫,୦୦୦ ୟୁନିଟ୍‌କୁ ବୃଦ୍ଧି କରିବ। ଚେନ୍ନାଇସ୍ଥିତ ସିପକଟ୍-ଇରୁଙ୍ଗାଟୁକୋଟ୍ଟାଇଠାରେ ଅବସ୍ଥିତ ଏହି ଅତ୍ୟାଧୁନିକ ୟୁନିଟ୍ ୧,୦୦,୦୦୦ବର୍ଗଫୁଟରେ ବିସ୍ତାରିତ ହୋଇଛି, ଯେଉଁଠାରେ ଉତ୍ସର୍ଗୀକୃତ ଭାବେ କମ୍ପାନୀର ଅତ୍ୟାଧୁନିକ ହୋମ୍ ଲିଫ୍ଟରେ-ନିବଭ ସିରିଜ୍ ୪ର ଉତ୍ପାଦନ କରାଯିବ। ଏହି ପଦକ୍ଷେପ ଦ୍ୱାରା କମ୍ପାନୀ ଉକ୍ତ ଅଞ୍ଚଳରେ ବିଭିନ୍ନ କାର୍ଯ୍ୟରେ ୪୫୦ଟି ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏ ସମ୍ପର୍କରେ ନିବଭ ହୋମ ଲିଫ୍ଟସର ସିଇଓ ବିମଳ ବାବୁ କହିଛନ୍ତି, ଚେନ୍ନାଇଠାରେ ଆମେ ଆମର ନୂତନ ଫ୍ଲାଗଶିପ ଉତ୍ପାଦନ କେନ୍ଦ୍ରର ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ଅପରପକ୍ଷରେ ଏହି ସମ୍ପ୍ରସାରଣ ସହିତ ଆମେ ୧୨ ଦେଶ ଏବଂ ଏହା ବାହାରେ ଆମର ଉତ୍ପାଦର ବଢୁଥିବା ଚାହିଦାକୁ ପୂରଣ କରିବାକୁ ପ୍ରସ୍ତୁତ ଅଛୁ ଏବଂ ସୁନିଶ୍ଚିତ କରୁଛୁ ଯେ ଆମେ ଗୁଣବତ୍ତା ଏବଂ ସେବାର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବୁ।

# ପିବି ପାର୍ଟନର୍ସର ରଣନୈତିକ ସମ୍ପ୍ରସାରଣ

ନୂଆଦିଲ୍ଲୀ,୪।୧୨

ପଲିସି ବଜାର ଅଧୀନ ଏକ ବ୍ରାଣ୍ଡ ପିବି ପାର୍ଟନର୍ସ ଏଜେଣ୍ଟ ଅଂଶୀଦାରମାନଙ୍କର ଏକ ଶକ୍ତିଶାଳୀ ନେଟ୍‌ୱର୍କକୁ ଆକର୍ଷିତ କରିଛି, ଯାହା ମୋଟର ବୀମା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି। ଓଡ଼ିଶା ଭଳି ପ୍ରମୁଖ ବଜାର ଏବଂ ଭୁବନେଶ୍ୱର ଭଳି ସହରରେ ରଣନୈତିକ ଭାବେ ବିସ୍ତାରକରି ଏହା ଛୋଟ ସହର, ଗାଁ ଓ ତାଲୁକା ସମେତ ଅନୁନ୍ନତ ଅଞ୍ଚଳରେ ଗୁରୁତ୍ୱପୂର୍ଣ୍ଣ ବୀମା କଭରେଜ୍ ବିସ୍ତାର କରିଛି। ଏହା ପାରମ୍ପରିକ ବୀମାକର୍ତ୍ତାମାନଙ୍କ ଦ୍ୱାରା ପ୍ରାୟତଃ ଅବହେଳିତ ସମ୍ପ୍ରଦାୟଗୁଡିକ ଯେଭଳି ସୁଲଭ ଏବଂ ବ୍ୟାପକ ସୁରକ୍ଷା ପାଇପାରିବେ ତାହା ସୁନିଶ୍ଚିତ କରୁଛି। ପିବି ପାର୍ଟନର୍ସର ମୋଟର ବୀମା ବ୍ୟବସାୟରେ ମଧ୍ୟ ଅବିଶ୍ୱସନୀୟ ବାର୍ଷିକ ଅଭିବୃଦ୍ଧି ଦେଖିବାକୁ ମିଳିଛି। ଅତ୍ୟାଧୁନିକ ଜ୍ଞାନକୌଶଳ, ପ୍ରତିଯୋଗିତାମୂଳକ ଉତ୍ପାଦ ଅଫର ଏବଂ ଏକ ଅନନ୍ୟ ଏଜେଣ୍ଟ ପାର୍ଟନର-କେନ୍ଦ୍ରିକ ଆଭିମୁଖ୍ୟ ଦ୍ୱାରା ଏହି ଉଲ୍ଲେଖନୀୟ ଅଭିବୃଦ୍ଧି ସମ୍ଭବ ହୋଇଛି।

ଏ ସମ୍ପର୍କରେ ପିବି ପାର୍ଟନର୍ସର ମୋଟର ବିଜୁର ନ୍ୟାଶନାଲ ସେଲ୍‌ସ ହେଡ୍ ଅମିତ ଭଦୋରିଆ କହିଛନ୍ତି, ଟିୟର-୨ ଓ ଟିୟର-୩ ସହରଗୁଡ଼ିକରେ ଆମର ରଣନୈତିକ ସମ୍ପ୍ରସାରଣ ହୋଇଛି। ବିଶେଷକରି ମୋଟର ବୀମା କ୍ଷେତ୍ର ମଧ୍ୟରେ ଆମର ପ୍ରଭାବୀ ଅଭିବୃଦ୍ଧି କ୍ଷେତ୍ରରେ ଏକ ପ୍ରମୁଖ କାରକ ପାଲଟିଛି। ଓଡ଼ିଶା ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଓ ରଣନୈତିକ ବଜାର ଭାବେ ଉଭା ହୋଇଛି। ଖୋର୍ଦ୍ଧା, କଟକ, ଅନୁଗୋଳ ଓ ସମ୍ବଲପୁର ଭଳି ଅଞ୍ଚଳଗୁଡିକରେ ଏକ ମଜଭୁତ ଉପସ୍ଥିତି ସହିତ ପିବି ପାର୍ଟନର୍ସ ଦ୍ରୁତ ବେଗରେ ନିଜର ଉପସ୍ଥିତିକୁ ମଜଭୁତ କରିଛି।

# ଅଲ୍ ନ୍ୟୁ ହୋଣ୍ଡା ଆମେଜ୍‌ର ଅନାବରଣ

ନୂଆଦିଲ୍ଲୀ,୪।୧୨

ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ୍)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଅଲ୍ ନ୍ୟୁ ଆମେଜ୍ (ଥାର୍ଡ ଜେନେରେଶନ ହୋଣ୍ଡା ଆମେଜ)ର ଅନାବରଣ ସର୍ବଭାରତୀୟ ସ୍ତରରେ ହୋଇଯାଇଛି। ଏପରିକି ଭାରତରେ ଏହାର ନୂତନ ପିଢ଼ି ହୋଣ୍ଡୋ ଆମେଜ୍‌ର ବୈଶ୍ୱିକ ଶୁଭାରମ୍ଭ ହୋଇଯାଇଛି, ଯାହା ହୋଣ୍ଡା ପାଇଁ ବୈଶ୍ୱିକ ସ୍ତରରେ ଏକ ପ୍ରମୁଖ ବଜାର ଏବଂ ନୂଆ ମଡେଲ ଶୁଭାରମ୍ଭ କରିବାରେ ପ୍ରଥମ ରାଷ୍ଟ୍ର ହୋଇପାରିଛି। ଏ ସମ୍ପର୍କରେ ତାକୁୟା ସୁମୁରା ପ୍ରେସିଡେଣ୍ଟ ତଥା ସିଇଓ ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ୍ କହିଛନ୍ତି, ଆମେ ଆମର ଅଲ୍ ନ୍ୟୁ ଆମେଜ୍‌ର ଉପସ୍ଥାପନକରି ଅତ୍ୟନ୍ତ ଉଲ୍ଲସିତ ମନେକରୁଛୁ। ଏପରିକି ଏହା ଏକ ସେଡାନ, ଯାହା ଷ୍ଟାଇଲିଂ, ନିରାପତ୍ତା, କନେକ୍ଟିଭିଟି, ଗାଡ଼ି ଚାଳନା ଏବଂ ସ୍ୱାଚ୍ଛନ୍ଦ୍ୟ ଆଦି ସମସ୍ତ ମାନକରେ ସମସ୍ତଙ୍କଠାରୁ ଆଗରେ ରହିବାକୁ ଯାଉଛି। ଆମେଜ୍ ସର୍ବଦା ଭାରତୀୟ ଗ୍ରାହକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଦଖଲ କରିଆସିଛି ଏବଂ ଏହି ନୂଆ ପିଢ଼ିର ମଡେଲ ସେମାନଙ୍କର ପରିବର୍ତ୍ତିତ ଆବଶ୍ୟକତା ପୂରଣ କରିବା




ନିମନ୍ତେ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ନୂଆ ଆମେଜ୍ ଏକ ନୂଆ ମାନକ ସ୍ଥାପନ କରିବ ଏବଂ ଭାରତରେ ହୋଣ୍ଡାର ପରମ୍ପରାକୁ ମଜଭୁତ କରିବା ପ୍ରକ୍ରିୟା ଜାରି ରଖିବା ନେଇ ଆମେ ଦୃଢ଼ ନିଶ୍ଚିତ ରହିଛୁ। ଏହି ଶ୍ରେଣୀରେ ପ୍ରଥମ ଥର ପାଇଁ ଆମେ ହୋଣ୍ଡା ସେନସିଂ ଆଣି ଆନନ୍ଦ ଅନୁଭବ କରୁଛୁ, ଯାହା ଆମେଜ୍ ପାଇଁ ଆମର ନିରାପତ୍ତା ଏବଂ ଡ୍ରାଇଭର ସହାୟତା ପ୍ରଯୁକ୍ତି ସମୂହର ଏକ ଉନ୍ନତ ବୈଶିଷ୍ଟ୍ୟ ହୋଇଛି। ଏହି ଆପ୍ଲିକେଶନ ସହ ଆମେ ଭାରତରେ ଆଣୁଥିବା ଆମର ସମସ୍ତ ଗାଡ଼ିରେଏଡିଏଏସ୍ ପ୍ରଯୁକ୍ତିକୁ ବ୍ୟବହାର କରିଛୁ ଏବଂ ହୋଣ୍ଡା ଆମେଜ ଭାରତରେ ସର୍ବାଧିକ ସୁଲଭ ଏଡିଏଏସ୍ ସମର୍ଥିତ କାର ହୋଇଛି। ଏହାର ଦମ୍‌ଦାର ୩-ବକ୍ସ ଡିଜାଇନ ସହ ଆମେଜ୍ ଏକ ସେଡାନ ଆକାର ପ୍ରଦାନ କରୁଛି, ଯାହା ୪ମିଟର ଲମ୍ବରୁ କମ ରହିବା ସମୟରେ ଏକ ଉଚ୍ଚତର କ୍ଲାସ୍‌କୁ ପ୍ରତିଫଳିତ କରୁଛି। ଏହା ପ୍ରଗତିଶୀଳ ଓ କ୍ଲାସି ଭଳି ପ୍ରମୁଖ ବିଶେଷତ୍ୱକୁ ବହନ କରୁଛି ଏବଂ ଏହାର ସ୍ପୋର୍ଟିଏକ୍ସଟେରିୟର ଡିଜାଇନ, ବିଳାସପୂର୍ଣ୍ଣ ଓ ସ୍ପେସିୟସ ଇଣ୍ଟେରିଅର, ଉନ୍ନତ ନିରାପତ୍ତା ପ୍ରଯୁକ୍ତି ଓ ବୈଶିଷ୍ଟ୍ୟ ସମୂହ ଏବଂ ସ୍ୱାଚ୍ଛନ୍ଦ୍ୟମୂଳକ ତଥା ଭରସାଯୋଗ୍ୟ ଗାଡ଼ି ଚଢ଼ିବାର ଏକ ଆଉଟକ୍ଲାସ୍ ପ୍ରିମିୟମ ଅନୁଭୂତି ପ୍ରଦାନ କରୁଛି।

# ବଜାରରେ ଇଭିଏମ୍‌ର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୪।୧୨

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ହୁଣ୍ଡିଆ ଇନ୍‌ଫୋ ସଲ୍ୟୁଶନ ପ୍ରାଇଭେଟ୍ ଲିମିଟେଡ୍ (ଏଚ୍‌ଆଇଏସ୍‌ପିଏଲ୍)ର କମ୍ପ୍ୟୁଟିଂ ଏବଂ ମୋବିଲିଟି ଉତ୍ପାଦ ବିକ୍ରେତା ଏବଂ ଆଇଟି ଷ୍ଟୋରେଜ୍ ସଲ୍ୟୁଶନ୍ ବ୍ରାଣ୍ଡ ଇଭିଏମ୍‌ର ନୂତନ ଉତ୍ପାଦ ନିକଟରେ ଉନ୍ମୋଚିତ ହୋଇଯାଇଛି। ଏପରିକି ଭାରତର ପ୍ରଥମ ମେଡ୍ ଇନ୍ ଇଣ୍ଡିଆ ଷ୍ଟୋରେଜ୍ ଉତ୍ପାଦ, ଏସ୍‌ଏସ୍‌ଡି, ରାମ୍ ଏବଂ ଅନ୍ୟାନ୍ୟ ଅତ୍ୟାଧୁନିକ ସମାଧାନଗୁଡିକ ମାଲିକମାନେ ପାଇପାରିବେ। ଏହି ଉନ୍ମୋଚନ ଏକ ଐତିହାସିକ ମାଇଲଖୁଣ୍ଟ ଭାବେ ଚିହ୍ନିତ ହୋଇଛି, ଯାହାକି ଇଭିଏମ୍ ପ୍ରଥମ ଭାରତୀୟ ବ୍ରାଣ୍ଡ ଭାବେ ସ୍ଥାନୀୟ ଭାବେ ବିକଶିତ ତଥା ଉତ୍ପାଦିତ, ମେଡ୍ ଇନ୍ ଇଣ୍ଡିଆ ଷ୍ଟୋରେଜ୍ ସମାଧାନର ପରିଚୟ ଦେଇଛି। ଏହି ଉନ୍ମୋଚନ ସହିତ ଇଭିଏମ୍ ସ୍ଥାନୀୟ ଉଦ୍ଭାବନକୁ ସଶକ୍ତ କରୁଥିବାବେଳେ ଭାରତର ବୈଷୟିକ ଆତ୍ମନିର୍ଭରଶୀଳତାକୁ ଦୃଢ଼ କରିବା ଦିଗରେ ଅଗ୍ରସର ହେଉଛି। ଏପରିକି ସ୍ଥାନୀୟ ଭାବେ ନିର୍ମିତ ଷ୍ଟୋରେଜ୍ ସମାଧାନ ପାଇଁ ଇଭିଏମ୍ ସାଟା ଏବଂ ଏନ୍‌ଭିଏମଇ ଏସ୍‌ଏସ୍‌ଡିଏସ୍‌ଗୁଡ଼ିକର ପରିସର ସହିତ ଆରମ୍ଭ କରିବାକୁ, ଡିଡିଆର୍୪ ଏବଂ ଡିଡିଆର୍୫ ରାମ୍ ମଡ୍ୟୁଲ ସହ ଉଭୟ ଦୈନନ୍ଦିନ ଗ୍ରାହକ ଏବଂ ଶିଳ୍ପ ବୃତ୍ତିଗତଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଡିଜାଇନ ହୋଇଛ।

ଏ ସମ୍ପର୍କରେ ଇଭିଏମ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ କୁନାଲ ହୁଣ୍ଡିଆ କହିଥିଲେ, ଏହା ଏକ ଉତ୍ପାଦ, ଉନ୍ମୋଚନଠାରୁ ଅଧିକ। ଏହା ବିଶ୍ୱସ୍ତରିୟ ବୈଷୟିକ କ୍ଷେତ୍ରରେ ଭାରତର ସାମର୍ଥ୍ୟର ଏକ ଘୋଷଣା ଅଟେ। ନିକଟ ଭବିଷ୍ୟତରେ ଆମର ଉତ୍ପାଦ ପୋର୍ଟଫୋଲିଓକୁ ବିସ୍ତାରକରି ଆମେ ଅତିରିକ୍ତ ସ୍ଥାନୀୟ ଉତ୍ପାଦିତ ଷ୍ଟୋରେଜ୍ ସମାଧାନର ପରିଚୟ ଦେଇ ଇଭିଏମ୍ ଆଗକୁ ନିର୍ମାଣ କରିବାକୁ ଯୋଜନା କରୁଛି ବୋଲି ସେ କହିଛନ୍ତି।

ସେହିଭଳି ଇଭିଏମ୍ ଇଣ୍ଡିଆର ସିଇଓ ବିଶାଲ ହୁଣ୍ଡିଆ କହିଛନ୍ତି,ଇଭିଏମ୍ ସମାଜରେ ସ୍ଥିରତା ଫେରାଇବା ପାଇଁ ପ୍ରତିବଦ୍ଧ ରହିଛି। ଏପରିକି ବିକ୍ରୟ ହୋଇଥିବା ପ୍ରତ୍ୟେକ ଉତ୍ପାଦ ପାଇଁ ଇଭିଏମ୍ ପିଲାମାନଙ୍କର କର୍କଟ ପଦକ୍ଷେପ ପାଇଁ ୧୦ଜଣଙ୍କୁ ଦାନ କରିଥାଏ। ଆମର ବ୍ୟବସାୟ କେବଳ ଉତ୍ପାଦ ବିକ୍ରୟ ବିଷୟରେ ନୁହେଁ ଏହା ଏକ ପରିବର୍ତ୍ତନ ଆଣିବା ବିଷୟରେ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।


# Classified Everyday

0674-2580101, 9692975378



REAL ESTATE

SALE

ଭୁବନେଶ୍ୱର ବାଲିଅନ୍ତାରେ 30ft. Road, ଅଗ୍ରିମ ପାଚେରି, ଘରବାରି ପ୍ଲଟ୍ Sqft. 1600/-ରେ ବିକ୍ରିହେବ - 7008768345. D-76215

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପିଚୁ ରାସ୍ତାକୁ ଲାଗି ବିକ୍ରି ହେବ। Ph- 9437754190. D-2092

ଭୁବନେଶ୍ୱର ସୁନ୍ଦରପଦା- ଜଟଣୀ- ପିପିଲି ମେନ୍‌ରୋଡ୍ ପାଖରେ ପ୍ଲଟ୍ କିଣି ତୁରନ୍ତ ଘର କରନ୍ତୁ। ବର୍ଗଫୁଟକୁ 2000/-, 1000/-. 9938016295. D-76217

ଭୁବନେଶ୍ୱର Sum Hospitalରୁ 2 Km. ନୂଆଗାଁ ମୌଜାରେ ଘରବାରି ପ୍ଲଟ୍ 30' ରାସ୍ତା ଥାଇ ବିକ୍ରିହେବ - 7735565157. D-76216

ସ୍ୱଳ୍ପ ଘର ସୁଲଭ ମୂଲ୍ୟରେ ବିଶେଷ ସୁବିଧାଥାଇ 2BHK @ 4500000/- ଉପଲବ୍ଧ, ଅତିଶୀଘ୍ର କିଣିବା ପାଇଁ ଯୋଗାଯୋଗ କରନ୍ତୁ। ବିଶେଷ ଆକର୍ଷଣ GST Free. 8908887351, 9853807892, 9861117460. D-75583

**4 BHK luxurious flat for sale at Unit-3, Kharavelanagar, back side of Ram Mandir handover within 2 months. Please contact: 9438362399.** D-2127

**Gharabari converted plots available near Hitech Square, Sundarpada, Bhubaneswar. For more details contact- 9437040045, 9040307584.** D-2150



BUSINESS

Bullet, Motorcycle, Indigo Car, Bolero Passenger, finance available. Mob.- 8763042806. D-2146

AFFIDAVIT

By virtue of an affidavit sworn before Executive Magistrate, Dharmasala dated 25.11.2024, I, Soumya Ranjan Parida, At/P.O.- Arabal, P.S.- Dharmasala, Dist.- Jajpur, Pin- 755005 declare that I have changed my name from Soumya Parida to Soumya Ranjan Parida for all purposes. D-2149

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue an affidavit sworn before the Executive Magistrate, Kashipur, Raygada dated 10.10.2024, I, Saindri Naik, aged 38 yrs., W/o Budu Naik, Village- Kucheipadar, P.O. - Kucheipadar, P.S.- Doraguda, Dist.- Rayagada, Pin-765015, declare that my name wrongly mentioned as Shailendri Naik in my Savings Bank Passbook A/C-36022520508 instead of Saindri Naik. Henceforth, both Shailendri Naik and Saindri Naik is one and same person. D-2152

By virtue an affidavit sworn before The Executive Magistrate, Nuapada, dated 04.12.2024 I, Dilip Debanath, Address: At/P.O.- Neheru Nagar, Kandetara, P.S.-Komna, Dist. – Nuapada, Odisha, Pin Code- 766106 declare that I have changed my daughter's name from Priyanka Debnath to Priyanka Debanath. Henceforth, she shall be known as Priyanka Debanath for all purposes. Dilip Debanath D-2151

Your classified advertisement published in Dharitri will be listed free in Dharitri online edition: **dharitriepaper.in**


# ଷ୍ଟ୍ରାଣ୍ଡର ଅତ୍ୟାଧୁନିକ ଅନୁସନ୍ଧାନ କେନ୍ଦ୍ର ଉଦ୍‌ଘାଟିତ

ମୁମ୍ବାଇ,୪।୧୨

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ (ଆର୍‌ଆଇଏଲ୍)ର ସହାୟକ ସଂସ୍ଥା ତଥା ଭାରତର ଅଗ୍ରଣୀ ଜେନୋମିକ୍ସ ଏବଂ ବାୟୋ ଇନ୍‌ଫର୍ମାଟିକ୍ସ କମ୍ପାନୀ ଷ୍ଟ୍ରାଣ୍ଡ ଲାଇଫ ସାଇନ୍ସ ପକ୍ଷରୁ ଏକ ଅତ୍ୟାଧୁନିକ ଅନୁସନ୍ଧାନ କେନ୍ଦ୍ର 'କ୍ୟାନସର ସ୍ପଟ୍'ର ଶୁଭାରମ୍ଭ ସହ ବିଭିନ୍ନ କର୍କଟ ରୋଗର ଶୀଘ୍ର ଚିହ୍ନଟ ପାଇଁ ଏକ ନୂଆ ରକ୍ତ ଆଧାରିତ ପରୀକ୍ଷା ଆରମ୍ଭ କରାଯାଇଛି।

କ୍ୟାନସର ସ୍ପଟ୍ ନାମକ ଏହି କେନ୍ଦ୍ରରେ କର୍କଟ ଟ୍ୟୁମର ଡିଏନ୍‌ଏ ଚିହ୍ନଟ କରିବା ପାଇଁ ବିଶ୍ୱସ୍ତରରେ ସ୍ୱୀକୃତ ମିଥାଇଲେଶନ୍ ପ୍ରୋଫାଇଲ୍ ଜ୍ଞାନକୌଶଳ ବ୍ୟବହାର କରାଯିବ। ଷ୍ଟ୍ରାଣ୍ଡ ଲାଇଫ ସାଇନ୍ସ ହେଉଛି, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ଏକ ସହାୟକ କମ୍ପାନୀ। କ୍ୟାନସର ସ୍ପଟ୍ ହେଉଛି, ଏକ ରକ୍ତ ଭିତ୍ତିକ ପରୀକ୍ଷା। ରକ୍ତରେ କର୍କଟ ଡିଏନଏ ମିଥାଇଲେଶନ୍ ସିଗ୍‌ନେଚର ଚିହ୍ନଟ କରିବା ପାଇଁ ଏହା ଜେନୋମ୍ ସିକ୍ୱେନସିଂ


ଇଶା ଅମ୍ବାନୀ ପିରାମଲ

ଏବଂ ଏକ ବିଶେଷ ବିଶ୍ଳେଷଣ ପ୍ରକ୍ରିୟା ବ୍ୟବହାର କରିଥାଏ। ଏହି ପରୀକ୍ଷା ନିୟମିତ କର୍କଟ ସ୍କ୍ରିନିଂର ଏକ ସରଳ ଏବଂ ସୁବିଧାଜନକ ବିକଳ୍ପ ହୋଇଥାଏ।

ଏ ସମ୍ପର୍କରେ ଆର୍‌ଆଇଏଲ୍ ବୋର୍ଡ ସଦସ୍ୟା ଇଶା ଅମ୍ବାନୀ ପିରାମଲ କହିଛନ୍ତି, ରିଲାଏନ୍ସ ମାନବତାର ସେବା ଏବଂ ଚିକିତ୍ସାର ଭବିଷ୍ୟତକୁ ଏକ ନୂତନ ଆକାର ଦେବା ପାଇଁ ପ୍ରତିବଦ୍ଧ ରହିଛି। କ୍ୟାନସର ବା କର୍କଟ ରୋଗ ଭାରତରେ ମୃତ୍ୟୁର ଏକ ପ୍ରମୁଖ କାରଣ ଭାବେ ଉଭା ହେଉଛି। ଏହା ରୋଗୀ, ସେମାନଙ୍କ ପରିବାର ଏବଂ ସମୁଦାୟ ପ୍ରତି ବଡ଼ ବିତ୍ତୀୟ, ସାମାଜିକ ଓ ମନୋବୈଜ୍ଞାନିକ ବୋଝ ହୋଇଥାଏ। ଷ୍ଟ୍ରାଣ୍ଡର ନୂତନ କର୍କଟ ଚିହ୍ନଟ ପରୀକ୍ଷା ହେଉଛି, ଏକ ଉତ୍ତମ ସ୍ୱାସ୍ଥ୍ୟସେବା ସମାଧାନ। ଆମେ ସ୍ୱାସ୍ଥ୍ୟସେବା ଏବଂ ଭାରତ ସହିତ ବିଶ୍ୱର ଅନ୍ୟ ଭାଗରେ ଜୀବନର ଉନ୍ନତି ଆଣିବା ପାଇଁ ଜେନୋମିକ୍ସର ଶକ୍ତି ଉପଯୋଗ ପାଇଁ ପ୍ରତିବଦ୍ଧ ରହିଛି। ରିଲାଏନ୍ସ ପ୍ରତ୍ୟେକ ପଦକ୍ଷେପରେ ଏହାର ଉଇ କେୟାର ବା ଆମେ ଯତ୍ନ ନେଉଛୁ' ଦର୍ଶନ ପ୍ରତିଫଳିତ ହୋଇଥାଏ।

ଉଲ୍ଲେଖଯୋଗ୍ୟ, କର୍ଣ୍ଣାଟକର ବେଙ୍ଗାଲୁରୁଠାରେ ଷ୍ଟ୍ରାଣ୍ଡର ନୂତନ ଅତ୍ୟାଧୁନିକ ଜେନୋମିକ୍ସ ଡାଇଗ୍ନୋଷ୍ଟିକ୍ସ ଏବଂ ରିସର୍ଚ୍ଚ ସେଣ୍ଟରର ଉଦଘାଟନ ଉଦଘାଟନ ନିକଟରେ ହୋଇଯାଇଛି। ଏପରିକି ଜେନୋମିକ୍ସ ଏବଂ ବାୟୋଫିଜିକାଲ୍ କେମିଷ୍ଟ୍ରି (ରସାୟନ ବିଜ୍ଞାନ) ର ବିଶେଷଜ୍ଞ ଡ. ଚାର୍ଲ୍ସ କେଣ୍ଟରଙ୍କ ଦ୍ୱାରା ଏହାର ଶୁଭାରମ୍ଭ ହୋଇଥିଲା। ପୂର୍ବରୁ ସେ କଲମ୍ବିଆ ୟୁନିଭରସିଟି, ୟୁସି ବର୍କଲେ ଏବଂ ବୋଷ୍ଟନ୍ ୟୁନିଭରସିଟିରେ ପ୍ରଫେସର ଥିଲେ। ଏହି ଅତ୍ୟାଧୁନିକ ଜେନୋମିକ୍ସ ଲାବୋରେଟୋରି ୩୩,୦୦୦ବର୍ଗଫୁଟ ପରିବ୍ୟାପ୍ତ ଅଞ୍ଚଳରେ ହୋଇଛି।

ଏହି ଅବସରରେ ଷ୍ଟ୍ରାଣ୍ଡ ଲାଇଫ ସାଇନ୍ସର ସିଇଓ ତଥା ସହ-ପ୍ରତିଷ୍ଠାତା ଡା. ରମେଶ ହରିହରନ୍ କହିଛନ୍ତି, କର୍କଟ ରୋଗର ମୁକାବିଲା ତଥା ଏହା ଉପରେ ବିଜୟ ହାସଲ କରିବା ପାଇଁ ଠିକ୍ ସମୟରେ ପ୍ରାରମ୍ଭିକ ଚେତାବନୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଏପରିକି ଆମେ ଏକ ସୁଲଭ ପ୍ରାରମ୍ଭିକ କ୍ୟାନସର ଚିହ୍ନଟ ପରୀକ୍ଷଣ ଆରମ୍ଭ କରିଥିବାରୁ ନିଜକୁ ଗର୍ବ ଅନୁଭବ କରୁଛୁ,ଯାହା ଲୋକଙ୍କୁ କ୍ୟାନସରରୁ ବଞ୍ଚାଇବା ପାଇଁ କାମରେ ଆସିବ।

# ବଜାରରେ ଏଚ୍‌ଏମ୍‌ଏସ୍‌ଆଇର ନୂତନ ଇଭି ରେଞ୍ଜ୍

## ହୋଣ୍ଡା ଆକ୍ଟିଭା ଇ ଏବଂ କ୍ୟୁସି୧'ର ଅନାବରଣ

ନୂଆଦିଲ୍ଲୀ,୪।୧୨

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ) ର ବହୁ ପ୍ରତୀକ୍ଷିତ ବୈଦ୍ୟୁତିକ ଯାନ (ଇଲେକ୍ଟ୍ରି ଭେହିକଲ ବା ଇଭି) ତଥା ନୂତନ ଇଭି ରେଞ୍ଜ 'ଆକ୍ଟିଭା ଇ ଏବଂ କ୍ୟୁସି୧'ର ଅନାବରଣ ନିକଟରେ ହୋଇଯାଇଛି। ଏପରିକି ବେଙ୍ଗାଲୁରୁଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବରେ ଏହାର ସର୍ବଭାରତୀୟ ଉନ୍ମୋଚନ ସହ ବଜାର ପ୍ରବେଶ ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଥିଲା। ବିଶେଷକରି ୨୦୨୫ ଜାନୁଆରୀରୁ ଏହାର ବୁକିଂ ଆରମ୍ଭ ହେବାକୁ ଯାଉଥିବାବେଳେ ଫେବୃଆରୀରେ ଗ୍ରାହକ ଡେଲିଭରିଦିଆଯିବ ବୋଲି ଏଚ୍‌ଏମ୍‌ଏସଆଇ




ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି।

ଏ ସମ୍ପର୍କରେ ଏଚ୍‌ଏମ୍‌ଏସ୍‌ଆଇର ଏମ୍‌ଡି ତଥା ସଭାପତି ଏବଂ ସିଇଓ ସୁସୁମ ଓଟାନି କହିଛନ୍ତି, ଆମେ ଆମର ନୂତନ ଇଭି ରେଞ୍ଜକୁ ଆନୁଷ୍ଠାନିକ ଭାବେ ଅନାବରଣ ସହ ବଜାର ପ୍ରବେଶ କରାଇ ବେଶ୍ ଉତ୍ସାହିତ। ଏପରିକି ଘରୋଇ ବଜାରରେ ସ୍ଥାୟୀ ଗମନାଗମନ ପାଇଁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ରହିଥିଲାବେଳେ ଇଭି କ୍ଷେତ୍ରରେ ପ୍ରବେଶ ଆମ ପ୍ରତିବଦ୍ଧତାର ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ସେହିଭଳି ଏଚ୍‌ଏମ୍‌ଏସଆଇର ନିର୍ଦ୍ଦେଶକ (ବିକ୍ରି ଏବଂ ବିପଣନ) ଯୋଗେଶ ମାଥୁର କହିଥିଲେ, ଇଭି ବଜାରରେ ପ୍ରବେଶ କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆକ୍ଟିଭା-ଇରେ ଗ୍ରାହକ ସ୍ୱାପ ହୋଇପାରୁଥିବା ବ୍ୟାଟେରି ଟେକ୍ନୋଲୋଜି ସୁବିଧା ପାଇବେ। ସେହିପରି କ୍ୟୁସି୧ରେ ଫିକ୍ସ ବ୍ୟାଟେରି ସାମିଲ ଥିଲାବେଳେ ଗ୍ରାହକଙ୍କୁ ଏହା ବହୁବିଧ ସୁବିଧା ପ୍ରଦାନ କରୁଛି।

# ୬ରେ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା, ପ୍ରତିବାଦ ସଭା

## ହିନ୍ଦୁ ସୁରକ୍ଷା ମଞ୍ଚର ଖବରଦାତା ସମ୍ମିଳନୀ



ହିନ୍ଦୁ ସୁରକ୍ଷା ମଞ୍ଚ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ।

**ଢେଙ୍କାନାଳ,୪।୧୨(ରତନ ନାୟାର)**

ଢେଙ୍କାନାଳ ହିନ୍ଦୁ ସୁରକ୍ଷା ମଞ୍ଚ ତରଫରୁ ସଂଯୋଜକ ନିରାକାର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଦକ୍ଷିଣକାଳୀସ୍ଥିତ ଢେଙ୍କାନିଳୟ ମଣ୍ଡପ ଠାରେ ବୁଧବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ କାପୁଡିଆ ସମାଜ ରାଜ୍ୟ ସଭାପତି ତଥା ବରିଷ୍ଠ ଆଇନଜୀବୀ ନବ କିଶୋର ଗୁରୁ, ଭାରତ ବିକାଶ ପରିଷଦ ରାଜ୍ୟ ଉପସଭାପତି ବାବୁ ଚାନ୍ଦ ମହାଳିକ ପ୍ରମୁଖ ଉପସ୍ଥିତ ରହି ଢେଙ୍କାନାଳର ଜନସାଧାରଣ, ବୁଦ୍ଧିଜୀବୀ, ବ୍ୟବସାୟୀ ସଙ୍ଗଠନ, ଯୁବକ, କଲେଜ ଛାତ୍ରୀଛାତ୍ର, ସମସ୍ତ ଧର୍ମ ଓ ସାମାଜିକ ଅନୁଷ୍ଠାନ ଏହି କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଅନୁରୋଧ କରିଥିଲେ। କର୍ମକର୍ତ୍ତାମାନେ କହିଥିଲେ, ଭାରତର ପଡ଼ୋଶୀ ରାଷ୍ଟ୍ର ବାଂଲାଦେଶରେ ହିନ୍ଦୁ ଓ ସଂଖ୍ୟାଲଘୁ ନାଗରିକମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର ଅତ୍ୟନ୍ତ ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି କରିଛି। ସେଠାକାର ସରକାର ଓ ସରକାରୀ ସଂସ୍ଥାଗୁଡିକ ନୀରବଦ୍ରଷ୍ଟା ସାଜିଛନ୍ତି। ଇସ୍କନ୍‌ର ମୁଖ୍ୟ ସନ୍ନ୍ୟାସୀ ଚିନ୍ମୟକୃଷ୍ଣ ଦାସ ହିନ୍ଦୁମାନଙ୍କ ନେତୃତ୍ୱ ନେଇ ପ୍ରତିବାଦ କରିବାରୁ ତାଙ୍କୁ ମିଥ୍ୟା ଦେଶଦ୍ରୋହ ମାମଲାରେ ଜେଲ୍‌କୁ ପଠାଯାଇଛି। ଏଥିପାଇଁ ଢେଙ୍କାନାଳ ଜିଲାର ମଠ, ମନ୍ଦିର, ସାଧୁ ସନ୍ଥ, ବିଭିନ୍ନ ସଙ୍ଗଠନ ଓ ଜନସାଧାରଙ୍କ ଉଦ୍‌ବେଗକୁ ଦୃଷ୍ଟିରେ ରଖି ସକ୍ରିୟ ସହଯୋଗରେ ହିନ୍ଦୁ ସୁରକ୍ଷା ମଞ୍ଚ ଢେଙ୍କାନାଳ ତରଫରୁ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ଓ ପ୍ରତିବାଦ ସଭା ଆସନ୍ତା ୬ ତାରିଖରେ ଆହ୍ୱାନ କରାଯାଇଛି। ଉକ୍ତ ଦିନ ପୂର୍ବାହ୍ନ ୧୦ଟା ୩୦ ଠାରୁ ଅପରାହ୍ନ ୧ଟା ୩୦ ମଧ୍ୟରେ ସ୍ଥାନୀୟ ବାଜିଚୌକ ଛକଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ଯାଏ ଯିବ। ସେଠାରେ ପ୍ରତିବାଦ ସଭା ଅନୁଷ୍ଠିତ ହେବ। ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ଏକ ୪ ଦଫା ସମ୍ବଳିତ ଦାବିପତ୍ର, ଇସ୍କନ୍ ସନ୍ନ୍ୟାସୀ ଚିନ୍ମୟକୃଷ୍ଣ ଦାସଙ୍କୁ କାରାଗାରରୁ ମୁକ୍ତ ସହିତ ତାଙ୍କ ନାମରେ ମିଥ୍ୟା ମକଦ୍ଦମା ପ୍ରତ୍ୟାହାର କରିବା, ବାଂଲାଦେଶରେ ହିନ୍ଦୁ ଓ ସଂଖ୍ୟାଲଘୁଙ୍କ ଉପରେ ଅତ୍ୟାଚାର ବନ୍ଦ କରିବା ଓ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ସରକାର ସୁନିଶ୍ଚିତ କରିବା, ହିନ୍ଦୁମାନଙ୍କ ଉପରେ ଅତ୍ୟାଚରରେ ସମ୍ପୃକ୍ତ ଅପରାଧୀମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ଅନ୍ତର୍ଜାତୀୟ ମାନବିକ ଅଧିକାର ସଂସ୍ଥା ଓ ମିଳିତ ଜାତିସଂଘ ତୁରନ୍ତ ହସ୍ତକ୍ଷେପ କରିବା ଆଦି ଦାବିରେ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି।

# ସଂସଦରେ ଉଠିଲା ୫୫ନଂ. ଜାତୀୟ ରାଜପଥ ପ୍ରସଙ୍ଗ

## ଉନ୍ନତୀକରଣ ତୁରନ୍ତ ସାରିବାକୁ ନିବେଦନ କଲେ ଢେଙ୍କାନାଳ ଏମ୍‌ପି

**ଢେଙ୍କାନାଳ,୪।୧୨(ରତନ ନାୟାର)**

ଢେଙ୍କାନାଳ ଓ ଅନୁଗୋଳ ଜିଲା ଦେଇ ଯାଇଥିବା କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ଉନ୍ନତୀକରଣ କାର୍ଯ୍ୟ ତୁରନ୍ତ ସାରିବାକୁ ବୁଧବାର ଲୋକ ସଭାର ଶୂନ୍ୟକାଳରେ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି କେନ୍ଦ୍ର ସରକାରଙ୍କୁ ନିବେଦନ କରିଛନ୍ତି। ଏହି ଅବସରରେ ଏମ୍‌ପି କହିଥିଲେ, ୨୦୧୪ ମସିହାରେ ଭାଜପା ସରକାର ଆସିବା ପରେ ଦେଶରେ ରାଷ୍ଟ୍ରୀୟ ରାଜମାର୍ଗର ଅଧିକରୁ ଅଧିକ ବିକାଶ ହୋଇଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବିଭାଗୀୟ ମନ୍ତ୍ରୀ ନୀତୀନ ଜୟରାମ



ଏମ୍‌ପି ରୁଦ୍ର ନାରାୟଣ ପାଣି।

ଗଡ଼କରୀଙ୍କୁ ସମସ୍ତେ ଅତ୍ୟନ୍ତ ଧନ୍ୟବାଦ ପ୍ରଦାନ କରିଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ, ଢେଙ୍କାନାଳ ଓ ଅନୁଗୋଳ ଦେଇ କଟକର ମଙ୍ଗୁଳିରୁ ସମ୍ବଲପୁର ଯାଏ ଯାଇଥିବା ୫୫ନଂ. ଜାତୀୟ ରାଜପଥର ଚାରିଲେନ୍ ନିର୍ମାଣ କାର୍ଯ୍ୟ ବହୁତ ଧୀମା ଗତିରେ ଚାଲିଛି। ୨୦୧୭ ଜୁଲାଇରେ ବିଭାଗୀୟ ମନ୍ତ୍ରୀ ଗଡକରୀ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ବର୍ତ୍ତମାନ ୭ବର୍ଷ ପୂରିଲାଣି, ଏହାର ନିର୍ମାଣ କାର୍ଯ୍ୟ ଚାଲିଛି। ଏହି ନିର୍ମାଣ କାର୍ଯ୍ୟର ଗତିକୁ ଯଦି ଟିକେ ବଢାଇ ଦିଆଯାଏ ଏବଂ ଅନୁଗୋଳରୁ ୨୨ କିଲୋମିଟର ଧରି ଯାଇଥିବା ବାଇପାସ ରାସ୍ତାକୁ କାର୍ଯ୍ୟକ୍ଷମ କରିପାରିଲେ, ବହୁ ସମସ୍ୟାର ସମାଧାନ ହୋଇପାରିବ। ଏହାସହିତ ହାତୀ ଚଲାପଥ ଓ ନାଳ ଉପରେ ପୋଲଗୁଡିକ ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ କରାଗଲେ ଏହି ପ୍ରକଳ୍ପ ଖୁବଶୀଘ୍ର ଶେଷ ହୋଇପାରିବ। ସରକାରଙ୍କୁ ନିବେଦନ, ଏହି କାର୍ଯ୍ୟରେ ଆଉ ବିଳମ୍ବକୁ ସହ୍ୟ ନ କରି କିମ୍ବା ବରଦାସ୍ତ କରା ନ ଯାଇ ତୁରନ୍ତ ଶେଷ କରାଯାଉ। ଯଦି ବିଳମ୍ବ ହୋଇଛି, ଏହା ମଧ୍ୟରେ ଢେଙ୍କାନାଳ କଲେଜ ବାଇପାସ ଠାରେ ଏକ ଅଣ୍ଡରପାସ୍ ନିର୍ମାଣ କରାଯାଉ ବୋଲି ଏମ୍‌ପି ରୁଦ୍ର ନାରାୟଣ ପାଣି ଲୋକ ସଭାରେ କେନ୍ଦ୍ର ସରକାରଙ୍କୁ ନିବେଦନ କରିଥିଲେ।

# ଡ. ରାଧାନାଥ ଜୟନ୍ତୀରେ କ୍ରୀଡ଼ା ପ୍ରତିଯୋଗିତା



କ୍ରୀଡ଼ା ପ୍ରତିଯୋଗିତା ଅବସରରେ ଆୟୋଜିତ ସଭା।

**ଢେଙ୍କାନାଳ,୪।୧୨(ରତନ ନାୟାର)**

ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ଜୟନ୍ତୀ ଉପଲକ୍ଷେ ଢେଙ୍କାନାଳ ସଦର ବ୍ଲକ ବେଲଟିକିରି ପଞ୍ଚାୟତର ଦାମୋଦରନାଳୀ ଗ୍ରାମ ସରକାରୀ ପ୍ରାଥମିକ ସ୍କୁଲ ପରିସରରେ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ଆଜବେଷ୍ଟସ୍ କାର୍ମିକ ପ୍ରବନ୍ଧକ କ୍ଷୀରୋଦ କୁମାର ବେହେରା ଓ ପ୍ରବନ୍ଧକ ଅଜିତ କୁମାର ଦେହୁରୀ ଏହାକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷାବିତ୍ ସତ୍ୟାନନ୍ଦ ମଲ୍ଲିକ, ପ୍ରଧାନ ଶିକ୍ଷୟିତ୍ରୀ ଲାବଣ୍ୟ ପ୍ରତିମା ପଣ୍ଡା ଓ ପ୍ରଧାନଶିକ୍ଷକ ସରୋଜକାନ୍ତ ସାହୁ, ସହକାରୀ ଶିକ୍ଷୟିତ୍ରୀ ସୀତା ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଜୟନ୍ତୀ କମିଟି ସଭାପତି ପ୍ରଦ୍ୟୁମ୍ନ ରଥ ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟକ୍ଷତା କରି ପଦ୍ମଭୂଷଣ ଡ. ରଥଙ୍କ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସୂଚନା ଦେଇଥିଲେ। ବରିଷ୍ଠ ବର୍ଗରେ ଛାତ୍ରୀ ସ୍ୱର୍ଣ୍ଣମୟୀ ଖୁଣ୍ଟିଆ ଚାମ୍ପିୟନ ଓ ମନସ୍ୱିନୀ ରାଉତ ରନର୍ସଅପ୍ ହୋଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଛାତ୍ରୀ ପୋଲିନା ପ୍ରିୟଦର୍ଶିନୀ ସ୍ୱାଇଁ, ପ୍ରାଚୀ ରାଜ୍ ଓ ସାଇ ସ୍ୱାଗତିକା ବେହେରା, ସୋନାଲି ବାହାଲିଆ, ବର୍ଷା ପ୍ରିୟଦର୍ଶିନୀ ସାହୁ, ଚିନ୍ମୟୀ ମହାନ୍ତି, ଅମିୟ ବେହେରା, ବବୁଲ୍ ବେହେରା, ରାମ ନରେଶ ବେହେରା, ପଦ୍ମଲୋଚନ ମହାନ୍ତି, ଲିପ୍‌ସାରାଣୀ ମଲ୍ଲିକ, ଶୁଭଶ୍ରୀ ସାହୁ, ଶୁଭଙ୍କର ପ୍ରଧାନ, ଅମ୍ଳାନ ରାଉତ, ସୌମ୍ୟରଞ୍ଜନ ସାହୁ, ଶିବସାମନ୍ତ ବେହେରା, ସ୍ୱରାଜ ଖୁଣ୍ଟିଆ, ମନସ୍ୱିନୀ ରାଉତ, ନିରୁପମା ରାଉତ, ସତ୍ୟଜିତ୍ ବିଶ୍ୱାଳ, ନୀତୀଶ କୁମାର, ପ୍ରୀତିମୟୀ ସ୍ୱାଇଁ, ହରପ୍ରିୟା ସାହୁ, ଆଦ୍ୟାଶା ବରାଳ ଓ ସମ୍ମିତ ନାୟକ ସଫଳତା ଲାଭ କରିଥିଲେ।

# ୩ ଗିରଫ, ୩ ବାଇକ୍ ଜବତ

**ବଇଣ୍ଡା,୪।୧୨(ପରିକ୍ଷିତ ସାହୁ)**

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପୋଲିସ ମଙ୍ଗଳବାର ଠାକୁରଗଡ଼ ଅଞ୍ଚଳରେ ଗାଡିମୋଟର ଯାଞ୍ଚ କରିଛି। ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ବାଇକ୍ ଯାଞ୍ଚ କରିବା ସହ ମଦ୍ୟପାନ କରି ଗାଡ଼ି ଚଲାଉଥିବା ଅଭିଯୋଗରେ ମଇମୁରା ଅଞ୍ଚଳର ଭୁବନ ବେହେରାଙ୍କୁ ଗିରଫ କରି ତାଙ୍କ ବାଇକ୍ ଜବତ କରିଛି। ଏ ନେଇ ନମ୍ବର ୨୯୧/୨୪ରେ ଏକ ମାମଲା ରୁଜୁ କରିଛି। ସେହିପରି ସାନଦାଦର ଗ୍ରାମର ଦୁର୍ଯ୍ୟୋଧନ ପ୍ରଧାନଙ୍କୁ ମଦ୍ୟପାନ କରି ଗାଡ଼ି ଚଳାଉଥିବା ଅଭିଯୋଗରେ ଗିରଫ କରାଯିବା ସହ ତାଙ୍କ ବାଇକ ଜବତ କରାଯାଇଛି। ନମ୍ବର ୨୯୩/୨୪ରେ ମାମଲା ରୁଜୁ କରାଯାଇଛି। ଖଡ଼କବାହାଳ ଗ୍ରାମ ପ୍ରସନ୍ନ ପ୍ରଧାନଙ୍କୁ ମଦ୍ୟପାନ କରି ଗାଡ଼ି ଚଳାଉଥିବା ଅଭିଯୋଗରେ ଗିରଫ କରାଯାଇଛି। ତାଙ୍କ ବାଇକ୍ ଜବତ କରାଯାଇଥିବା ବେଳେ ନମ୍ବର ୨୯୨/୨୪ରେ ମାମଲା ରୁଜୁ ହୋଇଥିବା ପୋଲିସ କହିଛି ।

# ବ୍ରାହ୍ମଣୀ ବନ୍ଦାଣ ଏକ ନୈସର୍ଗିକ ଅନୁଭବ



ଅତିଥିମାନଙ୍କ ଦ୍ୱାରା ବ୍ରାହ୍ମଣୀ ବନ୍ଦାଣ କରାଯାଉଛି।

**ଢେଙ୍କାନାଳ,୪।୧୨(ରତନ ନାୟାର)**

ଢେଙ୍କାନାଳ ଜିଲା ସଦର ବ୍ଲକ ବଡ଼ନାଗେନାସ୍ଥିତ ଶ୍ରୀଶ୍ରୀ ନାଗନାଥେଶ୍ୱରଙ୍କ ପ୍ରାଙ୍ଗଣରେ ତୃତୀୟ ବ୍ରାହ୍ମଣୀ ବନ୍ଦାଣ ଓ ନାଗନାଥେଶ୍ୱର ମହୋତ୍ସବର ୪ର୍ଥ ସନ୍ଧ୍ୟା ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଲଳିତ ମୋହନ ବେହେରା କହିଲେ, ବ୍ରାହ୍ମଣୀ ବନ୍ଦାଣ ଏକ ନୈସର୍ଗିକ ଅନୁଭବ। ନଦୀକୂଳରେ ଅବସ୍ଥିତ ମହାପ୍ରଭୁ ନାଗନାଥେଶ୍ୱରଙ୍କ ପୀଠର ଉନ୍ନତି ସମସ୍ତଙ୍କ ସହଯୋଗରେ ହେବା ଆବଶ୍ୟକ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଢେଙ୍କାନାଳ ଉପଜିଲାପାଳ ତଥା ଜିଲା ଦେବୋତ୍ତର ଅଧିକାରୀ ବିବୁଧ ଗଡ଼ନାୟକ କହିଲେ, ଏହି ମହିମା ମଣ୍ଡିତ ପ୍ରାଚୀନ ପୀଠର ସର୍ବାଙ୍ଗୀନ ବିକାଶ କରିବା ପାଇଁ ଉଦ୍ୟମ ଜାରି ରହିବ। ବ୍ରାହ୍ମଣୀ ବନ୍ଦାଣ ଭଳି ଏକ ମହାନ୍ ପରମ୍ପରା ବାସ୍ତବିକ ପ୍ରଶଂସନୀୟ। ସମ୍ମାନିତ ଅତିଥି ଭାବେ ଜିଲା ଅଗ୍ନିଶମ ସେବା ଅଧିକାରୀ ପ୍ରଶାନ୍ତ କୁମାର ଧଳ ମଞ୍ଚାସୀନ ଥିଲେ। ଅନୁଷ୍ଠାନ ସଭାପତି ସୁଦାମଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ। କଳା ସଂସ୍କୃତି ସଂଘ ଉପସଭାପତି ଅବନୀ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚଳନା କରିଥିଲେ। ବରିଷ୍ଠ ସଭ୍ୟ ସୁଧାକର ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ବ୍ରାହ୍ମଣୀ ନଦୀ ଭିତରେ ଅତିଥିମାନେ ବନ୍ଦାପନା କରିଥିଲେ। ଏହି ଉତ୍ସବ ଦେଖିବା ପାଇଁ ବ୍ୟାପକ ଜନ ସମାଗମ ହୋଇଥିଲା।

# ଏକଜୁଟ୍ ହେବାକୁ ଚାଷୀଙ୍କୁ ଆହ୍ୱାନ

**ବଇଣ୍ଡା,୪।୧୨(ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ସଞ୍ଚାମୁରା ପଞ୍ଚାୟତ ବାଟିମୁଣ୍ଡା ଆମ୍ବତୋଟା ଠାରେ ବୁଧବାର କିଶୋରନଗର ବ୍ଲକର ୧୧, ୧୨, ୧୩ ନମ୍ବର ଜୋନ୍‌ର ଚାଷୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରତି ଜୋନ୍‌ର ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ ଚୟନ କରାଯିବା ସହ ପ୍ରତି ପଞ୍ଚାୟତର ସଭାପତି ତଥା ସମ୍ପାଦକ ନିର୍ବାଚିତ କରାଯାଇଥିଲା। ନିମେଇଁ ଚରଣ ସାହୁ ସଭା ଆରମ୍ଭ କରିବା ସହ ଆଗାମୀ ଦିନରେ କିଭଳି କୃଷକମାନଙ୍କ ପାଇଁ କାମ କରାଯିବ ସେ ନେଇ ଆଲୋଚନା କରିଥିଲେ। ସମସ୍ତେ ନିଜ ନିଜର ମତାମତ ଦେଇଥିଲେ। ଏହାଛଡ଼ା ଆଗାମୀ ଦିନରେ କିଶୋରନଗର ବ୍ଲକରୁ ସମସ୍ତ ଚାଷୀ ଏକଜୁଟ୍ ହେବା ପାଇଁ ଆଲୋଚନା କରାଯାଇଥିଲା। କୃଷକ ମଙ୍ଗଳ ସଂଘ ସଭାପତି ଧର୍ମେନ୍ଦ୍ର ପ୍ରଧାନ, ସମ୍ପାଦକ ଦୀପକ କୁମାର ସାହୁ, ଲିଙ୍ଗରାଜ ବେହେରା, ଅଞ୍ଜଳି ବେହେରା, ପଦ୍ମଲୋଚନୀ ସାହୁ, ସଙ୍ଗୀତା ରାଉଳ, ଭୂମିସୁତା ବେହେରା, ରଞ୍ଜିତ ସାହୁ, ମାନିନୀ ସାହୁଙ୍କ ସହ ଅନ୍ୟ ସମସ୍ତ ଚାଷୀଭାଇ ଉପସ୍ଥିତ ଥିଲେ।



# ତାଲିମପ୍ରାପ୍ତ ଜ୍ଞାନକୁ ନିଷ୍ଠାର ସହ ବ୍ୟବହାର କର




ଶିକ୍ଷକ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ।

**ଢେଙ୍କାନାଳ,୪।୧୨(ରତନ ନାୟାର)**

ଢେଙ୍କାନାଳ ସଦର ବ୍ଲକ ବାଲ୍ୟମ୍ବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଏକ ତ୍ରିଦିବସୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୌଳିକସ୍ତରରେ ବିକାଶାତ୍ମକ ଲକ୍ଷ୍ୟ ଓ ଶିକ୍ଷଣ ଦକ୍ଷତା, ଯାଦୁପେଡି, ଭାଷା ଶିକ୍ଷଣର ସନ୍ତୁଳିତ ପନ୍ଥା, ବିଭିନ୍ନ ଶିକ୍ଷଣ କିଟ୍‌ର ବ୍ୟବହାର, ବହୁଶ୍ରେଣୀ ପରିସ୍ଥିତିରେ ଭାଷା ଓ ଗଣିତ ଶିକ୍ଷାଦାନର ନମୁନା ପ୍ରଦର୍ଶନ, ମୌଳିକ ସଂଖ୍ୟା ଜ୍ଞାନର କୌଶଳ, ପାଠ୍ୟ ଯୋଜନା ପ୍ରସ୍ତୁତି ଓ ଉପସ୍ଥାପନ ଆଦି ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ସଦର ବିଆର୍‌ସିସି ଦେବବ୍ରତ ନାଥ ଶିବିର ପରିଦର୍ଶନ କରି ତାଲିମପ୍ରାପ୍ତ ଜ୍ଞାନକୁ ଶିକ୍ଷୟିତ୍ରୀଶିକ୍ଷକମାନେ ନିଷ୍ଠାର ସହିତ ଶ୍ରେଣୀ ପ୍ରକୋଷ୍ଠରେ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ। ଶିକ୍ଷକ ନୃସିଂହ ଚରଣ ପତି, ଦିଲୀପ କୁମାର ପଣ୍ଡା ଓ ସିଆର୍‌ସିସି ପ୍ରଶାନ୍ତ କୁମାର ବେହେରା ସାଧନକର୍ମୀ ଭାବେ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ସିଆର୍‌ସିସି ନୃସିଂହ ଚରଣ ବେହେରା ଓ ଅର୍ଜୁନ ନାୟକ କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି କାଇମାଟି ଉ.ପ୍ରା. ବିଦ୍ୟାଳୟ, ସିଆରିଆ ଉ.ପ୍ରା. ବିଦ୍ୟାଳୟ ଓ ବଳରାମ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ମଧ୍ୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି।

# ବାସନ୍ଦ ଅଭିଯୋଗର ତଦନ୍ତ କଲେ ତହସିଲଦାର

**ଭାପୁର,୪।୧୨ (ରାଜକୁମାର ପ୍ରଧାନ)**

ଢେଙ୍କାନାଳ ଜିଲା ସଦର ଥାନା ଭାପୁର ଫାଣ୍ଡି ଅଧୀନ ଅଉଖମା ଗ୍ରାମର ରମେଶ ମହାପାତ୍ରଙ୍କ ପରିବାରକୁ ଗ୍ରାମବାସୀ ବାସନ୍ଦ କରିଥିବା ଅଭିଯୋଗର ବୁଧବାର ତଦନ୍ତ କରିଛନ୍ତି ତହସିଲଦାର ଲିତୁସ୍ମିତା ମିଶ୍ର। ତହସିଲଦାର ଉକ୍ତ ଗ୍ରାମରେ ପହଞ୍ଚି ଗ୍ରାମବାସୀ ଓ ଅଭିଯୋଗକାରୀଙ୍କୁ ନେଇ ବୈଠକ କରିଥିଲେ। ଗ୍ରାମ କମିଟି ଓ ଗ୍ରାମବାସୀଙ୍କ ବୟାନ ରେକର୍ଡ କରିବା ସହିତ ଅଭିଯୋଗକାରୀଙ୍କ ମତାମତ ଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ସାମାଜିକ ବାସନ୍ଦ ସମ୍ପର୍କରେ ରମେଶ ଗତ ମଙ୍ଗଳବାର ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିବା ବେଳେ ସନ୍ଧ୍ୟାରେ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଉଭୟପକ୍ଷଙ୍କ ବୟାନକୁ ଜିଲାପାଳଙ୍କୁ ପ୍ରଦାନ କରାଯିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ତହସିଲଦାର ପ୍ରକାଶ କରିଛନ୍ତି। ଏଥିରେ ଗ୍ରାମ ସଭାପତି ସରୋଜ ମହାପାତ୍ର, ରାଜସ୍ୱ ବିଭାଗ ସୁପରଭାଇଜର କୀର୍ତ୍ତିପଦା ଜେନା, ବାଲ୍ୟାମ୍ବା ରାଜସ୍ୱ ନିରୀକ୍ଷକ (ଅତିରିକ୍ତ) ସୁବ୍ରତ ଜେନା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।



ବାସନ୍ଦ ଅଭିଯୋଗର ତଦନ୍ତ କରାଯାଉଛି।

# ଲିଙ୍ଗଗତ ହିଂସାର ପ୍ରଭାବ ଉପରେ ଆଲୋଚନା

**ଢେଙ୍କାନାଳ,୪।୧୨(ରତନ ନାୟାର)**

ଢେଙ୍କାନାଳ ସଖୀ ୱାନ-ଷ୍ଟପ୍-ସେଣ୍ଟର ଓ ଜିଲା ପ୍ରଶାସନ ସହାୟତାର ଗତ ୨୫ ତାରିଖରୁ ଲିଙ୍ଗଗତ ହିଂସା ବିରୋଧରେ ଏକ ୧୬ଦିନିଆ ଅଭିଯାନ ଆରମ୍ଭ ହୋଇଛି। ଏହାର ପ୍ରଚାର ପ୍ରସାର ପାଇଁ ପଞ୍ଚାୟତ ଏଜୁକେଶନ ଆଣ୍ଡ୍ ଟେକ୍ନୋଲୋଜି କଲେଜ ଗେଙ୍ଗୁଟିଆଠାରେ ଏକ ମିଳିତ ସଙ୍ଗଠନ ଆୟୋଜିତ ହୋଇଥିଲା। ସମାଜରେ ଲିଙ୍ଗଗତ ଅସମାନତା, ହିଂସାକୁ ଦୂର କରିବା ଓ ଜନସାଧାରଣଙ୍କୁ ସଚେତନ କରିବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମରେ କଲେଜ ପ୍ରିନ୍ସିପାଲ, ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କୁ ନେଇ ଲିଙ୍ଗଗତ ଭେଦତା ଉପରେ ଏକ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଲିଙ୍ଗଗତ ହିଂସା ଏବଂ ସମାଜରେ ଏହାର ଖରାପ ପ୍ରଭାବ ତଥା ଏହାର ଅବସାନ ଉପରେ ଆଲୋଚନା ହୋଇଥିଲା। ନାରୀ ସୁରକ୍ଷା ପାଇଁ ସମସ୍ତେ ସାମୂହିକ ଶପଥପାଠ କରିଥିଲେ ଏବଂ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଥିଲା। ଏହି ୧୬ ଦିନିଆ କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲ, କଲେଜ ଓ ସାର୍ବଜନିକ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମକୁ ସଖୀର କେନ୍ଦ୍ର ପ୍ରଶାସିକା ସ୍ମିତାରାଣୀ ପାତ୍ର ଓ କେସ୍ ୱାର୍କର ଲିପସା ପାତ୍ର, ମନୋଲିସା ସାହୁ ପ୍ରମୁଖ ପରିଚାଳନା କରିଥିଲେ।



ଲିଙ୍ଗଗତ ହିଂସା ବିରୋଧୀ ଅଭିଯାନରେ ପ୍ରଚାର ପ୍ରସାର କାର୍ଯ୍ୟକ୍ରମ।

# ବୈଜ୍ଞାନିକ ମନୋଭାବ ପୋଷଣ କରିବାକୁ ପରାମର୍ଶ



ପ୍ରଦର୍ଶନୀରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକମାନେ।

## ରାଜ୍ୟସ୍ତରୀୟ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ

**ଢେଙ୍କାନାଳ,୪।୧୨(ରତନ ନାୟାର)**

ଢେଙ୍କାନାଳ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ସୋମବାର ରାଜ୍ୟସ୍ତରୀୟ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ସମ୍ଭାଗ ଅନ୍ତର୍ଗତ ୧୧ ଗୋଟି ବିଦ୍ୟାଳୟରୁ ୧୧୩ଜଣ ଶିଶୁ ବୈଜ୍ଞାନିକ ଅଂଶଗ୍ରହଣ କରିଥିଲେ। ଏହି ପ୍ରଦର୍ଶନୀରେ ଢେଙ୍କାନାଳ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶକ ମଥୁରୀ ମୋହନ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ ପିଲା ନିଜନିଜ ଜୀବନରେ ବୈଜ୍ଞାନିକ ମନୋଭାବ ପୋଷଣ କରିବାକୁ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷ ଶିଶିର କୁମାର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ବିଦ୍ୟାର୍ଥୀମାନେ ଭବିଷ୍ୟତରେ ବିଜ୍ଞାନକୁ ମାନବ କଲ୍ୟାଣ ଓ ରାଷ୍ଟ୍ର ନିର୍ମାଣରେ ବିନିଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ପ୍ରଦର୍ଶନୀରେ ଖାଦ୍ୟ, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା, ପରିବହନ ଓ ଯୋଗାଯୋଗ, ପ୍ରାକୃତିକ କୃଷି ପ୍ରଣାଳୀ, ବିପର୍ଯ୍ୟୟ ପରିଚାଳନା, ଗାଣିତିକ ମଡେଲ ଓ ଗଣନାକାରୀ ଚିନ୍ତାଧାରା ଏବଂ ବର୍ଜ୍ୟବସ୍ତୁ ପରିଚାଳନା ଆଦି ୭ଟି ବିଷୟବସ୍ତୁ ଉପରେ ମୋଟ ୧୦୨ଟି ମଡେଲ ପ୍ରଦର୍ଶନ କରାଯାଇଥିଲା। ଏଥିସହିତ ଚିରସ୍ଥାୟୀ ଭବିଷ୍ୟତ ଓ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ମିଲେଟ୍(ମାଣ୍ଡିଆ)ର ଆବଶ୍ୟକତା ସମ୍ପର୍କରେ ଏକ କର୍ମଶାଳା ଆୟୋଜିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଆସନ୍ତା ୯ ଓ ୧୦ ତାରିଖ ସମ୍ଭାଗସ୍ତରୀୟ ବାଲେଶ୍ୱରଠାରେ ଆୟୋଜିତ ହେବାକୁ ଥିବା ପ୍ରଦର୍ଶନୀରେ ଭାଗ ନେବାକୁ ପ୍ରୋତ୍ସାହିତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ଦୁଃଶାସନ ବେହେରା ଧନ୍ୟବାଦ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ପରିଚାଳନାରେ ସହଯୋଗ କରିଥିଲେ।

# ପାକିସ୍ତାନକୁ ହରାଇ ଭାରତ ଚାମ୍ପିୟନ

## ଜୁନିୟର ଏସିଆ କପ୍ ହକି
## ଅରାଇଜିତ ସିଂଙ୍କ ହ୍ୟାଟ୍ରିକ୍

ମସ୍କଟ,୪।୧୨

ଓମାନର ମସ୍କଟରେ ଅନୁଷ୍ଠିତ ଜୁନିୟର ଏସିଆ କପ୍ ହକି ଫାଇନାଲରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୫-୩ ଗୋଲରେ ପରାସ୍ତ କରି କ୍ରମାଗତ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି ଭାରତ। ଗତ ସଂସ୍କରଣର ଚାମ୍ପିୟନ ଭାରତ ଚମତ୍କାର ପ୍ରଦର୍ଶନ କରିଥିବା ବେଳେ ଅରାଇଜିତ ସିଂ ହୁନ୍ଦାଲ ଏକାକୀ ୪ ଗୋଲ ସ୍କୋର କରିଥିଲେ। ଅରାଇଜିତ ୪, ୧୮, ୪୭ ଓ ୫୪ତମ ମିନିଟରେ ସ୍କୋର କରିଥିବା ବେଳେ ଦିଲରାଜ ସିଂ ୧୯ ତମ ମିନିଟରେ ଅନ୍ୟ ଗୋଲ ଦେଇଥିଲେ। ପାକିସ୍ତାନ ପକ୍ଷରୁ ସୁଫ୍ୟାଁ ଖାନ୍ (୩୦ ଓ ୩୯) ଡବଲ୍ ଗୋଲ୍ ଦେଇଥିବା ବେଳେ ହନ୍ନନ ଶାହିଦ୍ ୩ ମିନିଟରେ ଅନ୍ୟ ଗୋଲଟି ଦେଇଥିଲେ।

ମ୍ୟାଚ୍‌ର ପ୍ରଥମ କ୍ୱାର୍ଟରରୁ ଉଭୟ ଦଳ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲେ। ମ୍ୟାଚ୍‌ର ତୃତୀୟ ମିନିଟରେ ହନ୍ନନ ଶାହିଦ୍ ଏକ ଗୋଲ ଦେଇଥିଲେ। ଏହାର ୧ ମିନିଟ ମଧ୍ୟରେ ଭାରତକୁ ଏକ ପେନାଲ୍ଟି କର୍ନର ମିଳିଥିବା ବେଳେ ଏହାକୁ ଗୋଲରେ ପରିଣତ କରିଥିଲେ ଅରାଇଜିତ। ପ୍ରଥମ କ୍ୱାର୍ଟରରେ ମ୍ୟାଚ୍ ୧-୧ ସ୍ଥିତିରେ ରହିଥିଲା। ଦ୍ୱିତୀୟ କ୍ୱାର୍ଟରର ୧୮ ତମ ମିନିଟରେ ଅରାଇଜିତ ଓ ୧୯ ତମ ମିନିଟରେ ଦିଲରାଜ ସ୍କୋର କରି ଭାରତକୁ ୩-୧ରେ ଆଗୁଆ କରିଥିଲେ। ତେବେ ତୃତୀୟ କ୍ୱାର୍ଟରରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲା ଗତ ସଂସ୍କରଣର ରନରଅପ୍ ପାକିସ୍ତାନ। ସୁଫ୍ୟାଁ ଖାନ୍ ପେନାଲ୍ଟି କର୍ନରରୁ ଦୁଇଟି ଗୋଲ ଦେବା ସହିତ ମ୍ୟାଚ୍‌କୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ତେବେ ଅନ୍ତିମ କ୍ୱାର୍ଟରରେ ଭାରତୀୟ ଦଳ ଚମତ୍କାର ଆଟାକ ଓ ଡିଫେନ୍ସର ନମୁନା ପ୍ରଦର୍ଶନ କରିଥିଲା। ଭାରତୀୟ ଦଳ ଦୁଇଟି ଗୋଲ ସ୍କୋର କରିଥିବା ବେଳେ ପାକିସ୍ତାନର ଏକାଧିକ ପ୍ରୟାସକୁ ନିଷ୍ଫଳ କରି ଦେଇଥିଲା। ଅରାଇଜିତ ୪୭ ତମ ମିନିଟରେ ଏକ ଫିଲ୍ଡ ଗୋଲ ଦେଇ ଭାରତୀୟ ଅଗ୍ରଣୀକୁ ୪-୩ରେ ପହଞ୍ଚାଇ ଥିଲେ। ଏହାର ୭ ମିନିଟ ପରେ ଭାରତକୁ ପେନାଲ୍ଟି କର୍ନର ମିଳିଥିବା ବେଳେ ବ୍ୟକ୍ତିଗତ ଚତୁର୍ଥ ଗୋଲ ସ୍କୋର କରିଥିଲେ ଅରାଇଜିତ୍। ଲଗାତାର ଦ୍ୱିତୀୟ ଥର ଟାଇଟଲ କରାୟତ କରିଥିବା ଭାରତର ଏହା ପଞ୍ଚମ ଟାଇଟଲ୍।


ଭାରତ ଓ ପାକିସ୍ତାନ ମଧ୍ୟରେ ଅନୁଷ୍ଠିତ ଫାଇନାଲର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

## ସେମିରେ ଭାରତ

**ଶାରଜା, ୪।୧୨:** ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲରେ ଭାରତ ପ୍ରବେଶ କରିଛି। ଶାରଜା କ୍ରିକେଟ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ଏହାର ଶେଷ ଲିଗ୍ ମ୍ୟାଚରେ ଭାରତ ୧୦ ଉଇକେଟରେ ୟୁଏଇକୁ ପରାସ୍ତ କରିଛି। ୟୁଏଇ ୪୪ ଓଭରରେ ୧୩୭ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଜବାବରେ ଭାରତ କୌଣସି ଉଇକେଟ ନ ହରାଇ ୧୬.୧ ଓଭରରେ ୧୪୩ ରନ ସଂଗ୍ରହ କରି ନେଇଥିଲା। ବୈଭବ ସୂର୍ଯ୍ୟବଂଶୀ ୪୬ ବଲ୍‌ରୁ ୭୬ ଓ ଆୟୁଷ ମହାତ୍ରେ ୬୭ ରନକରି ଅପରାଜିତ ରହିଥିଲେ। ଭାରତ ଗ୍ରୁପ୍ 'ଏ'ରେ ୩ ମ୍ୟାଚରୁ ୨ ବିଜୟ ସହ ୪ ପଏଣ୍ଟ ପାଇ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ୬ ପଏଣ୍ଟ ସହ ପାକିସ୍ତାନ ଶୀର୍ଷ ସ୍ଥାନ ଅଧିକାର କରିଛି। ଆସନ୍ତା ୬ ତାରିଖରେ ଭାରତ ଗ୍ରୁପ୍ 'ବି'ରେ ଶୀର୍ଷସ୍ଥାନ ଅଧିକାର କରିଥିବା ଶ୍ରୀଲଙ୍କାକୁ ଦ୍ୱିତୀୟ ସେମିଫାଇନାଲରେ ଭେଟିବ। ଶାରଜାରେ ଏହି ମ୍ୟାଚ ଖେଳାଯିବ। ସେହିଦିନ ଦୁବାଇ ଷ୍ଟାଡିୟମରେ ପାକିସ୍ତାନ ଓ ବାଂଲାଦେଶ ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳାଯିବ। ୮ ତାରିଖରେ ଦୁବାଇରେ ଫାଇନାଲ ଅନୁଷ୍ଠିତ ହେବ।


ଆୟୁଷ ମହାତ୍ରେ

# କିଏ ହେବ ବିସିସିଆଇର ପରବର୍ତ୍ତୀ ସମ୍ପାଦକ

ନୂଆଦିଲ୍ଲୀ,୪।୧୨(ପି.ଟି.)

ଆଇସିସି ମୁଖ୍ୟ ଭାବରେ ବିସିସିଆଇ ସମ୍ପାଦକ ଜୟ ଶାହା ଦାୟିତ୍ୱ ଗ୍ରହଣ କରିବା ପରେ ଏହି ପଦବୀ ଖାଲି ରହିଛି। ଡିସେମ୍ବର ୧ ତାରିଖରେ ଶାହା ଆଇସିସି ଚେୟାରମ୍ୟାନ ଦାୟିତ୍ୱ ଗ୍ରହଣ କରିଥିଲେ। ବିସିସିଆଇର ଏହି ସର୍ବଶକ୍ତିଶାଳୀ ପଦବୀରେ କିଏ ବସିବେ ତାହାକୁ ନେଇ ବର୍ତ୍ତମାନ ଆଲୋଚନା ଜୋର ଧରିଛି। ୨୦୨୨ରେ ବିସିସିଆଇର ସମ୍ବିଧାନ ପରିବର୍ତ୍ତନ ପରେ ସମ୍ପାଦକ ପଦବୀ ସବୁଠାରୁ ଶକ୍ତିଶାଳୀ ରହିଛି। ସମସ୍ତ ପ୍ରକାର କ୍ରିକେଟ ଓ ଅଣ କ୍ରିକେଟ ନିଷ୍ପତ୍ତିରେ ସମ୍ପାଦକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥାଏ। ଏହାସହିତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମଧ୍ୟ ତାଙ୍କ ଅଧୀନରେ କାର୍ଯ୍ୟ କରିଥାନ୍ତି। ଅଗଷ୍ଟ ମାସରେ ଶାହା ଆଇସିସିର ମୁଖ୍ୟ ଭାବରେ ନିର୍ବାଚିତ ହୋଇଥିଲେ। ତା' ପରଠାରୁ ଏହି କ୍ଷମତାକେନ୍ଦ୍ର କାହା ନିକଟକୁ ଯିବ ତାକୁ ନେଇ ଚର୍ଚ୍ଚା ଜୋର ଧରିଥିଲା। ଗୁଜରାଟ କ୍ରିକେଟ ବୋର୍ଡର ଅନିଲ ପଟେଲ, ବିସିସିଆଇର ବର୍ତ୍ତମାନ ଯୁଗ୍ମ ସମ୍ପାଦକ ଦେବଜିତ ସାଇକିଆ ଓ ଡିଡିସିଏ ସଭାପତି ରୋହନ ଜେଟଲୀଙ୍କ ନାମକୁ ନେଇ ସବୁଠୁ ଅଧିକ ଚର୍ଚ୍ଚା ହୋଇଥିଲା। ତେବେ ପରବର୍ତ୍ତୀ ସମୟରେ ଏହା କେବଳ ଗୁଜବ ବୋଲି ଜଣାପଡିଥିଲା। ସମସ୍ତ ରାଜ୍ୟର ବୋର୍ଡଗୁଡିକ ସମ୍ପାଦକ ନିର୍ବାଚନକୁ ନେଇ ନୀରବତା ଅବଲମ୍ବନ କରୁଛନ୍ତି। ବର୍ତ୍ତମାନ ସମୟରେ ଯୁଗ୍ମ ସମ୍ପାଦକ ରହିଥିବା ଦେବଜିତ ଅନ୍ତରୀଣ ଭାବରେ ଏହି ଦାୟିତ୍ୱ ସମ୍ପାଦନ କରିପାରନ୍ତି। ତେବେ ନିୟମ ଅନୁସାରେ ଗୋଟିଏ ପଦବୀ ଖାଲି ହେବାର ୪୫ ଦିନ ମଧ୍ୟରେ ନିର୍ବାଚନ କରାଇ ଏହାକୁ ପୂରଣ କରାଯିବା ଉଚିତ। ଜାନୁଆରୀ ୧୫ ଯାଏ ବିସିସିଆଇ ହାତରେ ସମ୍ପାଦକ ନିର୍ବାଚିତ କରିବାର ସମୟ ରହିଛି। ସେହିପରି ନିର୍ବାଚନର ୪ ସପ୍ତାହ ପୂର୍ବରୁ ଇଲେକ୍ଟୋରାଲ ଅଫିସରଙ୍କ ନିଯୁକ୍ତି ବାଧ୍ୟତାମୂଳକ ରହିଛି। ବୋର୍ଡ ନିକଟରେ ଦେଢ ମାସ ସମୟ ରହିଥିବା ବେଳେ ତରତର ହେବାର ନାହିଁ ବୋଲି ଜଣେ ଅଧିକାରୀ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ବିସିସିଆଇର ବର୍ତ୍ତମାନ ଟିମ୍‌ର କାର୍ଯ୍ୟକାଳ ଆସନ୍ତା ବର୍ଷ ସେପ୍ଟେମ୍ବରରେ ଶେଷ ହେବାକୁ ଯାଉଛି। ତେଣୁ ଯିଏ ବି ଦାୟିତ୍ୱ ନେବ ତାଙ୍କୁ ବର୍ଷେ ପରେ ଦାୟିତ୍ୱ ଛାଡିବାକୁ ପଡିବ। ଅନ୍ୟପକ୍ଷରେ ଏହି ପଦ ପାଇଁ ଅନ୍ୟତମ ଦାବିଦାର ଅରୁଣ ଧୂମଲ ବର୍ତ୍ତମାନ ଆଇସିସିରେ ଭାରତର ପ୍ରତିନିଧି ରହିଛନ୍ତି।

## ଓଡ଼ିଶାରୁ ଭାଗନେବେ ୭୮ ଆଥ୍‌ଲେଟ୍

### ଜାତୀୟ ଜୁନିୟର ଆଥ୍‌ଲେଟିକ୍ସ

ଭୁବନେଶ୍ୱର, ୪।୧୨ (ତପନ ସ୍ୱାଇଁ)

ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଓ ଓଡ଼ିଶା ଆଥଲେଟିକ୍ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ୩୯ତମ ଜାତୀୟ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍ ଚଳିତ ମାସ ୭ରୁ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବ। ୧୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ପାଖାପାଖି ୨୦୦୦ ଆଥଲେଟ୍ ଅଂଶଗ୍ରହଣ କରିବା ସମ୍ଭାବନା ରହିଛି। ଓଡ଼ିଶାରୁ ମୋଟ ୭୮ ଆଥଲେଟ୍ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭାଗ୍ୟ ପରୀକ୍ଷା କରିବେ। ଏହା ମଧ୍ୟରେ ୩୫ ମହିଳା ଆଥଲେଟ୍ ସାମିଲ। ଏହି ପ୍ରତିଯୋଗିତା ଅକ୍ଟୋବର ୨୫ରୁ ୨୯ ପର୍ଯ୍ୟନ୍ତ ହେବାଲାଗି କାର୍ଯ୍ୟସୂଚୀ ଧାର୍ଯ୍ୟ ହୋଇଥିଲା। ମାତ୍ର ଓଡ଼ିଶାରେ ବାତ୍ୟା ଦାନାକୁ ଦୃଷ୍ଟିରେ ରଖି ପ୍ରତିଯୋଗିତାକୁ ସ୍ଥଗିତ ରଖା ଯାଇଥିଲା। ପରେ ଆଥଲେଟିକ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ପକ୍ଷରୁ ନୂଆ ତାରିଖ ଧାର୍ଯ୍ୟ କରାଯାଇଥିଲା। ୧୪, ୧୬, ୧୮ ଏବଂ ୨୦ ବର୍ଷରୁ କମ୍ ଆଦି ୪ଟି ବର୍ଗ (ବାଳିକା ଓ ବାଳକ)ରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ୭ ତାରିଖ ସକାଳ ୬ଟାରେ ୨୦ ବର୍ଷରୁ କମ୍ ପୁରୁଷ ୧୦୦୦୦ ମିଟର ରେସ୍‌ରୁ ପ୍ରତିଯୋଗିତା ଆରମ୍ଭ ହେବ।

## ସୁଶ୍ରୀଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ସତ୍ତ୍ୱେ ଓଡ଼ିଶା ପରାସ୍ତ

### ସିନିୟର ମହିଳା ଦିନିକିଆ କ୍ରିକେଟ

ଭୁବନେଶ୍ୱର, ୪।୧୨ (ତପନ ସ୍ୱାଇଁ)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଘରୋଇ କ୍ରିକେଟ ସିଜନ ଅନ୍ତର୍ଗତ ସିନିୟର ମହିଳା ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟ ଅହମଦାବାଦରେ ବୁଧବାରଠାରୁ ଆରମ୍ଭ ହୋଇଛି। ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ସତ୍ତ୍ୱେ ଓଡ଼ିଶା ଏହାର ପ୍ରଥମ ମ୍ୟାଚରେ ଆସାମଠାରୁ ହାରିଯାଇଛି। ଅହମଦାବାଦସ୍ଥିତ ଏଡିଏସ୍ଏ ରେଲୱେ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ୫୦ ଓଭରରେ ୬ ଉଇକେଟ ହରାଇ ୨୩୦ ରନ କରିଥିଲା। ଦଳ ପକ୍ଷରୁ ମାଧୁରୀ ମେହେଟା ସର୍ବାଧିକ ୮୨ ଓ ସୁଶ୍ରୀ ୪୧ ରନ କରିଥିଲେ। ବିପକ୍ଷ ଦଳର ରଶ୍ମି ଦେ ଓ ମୋନିକା ଦାସ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଆସାମ ୪୨.୪ ଓଭରରେ ୪ ଉଇକେଟ ହରାଇ ୨୩୪ ରନ ସଂଗ୍ରହ କରି ନେଇଥିଲା। ମୋନିକା ଦାସ ୭୬ ଓ ଖୁସି ଶର୍ମା ୫୫ ରନକରି ଦଳକୁ ଜିତାଇଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ କେବଳ ସୁଶ୍ରୀ ପ୍ରଭାବୀ ବୋଲିଂ କରି ନିଜ ୮.୪ ଓଭର ସ୍ପେଲ୍‌ରେ ଗୋଟିଏ ମେଡେନ ନେବାସହ ମାତ୍ର ୨୭ ରନଦେଇ ୨ଟି ଉଇକେଟ ନେଇଥିଲେ। ମାତ୍ର ଅନ୍ୟ ସମସ୍ତ ବୋଲର ମହଙ୍ଗା ରହିଥିଲେ। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ ୬ ତାରିଖରେ ଉତ୍ତରାଖଣ୍ଡ ବିପକ୍ଷରେ ଖେଳିବ। ଅହମଦାବାଦର ଗୁଜରାଟ କଲେଜ କ୍ରିକେଟ ଗ୍ରାଉଣ୍ଡ 'ବି'ରେ ଏହି ମ୍ୟାଚ ଅନୁଷ୍ଠିତ ହେବ।


ସୁଶ୍ରୀ ଦିବ୍ୟଦର୍ଶିନୀ

### ବିଶ୍ୱ ଚେସ୍ ଚାମ୍ପିୟନଶିପ
## ପୁଣି ପଏଣ୍ଟ ଭାଗକଲେ ଗୁକେଶ-ଲିରେନ

**ଦୁବାଇ,୪।୧୨:** ସିଙ୍ଗାପୁରରେ ଚାଲିଥିବା ବିଶ୍ୱ ଚେସ୍ ଚାମ୍ପିୟନଶିପ୍‌ର ଅଷ୍ଟମ ରାଉଣ୍ଡ ମ୍ୟାଚ୍ ମଧ୍ୟ ଡ୍ର'ରେ ଶେଷ ହୋଇଛି। ଭାରତୀୟ ଗ୍ରାଣ୍ଡମାଷ୍ଟର ଡି. ଗୁକେଶ ଓ ଡିଫେଣ୍ଡିଂ ଚାମ୍ପିୟନ ଡିଙ୍ଗ ଲିରେନଙ୍କ ମଧ୍ୟରେ ଏହା ଏହା କ୍ରମାଗତ ୫ମ ଡ୍ର। ମୁକାବିଲା ଆରମ୍ଭରୁ ଗୁକେଶ ଭଲ ସ୍ଥିତିରେ ଥିଲେ। ମାତ୍ର ଲିରେନ ଅଭିଜ୍ଞତାର ଉପଯୋଗ କରି ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ ଏବଂ ଭାରତୀୟ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ୫୧ ମୁଭ୍ ପରେ ପଏଣ୍ଟ ଭାଗ କରିଥିଲେ। ୮ ରାଉଣ୍ଡ ଶେଷରେ ଉଭୟଙ୍କ ପଏଣ୍ଟ ୪-୪ ସ୍ଥିତିରେ ରହିଛି। ୧୪ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ୬ ମ୍ୟାଚ ଡ୍ର ରହିଥିବାବେଳେ ପ୍ରଥମ ଗେମ୍‌ରେ ୩୨ ବର୍ଷୀୟ ଲିରେନ ଏବଂ ତୃତୀୟ ଗେମ୍‌ରେ ୧୮ ବର୍ଷୀୟ ଗୁକେଶ ବିଜୟ ହାସଲ କରିଥିଲେ। ଯେଉଁ ଖେଳାଳି ପ୍ରଥମେ ୭.୫ ପଏଣ୍ଟ ହାସଲ କରିବେ ବିଜେତା ଘୋଷିତ ହେବେ। ତେଣୁ ଉଭୟ ଖେଳାଳି ଏବେ ମଧ୍ୟ ଏହି ମ୍ୟାଜିକ ସଂଖ୍ୟାଠାରୁ ୩.୫ ପଏଣ୍ଟ ଦୂରରେ ରହିଛନ୍ତି। "ଆଜିର ଗେମ୍‌ରେ ମୁଁ କେବେହେଲେ ବିଜୟୀ ହେବି ବୋଲି ଭାବି ନ ଥିଲି। ଗୁକେଶ ଯେପରି ଆରମ୍ଭ କରିଥିଲେ ସେଥିରେ ଚିନ୍ତାରେ ପଡ଼ିଥିଲି, ମାତ୍ର ନର୍ଭସ ହୋଇ ନ ଥିଲି" ବୋଲି ୮ମ ରାଉଣ୍ଡ ଗେମ୍ ପରେ ଲିରେନ ପ୍ରକାଶ କରିଛନ୍ତି।

## ହ୍ୟାଟ୍ରିକ୍ ବିଜୟ ଲକ୍ଷ୍ୟରେ ଓଏଫ୍‌ସି

### ଇଣ୍ଡିଆନ୍ ସୁପର୍ ଲିଗ୍

ଭୁବନେଶ୍ୱର, ୪।୧୨ (ସରୋଜ ଜେନା)

ଇଣ୍ଡିଆନ୍ ସୁପର୍ ଲିଗ୍‌ରେ ଲଗାତାର ଦୁଇଟି ବିଜୟ ହାସଲ କରିଥିବା ଓଡ଼ିଶା ଏଫ୍‌ସିସ(ଓଏଫ୍‌ସି) ଗୁରୁବାର ମୁମ୍ବାଇ ସିଟି ଏଫ୍‌ସିକୁ ଭେଟିବ। ଘରୋଇ ଦର୍ଶକଙ୍କ ସମ୍ମୁଖରେ ଏହି ମ୍ୟାଚ୍‌ରେ ବିଜୟ ସହ ଦଳ ହ୍ୟାଟ୍ରିକ୍ ଅର୍ଜନ କରିବାକୁ ପ୍ରୟାସ କରିବ। ତେବେ ଦଳର ପ୍ରମୁଖ ଫରୱାର୍ଡ ଖେଳାଳି ରୟ କ୍ରିଷ୍ଣା ଏସିଏଲ୍ ଆଘାତ ସମସ୍ୟା କାରଣରୁ ଟୁର୍ନାମେଣ୍ଟର ପରବର୍ତ୍ତୀ ମ୍ୟାଚ୍ ଗୁଡିକରୁ ବାଦ ପଡିଛନ୍ତି। ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମୁଖ୍ୟ କୋଚ୍ ସର୍ଗିଓ ଲୋବେରା ଓ ଖେଳାଳି ଜେରୀ ଯୋଗ ଦେଇଥିଲେ। ରୟ କ୍ରିଷ୍ଣା ଆହତ ହେବା ଓଏଫ୍‌ସି ପାଇଁ ବଡ କ୍ଷତି ବୋଲି କହିଥିଲେ ଲୋବେରା। ଉଭୟ ଦଳ ୨୦ ଥର ମୁହାଁମୁହିଁ ହୋଇଥିବା ବେଳେ ମୁମ୍ବାଇ ୧୧ ଥର ବିଜୟୀ ହୋଇଛି। ତେବେ ଚଳିତ ବର୍ଷ ମୁମ୍ବାଇର ପ୍ରଦର୍ଶନ ଆଖିଦୃଶିଆ ରହିନାହିଁ। ଓଏଫ୍‌ସି ୧୫ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଥିବା ବେଳେ ମୁମ୍ବାଇ ୧୩ ପଏଣ୍ଟ ସହ ଅଷ୍ଟମ ସ୍ଥାନରେ ରହିଛି। ଦଳର ଖେଳାଳି ମାନେ ୩ ଦିନ ତଳେ ମ୍ୟାଚ୍ ଖେଳିଥିବା ବେଳେ ଅଭ୍ୟାସ ଅପେକ୍ଷା ରିକଭରୀ ଉପରେ ଅଧିକ ଫୋକସ ରହିଥିଲା। ମାତ୍ର ଦୁଇଟି ଅଭ୍ୟାସ ସେସନ୍ କରାଯାଇଥିବା ବେଳେ ଦଳ ମୁମ୍ବାଇ ବିପକ୍ଷ ଚ୍ୟାଲେଞ୍ଜ ପାଇଁ ପ୍ରସ୍ତୁତ ବୋଲି ମୁଖ୍ୟ କୋଚ୍ ଲୋବେରା କହିଥିଲେ।

ଓଏଫ୍‌ସି ଏହାର ଅନ୍ତିମ ୨ ମ୍ୟାଚ୍‌ରେ ୧୦ଟି ଗୋଲ ସ୍କୋର କରିଛି। ଟେବୁଲ ଟପ୍ପର ବେଙ୍ଗାଲୁରୁ ଏଫ୍‌ସି ବିପକ୍ଷରେ ଦଳ ୪-୨ରେ ବିଜୟୀ ହୋଇଥିଲା। ଦଳ ଯେଉଁ ହାରରେ ସ୍କୋର କରୁଛି ଏହା ବଜାୟ ରଖିବାକୁ ଚାହିଁବ। ଉଭୟ ଦଳ ଚଳିତ ସିଜନରେ ମୁହାଁମୁହିଁ ହୋଇଥିବା ବେଳେ ମ୍ୟାଚ୍ ୧-୧ରେ ଡ୍ର ରହିଥିଲା। ଅନ୍ତିମ ୨୦ ମିନିଟ ୧୦ ଜଣ ଖେଳାଳିଙ୍କୁ ନେଇ ଖେଳିଥିଲେ ମଧ୍ୟ ଓଏଫ୍‌ସି ଚମତ୍କାର ଡିଫେନ୍ସ ଦେଖାଇଥିଲା।

କ୍ୟାପସନ୍: ଖବରଦାତା ସମ୍ମିଳନୀ ଅବସରରେ ମୁଖ୍ୟ କୋଚ୍ ସର୍ଗିଓ ଲୋବେରା ଓ ଜେରୀ।


ଖବରଦାତା ସମ୍ମିଳନୀରେ ସର୍ଗିଓ ଲୋବେରା ଓ ଜେରୀ। (ଫଟୋ: ବିକାଶ ନାୟକ)

## ନିମ୍ନ ର୍ୟାଙ୍କରେ ଇଣ୍ଟର ମାୟାମି

**ମାୟାମି,୪।୧୨(ପି.ଟି.):** କ୍ଲବ ବିଶ୍ୱକପ ପାଇଁ ଟିମ୍ ଗୁଡିକର ସିଡିଂ କରାଯାଇ ର୍ୟାଙ୍କିଙ୍ଗ ତାଲିକା ପ୍ରସ୍ତୁତ କରାଯାଇଛି। ଲିଓନେଲ ମେସିଙ୍କ ଇଣ୍ଟର ମାୟାମି ଏହି ତାଲିକାରେ ନିମ୍ନ ର୍ୟାଙ୍କ ପ୍ରାପ୍ତ କ୍ଲବଙ୍କ ମଧ୍ୟରେ ରହିଛି। ମାଞ୍ଚେଷ୍ଟର ସିଟି ଓ ରିୟଲ ମାଡ୍ରିଡ ଭଳି କ୍ଲବ ର୍ୟାଙ୍କିଙ୍ଗର ଶୀର୍ଷରେ ରହିଛନ୍ତି। ଚଳିତ ବର୍ଷ କ୍ଲବ ସଂଖ୍ୟା ୩୨କୁ ବୃଦ୍ଧି କରାଯାଇଥିବା ବେଳେ ଜୁନ୍ ୧୫ରୁ ଜୁଲାଇ ୧୩ ଯାଏ ଆମେରିକାରେ ଅନୁଷ୍ଠିତ ହେବ। ପଟ୍-୧ରେ ୟୁରୋପୀୟ ଦଳ ବାୟେର୍ନ ମ୍ୟୁନିକ ଓ ପ୍ୟାରିସ୍ ସେଣ୍ଟ ଜର୍ମେନ ସହିତ ଦକ୍ଷିଣ ଆମେରିକୀୟ କ୍ଲବ ଫ୍ଲାମେଙ୍ଗୋ, ପାଲ୍‌ମେଇରାସ, ରିଭର ପ୍ଲେଟ ଓ ଫ୍ଲୁମିନେନ୍ସ ସ୍ଥାନ ପାଇଛନ୍ତି। ଅନ୍ୟ ପକ୍ଷରେ ଲିଓନେଲ ମେସିଙ୍କ ଦଳ ସିଆଟେଲ ସାଉଣ୍ଡର୍ସ ସହିତ ପଟ୍-୪ରେ ସ୍ଥାନ ପାଇଛି।

## ରାଜ୍ୟ ଜିମ୍ନାଷ୍ଟିକ୍ସରେ ଭୁବନେଶ୍ୱରରୁ ୧୧


ଜୟପୁର ଯାତ୍ରା ପୂର୍ବରୁ କର୍ମକର୍ତ୍ତାଙ୍କ ଗହଣରେ ଭୁବନେଶ୍ୱର ଦଳ।

ଭୁବନେଶ୍ୱର, ୪।୧୨ (ତପନ ସ୍ୱାଇଁ)

ଚଳିତ ମାସ ୬ ତାରିଖରୁ କୋରାପୁଟର ଜୟପୁରରେ ହେବାକୁଥିବା ରାଜ୍ୟସ୍ତରୀୟ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍‌ରେ ଭୁବନେଶ୍ୱର ସଂଘର ୧୧ ଖେଳାଳି ଓ କୋଚ୍ ଅଂଶଗ୍ରହଣ କରିବେ। ମ୍ୟାନେଜର ଯଶୋବନ୍ତ ଦାସଙ୍କ ତତ୍ତ୍ୱାବଧାନରେ ଦଳ ଭୁବନେଶ୍ୱର ସଂଘ ଉପସଭାପତି ମୀରାରାଣୀ ଦାସଙ୍କ ନେତୃତ୍ୱରେ ଜୟପୁର ଯାତ୍ରା କରିଛି। ଭୁବନେଶ୍ୱର ଜିମ୍ନାଷ୍ଟିକ୍ ସଂଘ ସଭାପତି ସୁରେଶ ରାଉତରାୟ, ସମ୍ପାଦକ ନରେନ୍ଦ୍ର କୁମାର ସେଠୀ, ସହ ସମ୍ପାଦକ ଗୁରୁ ପ୍ରସାଦ ପଟ୍ଟନାୟକ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ରାଜ୍ୟ ଆସୋସିଏଶନ ସମ୍ପାଦକ ଅଶୋକ ସାହୁଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

## ଭାରତର ଅଭ୍ୟାସ ସେସନକୁ ଦର୍ଶକ ମନା

**ଆଡିଲେଡ୍,୪।୧୨(ପି.ଟି.):** ବର୍ଡର-ଗାଭାସ୍କର ଟ୍ରଫିରେ ଭାରତୀୟ ଦଳର ଅଭ୍ୟାସ ସେସନ୍‌ରେ ଏଣିକି ଦର୍ଶକଙ୍କୁ ଦେଖିବାକୁ ମିଳିବ ନାହିଁ। ଦର୍ଶକଙ୍କ ଖରାପ ବ୍ୟବହାର କାରଣରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ମଙ୍ଗଳବାର ଭାରତର ଅଭ୍ୟାସ ସମୟରେ ୩୦୦୦ରୁ ଅଧିକ ଦର୍ଶକ ଆସିଥିଲେ। ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା ଓ ଉଇକେଟ କିପର ରିଷଭ ପନ୍ତ ବ୍ୟାଟିଂ କରୁଥିବା ସମୟରେ ଛକା ମାରିବା ପାଇଁ ଦର୍ଶକ ବାରମ୍ବାର ଚିତ୍କାର କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ପଞ୍ଚମ ଟେଷ୍ଟ ସିଡ୍‌ନୀରେ ଖେଳାଯିବ। ସିଡ୍‌ନୀରେ ମ୍ୟାଚ୍ ପୂର୍ବରୁ ଫ୍ୟାନ୍‌ମାନଙ୍କ ପାଇଁ ଏକ ଦିନ ରଖାଯାଇଥିଲା। ତେବେ ମଙ୍ଗଳବାରର ପରିସ୍ଥିତି ପରେ ଏହାକୁ ବାତିଲ କରିବାକୁ ବିସିସିଆଇ ନିଷ୍ପତ୍ତି ନେଇଥିବା ଜଣାପଡିଛି।

## ସର୍ବଭାରତୀୟ ବେସାମରିକ କ୍ରିକେଟ ପାଇଁ ଓଡ଼ିଶା ଦଳ

ଭୁବନେଶ୍ୱର, ୪।୧୨ (ତପନ ସ୍ୱାଇଁ)

ସର୍ବଭାରତୀୟ ବେସାମରିକ କ୍ରିକେଟ ପ୍ରତିଯୋଗିତା ୨୦୨୫ ଜାନୁଆରୀ ୩ରୁ ୧୦ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା ଦଳର ଖେଳାଳି ଚୟନ ପ୍ରକ୍ରିୟା ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ପ୍ରତିଷ୍ଠିତ କ୍ରିକେଟ କୋଚ୍ ଲଳିତ ମହାନ୍ତି ଓ ସହକାରୀ କୋଚ୍ ପ୍ରଦୀପ୍ତ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହା ପରିଚାଳିତ ହୋଇଥିଲା। ଓଡ଼ିଶା ସିଭିଲ ସର୍ଭିସ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ପଦ୍ମ ଚରଣ ରାଉତ ସହଯୋଗ କରିଥିଲେ। ଚୟନ ପ୍ରକ୍ରିୟା ପରେ ୧୬ ଖେଳାଳି ମନୋନୀତ ହୋଇଥିଲେ। ୨ ଜଣ ଅଫିସିଆଲଙ୍କ ସହ ଓଡ଼ିଶା ଦଳ ଆସନ୍ତା ଜାନୁଆରୀରେ ନୂଆଦିଲ୍ଲୀ ଯିବ ବୋଲି ଓଡ଼ିଶା ସଚିବାଳୟ କ୍ରିକେଟ ସଂଘର ସାଧାରଣ ସମ୍ପାଦକ ସଞ୍ଜୀବ କୁମାର ମିଶ୍ର ସୂଚନା ଦେଇଛନ୍ତି।


ଦକ୍ଷିଣ ଆଫ୍ରିକାର ଡର୍ବାନଠାରେ ଆୟୋଜିତ ରାଜ୍ୟଗୋଷ୍ଠୀ କରାଟେରେ ପଦକ ବିଜୟୀ ଓଡ଼ିଶାର ପ୍ରତିଯୋଗୀଙ୍କୁ ଭୁବନେଶ୍ୱର ବିମାନ ବନ୍ଦରଠାରେ ବୁଧବାର ଓଡ଼ିଶା ରାଜ୍ୟ କରାଟେ ସଂଘ, କ୍ରୀଡ଼ାବିତ ଏବଂ ଅଭିଭାବକମାନଙ୍କ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି।


ସର୍ବଭାରତୀୟ ବେସାମରିକ କ୍ରିକେଟ ପାଇଁ ମନୋନୀତ ଓଡ଼ିଶା ଦଳ।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ